# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୬/୨୦୨୨ (୧୮ ପୃଷ୍ଠା) Bhubaneswar, Friday, August 26/2022 Page 18 ₹ 7.00 ★★★★★★

୪୮ଶ ଭାଗ ୨୭୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 48 ISSUE 271 ମୂଲ୍ୟ₹୭/-





**୩ ଆତଙ୍କବାଦୀ ନିହତ**

ଜମ୍ମୁ-କଶ୍ମୀରର ଉରି ସେକ୍ଟର ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍ଓସି)ରେ ଆତଙ୍କବାଦୀମାନଙ୍କ ଅନୁପ୍ରବେଶ ଉଦ୍ୟମକୁ ସୁରକ୍ଷା ବଳ ପଣ୍ଡ କରିଦେଇଛି। ଯବାନମାନଙ୍କ ଗୁଳିମାଡ଼ରେ ୩ ଆତଙ୍କବାଦୀ ନିହତ ହୋଇଥିବା ପୋଲିସ କହିଛି। ବାରମୁଲ୍ଲା ଜିଲାର ଉରି ସେକ୍ଟର ଅନ୍ତର୍ଗତ ମାଡ଼ିୟାନ ନାନକ ପୋଷ୍ଟ ନିକଟରେ ଆତଙ୍କବାଦୀମାନେ ଅନୁପ୍ରବେଶ ଉଦ୍ୟମ ଚଳାଇଥିଲେ। ସେନା ଯବାନ ଓ ବାରମୁଲ୍ଲା ପୋଲିସ ସେମାନଙ୍କ ଉଦ୍ୟମକୁ ପଣ୍ଡ କରିଦେଇଥିଲେ।



## ସଂକ୍ଷେପରେ

### ଚଳଚ୍ଚିତ୍ର ନିର୍ଦ୍ଦେଶକ ସାୱନ କୁମାରଙ୍କ ପରଲୋକ

ମୁମ୍ବାଇ,୨୫।୮: 'ସନମ ବେୱାଫା', 'ଚାନ୍ଦ କା ଟୁକୁଡ଼ା' ଏବଂ 'ସୌତେନ' ଭଳି ଲୋକପ୍ରିୟ ବଲିଉଡ୍ ଚଳଚ୍ଚିତ୍ରର ନିର୍ଦ୍ଦେଶକ



ତଥା ପ୍ରଯୋଜକ ସାୱନ କୁମାର ଟାକ୍‌ଙ୍କର ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୮୬ ବର୍ଷ ହୋଇଥିଲା। ଫୁସ୍‌ଫୁସ୍ ସଂକ୍ରମଣ ଓ ଶ୍ୱାସକ୍ରିୟାରେ ସମସ୍ୟା ଥିବା ସାୱନଙ୍କୁ ବୁଧବାର ଗୁରୁତର ଅବସ୍ଥାରେ ମୁମ୍ବାଇର କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହୃତ୍‌ପିଣ୍ଡ କାମ କରିବା ବନ୍ଦ ହୋଇଯିବାରୁ ଗୁରୁବାର ଅପରାହ୍ନ ୪ଟା ୧୫ରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ପରଲୋକରେ ବଲିଉଡ୍ ଚଳଚ୍ଚିତ୍ର ଜଗତ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ୧୯୭୨ରେ 'ଗୋମତି କେ କିନାରେ' ଚଳଚ୍ଚିତ୍ର ଜରିଆରେ ସେ ନିର୍ଦ୍ଦେଶନା ଜଗତରେ ପାଦ ଥାପିଥିଲେ। ଜଣେ ସଙ୍ଗୀତକାର ଭାବେ ସେ 'ପ୍ୟାର କୀ କସଟି ମେଁ', 'ଜାନେମନ ଜାନେମନ', 'ଚାନ୍ଦ ସିତାରେ' ଭଳି ଗୀତ ରଚନା କରିଥିଲେ।

### ଦୁର୍ଘଟଣାରେ ୯ ଶ୍ରମିକ ମୃତ

ଟୁମାକୁରୁ,୨୫।୮: କର୍ଣ୍ଣାଟକର ଟୁମାକୁରୁ ନିକଟ ୪୮ ନମ୍ବର ଜାତୀୟ ରାଜପଥରେ ଗୁରୁବାର ଭୋର ସମୟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୨ ଶିଶୁ ଓ ୪ ମହିଳାଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୧୩ ଜଣ ଆହତ ହୋଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମୃତକଙ୍କ ପରିବାରକୁ ୨ ଲକ୍ଷ ଏବଂ ଅହତମାନଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏ ସହାୟତା ଘୋଷଣା କରାଯାଇଛି। ମୃତାହତମାନଙ୍କ ଘର ରାଇଚୁର ଜିଲାର ବିଭିନ୍ନ ଗ୍ରାମରେ। ସେମାନେ ବେଙ୍ଗାଲୁରୁର ବିଭିନ୍ନ ନିର୍ମାଣ ସଂସ୍ଥାରେ କାମ ପାଇବା ପାଇଁ ଏକ କ୍ରୁଇଜର ଯୋଗେ ଯାଉଥିବାବେଳେ ଏନ୍ଏଚ୍-୪୮ର ବାଲେନହାଲି ଗେଟ୍ ନିକଟରେ ଏହା ଏକ ଟ୍ରକ୍‌କୁ ଧକ୍କା ଦେଇ ଓଲଟି ପଡ଼ିଥିଲା।

### ଟିପୁ ସୁଲ୍‌ତାନଙ୍କୁ ମୁସଲମାନ ଗୁଣ୍ଡା କହିଥିବା କର୍ଣ୍ଣାଟକ ମନ୍ତ୍ରୀଙ୍କୁ ଧମକ



କେ.ଏସ୍. ଈଶ୍ୱରାପ୍ପା

ବେଙ୍ଗାଲୁରୁ,୨୫।୮: ଟିପୁ ସୁଲ୍‌ତାନଙ୍କୁ ମୁସଲମାନ ଗୁଣ୍ଡା କହିଥିବା କର୍ଣ୍ଣାଟକ ମନ୍ତ୍ରୀ କେ.ଏସ୍. ଈଶ୍ୱରାପ୍ପାଙ୍କୁ ଏକ ଧମକପୂର୍ଣ୍ଣ ଚିଠି ମିଳିଛି। ଯଦି ସେ ଆଉ ଥରେ ଏଭଳି ମନ୍ତବ୍ୟ ଦିଅନ୍ତି, ତେବେ ତାଙ୍କ ଜିଭ କାଟିଦିଆଯିବ ବୋଲି ଉକ୍ତ ଚିଠିରେ କୁହାଯାଇଛି। ଏନେଇ ଈଶ୍ୱରାପ୍ପା ଥାନାରେ ଏତଲା ଦେଇଛନ୍ତି। କର୍ଣ୍ଣାଟକରେ ସ୍ୱାଧୀନତା ଦିବସ ପାଳନ ବେଳେ ଟିପୁ ସୁଲତାନ ଏବଂ ହିନ୍ଦୁତ୍ୱବାଦୀ ନେତା ବିନାୟକ ଦାମୋଦର ସଭରକରଙ୍କ ଫଟୋ ଥିବା ବ୍ୟାନରକୁ ନେଇ ବିବାଦ ଦେଖାଦେଇଥିଲା। ଏହାକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟି ଅନେକ ଆହତ ହୋଇଥିଲେ। ସ୍ଥିତି ନିୟନ୍ତ୍ରଣ କରିବା ଲାଗି ଶିବମୋଗାରେ କର୍ଫ୍ୟୁ ଜାରି ହୋଇଥିଲା। ସଂଖ୍ୟାଲଘୁମାନେ ଶିବମୋଗାରେ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି କରୁଥିବା ଭାଜପା ନେତା ଈଶ୍ୱରାପ୍ପା ମଙ୍ଗଳବାର ଅଭିଯୋଗ କରିଥିଲେ।

# ୧୧ ଦୋଷୀଙ୍କୁ ଛାଡ଼ିବାକୁ କହି ନ ଥିଲୁ

## ବିଲ୍‌କିସ୍ ବାନୋ ମାମଲା: କେନ୍ଦ୍ର, ଗୁଜରାଟ ସରକାରଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ





ନୂଆଦିଲ୍ଲୀ,୨୫।୮

ବହୁଚର୍ଚ୍ଚିତ ବିଲ୍‌କିସ୍ ବାନୋ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ୧୧ ଜଣଙ୍କ ଦଣ୍ଡ ଛାଡ଼ କରି ଗୁଜରାଟ ସରକାର ଅଗଷ୍ଟ ୧୫ରେ ସେମାନଙ୍କୁ ଜେଲରୁ ମୁକ୍ତ କରିଛନ୍ତି। ରାଜ୍ୟ ସରକାରଙ୍କ ଏହି ରେମିଶନ ପଲିସି (ଉତ୍ତମ ବ୍ୟବହାର ପାଇଁ ଦଣ୍ଡ ଛାଡ଼ ନୀତି) ବଳରେ ବଳାତ୍କାରୀ ଓ ହତ୍ୟାକାରୀଙ୍କୁ ଛାଡ଼ି ଦିଆଯିବାକୁ ନେଇ ବିବାଦ ମୁଣ୍ଡ ଟେକିଛି। ଏହି ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିବାବେଳେ ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଖଣ୍ଡପୀଠ ଗୁରୁବାର ଏହା ଉପରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ନୋଟିସ କରି ଜବାବ ମାଗିଛନ୍ତି। ଖଣ୍ଡପୀଠ କହିଛନ୍ତି, ପ୍ରଶ୍ନ ହେଉଛି ଗୁଜରାଟ ସରକାରଙ୍କ ଶାସନରେ ଦୋଷୀମାନେ ଦଣ୍ଡରୁ ଛାଡ଼ ପାଇବା ପାଇଁ ହକ୍‌ଦାର କି ନୁହନ୍ତି? ରେମିଶନ୍ ପାଇଁ ଅନୁମତି ଦେବାବେଳେ ଉପଯୁକ୍ତ ବୁଦ୍ଧିର ପ୍ରୟୋଗ କରାଯାଇଥିଲା କି ନାହିଁ ତାହା ଆମକୁ ଦେଖିବାକୁ ପଡ଼ିବ। କାରଣ ଗୁଜରାଟ ସରକାରଙ୍କୁ ରେମିଶନ ପଲିସି ଉପରେ କେବଳ ଅନୁଧ୍ୟାନ କରିବା ପାଇଁ କୁହାଯାଇଥିଲା। ଦୋଷୀମାନଙ୍କୁ ଜେଲରୁ ଖଲାସ କରିବାକୁ ଆମେ ନିର୍ଦ୍ଦେଶ ଦେଇ ନ ଥିଲୁ।

୨୦୦୨ ଫେବୃୟାରୀ ୨୭ରେ ଗୁଜରାଟର ଗୋଧ୍ରାରେ ଦୁର୍ବୃତ୍ତମାନେ ସାବରମତି ଏକ୍ସପ୍ରେସ୍‌ରେ ନିଆଁ ଲଗାଇଦେବାରୁ ୫୯ କାରସେବକଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ଗୋଧ୍ରାରେ ସୃଷ୍ଟି ହୋଇଥିବା ସାମ୍ପ୍ରଦାୟିକ ଦଙ୍ଗାର ନିଆଁ ସାରା ରାଜ୍ୟକୁ ବ୍ୟାପିଥିଲା। ସେତେବେଳେ ୫ ମାସର ଗର୍ଭବତୀ ଥିବା ୨୧ ବର୍ଷୀୟା ବିଲ୍‌କିସ୍ ୟାକୁବ୍ ରସୁଲଙ୍କ ପରିବାରର ୭ ସଦସ୍ୟଙ୍କ ସମେତ ୧୭ ଜଣ ମାର୍ଚ୍ଚ ୩ରେ ଏକ ଟ୍ରକ୍‌ରେ ସୁରକ୍ଷିତ ସ୍ଥାନକୁ ଯାଉଥିବାବେଳେ ଦଙ୍ଗାକାରୀମାନେ ଆକ୍ରମଣ କରିଥିଲେ। ସେମାନେ ବିଲ୍‌କିସ୍‌ଙ୍କୁ ବଳାତ୍କାର କରିବା ସହ ୧୪ ଜଣଙ୍କୁ ହତ୍ୟା କରିଥିଲେ। ୨୦୦୪ ଜାନୁୟାରୀରେ ସିବିଆଇ ଏହି ମାମଲାର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେବେ ଗତ ଅଗଷ୍ଟ ୧୫ରେ ସ୍ୱାଧୀନତାର ୭୫ତମ ବର୍ଷପୂର୍ତ୍ତି ଅବସରରେ ରାଜ୍ୟ ସରକାର ଦୋଷୀ ସାବ୍ୟସ୍ତ ହୋଇଥିବା ଯଶୱନ୍ତ ନାଇ, ଗୋବିନ୍ଦ ନାଇ, ଶୈଳେଶ ଭଟ୍ଟ, ରାଧେଶ୍ୟାମ ଭଗବାନ ଦାଶ ଶାହା, ବିପିନ ଚନ୍ଦ୍ର ଜୋଷୀ, କେଶରଭାଇ ବୋହନିଆ, ପ୍ରଦୀପ ମୋଢ଼ଡ଼ିଆ, ବାକାଭାଇ ବୋହନିଆ, ରାଜୁଭାଇ ସୋନି, ମିତେଶ ଭଟ୍ଟ ଓ ରମେଶ ଚାନ୍ଦନାଙ୍କୁ ଗୋଧ୍ରା ସବ୍‌ଜେଲରୁ ମୁକ୍ତ କରିଥିଲେ। ସିପିଆଇଏମ୍ ସଦସ୍ୟା ଶୁଭାଶିନୀ ଅଲୀ, ସାମ୍ବାଦିକା ରେବତୀ ଲାଉଲ୍ ଏବଂ ପ୍ରଫେସର ରୂପରେଖା ବର୍ମାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଓ ଓକିଲ ଅପର୍ଣ୍ଣା ଭଟ୍ଟ ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ କରିଥିଲେ। ଶୁକ୍ରବାର ଅବସର ନେବାକୁ ଥିବା ସିଜେଆଇ ରମନା କହିଛନ୍ତି, ଦୋଷୀମାନେ ଯେଉଁ ଅପରାଧ କରିଥିଲେ ସେଥିପାଇଁ ସେମାନଙ୍କୁ କୋର୍ଟ ଦଣ୍ଡିତ କରିଛନ୍ତି। କିନ୍ତୁ ଗୁଜରାଟ ସରକାରଙ୍କ ଯୁକ୍ତିରୁ ବୁଝାପଡୁଛି, ସତେଯେମିତି ସେମାନଙ୍କୁ ମୁକ୍ତ କରିବା ପାଇଁ ଆମେ ନିର୍ଦ୍ଦେଶ ଦେଇଥିଲୁ। ଦୁଇ ସପ୍ତାହ ପରେ ଏହାର ପରବର୍ତ୍ତୀ ଶୁଣାଣି କରାଯିବ।

# ରୁଷିଆ ବିରୋଧରେ ଭୋଟ ଦେଲା ଭାରତ

## ୟୁକ୍ରେନ୍ ପ୍ରସଙ୍ଗରେ ୟୁଏନ୍ଏସ୍‌ସିରେ ମତଦାନ

ନୂଆଦିଲ୍ଲୀ,୨୫।୮

ଗତ ଫେବୃୟାରୀରେ ରୁଷିଆ ପଡୋଶୀ ୟୁକ୍ରେନ୍ ଉପରେ ଆକ୍ରମଣ ଆରମ୍ଭ କରିଥିଲା। ଇତିମଧ୍ୟରେ ଯୁଦ୍ଧକୁ ୬ ମାସ ବିତିଛି। ୟୁକ୍ରେନ୍ ପ୍ରସଙ୍ଗରେ ବୁଧବାର ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍ଏସ୍‌ସି)ରେ ଅନୁଷ୍ଠିତ ଭୋଟରେ ଭାରତ ପ୍ରଥମ ଥର ଲାଗି ରୁଷିଆ ବିରୋଧରେ ଭୋଟ ଦେଇଛି। ପୂର୍ବରୁ ଆମେରିକା ନେତୃତ୍ୱରେ ପାଶ୍ଚାତ୍ୟ ଶକ୍ତିଗୁଡ଼ିକ ୟୁଏନ୍ଏସ୍‌ସିରେ ରୁଷିଆକୁ ବିରୋଧ କରୁଥିବାବେଳେ ଭାରତ ଭୋଟଦାନରୁ ବିରତ ରହିଆସୁଥିଲା। ଆକ୍ରମଣ ପରେ ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ରୁଷିଆ ବିରୋଧରେ ଆର୍ଥିକ ଓ ଅନ୍ୟାନ୍ୟ କଟକଣା ଲଗାଇଥିଲେ। ତେବେ ୟୁକ୍ରେନ୍ ଉପରେ ଆକ୍ରମଣ ପାଇଁ ଭାରତ ରୁଷିଆକୁ ସମାଲୋଚନା କରି ନ ଥିଲା। କୂଟନୈତିକ ମାଗରେ ଆଲୋଚନା ଜରିଆରେ ରୁଷିଆ ଓ ୟୁକ୍ରେନ୍ ବିବାଦର ସମାଧାନ କରିବା ଲାଗି ନୂଆଦିଲ୍ଲୀ ବାରମ୍ବାର ଆହ୍ୱାନ ଦେଇ ଆସୁଥିଲା। ଜାତିସଂଘ ସୁରକ୍ଷା ପରିଷଦରେ ଦୁଇ ବର୍ଷ ଲାଗି ଭାରତ ଅସ୍ଥାୟୀ ସଦସ୍ୟ ରହିଛି।

# ସୋନାଲିଙ୍କ ମୃତଦେହରେ କ୍ଷତଚିହ୍ନ

## ୨ ସହଯୋଗୀ ଗିରଫ

ନୂଆଦିଲ୍ଲୀ,୨୫।୮



ସୋନାଲି ଫୋଗଟ୍

ଭାଜପା ନେତ୍ରୀ ସୋନାଲି ଫୋଗଟ୍‌ଙ୍କ ଶରୀରରେ ଏକାଧିକ କ୍ଷତଚିହ୍ନ ରହିଥିବା ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି। ଫଳରେ ସୋନାଲିଙ୍କ ରହସ୍ୟମୟ ମୃତ୍ୟୁ ନୂଆ ମୋଡ଼ ନେଇଛି। ଗୋଆରେ ଭାଜପା ନେତ୍ରୀଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା କୁହାଯାଇଥିଲା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ପରେ ଅଞ୍ଜୁନା ପୋଲିସ ସୋନାଲିଙ୍କ ଦୁଇ ସହଯୋଗୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିବା ସହ ସେମାନଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ସୋନାଲିଙ୍କ ପିଏ ସୁଧୀର ସଙ୍ଗ୍ୱାନ ଏବଂ ତାଙ୍କ ବନ୍ଧୁ ସୁଖୱିନ୍ଦର ୱାସି। ସେମାନେ ଅଭିନେତ୍ରୀ ସୋନାଲିଙ୍କ ସହ ଅଗଷ୍ଟ ୨୨ରେ ଗୋଆ ଯାଇଥିଲେ। ସେଠାରେ କୌଣସି ଚଳଚ୍ଚିତ୍ର ଶୁଟିଂ କାର୍ଯ୍ୟକ୍ରମ ନ ଥିଲା। ଯୋଜନାବଦ୍ଧ ଷଡ଼ଯନ୍ତ୍ରକ୍ରମେ ଅଭିନେତ୍ରୀଙ୍କୁ ଗୋଆ ନିଆଯାଇଥିଲା ବୋଲି ତାଙ୍କ ପରିବାର କହିଛନ୍ତି।

# କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ

## ଇଡିକୁ ଅଖଣ୍ଡ କ୍ଷମତା ରାୟର ସମୀକ୍ଷା

ନୂଆଦିଲ୍ଲୀ,୨୫।୮




ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କୌଣସି ଅଭିଯୁକ୍ତଙ୍କୁ ଗିରଫ କରିପାରିବ। ତାଙ୍କ ଘର ତଲାସି ସହ ସମ୍ପତ୍ତି ମଧ୍ୟ ବାଜ୍ୟାପ୍ତ କରିପାରିବ ବୋଲି ସୁପ୍ରିମକୋର୍ଟ ଦେଇଥିବା ରାୟର ପୁନଃ ସମୀକ୍ଷା କରାଯିବ। ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍ଏଲ୍ଏ) ବଳରେ ଇଡି ପକ୍ଷରୁ ନିଆଯାଉଥିବା ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ବିରୋଧରେ କଂଗ୍ରେସ ନେତା କାର୍ତ୍ତି ଚିଦାମ୍ବରମ୍‌ଙ୍କ ସମେତ ଅନେକ ଆବେଦନକାରୀ ଦାଏର କରିଥିବା ପିଟିଶନଗୁଡ଼ିକର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଗୁରୁବାର ଏହା ଉପରେ କେନ୍ଦ୍ର ସରକାରଙ୍କୁ ନୋଟିସ କରିଛନ୍ତି। ସିଜେଆଇ ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହି ପ୍ରସଙ୍ଗ ଉପରେ କେନ୍ଦ୍ରର ମତାମତ ଲୋଡ଼ିଛନ୍ତି। ପ୍ରକାଶ ଯେ, ଗତ ଜୁଲାଇ ୨୭ରେ ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକରଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଦୀନେଶ ମାହେଶ୍ୱରୀ ଏବଂ ସି.ଟି. ରବିକୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ ପିଏମ୍ଏଲ୍ଏର ଧାରା ୫, ୮(୪), ୧୫, ୧୭ ଓ ୧୯ ଭଳି କେତେକ ନିୟମର ସାମ୍ବିଧାନିକ ବୈଧତାକୁ ବଳବତ୍ତର ରଖିଥିଲେ, ଯାହାକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କ ପୁଅ କାର୍ତ୍ତି ଚିଦାମ୍ବରମ୍ ଚ୍ୟାଲେଞ୍ଜ କରିଛନ୍ତି।

# ପେଗାସସ୍ ତଦନ୍ତରେ ସହଯୋଗ କରୁନି କେନ୍ଦ୍ର

ନୂଆଦିଲ୍ଲୀ,୨୫।୮




ଇସ୍ରାଏଲ୍‌ର ଏନ୍ଏସ୍ଓ ଗ୍ରୁପ୍ ପକ୍ଷରୁ ବିକଶିତ ପେଗାସସ୍ ସ୍ପାଏୱେର ଜରିଆରେ ଗୁପ୍ତଚରଗିରି କରାଯାଇଥିବା ନେଇ ଅଭିଯୋଗର ତଦନ୍ତ ପାଇଁ ସୁପ୍ରିମକୋର୍ଟ ଏକ କମିଟି ଗଠନ କରିଛନ୍ତି। ଏହି ବୈଷୟିକ ତଥା ଅନୁଧ୍ୟାନକାରୀ କମିଟିକୁ ତଦନ୍ତରେ କେନ୍ଦ୍ର ସରକାର ସହଯୋଗ କରୁ ନ ଥିବାରୁ ଗୁରୁବାର ସିଜେଆଇ ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ କମିଟି ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ପ୍ରଧାନ ବିଚାରପତି ରମନା କହିଛନ୍ତି, ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରା ନିଯୁକ୍ତ କମିଟି ୨୯ଟି ମୋବାଇଲ ଫୋନ୍ ଯାଞ୍ଚ କରିଛି। ସେଥିରୁ ୫ଟି ମୋବାଇଲରେ ମାଲ୍‌ୱେର ଠାବ କରାଯାଇଛି। ଉକ୍ତ ପ୍ୟାନେଲ ତିନୋଟି ଭାଗରେ ବିସ୍ତୃତ ରିପୋର୍ଟ ଦାଖଲ କରିଛି। ନାଗରିକଙ୍କ ବ୍ୟକ୍ତିଗତ ଅନ୍ତରଙ୍ଗ ତଥ୍ୟ (ପ୍ରିଭେସି) ସୁରକ୍ଷା ଅଧିକାର ଏବଂ ଦେଶର ସାଇବର ସିକ୍ୟୁରିଟିକୁ ସୁନିଶ୍ଚିତ କରିବା ସକାଶେ ଆଇନରେ ସଂଶୋଧନ କରିବା ଲାଗି ଏହାର ଗୋଟିଏ ଭାଗରେ ପରାମର୍ଶ ଦିଆଯାଇଛି। ୪ ସପ୍ତାହ ପରେ ଏହି ପ୍ରସଙ୍ଗରେ ଶୁଣାଣି ପାଇଁ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ହିମା କୋହିଲ ସାମିଲ ଥିବା ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି। ଦେଶର ଖବରଦାତା, ବିଚାରପତି, ମାନବାଧିକାର କର୍ମୀ ଓ ବିରୋଧୀ ନେତାମାନଙ୍କ ଗୁପ୍ତଚରଗିରି କରିବା ପାଇଁ କେନ୍ଦ୍ର ପେଗାସସ୍ ସ୍ପାଏୱେରକୁ ବ୍ୟବହାର କରିଥିବା ଅଭିଯୋଗ ଆସିବା ପରେ ଗତ ଅକ୍ଟୋବର ୨୭ରେ ସୁପ୍ରିମକୋର୍ଟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

# କୋର୍ଟରେ ଗଡୁଛି ସିବିଆଇ ତଦନ୍ତାଧୀନ ୬,୭୦୦ ଦୁର୍ନୀତି ମାମଲା

ନୂଆଦିଲ୍ଲୀ, ୨୫।୮

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ତଦନ୍ତ କରୁଥିବା ପ୍ରାୟ ୬,୭୦୦ ଦୁର୍ନୀତି ମାମଲା ବିଭିନ୍ନ ଅଦାଲତରେ ବିଚାରାଧୀନ ରହିଛି। ସେଥିମଧ୍ୟରୁ ୨୭୫ଟି ୨୦ ବର୍ଷ ହେଲା ପଡ଼ିରହିଛି ବୋଲି ସେଣ୍ଟ୍ରାଲ ଭିଜିଲାନ୍ସ କମିଶନ (ସିଭିସି)ର ବାର୍ଷିକ ରିପୋର୍ଟରେ କୁହାଯାଇଛି। ୨୦୨୧ ଡିସେମ୍ବର ୩୧ ସୁଦ୍ଧା କୋର୍ଟରେ ଗଡୁଥିବା ଏପରି କେସ୍‌ରୁ ୧୦ରୁ ୨୦ ବର୍ଷ ପୁରୁଣା ମାମଲା ସଂଖ୍ୟା ୧,୯୩୯ ଥିବାବେଳେ ୫ରୁ ୧୦ ବର୍ଷ ହେଲା ୨,୨୭୩ କେସ୍ ଟ୍ରାଏଲ ପାଇଁ ପଡ଼ିରହିଛି। ସେହିପରି ୮୧୧ ମାମଲା ୩ରୁ ଅଧିକ ବର୍ଷର ହୋଇଥିବାବେଳେ ୧,୩୯୯ ମାମଲା ୧ରୁ ୫ ବର୍ଷ ପୁରୁଣା। ଏହାବାଦ୍ ୧୦,୯୭୪ ଅପିଲ୍ ଏବଂ ରିଭିଜନ୍ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ପଡ଼ିରହିଛି। ଅନ୍ୟପକ୍ଷରେ ପ୍ରାୟ ୬୪୫ ଦୁର୍ନୀତି ମାମଲା ସିବିଆଇ ନିକଟରେ ତଦନ୍ତ ପାଇଁ ରହିଛି। ସେଥିରୁ ୩୫ ମାମଲା ପ୍ରାୟ ୫ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ପୁରୁଣା। କେବଳ ୨୦୨୧ରେ ସିବିଆଇ ୫୪୯ ସରକାରୀ କର୍ମଚାରୀଙ୍କ ବିରୋଧରେ ୪୫୭ ମାମଲା ରୁଜୁ କରିଥିଲା।

# ଦାୟିତ୍ୱ ତୁଲାଇବାରେ ବିଫଳ ହୋଇଥିଲେ ଏସ୍ଏସ୍‌ପି

## ଫିରୋଜପୁରରେ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ତ୍ରୁଟି

ନୂଆଦିଲ୍ଲୀ,୨୫।୮



ଗତ ଜାନୁୟାରୀ ୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପଞ୍ଜାବ ଗସ୍ତ ବେଳେ ତାଙ୍କ ସୁରକ୍ଷାରେ ବଡ଼ ଧରଣର ତ୍ରୁଟି ଦେଖିବାକୁ ମିଳିଥିଲା। ମୋଦି ସେତେବେଳେ ବଠିଣ୍ଡାରୁ ଫିରୋଜପୁରକୁ ଯାଉଥିବାବେଳେ କୃଷକମାନେ ରାସ୍ତା ଅବରୋଧ କରିଥିଲେ। ଫଳରେ ଏକ ଫ୍ଲାଏଓଭର ଉପରେ ତାଙ୍କ କାର୍‌କେଡ୍ ଫସିରହିଥିଲା। ସ୍ପେଶାଲ ପ୍ରୋଟେକ୍ସନ ଗ୍ରୁପ୍ (ଏସ୍‌ପିଜି) ଯବାନମାନେ ପ୍ରଧାନମନ୍ତ୍ରୀଙ୍କ କାର୍‌କୁ ସୁରକ୍ଷା ଦେଇ ଦିଲ୍ଲୀ ଫେରାଇ ନେଇଥିଲେ। ଉଚ୍ଛେଦ ହୋଇଥିବା କେନ୍ଦ୍ରର ୩ ବିବାଦୀୟ କୃଷି ଆଇନକୁ ନେଇ ପଞ୍ଜାବର କୃଷକମାନେ ମୋଦିଙ୍କ ଗସ୍ତକୁ ବିରୋଧ କରିଆସୁଥିବାବେଳେ ଏଭଳି ବିଭ୍ରାଟ ଘଟିପାରେ ବୋଲି ଫିରୋଜପୁର ଏସ୍ଏସ୍‌ପି ଜାଣିପାରି ନ ଥିଲେ। ଏହାକୁ ନେଇ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ତଦନ୍ତ କମିଟି କହିଛି, ପର୍ଯ୍ୟାପ୍ତ ସୁରକ୍ଷା କର୍ମୀ ଥିବା ସତ୍ତ୍ୱେ ଏସ୍ଏସ୍‌ପି ନିଜ ଦାୟିତ୍ୱ ତୁଲାଇବାରେ ବିଫଳ ହୋଇଛନ୍ତି। ସୁପ୍ରିମକୋର୍ଟ ଗୁରୁବାର କହିଛନ୍ତି, ସର୍ବୋଚ୍ଚ ଅଦାଲତର ପୂର୍ବତନ ବିଚାରପତି ଜଷ୍ଟିସ୍ ଇନ୍ଦୁ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ଗଠିତ ୫ ସଦସ୍ୟତା ବିଶିଷ୍ଟ କମିଟି କାର୍ଯ୍ୟାନୁଷ୍ଠାନ ନିମନ୍ତେ କେନ୍ଦ୍ର ସରକାରଙ୍କ ନିକଟକୁ ଉକ୍ତ ରିପୋର୍ଟ ପଠାଇବ।




ମ୍ୟାନ୍‌ମାରରୁ ଗଣପଳାୟନର ୫ ବର୍ଷ ପୂର୍ତ୍ତି ଅବସରରେ ପଡ଼ୋଶୀ ବାଂଲାଦେଶର କୁଟୁପାଲୋଙ୍ଗ୍ କ୍ୟାମ୍ପରେ ଆଶ୍ରୟ ନେଇଥିବା ରୋହିଙ୍ଗ୍ୟା ଶରଣାର୍ଥୀମାନେ ଗୁରୁବାର ପ୍ଲାକାର୍ଡ ଧରି ବିକ୍ଷୋଭ କରୁଛନ୍ତି। ୨୦୧୭ରେ ରଖାଇନରେ ସେନା ବର୍ବରତା ଯୋଗୁ ରୋହିଙ୍ଗ୍ୟାମାନେ ଦେଶ ଛାଡ଼ିଥିଲେ।

# ସାଙ୍ଗ ଆଙ୍ଗୁଠି ଚମଡ଼ା ନେଇ ରେଲ୍‌ୱେ ପରୀକ୍ଷା

- ତତଲା ତାୱାରେ କାଢ଼ିଥିଲେ ଉପର ଚର୍ମ
- ବାୟୋମେଟ୍ରିକ୍‌ରେ ଧରା ନ ପଡ଼ିବାକୁ ବ୍ୟବହାର କରିଥିଲେ

ଭଦୋଦରା, ୨୫।୮



ରେଳ ବିଭାଗରେ ଚାକିରି ପାଇବା ପାଇଁ ଜଣେ ଆଶାୟୀ ଅଜବ ଉପାୟ ବାଛିଛନ୍ତି। ଆବେଦନକାରୀଙ୍କ ସାଙ୍ଗ ଡମି କ୍ୟାଣ୍ଡିଡେଟ୍ ଭାବେ ପରୀକ୍ଷା କେନ୍ଦ୍ରକୁ ଯିବା ଏବଂ ବାୟୋମେଟ୍ରିକ୍‌ରେ ଧରା ନ ପଡ଼ିବା ପାଇଁ ଆଶାୟୀଙ୍କ ବୁଢ଼ା ଆଙ୍ଗୁଠିର ଚମଡ଼ା ନେଇଥିବା ଜଣାପଡ଼ିଛି। ପରୀକ୍ଷା କେନ୍ଦ୍ର ନିରୀକ୍ଷକ ତାଙ୍କୁ ଧରିଦେବା ପରେ ବୁଧବାର ଭଦୋଦରା ପୋଲିସ ଆଶାୟୀ ମନିଷ କୁମାର ଏବଂ ତାଙ୍କ ସାଙ୍ଗ ରାଜ୍ୟଗୁରୁ ଗୁପ୍ତାଙ୍କୁ ଗିରଫ କରିଛି।

ରିପୋର୍ଟ ଅନୁସାରେ, ରେଲୱେ ଦ୍ୱାରା ଅନୁମତିପ୍ରାପ୍ତ ଏକ ଘରୋଇ କମ୍ପାନୀ ରେଳ ବିଭାଗର ଡି' ଗ୍ରୁପ୍ ପରୀକ୍ଷା ଆୟୋଜନ କରିଥିଲା। ଗୁଜରାଟର ଭଦୋଦରା ସହରରେ ଅଗଷ୍ଟ ୨୨ରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ୬୦୦ରୁ ଅଧିକ ଆବେଦନକାରୀ ପରୀକ୍ଷା ଦେବାକୁ ଆସିଥିଲେ। କୌଣସି ଠକେଇ ରୋକିବା ପାଇଁ ବାୟୋମେଟ୍ରିକ୍‌ରେ ପରୀକ୍ଷାର୍ଥୀଙ୍କ ବୁଢ଼ା ଆଙ୍ଗୁଠି ଚିହ୍ନ ଆଧାର କାର୍ଡ ସହ ମ୍ୟାଚ କରାଇବା ବ୍ୟବସ୍ଥା ହୋଇଥିଲା। ମନିଷ ଏହି ପରୀକ୍ଷା ପାଇଁ ଆବେଦନ କରିଥିବାବେଳେ ବନ୍ଧୁ ରାଜ୍ୟଗୁରୁ ତାଙ୍କ ସ୍ଥାନରେ ଟେଷ୍ଟ ଦେବାକୁ ଯୋଜନା କରିଥିଲେ। ରାଜ୍ୟଗୁରୁ ପରୀକ୍ଷା ଦେଲେ ସେ ଉତ୍ତୀର୍ଣ୍ଣ ହୋଇଯିବେ ବୋଲି ମନିଷ ଭାବିଥିଲେ। ଏଥିପାଇଁ ତତଲା ତାୱା ବ୍ୟବହାର କରି ମନିଷ ତାଙ୍କ ବୁଢ଼ା ଆଙ୍ଗୁଠି ଚମଡ଼ା ବାହାର କରିବା ସହ ତାହାକୁ ରାଜ୍ୟଗୁରୁଙ୍କୁ ଦେଇଥିଲେ। ବାୟୋମେଟ୍ରିକରେ ରାଜ୍ୟଗୁରୁ ସେହି ଚର୍ମକୁ ବ୍ୟବହାର କରିଥିଲେ। ପରୀକ୍ଷା ଦେବାବେଳେ ନିରୀକ୍ଷକ ରାଜ୍ୟଗୁରୁଙ୍କୁ ଦେଖି ସନ୍ଦେହ କରିଥିଲେ। ସେ ତାଙ୍କ ବାମ ହାତକୁ ଲୁଚାଇବାକୁ ଚେଷ୍ଟା କରୁଥିବା ଜାଣିବାକୁ ପାଇଥିଲେ। ନିରୀକ୍ଷକ ଜଣକ ତାଙ୍କ ହାତକୁ ବାହାରକୁ ଆଣି ସେଥିରେ ସାନିଟାଇଜର ସ୍ପ୍ରେ କରିଥିଲେ। ଫଳରେ ରାଜ୍ୟଗୁରୁଙ୍କ ଆଙ୍ଗୁଠିରୁ ମନିଷଙ୍କ ଚମଡ଼ା ଖସିପଡ଼ିଥିଲା।

# ୨ ସୂର୍ଯ୍ୟ ଥିବା ଗ୍ରହ ଠାବ

- ପୃଥିବୀଠାରୁ ୭୦% ବଡ଼
- ରହିଛି ଅଧିକ ଗଭୀର ସମୁଦ୍ର

ନୂଆଦିଲ୍ଲୀ, ୨୫।୮



ପୃଥିବୀ ଭଳି ଜୀବଜଗତ ଉପଯୋଗୀ ଗ୍ରହ ସନ୍ଧାନରେ ବୈଜ୍ଞାନିକଙ୍କ ଉଦ୍ୟମ ଜାରିଥିବାବେଳେ ଗବେଷକମାନେ ଏକ ସୁପରଆର୍ଥ ଠାବ କରିଛନ୍ତି। ଏହି ଗ୍ରହର ନାମ ଟିଓଆଇ-୧୪୫୨ ରଖାଯାଇଛି। ଆଶ୍ଚର୍ଯ୍ୟକର କଥା ହେଉଛି, ପୃଥିବୀଠାରୁ ପ୍ରାୟ ୧୦୦ ଆଲୋକବର୍ଷ ଦୂରରେ ଥିବା ଏହି ଗ୍ରହ ୨ଟି ସୂର୍ଯ୍ୟ ବା ତାରକା ଚାରିପଟେ ଘୂରୁଛି। ଏହା ଚାରିପାଖେ ପାଣିଥିବାବେଳେ ଏଥିରେ ପୃଥିବୀଠାରୁ ଅଧିକ ଗଭୀର ସମୁଦ୍ର ରହିଥିବା ଜଣାପଡ଼ିଛି। ଆମ ଗ୍ରହଠାରୁ ଟିଓଆଇ-୧୪୫୨ ପ୍ରାୟ ୭୦% ବଡ଼ ବୋଲି ମୋନେଟ୍ରାଲ ୟୁନିଭର୍ସିଟି ଦ୍ୱାରା ହୋଇଥିବା ରିସର୍ଚ୍ଚରୁ ଗବେଷକମାନେ ଜାଣିବାକୁ ପାଇଛନ୍ତି। ଜେମ୍ସ ୱେବ୍ ଟେଲିସ୍କୋପ୍ ଦ୍ୱାରା ଏହା ଉପରେ ଅଧିକ ଅଧ୍ୟୟନ କରାଯିବ ବୋଲି କୁହାଯାଇଛି। ଦି ଆଷ୍ଟ୍ରୋନୋମିକାଲ ଜର୍ନାଲରେ ଏହି ରିପୋର୍ଟ ପ୍ରକାଶ ପାଇଛି। ଏହି ସୁପରଆର୍ଥ ବା ମହାପୃଥିବୀରେ ମହାସାଗର ଥିବା ସଙ୍କେତ ମିଳିଥିବାରୁ ଏହାର ପରିବେଶ, ଜଳବାୟୁ ସହ ଜୀବନ ତିଷ୍ଠିବା ଉପଯୋଗୀ ବାୟୁମଣ୍ଡଳ ଆଦି ଅଛି କି ନା ତାହା ଉପରେ ଅଧିକ ଅନୁଧ୍ୟାନ କରାଯିବ। ଗୋଲ୍ଡିଲକ୍ସ ଜୋନ୍(ଅତ୍ୟଧିକ ଗରମ କିମ୍ବା ଅତ୍ୟଧିକ ଥଣ୍ଡା ପାଣିପାଗ ନ ଥିବା ସ୍ଥାନ)ରେ ଏହି ଗ୍ରହ ଥିବାବେଳେ ଏହାର ମୋଟ ଘନତ୍ୱର ୩୦% ପାଣି ବୋଲି ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି। ଆମେରିକାର ସ୍ପେସ୍ ଏଜେନ୍ସି ନାସା କହିଛି, ପରବର୍ତ୍ତୀ ଅନୁସନ୍ଧାନ ବେଶ୍ କୌତୂହଳପୂର୍ଣ୍ଣ ଏବଂ ଉପଯୋଗ ହୋଇପାରେ। ଏହି ଗ୍ରହ ଏକ 'ୱାଟର ୱାର୍ଲ୍ଡ' ବା ଜଳ ଜଗତ ହୋଇଥିବାର ସମ୍ଭାବନା ଦେଖାଯାଉଛି। ପ୍ରତି ୧୧ ଦିନରେ ସୁପରଆର୍ଥ ଗୋଟିଏ ସୂର୍ଯ୍ୟ ଚାରିପଟେ ଘୂରୁଛି। ସୂର୍ଯ୍ୟଠାରୁ ପ୍ଲୁଟୋ ଗ୍ରହର ଦୂରତାର ଅଢ଼େଇ ଗୁଣ ଦୂରରେ ଏହି ଗ୍ରହ ନିଜ ନକ୍ଷତ୍ର ଚାରିପଟେ ପରିକ୍ରମା କରୁଛି। ଟ୍ରାଞ୍ଜିଟିଂ ଏକ୍ସୋପ୍ଲାନେଟ୍ ସର୍ଭେ ସାଟେଲାଇଟ୍ (ଟିଇଏସ୍ଏସ୍) ଏବଂ ଅନ୍ୟ ଟେଲିସ୍କୋପ୍ ମାଧ୍ୟମରେ ସୁପରଆର୍ଥକୁ ଠାବ କରାଯାଇଛି।

ଧରିତ୍ରୀ
DHARITRI
ଶୁକ୍ରବାର, ଅଗଷ୍ଟ ୨୬/୨୦୨୨ (୧୮ ପୃଷ୍ଠା) Friday, August 26/2022 Page 18 ପୃଷ୍ଠା-୧



## ‘ଲଷ୍ଟ ଷ୍ଟୋରିଜ୍’ ପାଇଁ ମନା କରିଥିଲେ ମା’

ଶର୍ଟ ଫିଲ୍ମ ‘ଲଷ୍ଟ ଷ୍ଟୋରିଜ୍’ରେ ଅଭିନୟ କରିବା ପାଇଁ କ୍ରିତି ସାନନ୍ଙ୍କୁ ତାଙ୍କ ମା’ ମନା କରିଥିଲେ ବୋଲି କଫି ଉଇଥ୍ କରନ୍‌ରେ ପ୍ରକାଶ କରିଛନ୍ତି ଚଳଚ୍ଚିତ୍ର ନିର୍ମାତା କରନ ଜୋହର।

୧୩

୧୬

## ସାନି ପ୍ରାର୍ଥୀପତ୍ର ଦାଖଲ କଲେ ଭୂଟିଆ

ସର୍ବଭାରତୀୟ ଫୁଟବଲ ସଂଘର ସଭାପତି ପଦ ପାଇଁ ସାନି ନାମାଙ୍କନ ଦାଖଲ କରିଛନ୍ତି ପୂର୍ବତନ ଅଧିନାୟକ ବାଇଚୁଙ୍ଗ ଭୂଟିଆ।





କେନ୍ଦୁଝର ଜିଲା ଜୁଡ଼ିଆ ଘାଟି ନିକଟସ୍ଥ ଓୟୁଏଟି କ୍ୟାମ୍ପସ ପରିସରରେ ଗୁରୁବାର ବିଦ୍ୟୁତ୍ ତାରରେ ଛନ୍ଦି ହୋଇ ୨ ହାତୀଙ୍କ ମୃତ୍ୟୁ ଘଟିଛି।
(ରିପୋର୍ଟ: ପୃଷ୍ଠା-୫)

# ହେମନ୍ତଙ୍କ ମୁଣ୍ଡରେ ଇସି ଖଣ୍ଡା

**ରାଞ୍ଚି/ନୂଆଦିଲ୍ଲୀ,୨୫।୮**

- **ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ନିଜ ନାମରେ ଖଣି ଲିଜ୍ ନେବା ଅଭିଯୋଗ**
- **ନିର୍ବାଚନ କମିଶନ ବିଧାୟକ ପଦ ରଦ୍ଦ କରିଥିବା ସୂଚନା**
- **ରାଜ୍ୟପାଳଙ୍କ ନିର୍ଦ୍ଦେଶ ପରେ ଇସ୍ତଫା ଦେଇପାରନ୍ତି**



ଝାଡ଼ଖଣ୍ଡ ଖଣି ଲିଜ୍ ମାମଲାରେ ନିର୍ବାଚନ କମିଶନ (ଇସି) ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ହେମନ୍ତଙ୍କ ବିଧାୟକ ପଦ ରଦ୍ଦ କରିବା ଲାଗି ରାଜ୍ୟପାଳ ରମେଶ ବୈସଙ୍କୁ ଆୟୋଗ ସୁପାରିସ କରିଥିବା ଜଣାପଡ଼ିବା ପରେ ସେ କୌଣସି ମୁହୂର୍ତ୍ତରେ ଇସ୍ତଫା ଦେଇପାରନ୍ତି ବୋଲି କୁହାଯାଉଛି। ଅନ୍ୟପକ୍ଷେ ଲାଭଜନକ ପଦବୀ ବିବାଦରେ ଫସିଥିବା ହେମନ୍ତ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ବିରୋଧରେ ସାମ୍ବିଧାନିକ କର୍ତ୍ତୃପକ୍ଷ ଓ ସରକାରୀ ଏଜେନ୍ସିଗୁଡ଼ିକର ଦୁରୁପଯୋଗ ଅଭିଯୋଗ ଆଣିଛନ୍ତି। ଏଥିସହ ତାଙ୍କ ନିକଟକୁ ରାଜ୍ୟପାଳ କିମ୍ବା ନିର୍ବାଚନ କମିଶନଙ୍କଠାରୁ କୌଣସି ନିର୍ଦ୍ଦେଶ ଆସି ନ ଥିବା ହେମନ୍ତ କହିଛନ୍ତି।

ଝାଡ଼ଖଣ୍ଡର ଖଣି ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ନିଜ ନାମରେ ଷ୍ଟୋନ୍ ଚିପ୍ସ ମାଇନିଂ ଲିଜ୍ ନେଇଥିବା ଗତ ଫେବୃୟାରୀରେ ଭାଜପା ପକ୍ଷରୁ ଅଭିଯୋଗ ଅଣାଯାଇଥିଲା। ଜନ ପ୍ରତିନିଧି ଆଇନ,୧୯୫୨ର ଧାରା ୯ଏ ଅନୁସାରେ ବିଧାନସଭାରୁ ହେମନ୍ତଙ୍କ ସଦସ୍ୟତା ରଦ୍ଦ କରିବା ସହ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଯାଉ ବୋଲି ଭାଜପା ଦାବି କରିଥିଲା। ☞ପୃଷ୍ଠା-୨

### କେନ୍ଦ୍ରୀୟ ସଂସ୍ଥାର ଦୁରୁପଯୋଗ ଅଭିଯୋଗ

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି), ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି (ଏଏପି), ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଶିବସେନା ଓ ବିହାରରେ ଲାଲୁ ପ୍ରସାଦ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ସମେତ ଅନେକ ବିରୋଧୀ ଦଳ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ବିରୋଧରେ ସରକାରୀ ଏଜେନ୍ସିଗୁଡ଼ିକର ଦୁରୁପଯୋଗ ଅଭିଯୋଗ ଆଣୁଥିବାବେଳେ ଝାଡ଼ଖଣ୍ଡ ବିଧାନସଭାରେ ହେମନ୍ତ ସୋରେନଙ୍କ ସଦସ୍ୟତାର ରଦ୍ଦ ପ୍ରସଙ୍ଗକୁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ନବ ଦକ୍ଷିଣପନ୍ଥୀ ଓ ଅଧୋଗତି**

# ବାପା ଆଗରେ ଭାସିଗଲେ ସାନପୁଅ

**ରାୟଗଡ଼ା ଅଫିସ,୨୫।୮**

### ନାଗାବଳୀର ପ୍ରଖର ସ୍ରୋତରୁ ୨ ପୁଅଙ୍କୁ ବଞ୍ଚାଇଲେ

ରାୟଗଡ଼ା ଜିଲା ଚେକାଗୁଡ଼ାଠାରେ ରହିଥିବା ଓଡ଼ିଶାର ଦ୍ୱିତୀୟ ଝୁଲାପୋଲ ନିକଟ ନାଗାବଳୀ ନଦୀରେ ଗୁରୁବାର ବଡ଼ ଅଘଟଣ ଘଟିଛି। ଆନ୍ଧ୍ରପ୍ରଦେଶରୁ ଆସିଥିବା ଏକ ପରିବାର ଝୁଲାପୋଲରେ ବୁଲିବା ସହ ନାଗାବଳୀ ନଦୀ ନିକଟକୁ ଯାଇଥିବାବେଳେ ପ୍ରଖର ସ୍ରୋତରେ ୩ ପୁଅ ଭାସିଯାଇଥିଲେ। ବାପା ନିଜ ଜୀବନକୁ ବାଜି ଲଗାଇ ୨ପୁଅଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲେ ମଧ୍ୟ ୬ ବର୍ଷର ପୁଅ ଏ ପର୍ଯ୍ୟନ୍ତ ନିଖୋଜ ଅଛନ୍ତି।

ସୂଚନା ଅନୁଯାୟୀ, ଆନ୍ଧ୍ର ପ୍ରଦେଶର ଏଲୁରୁ ଅଞ୍ଚଳର ଗୋପାଳକ୍ରିଷ୍ଣା ରାଓ ସ୍ତ୍ରୀ ଏବଂ ୩ ପୁଅଙ୍କ ସହ ଜିଲାର ଅଧିଷ୍ଠାତ୍ରୀ ଦେବୀ ମଝିଘରିଆଣୀଙ୍କ ଦର୍ଶନ କରିଥିଲେ। ଏହାପରେ ସମସ୍ତେ ଝୁଲାପୋଲରେ ବୁଲି ନାଗାବଳୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ନଦୀପାଣିରେ ମଜା ଉଠାଇବା ସମୟରେ ପ୍ରଖର ସ୍ରୋତ ୩ ପୁଅଙ୍କୁ ଟାଣି ☞ପୃଷ୍ଠା-୨









**ଆଜିର ମନ୍ତବ୍ୟ**

"ପାର୍ଲାମେଣ୍ଟକୁ ଜନସାଧାରଣ ସେମାନଙ୍କ ସାମାଜିକ-ଅର୍ଥନୈତିକ ସ୍ଥିତିରେ ପରିବର୍ତ୍ତନର ମାଧ୍ୟମ ଭାବେ ଦେଖିଥାନ୍ତି। ସେଥିପାଇଁ ସେମାନଙ୍କ ଆଶା ଆକାଂକ୍ଷା ଅନୁଯାୟୀ କାର୍ଯ୍ୟ କରିବା ପାର୍ଲାମେଣ୍ଟର ଦାୟିତ୍ୱ।"
– ଓମ୍ ବିର୍ଲା, ଲୋକ ସଭା ବାଚସ୍ପତି

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଭୂପତି କେଶରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘର ମୁହାଁ, ଚୋର ମୁହାଁ,
ମାଇ ମୁହାଁ, ଭାତ ମୁହାଁ
ଏ ନୁହଁନ୍ତି କାହାଁ।**

ଘର ପ୍ରତି ଅତ୍ୟଧିକ ମୋହ ବା ଆସକ୍ତି ରଖୁଥିବା ବ୍ୟକ୍ତି, ଚୋର ପ୍ରକୃତିର ବ୍ୟକ୍ତି, ପର ସ୍ତ୍ରୀ ପ୍ରତି ଆସକ୍ତ ଭାବ ରଖୁଥିବା ବ୍ୟକ୍ତି ଏବଂ ଖାଦ୍ୟ ଲୋଭୀ ବ୍ୟକ୍ତି କେବେ ଉନ୍ନତି କରିପାରି ନ ଥାନ୍ତି। ଏହି ଧରଣର ବ୍ୟକ୍ତି ଜୀବନରେ ଅସଫଳ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘରଣୀ ରୁଷା ଘୋର ବରଷା
ଚାକର ଅନ୍ଧାର କଣା
ସଞ୍ଜବୁଡ଼ ବେଳେ କୁଣିଆ ଆସିଲେ
ବୁଦ୍ଧି ହୋଇଯାଏ ବଣା।**

ଘରଣୀର ରାଗ ରୋଷ ବେଳେ ଘରକୁ କୁଣିଆ ଆସିଲେ ତାଙ୍କ ଚର୍ଚ୍ଚା କରିବାରେ ଅସୁବିଧା ଦେଖାଦିଏ। ସେହିପରି ଜୋରରେ ବର୍ଷା ହେବା ତଥା ଘର କାମ ପାଇଁ ରହିଥିବା ଭୃତ୍ୟକୁ ଅନ୍ଧାରରେ ଭଲ ନ ଦିଶିବା ସମସ୍ୟାକୁ ଆହୁରି ଜଟିଳ କରିଦିଏ। ଏପରିସ୍ଥଳେ କୁଣିଆର ଚର୍ଚ୍ଚା କରିବା ନେଇ ଗୃହସ୍ୱାମୀର ଚିନ୍ତା ବଢ଼ିଯିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ଅଗ୍ନିଶମ ବାହିନୀ ନିଖୋଜ ଶିଶୁକୁ ଉଦ୍ଧାର କରିବା ପାଇଁ ଉଦ୍ୟମ ଚଳାଇଛନ୍ତି।

**ପ୍ରଥମ ପୃଷ୍ଠାରୁ...**

### ବାପା ଆଗରେ...

ନେଇଥିଲା। ଏହା ଦେଖି ଗୋପାଳକ୍ରିଷ୍ଣା ସାହସର ସହ ନଦୀର ପ୍ରଖର ସ୍ରୋତ ମଧ୍ୟରୁ ୨ ପୁଅଙ୍କୁ ବଞ୍ଚାଇ ଆଣିଥିଲେ। ହେଲେ ସାନପୁଅ ଅମରେଶଙ୍କୁ ଖୋଜିବା ସମୟରେ ସେ ନିଜେ ଭାସିଯାଇଥିଲେ। ନଦୀ ମଧ୍ୟରେ ଥିବା ଏକ ପଥରକୁ ଧରି ସେ ଅଟକିଥିବାବେଳେ ୨ ଘଣ୍ଟାର ଉଦ୍ୟମ ପରେ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିଲା। ତେବେ ଦୀର୍ଘ ସନ୍ଧ୍ୟା ପର୍ଯ୍ୟନ୍ତ ଅମରେଶଙ୍କୁ ଖୋଜିଥିଲେ ମଧ୍ୟ ତାଙ୍କ ପତ୍ତା ମିଳିନାହିଁ। ଅନ୍ୟପକ୍ଷରେ ଅଗ୍ନିଶମ କର୍ମଚାରୀ ହେମନ୍ତ ସେଠୀ ଗୋପାଳକ୍ରିଷ୍ଣାଙ୍କ ନିକଟକୁ ଯାଇ ତାଙ୍କୁ କୂଳକୁ ଫେରାଇ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ସାହସିକତା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

### ଡେଞ୍ଜର ଜୋନ୍: ୬ ବର୍ଷରେ ଗଲାଣି ୧୫ ଜୀବନ

ଝୁଲାପୋଲ ନିକଟରେ ନାଗାବଳୀ ନଦୀ ଡେଞ୍ଜର ଜୋନ୍ ପାଲଟିଛି। ପ୍ରତିବର୍ଷ ଅସାବଧାନତାବଶତଃ ଭାସିଯାଇ ଏକାଧିକ ପର୍ଯ୍ୟଟକଙ୍କ ଜୀବନ ଯାଉଛି। ୨୦୧୭ ରୁ ଏ ପର୍ଯ୍ୟନ୍ତ ଏଠାରେ ପ୍ରାୟ ୧୫ ଜଣଙ୍କ ମୃତ୍ୟୁ ଘଟିଲାଣି। ଏହି ଝୁଲାପୋଲ କଟକର ଧବଳେଶ୍ୱର ପରେ ଓଡ଼ିଶାରେ ଦ୍ୱିତୀୟ ଭାବେ ରାୟଗଡ଼ାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ପାଲଟିଛି। ଏଠାକୁ ପ୍ରତିଦିନ ଜିଲା, ରାଜ୍ୟ ଏବଂ ପଡ଼ୋଶୀ ଆନ୍ଧ୍ରପ୍ରଦେଶରୁ ପର୍ଯ୍ୟଟକ ବୁଲିବା ପାଇଁ ଆସନ୍ତି। ବିଶେଷକରି ଏଠାରେ ପୋଲଠାରୁ ୨୦୦ ଫୁଟ ତଳେ ନାଗାବଳୀ ନଦୀ ପ୍ରବାହିତ ହେଉଥିବାରୁ ଏହା ସେଲ୍‌ଫି ପଏଣ୍ଟ ରୂପେ ମଧ୍ୟ ପରିଚିତ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ନଦୀ ନିକଟରେ ଜିଲା ପ୍ରଶାସନ ପକ୍ଷରୁ ଲାଇଫ୍ ଗାର୍ଡ କିମ୍ବା ପର୍ଯ୍ୟଟକଙ୍କୁ ଗାଇଡ୍ କରିବା ପାଇଁ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଉନାହିଁ। ଝୁଲାପୋଲ ନିକଟରେ କେବଳ ଏକ ସାଇନ୍ ବୋର୍ଡ ଲଗାଇ ପ୍ରଶାସନ କାମ ସାରିଦେଇଛି। ତେଣୁ ଏହି ସ୍ଥାନ ଏବେ ବିପଦସ୍ଥଳୀ ପାଲଟିଛି। ଏଠାରେ ସୁରକ୍ଷା ବାଡ଼ କରିବା ସହ ଅନ୍ୟ ସୁରକ୍ଷା ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ଏବଂ ପର୍ଯ୍ୟଟକମାନେ ଦାବି କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବିଭିନ୍ନ ପାରିବାରିକ କାରଣକୁ ନେଇ ମାନସିକ ଅସ୍ଥିରତା ଲାଗି ରହିବ, ଯାହା ପିଲାମାନଙ୍କୁ କେନ୍ଦ୍ରକରି ସୃଷ୍ଟିହେବାର ବହୁତ ସମ୍ଭାବନା ରହିଛି। ପୁନଶ୍ଚ କୌଣସି ନୀଚଜାତିର ବ୍ୟକ୍ତିଙ୍କ ସହ କଳହର ସମ୍ଭାବନା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ କଳା, ସାହିତ୍ୟରେ ସ୍ଥିତି କେତେକାଂଶରେ ଭଲ ରହିବ।

**ବୃଷ** ପ୍ରିୟବନ୍ଧୁଙ୍କ ସହାୟତାରେ ସୌଖୀନ ଦ୍ରବ୍ୟ, କାବ୍ୟ ସାହିତ୍ୟ ଚର୍ଚ୍ଚା, କଳା, ସଙ୍ଗୀତ, କ୍ରୀଡ଼ାରେ ନୈପୁଣ୍ୟତା ପ୍ରଦାନ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ହେବ ଓ ମାନସିକ ଶାନ୍ତି ଫେରିପାଇବେ। ଦ୍ୱାଦଶସ୍ଥ ରାହୁଙ୍କ କୁପ୍ରଭାବରୁ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ଯାତ୍ରା ସମୟରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ।

**ମିଥୁନ** ଗତକାଲି ଯେଉଁ ବିଷୟ ଚିନ୍ତା କରୁଥିଲେ ଆଜି ତାହା କାମରେ କରି ଦେଖାଇପାରନ୍ତି। ଶନିଙ୍କ ଦୃଷ୍ଟିରେ ଶୁକ୍ର ହେତୁ ପାରିବାରିକ ଓ ଅର୍ଥ ସମ୍ପର୍କକୁ ନେଇ ଭାବପ୍ରବଣତା ବୃଦ୍ଧି ପାଇବ। ବ୍ୟବସାୟ, ପରିବହନ, ନିର୍ମାଣ କାର୍ଯ୍ୟ ଶୃଙ୍ଖଳିତ ହେବ। ସାହିତ୍ୟ, ସାମ୍ବାଦିକତା, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**କର୍କଟ** ବୃହସ୍ପତି ଉନ୍ନତ ଭାବନା ଜାଗ୍ରତ କରାଇବା ସମୟରେ ଶନି ପ୍ରଭାବରୁ ସ୍ୱାସ୍ଥ୍ୟ ହାନି ହେବ। କେତେକ କ୍ଷେତ୍ରରେ ଦୂରଭିସନ୍ଧି ରଖି କାର୍ଯ୍ୟ କରିବାର ପ୍ରବୃତ୍ତି ମନରେ ସ୍ଥାନ ପାଇବ। ଅବଶ୍ୟ ଆପଣଙ୍କର ଅତି ପ୍ରିୟବନ୍ଧୁ ପାଖରୁ ପ୍ରେରଣା ଲାଭ କରିବେ। ଘରକୁ ଫେରିବା ସମୟରେ ଘରର ବରାଦ ଅନୁଯାୟୀ ମନୋରଞ୍ଜନ ଜିନିଷ କ୍ରୟ କରିପାରନ୍ତି।

**ସିଂହ** ଆଜି ଦ୍ୱାଦଶସ୍ଥ ଚନ୍ଦ୍ରଙ୍କ ପ୍ରଭାବରୁ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ପୁନଶ୍ଚ କର୍ମକ୍ଷେତ୍ରରେ କୌଣସି ସହକର୍ମୀ ବିରୁଦ୍ଧାଚରଣ କରିବା ସକାଶେ ଚେଷ୍ଟା କରିପାରନ୍ତି । ପୁରାତନ ଗୃହ, ଯାନବାହନ ମରାମତି ପାଇଁ ମନସ୍ଥ କରିପାରନ୍ତି। ସାହିତ୍ୟ ଚର୍ଚ୍ଚା, ଗବେଷଣା, ଅନୁସନ୍ଧାନ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**କନ୍ୟା** ବିଭିନ୍ନ ପୁରୁଣା ସମସ୍ୟା ଲାଗି ରହିଥିବାରୁ ମାନସିକ ସୁସ୍ଥତା ରହି ନ ପାରେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହା ସମସ୍ୟାକୁ ବଢ଼ାଇ ଦେଇପାରେ। ଆଲୋଚନା କ୍ଷେତ୍ରରେ ଇଚ୍ଛା ନ ଥିଲେ ମଧ୍ୟ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବନ୍ଧୁଙ୍କ ସହ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ।

**ତୁଳା** ଆଜିର ଅପରାହ୍ନ ସମୟରେ ଜଣେ ବନ୍ଧୁ ହଠାତ୍ ଆସି ଖୁସି ଖବର ସାଙ୍ଗକୁ କିଛି ଅର୍ଥ ଦେଇଯିବେ। ଅଫିସ୍‌ରେ ନାହିଁ ନାହିଁ କରୁଥିଲେ ମଧ୍ୟ ଓ ସହକର୍ମୀ ରାଗିଲେ ସୁଦ୍ଧା କାମଟି କରିଦେବେ। ସାମାଜିକସ୍ତର ତଥା ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ। ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିବ, କିନ୍ତୁ ବିଶେଷ ଗୁରୁତର ହେବନାହିଁ।

**ବିଛା** କର୍ମକ୍ଷେତ୍ରରେ ବହୁଦିଗରୁ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ଦୀର୍ଘଦିନରୁ ରହିଯାଇଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କିନ୍ତୁ ଶନିଙ୍କ କୁପ୍ରଭାବ କାରଣରୁ ବାଣିଜ୍ୟ ଓ ପରିବହନରେ କ୍ଷତିର ଆଶଙ୍କା ରହିଛି। ବିବାଦୀୟ ଘଟଣାର ଅବସାନ ଘଟିବ, କିନ୍ତୁ ଏଥିପାଇଁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ।

**ଧନୁ** ମନରେ ଭାବୁଥିବା କଥାଟି କାର୍ଯ୍ୟରେ ପରିଣତ କଷ୍ଟକର ମନେହେବ। ପୂର୍ବାଷାଢ଼ା ନକ୍ଷତ୍ର ପାଇଁ ବନ୍ଧୁଙ୍କ ସଦ୍‌ଭାବ, ସହକର୍ମୀଙ୍କ ସହଯୋଗ କାମ ହାସଲକୁ ତ୍ୱରାନ୍ୱିତ କରିବ। ଅଫିସ୍‌ରେ ଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଭୁଲ୍ ଖବରଟି ପାଇ ସାମୟିକ ଭାବେ ବିବ୍ରତ ହୋଇପାରନ୍ତି। ଭ୍ରମଣହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ।

**ମକର** ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ବନ୍ଧୁଙ୍କ ସାହାଯ୍ୟ, ପ୍ରତିଶ୍ରୁତି ପାଇ ମନୋବଳ ବୃଦ୍ଧି ପାଇବ। ଆପଣ ସେହି କଥାକୁ ଖାତିର ନ କରି କାମ କରନ୍ତୁ, କିଛି ଅସୁବିଧା ହେବନାହିଁ। ଧନିଷ୍ଠା ନକ୍ଷତ୍ରଜାତ ବ୍ୟକ୍ତିଙ୍କର କୌଣସି ଅଭାବ ନ ଥାଇ ମଧ୍ୟ ମନ ଭଲ ରହିବନି। ଖାଦ୍ୟପେୟରେ ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ।

**କୁମ୍ଭ** ଅଧିକାଂଶ ସମୟ ଅନ୍ୟମନସ୍କ ରହିବା କାରଣରୁ ପ୍ରକୃତ ଆନନ୍ଦକୁ ଉପଭୋଗ କରିପାରିବେ ନାହିଁ। ଅପ୍ରିୟ ସତ୍ୟ ବନ୍ଧୁଙ୍କ ମନରେ ଦୁଃଖ ଦେଇପାରେ। ବିଭିନ୍ନ ପ୍ରତିବନ୍ଧକକୁ ସାମ୍ନା କରିବାର ଧୈର୍ଯ୍ୟ ଧାରଣ କରି ମୁକାବିଲାର ସମ୍ମୁଖୀନ ହେବେ। ଶତଭିଷା ନକ୍ଷତ୍ର ପାଇଁ ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇବେ କିନ୍ତୁ ତରବର ହୋଇ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ପାରିବାରିକ କ୍ଷେତ୍ରରେ ରହିଆସିଥିବା ସମସ୍ୟା ହେତୁ ଦୁର୍ଭାବନା ବଢ଼ିଚାଲିବ, ଫଳରେ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ପରିବହନ, ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।


# classifieds Everyday
0674-2580101, 2549302

**automobile**

**SALE**

2011 November INNOVA in tiptop condition for sale. 7894463932. D-71354

**real estate**

**SALE**

**Infocity-II, Madanpur ପାଖରେ 2000sqft.କୁ 24,00,000/- ଟଙ୍କାରେ ପାଚେରି ସହ plot ବିକ୍ରିହେବ। 7978617023.** D-1270

**NH side commercial plot Niali Road, 6 Km. from Nakhara, Cuttack. 7809525452.** D-73959

Plot for immediate sale at jagatpur, Mouza- Tarola, behind Adish Hotel, 3,600 sqft., price -45 lakhs. Contact- 8249612462. D-1331

**Bhubaneswar Sum Hospital ପାଖ ଘଙ୍ଗାପାଟନାରେ ସ୍ଥିତିବାନ ଗୃହୋପଯୋଗୀ ପ୍ଲଟ୍ 30' road, ଇଲେକ୍ଟ୍ରିସିଟି, ବାଉଣ୍ଡରୀ, ପୋଜେସନ ସହ ସମ୍ପୂର୍ଣ୍ଣ develop ହୋଇ ମିଳୁଛି। 9090963952.** D-73300

**Bhubaneswar Sum Hospital 6K.M. ଦୂରରେ କଣ୍ଟାବାଡ଼ଠାରେ NH-16A ରୋଡ୍‌ରୁ ୧୦୦ଫୁଟ ଛାଡ଼ି 30' ROAD, ଘରବାରି, ବାଉଣ୍ଡରୀ, ଇଲେକ୍ଟ୍ରି ସହ ପ୍ଲଟ୍ ମିଳୁଛି। 9090963952.** D-74101

Bhubaneswar Gangapada Maharaja କଲେଜକୁ ଲାଗି 1500sqft. plot-12,75,000/- ନେଇ ଘର କରନ୍ତୁ। (40 plot available). 9938016295. D-73298

**Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272.** D-73296

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-73299

**GENERAL SALE**

Duberman 6 Puppy for sale (Jungle Camp) Contact: 9438118029, 9348839474. D-1355

**to-let**

**3 Bed room apartment for rent at Vivekanand Marg, Owner: 7852929225.** D-1352

Tolet for Shop infront of Biju Pattanaik College, Mob.- 9938511622. D-1356

**healthcare**

Newly open full body massage 1099 free massage one. Mo: 9583808247. D-1164

Newly open full body massage ladies and gents. 8327740003, 8093860513. D-73958

**Relax, Refresh your body, Mind at Saikrupa Spa with best therapies. 8984068077.** D-1248

Newly open SPA positively health benefit with expert. Contact: 7749976301. D-73859

Newly open full body massage, ladies and gents. 7846923244. D-73956

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73957

**astrology**

ଘରେ କିମ୍ବା plotରେ ବାସ୍ତୁଦୋଷ ଥିବାପରି ମନେହେଉଛି କି? ବିଳମ୍ବ ନକରି ଯୋଗାଯୋଗ "ଆଷ୍ଟ୍ରୋବାସ୍ତୁ ସମାଧାନ।" 7978736177. D-68297

**AFFIDAVIT**

Consequent upon my marriage with Dr. Aurobindo Das resident of Plot No. - 511/3077, Kanan Vihar, Phase-2 Area, Patia, Bhubaneswar, I Puspanjali Nayak, D/o- Ajay Kumar Nayak has been recorded as Puspanjali Das in all my documents according to Hindu rites, rituals and customs. I have also sworn an affidavit before the Notary Public, Bhubaneswar on 01.08.2020 to this effect. Hence, I am now Puspanjali Das for all purposes. D-1347

**LOST**

I, Sanjay Kumar Agarwal, R/o. Village- Bhulia Sikuan, Dist. Nuapada declared that the original sale deed vide Regd. No.1572/2006 of land under Khata No.113, Plot No. 220, 221, area Ac.0.40 dec. of Mouza- Bhojpur and sale deed bearing document No.11431000 1223 dt.15.07.2010 has been lost somewhere near Block Chowk, Khariar on 16.08.22. Inspite of my best efforts I could not trace out the same. D-1354

**ନିରୁଦ୍ଦିଷ୍ଟ**



**ଦିଗମ୍ବର ଭୋଇ**
ବୟସ-୭୨, ଗ୍ରାମ- କେଶୁରା, (କାମେନା), ପୋଷ୍ଟ- ବାଙ୍କୁଆଳ, ଥାନା- ସହିଦ ନଗର। ସେ ଗତ ୨୦ ତାରିଖରୁ ପାଖ ବଜାରକୁ ଯାଇ ନିଖୋଜ ହୋଇଯାଇଛନ୍ତି। ସନ୍ଧାନ ପାଇଲେ 7853840154 କୁ ଯୋଗାଯୋଗ କରିବାକୁ ପୁଅ ଦିବ୍ୟସିଂହ ଅନୁରୋଧ କରିଛନ୍ତି । ଧ-୭୧୨୧୪



**ରମେଶ ଚନ୍ଦ୍ର ସେଠୀ**
ବୟସ- ୭୬, ଶ୍ୟାମଳ ବର୍ଣ୍ଣ, ପତଳା ସ୍ୱାସ୍ଥ୍ୟ, ଗତ ୨୨ ତାରିଖରୁ କିଶନ ନଗର ଥାନା ସୋମପୁରର ତେଲଦିଆ ଗ୍ରାମରୁ ନିଖୋଜ ହୋଇଯାଇଛନ୍ତି। ସେ ଘରୁ ସାଇକେଲରେ ଯିବା ସମୟରେ ଧଳା ସାର୍ଟ ଓ ଧୋତି ପିନ୍ଧିଥିଲେ । ତାଙ୍କର ସନ୍ଧାନ ପାଇଲେ 9778178243, 7008432249, 7788943478 ରେ ଯୋଗାଯୋଗ କରିବାକୁ ବିନୀତ ଅନୁରୋଧ । ଧ-୭୧୨୧୫

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your classified advertisement published in Dharitri will be listed free in Dharitri online edition : **dharitriepaper.in**


### ହେମନ୍ତଙ୍କ ମୁଣ୍ଡରେ...

ଲାଭଜନକ ପଦବୀ ନେଇ ଭାଜପାର ଅଭିଯୋଗ ଉପରେ ରାଜ୍ୟପାଳ ରମେଶ ବୈସ ଏହି ମାମଲା ନିର୍ବାଚନ କମିଶନ(ଇସି)ଙ୍କ ନିକଟକୁ ପଠାଇଥିଲେ। ଏଥିସହ ଝାଡ଼ଖଣ୍ଡ ମୁଖ୍ୟ ଶାସନ ସଚିବ ଓ ମୁଖ୍ୟମନ୍ତ୍ରୀ ହେମନ୍ତଙ୍କୁ ନୋଟିସ କରି ଖଣି ଲିଜ୍ ସମ୍ପର୍କିତ ଦସ୍ତାବିଜ ମଗାଇଥିଲେ। ଗତ ୧୮ ତାରିଖରେ ଏହି ପ୍ରସଙ୍ଗରେ ଶୁଣାଣି ବେଳେ ଭାଜପା ଏବଂ ହେମନ୍ତଙ୍କ ଓକିଲ ନିଜ ନିଜ ପକ୍ଷ ରଖିଥିଲେ। ନିର୍ବାଚନ ଆୟୋଗ ସୋମବାର ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ମଙ୍ଗଳବାର ସକାଳେ ନିଜ ମତାମତ ସମ୍ପର୍କିତ ରିପୋର୍ଟ ଏକ ବନ୍ଦ ଲଫାପାରେ ରାଜଭବନକୁ ପଠାଇଦେଇଥିଲେ। ରାଜ୍ୟପାଳ ରମେଶ ବୈସ ଅପରାହ୍ନରେ ଦିଲ୍ଲୀରୁ ରାଞ୍ଚିରେ ପହଞ୍ଚିବା ପରେ କହିଛନ୍ତି, ଇସିଙ୍କ ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ନିଷ୍ପତ୍ତି ନିଆଯିବ। ଭାଜପା ବିଧାୟକ ନିଶିକାନ୍ତ ଦୁବେ କହିଛନ୍ତି, ହେମନ୍ତ ଖଣି ମନ୍ତ୍ରୀ ଥାଇ ନିଜ ନାମରେ ଷ୍ଟୋନ୍ ଚିପ୍ସ ଖନନ ଠିକା ନେଇଛନ୍ତି। ସେ ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ପାଇଁ ପ୍ରସ୍ତୁତ ହେବା ଉଚିତ। ବିଧାନସଭାକୁ ତୁରନ୍ତ ଭଙ୍ଗକରି ସମସ୍ତ ୮୧ ଆସନରେ ନିର୍ବାଚନ କରାଯାଉ ବୋଲି ଦାବି କରିଛନ୍ତି। ଅନ୍ୟପକ୍ଷେ ଭାଜପା ନେତାମାନେ, ଜଣେ ଏମ୍‌ପି ଏବଂ ତାଙ୍କ ଦ୍ୱାରା ପରିଚାଳିତ କେତେଜଣ ଖବରଦାତା ନିର୍ବାଚନ କମିଶନଙ୍କ ପାଇଁ ରିପୋର୍ଟ ଡ୍ରାଫ୍ଟ କରିଛନ୍ତି। ଭାଜପା ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ସିନା କିଣିନେବ, ଜନ ସମର୍ଥନ କିପରି କିଣିବ ବୋଲି ହେମନ୍ତ ଟୁଇଟ୍ କରିଛନ୍ତି। ପ୍ରକାଶ ଯେ, ସମ୍ବିଧାନର ଅନୁଚ୍ଛେଦ ୧୯୨ ଅନୁସାରେ ବିଧାନସଭାର କୌଣସି ସଦସ୍ୟଙ୍କ ଅଯୋଗ୍ୟତା ସମ୍ପର୍କିତ ପ୍ରଶ୍ନ ଉଠିଲେ ତାହା ଉପରେ ରାଜ୍ୟପାଳଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ବୋଲି ଧରାଯାଇଥାଏ।

### କେନ୍ଦ୍ରୀୟ ସଂସ୍ଥାର...

ନେଇ ଜାତୀୟ ରାଜନୀତି ସରଗରମ ହୋଇଛି। ଏହା ପୂର୍ବରୁ ଜୁଲାଇ ୩୧ରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍)ର ୩ ବିଧାୟକ ପଡ଼ୋଶୀ ପଶ୍ଚିମବଙ୍ଗର ହାୱଡ଼ା ଜିଲାରେ ୫୦ ଲକ୍ଷ ଟଙ୍କା ସହ ଧରାପଡ଼ିଥିଲେ। ଭାଜପା ଝାଡ଼ଖଣ୍ଡ ସରକାରକୁ ଭାଙ୍ଗିଦେବା ଭାଜପା ପାଇଁ ଷଡ଼ଯନ୍ତ୍ର ରଚିଥିବା ସେତେବେଳେ ଜେଏମ୍‌ଏମ୍ ଏବଂ ଏହାର ମେଣ୍ଟ କଂଗ୍ରେସ ପକ୍ଷରୁ ଅଭିଯୋଗ ଅଣାଯାଇଥିଲା।

## କାର୍ଯ୍ୟ ତ୍ୱରାନ୍ୱିତ ନେଇ ଜଙ୍ଗଲ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ବୌଦ୍ଧ,୨୫।୮(ସ୍ୱ.ପ୍ର.)

ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା- ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ଅନୁମତି ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଗୁରୁବାର ଅପରାହ୍ନରେ ଜଙ୍ଗଲ, ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, ଏହି ରେଳ ଲାଇନ ପ୍ରକଳ୍ପ କାର୍ଯ୍ୟ ୫ ଟି ପର୍ଯ୍ୟାୟରେ ସମ୍ପାଦିତ ହେବ। ଶୂନରୁ ୩୫ କି.ମି. ପର୍ଯ୍ୟନ୍ତ (୯.୦୯୫ ହେକ୍ଟର ଜଙ୍ଗଲ ଜମି) ହେବାକୁ ଥିବା ରେଳ ଲାଇନ ପ୍ରକଳ୍ପକୁ ଷ୍ଟେଜ-୧ ଓ ଷ୍ଟେଜ୍-୨ ଅନୁମତି ମିଳିସାରିଛି। ସେହିପରି ୩୬-୧୧୨ କି.ମି. (୫୯.୭୧୭ ହେକ୍ଟର ଜଙ୍ଗଲ ଜମି) ପର୍ଯ୍ୟନ୍ତ ରେଳ ଲାଇନ ପ୍ରକଳ୍ପକୁ ଷ୍ଟେଜ୍-୧ ଓ ଷ୍ଟେଜ୍-୨ ଅନୁମତି ମିଳିସାରିଛି। ପୂର୍ବତଟ ରେଳପଥ ଏହି କାର୍ଯ୍ୟ ଆରମ୍ଭ କରିବାରେ କୌଣସି ସମସ୍ୟା ନାହିଁ। ନୟାଗଡ ଜିଲା ବନଖଣ୍ଡ ଅନ୍ତର୍ଗତ ୧୧୨-୧୪୩ କି.ମି. (୧୯୨.୨୮୯ହେକ୍ଟର ଜଙ୍ଗଲ ଜମି) ପର୍ଯ୍ୟନ୍ତ ହେବାକୁ ଥିବା ରେଳ ଲାଇନ ପ୍ରକଳ୍ପକୁ ଅଦ୍ୟାବଧି ଷ୍ଟେଜ୍ -୧ ଅନୁମତି ମିଳିପାରିନାହିଁ। ସେହିପରି ବୌଦ୍ଧ ବନଖଣ୍ଡ ଅନ୍ତର୍ଗତ ୧୪୩ – ୧୮୦ କି.ମି.(୩୦୨.୩୨୯ ହେକ୍ଟର ଜଙ୍ଗଲ ଜମି) ପର୍ଯ୍ୟନ୍ତ ହେବାକୁ ଥିବା ରେଳ ଲାଇନ ପ୍ରକଳ୍ପକୁ ଷ୍ଟେଜ୍-୧ ଅନୁମତି ମିଳିପାରିନାହିଁ। ଭାରତ ସରକାରଙ୍କ ସଂପୃକ୍ତ ବିଭାଗ ସହ ତୁରନ୍ତ ଯୋଗାଯୋଗ କରି ଚଳିତ ଅଗଷ୍ଟ ମାସ ଶେଷ ସୁଦ୍ଧା ଷ୍ଟେଜ୍-୧ ଅନୁମତି ଆଣିବା ପାଇଁ ପଦକ୍ଷେପ ନେବା ପାଇଁ ମନ୍ତ୍ରୀ ଅମାତ ମୁଖ୍ୟ ବନସଂରକ୍ଷକ ଜି .ରାଜେଶ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୌଦ୍ଧ ବନଖଣ୍ଡ ଅନ୍ତର୍ଗତ ୧୮୦-୨୩୮ କିଲୋମିଟର (୧୩.୨୨ହେକ୍ଟର ଜଙ୍ଗଲ ଜମି) ପର୍ଯ୍ୟନ୍ତ ରେଳ ଲାଇନ ପ୍ରକଳ୍ପକୁ ଷ୍ଟେଜ୍-୧ ଅନୁମତି ମିଳିସାରିଛି। ସୁବର୍ଣ୍ଣପୁର ଓ ବଲାଙ୍ଗୀର ବନଖଣ୍ଡ ଅଧୀନ ୨୩୮-୨୮୯ କିଲୋମିଟର(୬୯.୭୭ ହେକ୍ଟର ଜଙ୍ଗଲ ଜମି) ପର୍ଯ୍ୟନ୍ତ ରେଳ ଲାଇନ ପ୍ରକଳ୍ପକୁ ଷ୍ଟେଜ୍ -୧ ଅନୁମତି ମିଳିସାରିଛି ବୋଲି ବୈଠକରୁ ଜଣାପଡ଼ିଛି। ଏହିପ୍ରକଳ୍ପ ଶେଷ ହେଲେ ଖୋର୍ଦ୍ଧା, ନୟାଗଡ, ବୌଦ୍ଧ, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଏବଂ ଆଖପାଖ ଜିଲାର ଜନସାଧାରଣ ଉପକୃତ ହେବେ ବୋଲି ମନ୍ତ୍ରୀ ଅମାତ ଉଲ୍ଲେଖ କରିଛନ୍ତି। ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରଦୀପ କୁମାର ରାଉତଙ୍କ ସମେତ ବନ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୦,୩୭,୪୮,୧୮୦ | ୬୪,୮୧,୩୨୨ | ୫୭,୮୬,୧୫,୪୦୧ |
| ଭାରତ | ୪,୪୩,୬୮,୯୨୦ | ୫,୨୭,୪୮୮ | ୪,୩୭,୫୭,୩୮୫ |
| ଓଡ଼ିଶା | ୧୩,୨୬,୧୨୧ | ୯୧୨୮(+୫୩) | ୧୩,୧୫,୧୭୩ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଉତ୍କର୍ଷ କେନ୍ଦ୍ର ହେବ ଭିସୁଟ୍

**ଭୁବନେଶ୍ୱର,୨୫।୮ (ବ୍ୟୁରୋ) /ସମ୍ବଲପୁର,(ବ୍ୟୁରୋ)**

ସମ୍ବଲପୁର ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)କୁ ଦେଶର ବୈଷୟିକ ଶିକ୍ଷା କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ଭାବେ ବିକଶିତ କରାଯିବ। ପ୍ରଥମ ପର୍ଯ୍ୟାୟରେ ଏଥିପାଇଁ ୧ ହଜାର କୋଟି ଟଙ୍କା ବ୍ୟୟ କରାଯିବ। ଗୁରୁବାର ସମ୍ବଲପୁର ଗସ୍ତରେ ଥିବା ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଏଥିପାଇଁ ଏକ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରାଯିବ। ଆଗାମୀ ୧୫ ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏହାକୁ ଉପସ୍ଥାପନ କରାଯିବ। ଛାତ୍ର, ଶିକ୍ଷକ, ଶିଳ୍ପାନୁଷ୍ଠାନ, ପୁରାତନ ଛାତ୍ରୀଛାତ୍ର ତଥା ସ୍ଥାନୀୟ ପ୍ରଶାସନ ସହିତ ବ୍ୟାପକ ଆଲୋଚନା କରାଯାଇ ଏହି ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରାଯିବ। ଭିସୁଟ୍‌କୁ ଜାତୀୟସ୍ତରରେ ଥିବା ଆଇଆଇଟି ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ଭଳି ମାଷ୍ଟରପ୍ଲାନ୍‌ରେ ବ୍ୟବସ୍ଥା ରହିବ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି. କେ. ପାଣ୍ଡିଆନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ପ୍ରମୁଖ ସଚିବ ହେମନ୍ତ ଶର୍ମା ଗୁରୁବାର ସମ୍ବଲପୁର ଗସ୍ତରେ ଯାଇ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ, ମା' ସମଲେଶ୍ୱରୀ ମନ୍ଦିର ଓ ଅନ୍ୟାନ୍ୟ ରୂପାନ୍ତର କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିଥିଲେ।

ଭିସୁଟ୍ ରାଜ୍ୟର ଏକ ଅଗ୍ରଣୀ ଇଞ୍ଜିନିୟରିଂ କଲେଜ ଏବଂ ସାରା ଦେଶରେ ଏହାର ସୁଖ୍ୟାତି ରହିଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଓ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ପ୍ରମୁଖ ସଚିବ ଭିସୁଟ୍ ଯାଇ ବିଶ୍ୱବିଦ୍ୟାଳୟର ଏକାଡେମିକ ବ୍ଲକ୍‌ରେ ଥିବା ଶ୍ରେଣୀ ଗୃହ ଓ ପରୀକ୍ଷାଗାର, ବିଶ୍ୱେଶ୍ୱରାୟା ଅଡିଟୋରିୟମ, ପୁଲହ ଓ ବଶିଷ୍ଠ ହଲ୍ ପରିଦର୍ଶନ କରି ବିଶ୍ୱବିଦ୍ୟାଳୟର କୁଳପତି, ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କ ସହିତ ସେମାନଙ୍କର ବିଭିନ୍ନ ସମସ୍ୟା, ମିଳୁଥିବା ସୁବିଧା ତଥା ଭବିଷ୍ୟତ ବିକାଶ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ।


ଭିସୁଟ୍ ପରିସରରେ ମୁଖ୍ୟ ଶାସନ ସଚିବ, ୫-ଟି ସଚିବ, ଜିଲାପାଳ, କୁଳପତି ଓ ଅନ୍ୟମାନେ।

- **ଖର୍ଚ୍ଚ ହେବ ୧ ହଜାର କୋଟି**
- **୧୫ ଦିନରେ ପ୍ରସ୍ତୁତ ହେବ ମାଷ୍ଟରପ୍ଲାନ୍**
- **ମା' ସମଲେଶ୍ୱରୀ ମନ୍ଦିର ଉନ୍ନୟନ କାର୍ଯ୍ୟର ସମୀକ୍ଷା**

ମୁଖ୍ୟ ଶାସନ ସଚିବ ଓ ଅନ୍ୟ ଅଧିକାରୀମାନେ ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ଜମାଦାରପାଲି ଏୟାରଷ୍ଟ୍ରିପ୍‌ରେ ପହଞ୍ଚିବା ପରେ ପ୍ରଥମେ ଭିସୁଟ୍‌କୁ ଯାଇଥିଲେ। ସେଠାରେ କୁଳପତି ପ୍ରଫେସର ବଂଶୀଧର ମାଝି ଓ ବିଭିନ୍ନ ବିଭାଗର ଅଧ୍ୟାପକ, ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଏହି ଅନୁଷ୍ଠାନକୁ ଉତ୍କର୍ଷ କେନ୍ଦ୍ର ଭାବେ କିଭଳି ପରିଣତ କରାଯିବ ସେ ନେଇ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ଭିସୁଟ୍‌ରେ ୫ ହଜାର ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ନବକଳେବର ହେବା ପରେ ସିଟ୍ ସଂଖ୍ୟା ଦ୍ୱିଗୁଣିତ ହୋଇ ୧୦ ହଜାରକୁ ବୃଦ୍ଧି ପାଇବ। ଭିସୁଟ୍ ଅଧୀନରେ ପ୍ରାୟ ୪୫ ଏକର ଜମି ଥିବାବେଳେ କ୍ୟାମ୍ପସକୁ ଲାଗି ଜଳସମ୍ପଦ ବିଭାଗର ଆଉ ୮୦ ଏକର ଜମି ଚିହ୍ନଟ କରାଯାଇଛି। ଖୁବ୍‌ଶୀଘ୍ର ଏହି ଜମି ହସ୍ତାନ୍ତର ପ୍ରକ୍ରିୟା କରାଯାଇ ଭିସୁଟ୍ ନାମରେ କରାଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ମୁଖ୍ୟ ଶାସନ ସଚିବ ମହାପାତ୍ରଙ୍କ ସହିତ ଟିମ୍ ସଦସ୍ୟ ବୈଜାମୁଣ୍ଡାସ୍ଥିତ ରାଜ୍ୟର ପ୍ରଥମ ବହୁମୁଖୀ ଆଶ୍ରୟସ୍ଥଳ ପରିଦର୍ଶନ କରିଥିଲେ। ସେଠାରେ ନିର୍ମାଣ କରାଯାଇଥିବା ଭିତ୍ତିଭୂମିରେ ଆଗକୁ କିପରି ଅଧିକ ଅସହାୟଙ୍କୁ ରଖାଯିବ ସେ ନେଇ ଆଲୋଚନା କରିଥିଲେ। ସେହିପରି ୫-ଟି ସ୍କୁଲ ଅଧୀନରେ ଆସୁଥିବା ଲେଡି ଲୁଇସ ଗାର୍ଲ୍ସ ହାଇସ୍କୁଲ ପରିଦର୍ଶନ କରି ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ। ମା' ସମଲେଶ୍ୱରୀଙ୍କୁ ଦର୍ଶନ କରି ସମଲେଇ ଯୋଜନାର ସମୀକ୍ଷା କରିଥିଲେ। ବିସ୍ଥାପନ ଓ ଥଇଥାନରେ କିଛିଟା ସମସ୍ୟା ଯୋଗୁ ନିର୍ମାଣ କାମ ବିଳମ୍ବ ହୋଇଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୫୦ ପରିବାରକୁ ବାଦ୍ ଦେଇ ଅନ୍ୟ ସମସ୍ତଙ୍କୁ ସ୍ଥାନାନ୍ତର କରାଯାଇଛି। ଯୋଜନା ଅନୁସାରେ କାମ ଆରମ୍ଭ ହୋଇଛି। ଡିଜାଇନରେ କିଛିଟା ପରିବର୍ତ୍ତନ କରାଯାଇଥିଲେ ସୁଦ୍ଧା ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟ ସମାପ୍ତ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ମହାପାତ୍ର କହିଥିଲେ। ଏହି ଟିମ୍ ସହ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳେଇ, ଜିଲାପାଳ ଅନନ୍ୟା ଦାଶ, ଏସ୍‌ପି ବାତୁଲା ଗଙ୍ଗାଧର ପ୍ରମୁଖ ସାମିଲ ଥିଲେ।

# ଅକ୍ଟୋବର ୧୨ ସୁଦ୍ଧା ୫ଜି

**ନୂଆଦିଲ୍ଲୀ,୨୫।୮**

ଆସନ୍ତା ଅକ୍ଟୋବର ୧୨ ସୁଦ୍ଧା ଭାରତରେ ୫ଜି ସେବା ଶୁଭାରମ୍ଭ ହେବାକୁ ଯାଉଛି। କେନ୍ଦ୍ର ସୂଚନା ପ୍ରଯୁକ୍ତି (ଆଇଟି) ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁବାର ଏହି ସୂଚନା ଦେଇଛନ୍ତି। ପରେ ଏହା ବିଭିନ୍ନ ମହାନଗର ଓ ସହରକୁ ସମ୍ପ୍ରସାରଣ କରାଯିବ। ତୁରନ୍ତ ୫ଜି ସେବା ଲଞ୍ଚ ନେଇ ଯୋଜନା ହୋଇଛି ଓ ଟେଲିକମ୍ ଅପରେଟରମାନେ ଏଦିଗରେ କାମ ଚଳାଇଛନ୍ତି। ୫ଜି ସେବା ଦର ଯଥାସମ୍ଭବ କମ୍ ରଖିବା ଲାଗି ଟେଲିସେବା ଯୋଗାଉଥିବା କମ୍ପାନୀଗୁଡ଼ିକୁ କୁହାଯାଇଥିବା ଅଶ୍ୱିନୀ କହିଛନ୍ତି। ଆଗାମୀ ୨ରୁ ୩ ବର୍ଷ ମଧ୍ୟରେ ଦେଶର କୋଣ ଅନୁକୋଣରେ ୫ଜି ସେବା ପହଞ୍ଚାଇବା ପାଇଁ ସରକାର ଆଶା ରଖିଛନ୍ତି। ଲୋକଙ୍କ ପକେଟକୁ ସୁହାଇବା ଭଳି ଦର ରହିବ। ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳକୁ ଫୋକସ୍‌ରେ ରଖାଯାଇଥିବା ଆଇଟି ମନ୍ତ୍ରୀ କହିଛନ୍ତି। ନିକଟରେ ହୋଇଥିବା ନିଲାମରେ ଭାରତୀ ଏୟାରଟେଲ, ରିଲାଏନ୍ସ ଜିଓ, ଆଦାନୀ ଡାଟା ନେଟୱର୍କ ଏବଂ ଭୋଡାଫୋନ୍ ଆଇଡିଆ ଭାଗ ନେଇ ୫ଜି ସେବା ପାଇଁ ସ୍ପେକ୍ଟ୍ରମ କିଣିବା ନିମନ୍ତେ ଟେଲିକମ୍ ବିଭାଗ ନିକଟରେ ୧୭,୮୭୬ କୋଟି ଟଙ୍କା ଜମା କରିଛନ୍ତି। ମୋଟ ୧.୫ ଲକ୍ଷ କୋଟି ଟଙ୍କା ମୂଲ୍ୟର ସ୍ପେକ୍ଟ୍ରମ୍ ବିକ୍ରି ପାଇଁ ଟେଲିକମ୍ ବିଭାଗ ବିଡ୍ ପାଇଥିବାବେଳେ ସେଥିରୁ ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଜିଓ ସର୍ବାଧିକ ୮୭,୯୪୬.୯୩ କୋଟି ଟଙ୍କାର ଏୟାରୱେଭ୍ କିଣିବା ପାଇଁ ବିଡ୍ ଦାଖଲ କରିଛି। ୫ଜି ସେବାରେ ଆଗରେ ରହିବା ଲାଗି ମୁଖ୍ୟତଃ ମୁକେଶଙ୍କ ରିଲାଏନ୍ସ ଜିଓ ଏବଂ ସୁନୀଲ ମିତ୍ତଲଙ୍କ ଏୟାରଟେଲ୍ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଅନ୍ୟପକ୍ଷରେ ଟେଲିକମ୍ ସେକ୍ଟରରେ ହଠାତ୍ ଗୌତମ ଆଦାନୀଙ୍କ ପ୍ରବେଶ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

୫ଜି ସେବା ଯୋଗାଣକୁ ତ୍ୱରାନ୍ୱିତ କରିବା ଲାଗି ଟେଲିକମ୍ ବିଭାଗ ସ୍ପେକ୍ଟ୍ରମ ନିଲାମ ଦିନ ସଫଳ ବିଡରମାନଙ୍କୁ ଆସାଇନ୍‌ମେଣ୍ଟ ଲେଟର ଇସ୍ୟୁ କରିଥିଲା। ମିଳିଥିବା ଏକ ଖବର ଅନୁଯାୟୀ ୫ଜି ସେବା ପର୍ଯ୍ୟାୟକ୍ରମେ ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟରେ ନିର୍ଦ୍ଦିଷ୍ଟ ୧୩ଟି ମହାନଗର ଦ୍ରୁତ ଇଣ୍ଟରନେଟ ସେବା ପାଇବାକୁ ଯାଉଛି। ସେହି ମହାନଗରଗୁଡ଼ିକ ହେଲେ ଅହମଦାବାଦ, ବେଙ୍ଗାଲୁରୁ, ଚଣ୍ଡିଗଡ଼, ଚେନ୍ନାଇ, ଦିଲ୍ଲୀ, ଗାନ୍ଧୀନଗର, ଗୁରୁଗ୍ରାମ, ହାଇଦ୍ରାବାଦ, ଜାମନଗର, କୋଲକାତା, ଲକ୍ଷ୍ନୌ, ମୁମ୍ବାଇ ଏବଂ ପୁଣେ।

# ରାଧେଶ୍ୟାମ, ଗୋବିନ୍ଦଙ୍କ ବିରୋଧରେ ହେଲା ଚାର୍ଜଫ୍ରେମ୍

**ବଲାଙ୍ଗୀର ଅଫିସ, ୨୫।୮**

**ମମିତା ମେହେର ହତ୍ୟା ମାମଲା**



ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲାର ଦୁଇ ଅଭିଯୁକ୍ତ ଗୋବିନ୍ଦ ସାହୁ ଓ ସହଯୋଗୀ ରାଧେଶ୍ୟାମ ଚଣ୍ଡୀଙ୍କ ବିରୋଧରେ ଗୁରୁବାର ଚାର୍ଜଫ୍ରେମ୍ ହୋଇଛି। ଦୁଇ ଅଭିଯୁକ୍ତଙ୍କ ବିରେଧରେ ଆଇପିସି ଧାରା ୩୬୩, ୩୦୨, ୧୨୦ (ବି) ଓ ୩୪ରେ ଚାର୍ଜଫ୍ରେମ ହୋଇଛି। କଣ୍ଟାବାଞ୍ଜି ଅତିରିକ୍ତ ଦୌରାଜଜ୍‌ଙ୍କ କୋର୍ଟରେ ଗୋବିନ୍ଦ ଓ ରାଧେଶ୍ୟାମଙ୍କୁ ହାଜର କରାଯାଇଥିଲା। ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ଓକିଲ ଚାର୍ଜଫ୍ରେମ ନ କରିବାକୁ କୋର୍ଟଙ୍କୁ ଅନୁରୋଧ କରିଥିଲେ। ଅଭିଯୁକ୍ତଙ୍କ ବିରୋଧରେ କରାଯାଇଥିବା ଅଭିଯୋଗ ଭିତ୍ତିହୀନ ବୋଲି ଦର୍ଶାଇ ଡିସ୍‌ଚାର୍ଜ ପାଇଁ କୋର୍ଟଙ୍କୁ ଅନୁରୋଧ କରିଥିଲେ। ସ୍ପେଶାଲ ପିପି ଚାର୍ଜଫ୍ରେମ ପାଇଁ ଯୁକ୍ତି ଉପସ୍ଥାପନ କରିଥିଲେ। ଚାର୍ଜଫ୍ରେମ୍ ପରେ ଆସନ୍ତା ସେପ୍ଟେମ୍ବର ୮ ଓ ୯ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ ବୋଲି କୋର୍ଟ ଦିନ ଧାର୍ଯ୍ୟ କରିଥିବା ଜଣାପଡ଼ିଛି। କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଘରୋଇ ସ୍କୁଲ ଶିକ୍ଷୟିତ୍ରୀ ମମିତା ମେହେର ଗତବର୍ଷ ଅକ୍ଟୋବର ୮ ତାରିଖରୁ ନିଖୋଜ ହୋଇଯାଇଥିଲେ। ଘଟଣା ସଂକ୍ରାନ୍ତରେ ତାଙ୍କ ପରିବାରବର୍ଗ ପ୍ରଥମେ କଳାହାଣ୍ଡି ଜିଲା କେସିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ତେବେ ପୋଲିସ ଥାନାଧିକାରୀ ଅଭିଯୋଗ ପତ୍ର ନ ରଖି ମମିତାଙ୍କ ପରିବାର ଲୋକଙ୍କୁ ଫେରାଇ ଦେଇଥିଲେ। ଏହାପରେ ପରିବାର ଲୋକେ ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ମହାଲିଙ୍ଗସ୍ଥିତ ଘରୋଇ ସ୍କୁଲ ପରିଚାଳନା କମିଟି ସଭାପତି ଗୋବିନ୍ଦ ସାହୁଙ୍କୁ ଉଠାଇ ଆଣିଥିଲା। ଅକ୍ଟୋବର ୮ ତାରିଖରେ ମମିତା ମେହେରଙ୍କୁ ଗୋବିନ୍ଦ ନିଜ କାରରେ ଚାନ୍ଦୋତରା ଛକରୁ ଅପହରଣ କରିନେଇ ତଣ୍ଟିଚିପି ହତ୍ୟା କରିବା ଏବଂ ମହାଲିଙ୍ଗସ୍ଥିତ ନିର୍ମାଣାଧୀନ ଷ୍ଟାଡିୟମରେ ଗାତ ଖୋଳି ପୋତି ଦେଇଥିବା ଜଣାପଡିଥିଲା। ଅଭିଯୁକ୍ତ ଗୋବିନ୍ଦଙ୍କୁ ଟିଟିଲାଗଡ଼ ପୋଲିସ ବାରାକ୍‌ରେ ଅଟକ ରଖିଥିବାବେଳେ ସେ ସେଠାରୁ ଫେରାର ହୋଇଯାଇଥିଲେ। ପରେ ୧୯ ତାରିଖରେ ପୋଲିସ ଗୋବିନ୍ଦଙ୍କୁ ଗିରଫ କରିଥିଲେ। ହତ୍ୟାକାଣ୍ଡରେ ଗୋବିନ୍ଦଙ୍କ ସହଯୋଗୀ ରାଧେଶ୍ୟାମଙ୍କୁ ମଧ୍ୟ ପୋଲିସ ଗିରଫ କରିଥିଲା।

ଭାରତୀୟ ଖାଦ୍ୟ ନିଗମ | FOOD CORPORATION OF INDIA
Azadi Ka Amrit Mahotsav
୧୬-୨୦, ବାରାଖମ୍ବା ଲେନ୍, ନୂଆଦିଲ୍ଲୀ - ୧୧୦୦୦୧

**ନିଯୁକ୍ତି ବିଜ୍ଞପ୍ତି**

ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ), ରାଷ୍ଟ୍ରର ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରୁଥିବା ଅନ୍ୟତମ ସର୍ବବୃହତ୍ ସର୍ବସାଧାରଣ କ୍ଷେତ୍ରୀୟ ଉଦ୍ୟୋଗ, ସାରା ଦେଶରେ ବ୍ୟାପ୍ତ ଏହାର ଡିପୋ ଓ କାର୍ଯ୍ୟାଳୟଗୁଡ଼ିକରେ **ମ୍ୟାନେଜମେଣ୍ଟ ଟ୍ରେନି/ମ୍ୟାନେଜର**ଙ୍କ କ୍ଷେତ୍ର-ୱାରି ନିଯୁକ୍ତି ପାଇଁ ନିର୍ଦ୍ଧାରିତ ଯୋଗ୍ୟତା, ବୟସ, ଅଭିଜ୍ଞତା ଆଦି ମାନଦଣ୍ଡ ପୂରଣ କରୁଥିବା ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ କେବଳ **ଅନ୍‌ଲାଇନ୍ ଦରଖାସ୍ତ** ଆହ୍ୱାନ କରୁଛି।

୧. ପ୍ରାର୍ଥୀମାନେ ଏଫ୍‌ସିଆଇ ୱେବ୍‌ସାଇଟ୍ **https://fci.gov.in** ମାଧ୍ୟମରେ ଅନ୍‌ଲାଇନ୍‌ରେ ଏଫ୍‌ସିଆଇ ୱେବ୍‌ସାଇଟ୍‌ର ମୁଖ୍ୟ ପୃଷ୍ଠାର ''ଚଳିତ ନିଯୁକ୍ତି'' ଶୀର୍ଷକ ଅଧୀନରେ ଆବେଦନ କରିପାରନ୍ତି।
୨. ଯୋଗ୍ୟତା ମାନଦଣ୍ଡ, ସଂରକ୍ଷଣ, ବୟସ ଇତ୍ୟାଦି ସମ୍ବନ୍ଧୀୟ ବିବରଣୀ ପାଇଁ ପ୍ରାର୍ଥୀମାନେ ଦୟାକରି 'ଏମ୍ପ୍ଲୟମେଣ୍ଟ ନ୍ୟୁଜ୍/ରୋଜଗାର ସମାଚାର'ରେ ତା୦୩।୦୯।୨୦୨୨ରିଖରେ ପ୍ରକାଶିତ ହେବାକୁ ଯାଉଥିବା ସବିଶେଷ ବିଜ୍ଞାପନ ଅଥବା ଏଫ୍‌ସିଆଇ ୱେବ୍‌ସାଇଟ୍ **https://fci.gov.in** ଦେଖିପାରନ୍ତି।
୩. ଅନ୍‌ଲାଇନ୍ ଆବେଦନ ଫର୍ମ ଦାଖଲ **ତା୨୭।୦୮।୨୦୨୨ରିଖ, ୧୦.୦୦ ଘଣ୍ଟିକାରୁ** ଆରମ୍ଭ ହେବ। ଅନ୍‌ଲାଇନ୍ ଆବେଦନର ଶେଷ ତାରିଖ ହେଉଛି **ତା୨୬।୦୯।୨୦୨୨ରିଖ, ୧୬.୦୦ ଘଣ୍ଟିକା।**

ରାଷ୍ଟ୍ରର ଖାଦ୍ୟ ସୁରକ୍ଷାର ପ୍ରହରୀ

# ୪ ସାଙ୍ଗଙ୍କଠାରୁ ମିଳିବ ତଥ୍ୟ

**ସଫ୍ଟୱେର ଇଞ୍ଜିନିୟର ଶ୍ୱେତା ଆତ୍ମହତ୍ୟା ଘଟଣା**

- **ଡିସିପିଙ୍କୁ ଭେଟି ନ୍ୟାୟ ଦାବି କଲେ ପରିବାର**

**ଭୁବନେଶ୍ୱର,(ବ୍ୟୁରୋ)୨୫।୮**

ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀବିହାରସ୍ଥିତ ଇନ୍‌ଫୋସିଟି ଗ୍ରୀନ୍ ଆପାର୍ଟମେଣ୍ଟରେ ରହୁଥିବା ସଫ୍ଟୱେର ଇଞ୍ଜିନିୟର ଶ୍ୱେତା ଉତ୍କଳ କୁମାରୀ(୨୬)ଙ୍କ ଆତ୍ମହତ୍ୟା ଘଟଣାକୁ ୮ ଦିନ ବିତିଛି। ହେଲେ ପୋଲିସ କିଛି ଠୋସ୍ ପ୍ରମାଣ ନ ପାଇବାରୁ କାର୍ଯ୍ୟାନୁଷ୍ଠାନ ମଧ୍ୟ ନେଇପାରୁନାହିଁ। ଏପରି ସ୍ଥିତିରେ ଶ୍ୱେତାଙ୍କ ପରିବାର ଲୋକ ଗୁରୁବାର ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କୁ ଭେଟି ନ୍ୟାୟ ଦାବି କରିବା ସହ ତଦନ୍ତରେ ସହାୟକ ହେବା ପାଇଁ କିଛି ବଳିଷ୍ଠ ତଥ୍ୟ ମଧ୍ୟ ଦେଇଛନ୍ତି। ଶ୍ୱେତାଙ୍କ ବାପା ସୁଶାନ୍ତ ଦାଶ, ଭାଇ ପାଟ୍ରିଅଟ୍ ସେର୍ ଏବଂ ମା' ମଧ୍ୟାହ୍ନରେ ଡିସିପି ଅଫିସ ଯାଇଥିଲେ। ସେଠାରେ ସେମାନେ ଶ୍ୱେତାଙ୍କ ୪ଘନିଷ୍ଠ ସାଙ୍ଗଙ୍କ ପରିଚୟ, ଫୋନ ନମ୍ବର ଏବଂ ସେମାନଙ୍କ ଠିକଣା ଦେଇଛନ୍ତି। ଉପରୋକ୍ତ ସାଙ୍ଗଙ୍କୁ ପଚରାଉଚରା କଲାପରେ ଶ୍ୱେତାଙ୍କୁ ସୌମ୍ୟଜିତ୍ ବ୍ଲାକମେଲ କରୁଥିବା ସମ୍ପର୍କରେ କିଛି ପ୍ରମାଣ ମିଳିବ ବୋଲି ସେମାନେ କହିଛନ୍ତି। ଏଥିସହ ଶ୍ୱେତାଙ୍କ ଲାପଟପ୍ ଓ ମୋବାଇଲରେ ଥିବା ତଥ୍ୟକୁ ଆଧାର କରି ତଦନ୍ତ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ତେବେ ଏନେଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିସିପି ପ୍ରତିଶ୍ରୁତି ଦେଇଥିବା ଶ୍ୱେତାଙ୍କ ଭାଇ ପାଟ୍ରିଅଟ୍ ସେର୍ ଦାଶ କହିଛନ୍ତି।


ଶ୍ୱେତା ଓ ସୌମ୍ୟଜିତ୍

### ଏମ୍‌ବିଏ କଲାପରେ ଅଣଦେଖା କରିଥିଲେ: ଶ୍ୱେତାଙ୍କ ସାଙ୍ଗ

ଘଟଣାକୁ ନେଇ ଶ୍ୱେତାଙ୍କ ବନ୍ଧୁ ପ୍ରୀତିଶ ନାୟକ ଗଣମାଧ୍ୟମକୁ କହିଛନ୍ତି, ଗତ ୬ ମାସ ତଳେ ଉଭୟଙ୍କ ସମ୍ପର୍କରେ କିଛି ତିକ୍ତତା ରହୁଥିଲା। ଏନେଇ ଶ୍ୱେତା ତାଙ୍କ ମା'ବାପାଙ୍କୁ ମଧ୍ୟ ଜଣାଇଥିଲେ। ଏହାପରେ ଶ୍ୱେତାଙ୍କ ପିରବାର ଲୋକ ସମ୍ବଲପୁରସ୍ଥିତ ସୌମ୍ୟଜିତ୍‌ଙ୍କ ଘରକୁ ଯାଇ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିଥିଲେ। କିଛି ସମସ୍ୟାର ମଧ୍ୟ ସମାଧାନ ହୋଇଯାଇଥିଲା। ହେଲେ ଅଗଷ୍ଟ ପ୍ରଥମ ସପ୍ତାହରେ ଶ୍ୱେତାଙ୍କ ସହ ଶେଷକଥା ହେବା ବେଳେ ସେ ବିବାହକୁ ନେଇ ଚିନ୍ତାରେ ଥିବା ଜଣାପଡ଼ିଥିଲା। ବିବାହ ସର୍ତ୍ତରେ ସୌମ୍ୟଜିତଙ୍କ ସହ ଶ୍ୱେତା ପ୍ରେମ ସମ୍ପର୍କ ରଖିଥିଲେ। ହେଲେ ସୌମ୍ୟଜିତ୍ ଏମ୍‌ବିଏ ପଢ଼ିବାକୁ ଏକ୍ସଆଇଏମ୍‌ବି ଗଲାପରେ ଶ୍ୱେତାଙ୍କୁ ଅଣଦେଖା କରିବା ଆରମ୍ଭ କରିଥିଲେ ବୋଲି ସେ କହିଛନ୍ତି।

### ହାତ ଲେଖା ଡାଏରୀରେ ପ୍ରେମ ବଞ୍ଚାଇବାର ଲେଖା

ଶ୍ୱେତା ମୃତ୍ୟୁ ଘଟଣାକୁ ନେଇ ଚର୍ଚ୍ଚା ଲାଗି ରହିଥିବାବେଳେ ତାଙ୍କ ଡାଏରୀରେ ଇଂଲିଶରେ ଲେଖାଥିବା ଏକ ପୃଷ୍ଠା ଏବେ ଭାଇରାଲ ହେବାରେ ଲାଗିଛି। ସେଥିରେ ଲେଖାଯାଇଛି, ସେ ମୋତେ ତାଙ୍କ ପତ୍ନୀ ଭାବେ ଗ୍ରହଣ କରୁଛନ୍ତି। ସେ ନମ୍ରଭାବ ପ୍ରଦର୍ଶନ କରିବା ସହ ମୋତେ ଏବଂ ମୋ ବାପା, ମା'ଙ୍କୁ ସମ୍ମାନ ଜଣାଉଛନ୍ତି। ହେ ପ୍ରଭୁ ଆମ ସମ୍ପର୍କ ଯେଭଳି ଆହୁରି ପ୍ରେମମୟ ହୋଇଉଠିବ ଏବଂ ମଜଭୁତ ହେବ, ସେଥିପାଇଁ ସବୁବେଳେ ଆଶୀର୍ବାଦ କରୁଥାନ୍ତୁ। ଦିନକୁ ଦିନ ସୌମ୍ୟଜିତ ମହାପାତ୍ର ମତେ ଅଧିକ ଭଲ ପାଉଛନ୍ତି ଏବଂ ଆମ ସମ୍ପର୍କର ବନ୍ଧନ ଆହୁରି ଦୃଢ଼ ହେବାକୁ ଯାଉଛି। ହେ ପ୍ରଭୁ ଆମର ପ୍ରତ୍ୟେକଟି ସମସ୍ୟାର ସମାଧାନ ଦିଗରେ ସହାୟ ହୁଅନ୍ତୁ।"ସୌମ୍ୟଜିତ୍ ଲଭ୍ସ ଶ୍ୱେତା" ତେବେ ଏହି ଲେଖା କେବେର ଜଣାପଡ଼ି ନ ଥିବା ବେଳେ ଶ୍ୱେତା କିନ୍ତୁ ସୌମ୍ୟଜିତଙ୍କୁ ସତ ପ୍ରେମ କରୁଥିଲେ ଏବଂ ତାଙ୍କ ପ୍ରେମ ସମ୍ପର୍କକୁ ବଞ୍ଚାଇ ରଖିବାକୁ ଚାହୁଁଥିଲେ ବୋଲି ଏଥିରୁ ଜଣାପଡୁଛି।

### ଭାଇରାଲ ହେଉଛି ଶ୍ୱେତା ପଠାଇଥିବା ହ୍ୱାଟ୍ସଆପ୍ ମେସେଜ୍

ମୃତ୍ୟୁ ପୂର୍ବରୁ ସୌମ୍ୟଜିତଙ୍କ ମା'ଙ୍କୁ ଶ୍ୱେତା ହ୍ୱାଟ୍ସଆପ୍‌ରେ ପଠାଇଥିବା ମେସେଜ୍‌ର ଏକ ସ୍କ୍ରିନ୍‌ଶଟ୍ ମଧ୍ୟ ଭାଇରାଲ ହେଉଛି। ସୌମ୍ୟଜିତ ତାଙ୍କୁ ପ୍ରେମ ବିଚ୍ଛେଦ କରିଥିବାରୁ ତାଙ୍କ ପାଇଁ ଖର୍ଚ୍ଚ କରିଥିବା ଟଙ୍କା ଫେରାଇବାକୁ ମା' ଙ୍କୁ ଶ୍ୱେତା କହୁଛନ୍ତି। ଏଥିସହ କିଛି ଫଟୋ ଭାଇରାଲ କରିଦେବାର ସୌମ୍ୟଜିତ କାହିଁକି ଧମକ ଦେଉଛି ବୋଲି ଶ୍ୱେତା ପ୍ରଶ୍ନ କରିଛନ୍ତି।

### ୨ ଦିନ ହେଲା ସୌମ୍ୟଜିତ୍‌ଙ୍କ ଘରେ ତାଲା

ଶ୍ୱେତାଙ୍କ ଆତ୍ମହତ୍ୟା ପାଇଁ ସୌମ୍ୟଜିତ୍‌ଙ୍କୁ ଦାୟୀ କରାଯାଉଥିବାବେଳେ ତାଙ୍କର କିନ୍ତୁ ଦେଖା ମିଳୁନାହିଁ। ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଅନ୍ତର୍ଗତ ବଂଶୀଧରନଗରସ୍ଥିତ ଘରୁ ସୌମ୍ୟଜିତ୍ ସୋମବାର ରାତି ପ୍ରାୟ ୧୦ଟା୦୬ରେ ଏକ ବାଇକରେ ଜଣେ ଯୁବକଙ୍କ ସହ କେଉଁଆଡ଼େ ଚାଲିଯାଇଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଥିଲା। ତେବେ ଗତ ୨ଦିନ ହେଲା ଉକ୍ତ ଘର ତାଲା ପଡ଼ିଛି। ତେଣୁ ପୂରା ପରିବାର କେଉଁ ଆଡ଼େ ଚାଲିଯାଇଥିବା ସନ୍ଦେହ କରାଯାଉଛି।

### ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କଲେ ସୌମ୍ୟ

କଟକ ଅଫିସ,୨୫।୮: ସଫ୍ଟୱେର ଇଞ୍ଜିନିୟର ଶ୍ୱେତା ଉତ୍କଳ କୁମାରୀଙ୍କ ଆତ୍ମହତ୍ୟା ମାମଲାରେ ଗିରଫଦାରିରୁ ବର୍ତ୍ତିବା ପାଇଁ ତାଙ୍କର ବୟଫ୍ରେଣ୍ଡ ଇଞ୍ଜିନିୟର ସୌମ୍ୟଜିତ ମହାପାତ୍ର ଗୁରୁବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ଆଗୁଆ ଜାମିନ ପାଇବା ଲାଗି ହାଇକୋର୍ଟରେ ଆବେଦନ କରିଛନ୍ତି। ସୂଚନାଯୋଗ୍ୟ, ଶ୍ୱେତାଙ୍କ ମୃତ୍ୟୁକୁ ନେଇ ତାଙ୍କ ପରିବାର ପକ୍ଷରୁ ସୌମ୍ୟଜିତଙ୍କ ବିରୋଧରେ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଥାନାରେ ଦାଏର ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ ହୋଇଛି। ଏଣୁ ସୌମ୍ୟଜିତ୍ ଆଗୁଆ ଜାମିନ ପାଇଁ ଆବେଦନ କରିଥିବା ଜଣାପଡ଼ିଛି।

**ODISHA JOINT ENTRANCE EXAMINATION - 2022 (OJEE - 2022)**

**PUBLIC NOTICE REGARDING WEB COUNSELLING FOR LE-TECH (DIPLOMA), LE-TECH (B.SC), LE-PHARM AND INTEGRATED MBA PROGRAMMES**

**No: OJEE / 382** **Date: 25.08.2022**

**No.h-06:**OJEE Web-based Counselling process for **LE - Tech (Diploma), LE - Tech (B.Sc), LE - Pharm and Integrated MBA Programmes** is going to start from **26th August, 2022.**

The process of **Registration and Choice Filling will continue up to 10.09.2022.**

Detailed schedule will be notified later on.

The candidates are advised to visit OJEE websites (www.ojee.nic.in / www.odishajee.com) and carefully go through the **"Counselling Brochure" and "Step-by-Step Procedure".**

**Notice of web-based counselling for other courses will be published in due course.**

OIPR-14020/11/0013/2223 Sd./-Chairman, OJEE, Odisha



## ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଅବଧି ବଢ଼ିଲା

ଭୁବନେଶ୍ୱର,୨୫।୮(ବ୍ୟୁରୋ)-୨୦୧୯ ଏପ୍ରିଲ ପହିଲା ପୂର୍ବରୁ ପଞ୍ଜୀକୃତ ହୋଇଥିବା ଯେଉଁ ପୁରୁଣା ଗାଡ଼ିଗୁଡ଼ିକର ଶେଷ ନମ୍ବର ୧ ଓ ୨ ରହିଛି ସେହି ଯାନଗୁଡିକରେ ହାଇସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ(ଏଚ୍ଏସ୍ଆର୍ପି) ଲଗାଇବା ପାଇଁ ଶେଷ ସମୟ ଅଗଷ୍ଟ ୩୧ ଧାର୍ଯ୍ୟ କରାଯାଇଥିଲା। ରାଜ୍ୟରେ ଦେଖାଦେଇଥିବା ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ଅବଧିକୁ ସେପ୍ଟେମ୍ବର ୩୦ ଯାଏ ବୃଦ୍ଧି କରାଯାଇଛି। ଏ ନେଇ ଗୁରୁବାର ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍ଟିଏ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।



**ସଂକ୍ଷେପରେ**

## ସୁଶୀଲ ପୋପଲି ନୂଆ ପିସିସିଏଫ୍

ଭୁବନେଶ୍ୱର,୨୫।୮(ବ୍ୟୁରୋ): ରାଜ୍ୟ ସରକାର ୧୯୮୭ ବ୍ୟାଚ୍ ଆଇଏଫ୍ଏସ୍ ଅଫିସର ସୁଶୀଲ କୁମାର ପୋପଲିଙ୍କୁ ପ୍ରଧାନ ମୁଖ୍ୟ ବନ୍ୟ ସଂରକ୍ଷକ(ପିସିସିଏଫ୍)(ବନ୍ୟଜନ୍ତୁ) ଏବଂ ସିଡବ୍ଲ୍ୟୁଏଲ୍ଡବ୍ଲ୍ୟୁ ଭାବେ ନିଯୁକ୍ତି ଦେଇଛନ୍ତି। ଏ ନେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସେ ଆସନ୍ତା ସେପ୍ଟେମ୍ବର ପହିଲାରୁ ଦାୟିତ୍ୱ ଗ୍ରହଣ



ସୁଶୀଲ କୁମାର ପୋପଲି

କରିବେ। ପୋପଲି ଏବେ ପିସିସିଏଫ୍ (କେନ୍ଦୁପତ୍ର) ଦାୟିତ୍ୱରେ ଅଛନ୍ତି। ପିସିସିଏଫ୍(ବନ୍ୟଜନ୍ତୁ) ଥିବା ୧୯୮୮ ବ୍ୟାଚ୍ ଆଇଏଫ୍ଏସ୍ ଅଫିସର ଶଶୀ ପଲ୍ ଅଗଷ୍ଟ ୩୧ ତାରିଖରେ ଚାକିରିରୁ ଅବସର ନେବେ। ପୋପଲି ପିସିସିଏଫ୍(ବନ୍ୟଜନ୍ତୁ) ଦାୟିତ୍ୱ ତୁଲାଇବେ। ସେହିପରି ଆଞ୍ଚଳିକ ଉଦ୍ଭିଦ ଗବେଷଣା କେନ୍ଦ୍ର (ଆର୍ପିଆର୍ସି) ମୁଖ୍ୟ କାର୍ଯ୍ୟନିର୍ବାହୀ ୧୯୮୮ ବ୍ୟାଚ୍ ଆଇଏଫ୍ଏସ୍ ଅଫିସର ପୁଷ୍ପା ଝୁଲେ ମେକ୍ରୋଙ୍କୁ ପିସିସିଏଫ୍ (କେନ୍ଦୁପତ୍ର) ଭାବେ ବଦଳି କରାଯାଇଛି। ଏଥିସହିତ ସେ ଆର୍ପିଆର୍ସି ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ।



ଛେଳି ମୁଣ୍ଡ ଉପରେ ଜାତୀୟ ପତାକା ଢାଙ୍କିବା ପ୍ରତିବାଦରେ ଝାରସୁଗୁଡ଼ା ଜିଲା ବନ୍ଧବାହାଲ ଶିଳ୍ପାଞ୍ଚଳର ସ୍ୱାଧୀନ କମ୍ପ୍ଲେକ୍ସ ଛକରେ ଗୁରୁବାର ଟାୟାର ଜାଳି ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ ।

## ଛାତ୍ରଙ୍କୁ ମାଡ଼ ଘଟଣାରେ ଅଧକ୍ଷ ନିଲମ୍ବିତ

ହାଟଡିହୀ,୨୫।୮(ଡି.ଏନ.ଏ.)

ପ୍ରଶ୍ନର ଉତ୍ତର ନ ଦେବାରୁ ଜଣେ ଛାତ୍ରଙ୍କୁ ମାଡ଼ ମାରିବା ଘଟଣାରେ କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୁନ୍ଦରାପାଳ ସ୍ଥିତ ଆଦର୍ଶ ବିଦ୍ୟାଳୟର ଅଧକ୍ଷ ନିତ୍ୟାନନ୍ଦ ବାରିକ ନିଲମ୍ବିତ ହୋଇଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ପକ୍ଷରୁ ଚିଠି (ନଂ.୫୦୯୭/୨୫।୮।୨୦୨୨)ରେ ନିଲମ୍ବନ ନିର୍ଦ୍ଦେଶ ଜାରି କରାଯାଇଛି। ଏଥିସହ ଅଧକ୍ଷ ବାରିକଙ୍କୁ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗଦେବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ଜଣେ ଷଷ୍ଠ ଶ୍ରେଣୀ ଛାତ୍ର ପ୍ରଶ୍ନର ଉତ୍ତର ଦେଇ ନ ପାରିବାରୁ ଅଧକ୍ଷ ବାରିକ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ହେବା ପରେ ଆନନ୍ଦପୁର ଉପଜିଲାପାଳ ଅନିଲ କୁମାର ସେଠି ଏବଂ ହାଟଡିହୀ ବିଡିଓ ଉକ୍ତ ବିଦ୍ୟାଳୟକୁ ଯାଇ ତଦନ୍ତ କରିଥିଲେ। ଏ ସମ୍ପର୍କରେ ଅଧକ୍ଷ ବାରିକ କହିଛନ୍ତି, ନିଲମ୍ବନ ଚିଠି ପାଇଥିବା ବେଳେ ତାଙ୍କ ବିରୋଧରେ ଏହା ଏକ ଚକ୍ରାନ୍ତ। ଏଥିସହ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଜଣେ ନେତା ତାଙ୍କୁ ଅର୍ଥ ମାଗିଥିଲେ। ସେ ନ ଦେବାରୁ ନେତା ଜଣଙ୍କ ଏପରି ମିଥ୍ୟା ଘଟଣାରେ ତାଙ୍କୁ ଫସାଇଛନ୍ତି।

# ଝୁଲନ୍ତା ବିଦ୍ୟୁତ୍ ତାର ନେଲା ୨ ହାତୀ ଜୀବନ

## ଖାଦ୍ୟ ଅନ୍ୱେଷଣରେ ଆସିଥିଲେ

କେନ୍ଦୁଝର, ୨୫।୮(ସ୍ୱ.ପ୍ର./ଡି.ଏନ.ଏ.

ରାଜ୍ୟରେ ଐତିହ୍ୟ ପ୍ରାଣୀ ହାତୀଙ୍କ ଅସ୍ତିତ୍ୱ ସଙ୍କଟରେ ପଡ଼ିଛି। ଗଜରାଜଙ୍କ ସୁରକ୍ଷା ଲାଗି ଏକାଧିକ ପାଇଲଟ୍ ପ୍ରକଳ୍ପ ହାତକୁ ନିଆଯାଇଥିବାବେଳେ ଯାବତୀୟ ବ୍ୟବସ୍ଥା ଫେଲ୍ ମାରୁଛି। ବିଭାଗ ମଧ୍ୟରେ ସମନ୍ୱୟ ଅଭାବ, ହାତୀପ୍ରବଣ ଅଞ୍ଚଳରେ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ହସ୍ତୀ ଭଳି ବିଶାଳକାୟ ପ୍ରାଣୀଙ୍କ ଜୀବନ ଅକାଳରେ ଚାଲିଯାଉଛି। ଏକ ଅଭାବନୀୟ ଘଟଣାକ୍ରମେ କେନ୍ଦୁଝର ଜିଲାରେ ମୁକୁଳା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୨ ମାଈ ହାତୀଙ୍କ ମୃତ୍ୟୁ ଘଟିଛି। ସଦର ରେଞ୍ଜ ସିଦ୍ଧମଠ ବିଟ୍ ଅନ୍ତର୍ଗତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପରିସରରେ ଗୁରୁବାର ସକାଳେ ଘଟିଥିବା ଏହି ଦୁଃଖଦ ଘଟଣା ପ୍ରାଣୀପ୍ରେମୀଙ୍କୁ ବ୍ୟଥିତ କରିଛି।

ସ୍ଥାନୀୟ ଅଞ୍ଚଳବାସୀଙ୍କ କହିବା କଥା, କିଛିଦିନ ହେଲା ଜୁଡ଼ିଆ ଜଙ୍ଗଲରେ ୨ ଦନ୍ତା, ୫ ମାଈ ହାତୀ ଓ ୨ ଛୁଆ ଡେରା ପକାଇଥିଲେ। ଗୁରୁବାର ଭୋର୍ ସମୟରେ ଉକ୍ତ ହାତୀପଲ ଓୟୁଏଟି ପରିସରରେ ପଶିଥିଲେ। ପରିତ୍ୟକ୍ତ ଷ୍ଟାଫ୍ କ୍ୱାର୍ଟର୍ସ ନିକଟ ମାଳିଗାଁକୁ ସଂଯୋଗ କରୁଥିବା ପାଦଚଲା ରାସ୍ତାରେ ଥିବା ଲୋ-ଟ୍ରାନ୍ସମିଶନ (ଏଲଟି) ଲାଇନ୍ ତାରରେ ଲଟା ମାଳିଥିବାବେଳେ ହାତୀପଲ ଏହାକୁ ଶୁଣ୍ଢରେ ଟାଣିଦେଇଥିଲେ। ତେବେ ମୁକୁଳା ବିଦ୍ୟୁତ୍ ତାରରେ ଶୁଣ୍ଢ ଛନ୍ଦି ହୋଇଯିବାରୁ ଘଟଣାସ୍ଥଳରେ ୨ ମାଈ ହାତୀଙ୍କ ମୃତ୍ୟୁ ଘଟିଥିଲା। ୨ ଦନ୍ତା ସମେତ ଅନ୍ୟ ୭ ହାତୀ ବର୍ତ୍ତିଯାଇଛନ୍ତି। ସେମାନେ ସାନଘାଗରା ଡିପିଏଫ୍ ଜଙ୍ଗଲକୁ ପଳାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଧାରାବାହିକ ଭାବେ ହେଉଥିବା ହାତୀ ମୃତ୍ୟୁକୁ ନେଇ ଜାତୀୟସ୍ତରରେ ଦୁର୍ନାମ ମୁଣ୍ଡାଇଛି ଓଡ଼ିଶା। ସଂରକ୍ଷିତ ଜଙ୍ଗଲରେ ଶିକାରୀ ଏବଂ ଜଙ୍ଗଲ ତଳି ଅଞ୍ଚଳରେ ମୁକୁଳା ବିଦ୍ୟୁତ୍ ତାର ଏହି ବିଶାଳକାୟ ସ୍ତନ୍ୟପାୟୀ ପ୍ରାଣୀଙ୍କ ଜୀବନକୁ ବିପଦରେ ପକାଇଛି। ହାତୀବହୁଳ ଅଞ୍ଚଳରେ ବିଦ୍ୟୁତ୍ ତାରକୁ କେବୁଲ୍ କରିବା ଦିଗରେ ପଦକ୍ଷେପ ନେବାକୁ ଗୁରୁତ୍ୱ ଦିଆଯାଉଥିବାବେଳେ ତାହା ହେଉନାହିଁ। ମାଳିଗାଁ ଅଞ୍ଚଳ ଦେଇ ଟଣାଯାଇଥିବା ୧୧ କେଭି କ୍ଷମତା ବିଶିଷ୍ଟ ବିଦ୍ୟୁତ୍ ତାର କେବୁଲ ହୋଇଛି। ତେବେ ମାଳିଗାଁ ଯାଇଥିବା ୫୫ ମିଟର ଏଲ୍ଟି ଲାଇନ ମୁକୁଳା ବିଦ୍ୟୁତ୍ ତାର ପାଇଁ ଏଭଳି ଅଘଟଣ ଘଟିଥିବା ରେଞ୍ଜ୍ ଅଧିକାରୀ ବିଜୟ କୁମାର ମହାନ୍ତ କହିଛନ୍ତି। ଏଲ୍ଟି ଲାଇନ ଉଚ୍ଚତା କମ୍ ଥିବା ବେଳେ ଡାଳପତ୍ର ମଧ୍ୟରେ ବିଦ୍ୟୁତ୍ ତାର ଲୁଚି ଯାଇଛି। ଏହାକୁ ସଫେଇ କରିବା ଦିଗରେ ବିଦ୍ୟୁତ୍ ବିଭାଗ କିମ୍ବା ବନ ବିଭାଗ ପଦକ୍ଷେପ ନେଉନାହିଁ। ତେଣୁ ଆଗକୁ ଏଭଳି ଅଘଟଣ ଘଟିବା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରୁନାହିଁ ବୋଲି ବନ୍ୟପ୍ରାଣୀ ପ୍ରେମୀମାନେ କହିଛନ୍ତି। ଅନ୍ୟପଟେ ବିଦ୍ୟୁତ୍ ଆଘାତରେ ୨ ହାତୀଙ୍କ ମୃତ୍ୟୁ ଘଟିଥିବା ଡିଏଫ୍ଓ ଧନରାଜ ଏଚ.ଡି. ସ୍ପଷ୍ଟ କରିଛନ୍ତି।

### ମୃତ ହାତୀ ମଧ୍ୟରୁ ଗୋଟିଏ ଗର୍ଭବତୀ

ମୃତ ଦୁଇ ହାତୀଙ୍କ ଆନୁମାନିକ ବୟସ ୨୫ରୁ ୩୦ ବର୍ଷ ମଧ୍ୟରେ ହେବ। ତନ୍ମଧ୍ୟରୁ ଗୋଟିଏ ହାତୀ କିଛି ମାସ ତଳେ ଏକ ଶାବକ ଜନ୍ମ ଦେଇଥିଲା। ଅନ୍ୟ ଏକ ହାତୀ ଗର୍ଭବତୀ ଥିବା ବ୍ୟବଚ୍ଛେଦ ସମୟରେ ଜଣାପଡ଼ିଛି। ଡବ୍ଲ୍ୟୁଟିଆଇ କେନ୍ଦୁଝର ମୋବାଇଲ ଭିଏସ୍ ଡା. ବ୍ରଜରାଜ ସିଂ ଯାଦବ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଳୟ ଉପନିର୍ଦ୍ଦେଶକ ଡା. କୈଳାସ ଚନ୍ଦ୍ର ମଲ୍ଲିକ, ବାଂଶପାଳ ବ୍ଲକ ଭେଟେରିନାରି ଅଫିସର ଆଶିଷ କୁମାର ଦାସ ବ୍ୟବଚ୍ଛେଦ କରିବା ପରେ ହାତୀ ମୃତଦେହ ପୋତି ଦିଆଯାଇଛି।

### କେନ୍ଦୁଝର ଡିଭିଜନ ହାତୀଙ୍କ କବରସ୍ଥଳ

ବିଭିନ୍ନ କାରଣରୁ କେନ୍ଦୁଝର ଡିଭିଜନରେ ଗତ ୩ ବର୍ଷ ମଧ୍ୟରେ ୨୦ ହାତୀଙ୍କ ମୃତ୍ୟୁ ଘଟିଲାଣି। ଗତ ୨ ବର୍ଷ ମଧ୍ୟରେ କେବଳ ବିଦ୍ୟୁତ୍ ଆଘାତରେ ୪ ହାତୀଙ୍କ ଜୀବନ ଯାଇଛି। ଖଣି ପ୍ରଭାବିତ କେନ୍ଦୁଝର ଏବେ ହାତୀଙ୍କ କବରସ୍ଥଳ ପାଲଟିଥିବା ବନ୍ୟପ୍ରାଣୀ ବିଶେଷଜ୍ଞ କହିଛନ୍ତି। ପରିବେଶବିତ୍ ଡ. ବିଦ୍ୟାଧର ବେହେରା କହିଛନ୍ତି, ଏହା ଅତ୍ୟନ୍ତ ଦୁଃଖଦ ଘଟଣା। କେନ୍ଦୁଝର ବନଖଣ୍ଡରେ ବାରମ୍ବାର ଏପରି ଘଟଣା ଘଟୁଛି। ଟ୍ରାକିଂ ଏବଂ ମନିଟରିଂ ଅଭାବରୁ ଅକାଳରେ ହାତୀଙ୍କ ଜୀବନ ଯାଉଛି। ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସେମାନେ ଦୋଷ କରି ସହଜରେ ଖସିଯାଉଛନ୍ତି। ଏଭଳି ଦାୟିତ୍ୱହୀନତା ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ। ରାଉରକେଲା ଆର୍ସିସିଏଫ୍ ଡ. ଅରୁଣ ମିଶ୍ର କହିଛନ୍ତି, ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜ୍ରେ ଯୁଦ୍ଧକାଳୀନ ଭିତ୍ତିରେ କମ ଉଚ୍ଚତାରେ ଥିବା ବିଦ୍ୟୁତ୍ ତାରକୁ ଅଧିକ ଉଚ୍ଚ କରିବା ଏବଂ କେବୁଲ ଟାଣିବା ପାଇଁ କୁହାଯାଇଛି। ଅନେକ ସ୍ଥାନରେ ଏହି କାମ ଶେଷ ହୋଇଛି। ଅବଶିଷ୍ଟ କାମ ମାସେ ମଧ୍ୟରେ ସାରିବାକୁ ଟାଟା ପାୱାରକୁ ନିର୍ଦ୍ଦେଶ ଦିଆଯାଇଛି।

# ଅଭିଯୁକ୍ତଙ୍କ ମାଂସଦୋକାନ ଭାଙ୍ଗିଲେ

ଝାରସୁଗୁଡ଼ା ଅଫିସ,୨୫।୮

ଝାରସୁଗୁଡ଼ା ଜିଲା ବନ୍ଧବାହାଲ ଶିଳ୍ପାଞ୍ଚଳର ମାଂସ ଦୋକାନୀ ମହମ୍ମଦ ସାହାଜାଦ ବୁଧବାର କଟା ଛେଳିମୁଣ୍ଡକୁ ଜାତୀୟ ପତାକାରେ ଢାଙ୍କି ଅସମ୍ମାନ କରିଥିଲେ। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ଗୁରୁବାର ବନ୍ଧବାହାଲ ବନ୍ଦ ଡାକରା ଦେଇଥିଲେ। ସକାଳୁ ଦୋକାନ ବଜାର ବନ୍ଦ ରହିଥିବାବେଳେ ଶତାଧିକ ଆନ୍ଦୋଳନକାରୀ ସ୍ଥାନୀୟ ସ୍ୱାଧୀନ କମ୍ପ୍ଲେକ୍ସ ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ଇବ୍ ଥର୍ମାଲ-ବେଲପାହାଡ଼, ବନ୍ଧବାହାଲ-ଦଳଗାଁ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲା। ହେଲେ ଉତ୍ତ୍ୟକ୍ତ ଲୋକେ ସରକାରୀ ଜମିରେ ନିର୍ମାଣ ହୋଇଥିବା ଅଭିଯୁକ୍ତଙ୍କ ମାଂସ ଦୋକାନ ଭାଙ୍ଗିବା ଆରମ୍ଭ କରିଦେଇଥିଲେ। ଏହାକୁ ପୋଲିସ ବିରୋଧ କରିଥିଲା। ଫଳରେ ପୋଲିସ୍ ଓ ଆନ୍ଦୋଳନକାରୀ ମୁହାଁମୁହିଁ ହୋଇଥିଲେ। ଏହାକୁ ନେଇ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇ ଉଠିଥିଲା। ସାମ୍ପ୍ରଦାୟିକ ସ୍ଥିତିକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ତରଫରୁ ମାଜିଷ୍ଟ୍ରେଟ୍ ଉପଜିଲାପାଳ ଦୟାମୟ ପାଢ଼ୀ, ଅତିରିକ୍ତ ଏସ୍ପି କେଶବ ଚନ୍ଦ୍ର ବେହେରା, ଡିଏସ୍ପି ବୈକୁଣ୍ଠ ବିହାରୀ ଶେଠ୍, ଲଖନପୁର ଥାନା ଆଇଆଇସି ଇଗ୍ନେଶ ବାର୍ଲା, ଓରିଏଣ୍ଟ ଥାନା ଆଇଆଇସି କଲ୍ୟାଣୀ ବେହେରା ଓ ବନ୍ଧବାହାଲ ଫାଣ୍ଡି ଅଧିକାରୀ ରବିଶଙ୍କର ଭଇଁସାଲଙ୍କ ସମେତ ୩ ପ୍ଲାଟୁନ୍ ସଶସ୍ତ୍ର ପୋଲିସ୍ ଫୋର୍ସ ମୁତୟନ ହୋଇ ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ। ଲଖନପୁର ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ସରକାରୀ ଜମି ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ଗତ ସପ୍ତାହରେ ନୋଟିସ୍ ଜାରି ହୋଇଛି। ଆସନ୍ତା ୨୦ ତାରିଖରେ ଉଚ୍ଛେଦ କରାଯିବ ବୋଲି ଉପଜିଲାପାଳ ପାଢ଼ୀ ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏଭଳି ପ୍ରତିଶ୍ରୁତି ପାଇବା ପରେ ଆନ୍ଦୋଳକାରୀ ରାସ୍ତାରୋକୋରୁ ହଟିଥିଲେ। ଏସ୍ପି ରାହୁଲ ଜୈନ ବନ୍ଧବାହାଲରେ ପହଞ୍ଚି ଘଟଣା ସମ୍ପର୍କରେ ପୋଲିସ୍ ଅଧିକାରୀଙ୍କ ସହିତ ଆଲୋଚନା କରି ଫେରିଛନ୍ତି। ପୋଲିସ ଗିରଫ ଅଭିଯୁକ୍ତ ସାହାଜାଦଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିଲା। ହେଲେ ଜାମିନ ନାମଞ୍ଜୁର ହେବାରୁ ମାଜିଷ୍ଟ୍ରେଟ୍ଙ୍କ ନିର୍ଦ୍ଦେଶରେ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ବନହରପାଲି ଥାନାରେ ଏକ ମାମଲା (ନଂ.୧୮୩/୨୨) ରୁଜୁ ହୋଇଛି।

### ଛେଳି ମୁଣ୍ଡରେ ଜାତୀୟ ପତାକା ପ୍ରସଙ୍ଗ

### ପୋଲିସର ଫ୍ଲାଗ୍ମାର୍ଚ୍ଚ

ଏସ୍ପି ରାହୁଲ ଜୈନଙ୍କ ନିର୍ଦ୍ଦେଶକ୍ରମେ ଡିଏସ୍ପି ବୈକୁଣ୍ଠ ବିହାରୀ ଶେଠ୍ଙ୍କ ନେତୃତ୍ୱରେ ପୋଲିସ୍ ତରଫରୁ ବନ୍ଧବାହାଲ ଶିଳ୍ପାଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଏଥିରେ ଡିଏସ୍ପି ବିବି ସେଠ୍, ବ୍ରଜରାଜନଗର ଏସ୍ଡିପିଓ ଗୁପ୍ତେଶ୍ୱର ଭୋଇ, ଲଖନପୁର ତହସିଲଦାର ବିଶ୍ୱକେଶନ ପାଣ୍ଡେ, ଲଖନପୁର ଥାନା ଆଇଆଇସି ଇଗ୍ନେଶ ବାର୍ଲା, ବନ୍ଧବାହାଲ ଫାଣ୍ଡି ଅଧିକାରୀ ରବିଶଙ୍କର ଭଇଁସାଲ, ସବ୍ଇନ୍ସପେକ୍ଟର ବିନିତା ଟପ୍ପୋଙ୍କ ସମେତ ୨ ପ୍ଲାଟୁନ୍ ସଶସ୍ତ୍ର ବାହିନୀ ସାମିଲ ଥିଲେ।

# ଜଏଣ୍ଟ ଟାସ୍କଫୋର୍ସ ଦ୍ୱାରା ତଦନ୍ତ ହେବ

କଟକ ଅଫିସ,୨୫।୮

### ହାଇକୋର୍ଟରେ ହାତୀ ମୃତ୍ୟୁ ମାମଲା

- ସତ୍ୟପାଠ ଦାଖଲ କଲେ ପୋଲିସ ଡିଜି
- ପୋଲିସ-ବନ ବିଭାଗ କରିବେ ମିଳିତ ତଦନ୍ତ

ରାଜ୍ୟରେ ହାତୀମୃତ୍ୟୁ ଘଟଣା ରୋକିବା ନିମନ୍ତେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ ପୋଲିସ ଓ ବନ ବିଭାଗର ଏକ ମିଳିତ ଟାସ୍କଫୋର୍ସ ବା ଜଏଣ୍ଟ ଟାସ୍କଫୋର୍ସ ଗଠନ କରାଯିବ। ଏସମ୍ପର୍କରେ ପୋଲିସ ଡିଜି ଗୁରୁବାର ସତ୍ୟପାଠ ମାଧ୍ୟମରେ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ତେବେ ଗୁରୁବାର ଭୋର ସମୟରେ କେନ୍ଦୁଝର ସିଦ୍ଧମଠ ରେଞ୍ଜ ଜୁଡ଼ିଆଘାଟି ନିକଟସ୍ଥ ଓୟୁଏଟି କ୍ୟାମ୍ପସରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିବା ୨ଟି ହାତୀ ସମ୍ପର୍କିତ ତଥ୍ୟ ସତ୍ୟପାଠ ମାଧ୍ୟମରେ ଅଦାଲତଙ୍କୁ ଅବଗତ କରାଇବା ପାଇଁ ଆଡ୍ଭୋକେଟ୍ ଜେନେରାଲଙ୍କୁ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୧୭କୁ ସ୍ଥିର ହୋଇଛି।

ପ୍ରକାଶ ଯେ, ରାଜ୍ୟରେ ହାତୀ ମୃତ୍ୟୁ ଘଟଣା ସମ୍ପର୍କରେ ଗୀତା ରାଉତଙ୍କ ପକ୍ଷରୁ ଦାଏର ଜନସ୍ୱାର୍ଥ ମାମଲାର ବିଚାର ପରିପ୍ରେକ୍ଷୀରେ ଗତ ୬ ତାରିଖରେ ମୁଖ୍ୟ ବନ ସଂରକ୍ଷକ ଶଶୀ ପଲ୍ ଗତ ୫ ବର୍ଷ ମଧ୍ୟରେ ବେଆଇନ ହାତୀ ଶିକାର ଓ ମୃତ୍ୟୁ ସଂକ୍ରାନ୍ତୀୟ ୧୭ ପୃଷ୍ଠା ସମ୍ବଳିତ ସତ୍ୟପାଠ ହାଇକୋର୍ଟରେ ଦାଖଲ କରିଥିଲେ। ୮ ତାରିଖରେ ଏହି ମାମଲାର ଶୁଣାଣି ବେଳେ ମୁଖ୍ୟ ବନ ସଂରକ୍ଷକ ପଲ୍ ଭର୍ଚୁଆଲ ଜରିଆରେ ଅଦାଲତଙ୍କ ନିକଟରେ ହାଜର ହୋଇ ନିଜର ପକ୍ଷ ରଖିଥିଲେ। ବନ ବିଭାଗ ପକ୍ଷରୁ ରୁଜୁ ହୋଇଥିବା ୧୪ଟି ମାମଲା ମଧ୍ୟରୁ ମାତ୍ର ଗୋଟିଏ ମାମଲାର ବିଚାର ହୋଇଥିବା ବେଳେ ଅନ୍ୟଗୁଡ଼ିକ ବିଚାର ଅପେକ୍ଷାରେ ପଡ଼ିରହିବାକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ। ମାମଲାଗୁଡ଼ିକର ଅଗ୍ରଗତି କାହିଁକି ହୋଇପାରି ନାହିଁ ବୋଲି ମୁଖ୍ୟ ବନ ସଂରକ୍ଷକଙ୍କୁ ତାଗିଦ୍ କରିଥିଲେ। ଏଥିସହ ବିଭିନ୍ନ ଘଟଣାରେ ଗୁଳିଗୋଳା ଜବତ ହେଉଥିଲେ ବି କୌଣସି ମାମଲାରେ କାହିଁକି ଆର୍ମସ ଆକ୍ଟର ଦଫା ଲାଗୁ କରାଯାଇନାହିଁ ବୋଲି ହାଇକୋର୍ଟ ପଚାରିଥିଲେ। ବିଭାଗୀୟ କର୍ମଚାରୀ ଓ ଅଧିକାରୀଙ୍କ ବିରୋଧରେ କ'ଣସବୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ତାହା ଦର୍ଶାଇବାକୁ ମଧ୍ୟ ଅଦାଲତ ନିର୍ଦ୍ଦିଷ୍ଟ ଭାବେ ଗୁରୁତ୍ୱ ଦେଇଥିଲେ। ତେବେ ମାମଲାଗୁଡ଼ିକର ତଦନ୍ତ କ୍ରାଇମ ବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ(ଏସ୍ଟିଏଫ୍) ଅଧୀନରେ ରହୁଥିବାରୁ ବନ ବିଭାଗର କିଛି କର୍ତ୍ତୃତ୍ୱ ରହୁନାହିଁ। ଏଥିସହ କ୍ରାଇମ୍ ବ୍ରାଞ୍ଚ ନିକଟରେ ବନ ବିଭାଗର ମାମଲା ବ୍ୟତୀତ ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲା ରହିବା ଏବଂ ଅଧିକାରୀଙ୍କ କମ୍ ହେବା କାରଣରୁ ହାତୀମୃତ୍ୟୁ ସଂକ୍ରାନ୍ତୀୟ ମାମଲାଗୁଡ଼ିକ ବିଳମ୍ବିତ ହେଉଥିବା ମୁଖ୍ୟ ବନ ସଂରକ୍ଷକ ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ଫଳରେ ହାଇକୋର୍ଟ ପୋଲିସ ଡିଜିଙ୍କୁ ମାମଲାଗୁଡ଼ିକର ତଦନ୍ତ ସ୍ଥିତି ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଆଡ୍ଭୋକେଟ ଜେନେରାଲ ଶୁଣାଣିରେ ଉପସ୍ଥିତ ରହି ସହଯୋଗ କରିବାକୁ ଅଦାଲତ କହିଥିଲେ।

# ପଦ୍ମଶ୍ରୀ କମଳା ପୂଜାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର



ଏସ୍ସିବି ମେଡିକାଲରେ ଭାଜପା ପ୍ରତିନିଧିମାନେ ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ଭେଟୁଛନ୍ତି।

### ଏସ୍ସିବିରେ ଚିକିତ୍ସା ପାଇଁ ୪ ଜଣିଆ ଡାକ୍ତର ଟିମ୍ ଗଠିତ

କଟକ ଅଫିସ,୨୫।୮

କଟକ ଏସ୍ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ପଦ୍ମଶ୍ରୀ କମଳା ପୂଜାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ତାଙ୍କ ଚିକିତ୍ସା ପାଇଁ ଭେଷଜ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡାଙ୍କ ନେତୃତ୍ୱରେ ୪ ଜଣିଆ ଡାକ୍ତରୀ ଟିମ୍ ଗଠନ କରାଯାଇଛି। ଏଥିରେ ଭେଷଜ ବିଭାଗ ପ୍ରଫେସର ଡା. ବିଜୟ କୁମାର ବେହେରା, ପଲମୋନାରି ମେଡିସିନ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ଜ୍ୟୋତି ପଟ୍ଟନାୟକ ଓ ନେଫ୍ରୋଲୋଜି ବିଭାଗର ଆସୋସିଏଟ୍ ପ୍ରଫେସର ଡା. ଅରୁଣ ଆଚାର୍ଯ୍ୟ ସାମିଲ ଅଛନ୍ତି। ଏସ୍ସିବି ମେଡିକାଲର ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା କହିଛନ୍ତି, ଗତ ରବିବାର କମଳା ଅସୁସ୍ଥ ହେବା ପରେ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିଲା। କିନ୍ତୁ ସେ କିଡ୍ନୀ ରୋଗରେ ପୀଡିତ ଥିବା ଜଣାପଡିବା ପରେ ସେଠାରୁ ବୁଧବାର ତାଙ୍କୁ ଏସ୍ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏବେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଏଥିସହ ତାଙ୍କର ବିଭିନ୍ନ ପରୀକ୍ଷାନିରୀକ୍ଷା କରାଯାଉଛି। ସବୁ ରିପୋର୍ଟ ହସ୍ତଗତ ହେବା ପରେ ଡାକ୍ତରୀ ଟିମ୍ ପରବର୍ତ୍ତୀ ନିଷ୍ପତ୍ତି ନେବ ବୋଲି ଭୁବନାନନ୍ଦ କହିଛନ୍ତି।

କଟକ ମହାନଗର ନିଗମ(ସିଏମ୍ସି) ମେୟର ସୁବାସ ସିଂ ଗୁରୁବାର ଏସ୍ସିବି ମେଡିକାଲରେ କମଳାଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କ ସହ କଥା ହୋଇ ଉତ୍ତମ ଚିକିତ୍ସା ଯୋଗାଇ ଦେବା ଉପରେ ମେୟର ଗୁରୁତ୍ୱାରୋପ କରିଛନ୍ତି। ସେହିପରି ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ମଧ୍ୟ କମଳାଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ। ଭାଜପା ନେତା ଲଳାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କମଳାଙ୍କୁ ଭେଟି ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହାବାଦ୍ ଅନେକ ବିଶିଷ୍ଟ ବ୍ୟକ୍ତି କମଳାଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିବା ଜଣାପଡିଛି। ସୂଚନାଯୋଗ୍ୟ, କୋରାପୁଟ ଜିଲା ପାତ୍ରପୁଟର ବାସିନ୍ଦା କମଳା ୩୦୦ରୁ ଉର୍ଦ୍ଧ୍ୱ ପାରମ୍ପରିକ ଧାନ ବିହନ ସଂରକ୍ଷଣ କରି ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ।

# 'ସେପ୍ଟେମ୍ବର ୨୦ ସୁଦ୍ଧା କ୍ୟାମ୍ପସ କମିଟି ଗଠନ କର'

### ବିଜୁ ଛାତ୍ର ଜନତା ଦଳର ଭର୍ଚୁଆଲ ବୈଠକ

ଭୁବନେଶ୍ୱର,୨୫।୮(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜୁ ଛାତ୍ର ଜନତା ଦଳର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଅଧ୍ୟକ୍ଷତାରେ ଗୁରୁବାର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟ କର୍ମକର୍ତ୍ତା ଓ ଜିଲା ସଭାପତି ,ଜୋନ ସଭାପତିଙ୍କ ସହ ଭର୍ଚୁଆଲ ପ୍ଲାଟଫର୍ମ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକକୁ ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ (ଯୁବ-ଛାତ୍ର ବ୍ୟାପାର) ପ୍ରଣବ ବଳବନ୍ତରାୟ ଏବଂ ବିଜୁ ଛାତ୍ର ଜନତା ଦଳର ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ପରିଚାଳନା କରିଥିଲେ। ଛାତ୍ର ବିଜେଡିର ନୂତନ କର୍ମକର୍ତ୍ତାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ଜନ କଲ୍ୟାଣକାରୀ ଯୋଜନାକୁ ତ୍ୱରାନ୍ୱିତ କରିବା ସହିତ ତୃଣମୂଳ ସ୍ତରରେ ଛାତ୍ର ସଙ୍ଗଠନକୁ କିପରି ଅଧିକ ସୁସଂଗଠିତ କରାଯାଇପାରିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ବୈଠକରେ ସମସ୍ତ ରାଜ୍ୟ କର୍ମକର୍ତ୍ତାମାନଙ୍କୁ କଲେଜ କ୍ୟାମ୍ପସ କମିଟି ଗଠନ ସମ୍ବନ୍ଧୀୟ ଖସଡ଼ା ବିଷୟରେ ଅବଗତ କରାଯାଇଥିଲା ଏବଂ ସେପ୍ଟେମ୍ବର ୨୦ ସୁଦ୍ଧା କ୍ୟାମ୍ପସ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ସମସ୍ତ ଛାତ୍ର ବିଜେଡି କର୍ମକର୍ତ୍ତାଙ୍କୁ ଜୀବନବିନ୍ଦୁ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ତୃଣମୂଳସ୍ତରରୁ ଛାତ୍ର ସଂଗଠନକୁ କ୍ରିୟାଶୀଳ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସଶକ୍ତ ଓଡ଼ିଶା ଗଠନ ଆହ୍ୱାନକୁ ସଫଳ କରିବା ଦିଗରେ ଛାତ୍ର ସମାଜ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି।

# ଜାତୀୟ ଗଣମାଧ୍ୟମ ଦିଲ୍ଲୀ କୈନ୍ଦ୍ରିକ

## ସମାଜ ଓ ସମ୍ବିଧାନ ପ୍ରତି ଉତ୍ତରଦାୟୀ ହୁଅନ୍ତୁ ଖବରଦାତା: ଆର୍ଫା ଖାନମ୍ ଶେରୱାନି



*ଭୁବନେଶ୍ୱର,୨୫।୮(ବ୍ୟୁରୋ)- ୨୦୧୪ ମସିହାରେ ଆଫଗାନ୍‌ରେ ରାଷ୍ଟ୍ରପତି ନିର୍ବାଚନ ବେଳେ ଖବର ସଂଗ୍ରହ କରି ଚର୍ଚ୍ଚାକୁ ଆସିଥିଲେ ମହିଳା ଖବରଦାତା ଆର୍ଫା ଖାନମ୍ ଶେରୱାନି। ସେହି ସମୟରେ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ସେଠାରୁ ରିପୋର୍ଟିଂ କରିବାରେ ଆର୍ଫା ହେଉଛନ୍ତି ଏକମାତ୍ର ଭାରତୀୟ ସାମ୍ବାଦିକା । ସମ୍ପ୍ରତି ସେ 'ଦ ୱେର'ର ବରିଷ୍ଠ ସମ୍ପାଦିକା ଭାବେ କାର୍ଯ୍ୟରତ ଆର୍ଫା ରେଡ୍ ଇଙ୍କ୍ ଆୱାର୍ଡ, ଚମେଲି ଦେବୀ ଜେନ୍ ଆୱାର୍ଡ, ଆଉଟଷ୍ଟାଣ୍ଡିଂ ୱିମେନ୍ ମିଡିଆପର୍ସନ ଭଳି ମର୍ଯ୍ୟାଦାଜନକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ୧୯୮୦ ନଭେମ୍ବର ୧ରେ ଉତ୍ତରପ୍ରଦେଶର ବୁଲନ୍ଦ ସହରରେ ଜନ୍ମିତ ଆର୍ଫା ଏହା ପୂର୍ବରୁ ରାଜ୍ୟ ସଭା ଟିଭି, ଏନ୍‌ଡି ଟିଭିରେ କାର୍ଯ୍ୟ କରି ସୁନାମ ଅର୍ଜିଛନ୍ତି। ବର୍ତ୍ତମାନ ଯୁବ ସାମ୍ବାଦିକମାନଙ୍କ ପ୍ରେରଣା ସାଜିଥିବା ଆର୍ଫା ଗୁରୁବାର ସିଟିଜେନ୍ସ ଫର୍ କମ୍ୟୁନାଲ୍ ହାରମୋନି, ପିସ୍ ଆଣ୍ଡ ଜଷ୍ଟିସ୍ ଓଡ଼ିଶା ପକ୍ଷରୁ 'ଶାନ୍ତି ଓ ସଦ୍‌ଭାବନା ସମାରୋହ'ରେ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଜାତୀୟ ଗଣମାଧ୍ୟମଗୁଡ଼ିକ ନିଜ ଉତ୍ତରଦାୟିତ୍ୱ ଭୁଲି ଦିଲ୍ଲୀ କୈନ୍ଦ୍ରିକ ହୋଇଯାଇଥିବା ଧରିତ୍ରୀକୁ ସ୍ୱତନ୍ତ୍ର ସାକ୍ଷାତ୍‌କାର ବେଳେ ସେ ମତ ରଖିଛନ୍ତି।*

**●୨୦୦୮ରେ ଘଟିଥିବା କନ୍ଧମାଳ ଦଙ୍ଗା ସମ୍ପର୍କିତ ଖବରକୁ ଜାତୀୟ ଗଣମାଧ୍ୟମ କାହିଁକି ବିଶେଷ ଗୁରୁତ୍ୱ ଦେଇ ନ ଥିଲା?**

କନ୍ଧମାଳ ସହର ରାଜଧାନୀ ଭୁବନେଶ୍ୱରଠୁ ଦୂରରେ ଅବସ୍ଥିତ। ଜାତୀୟ ଗଣମାଧ୍ୟମଗୁଡିକ ନିଜ ନୈତିକତା ଓ ଉତ୍ତରଦାୟିତ୍ୱକୁ ଭୁଲିଯାଇ ଉତ୍ତର ଭାରତୀୟ ଗଣମାଧ୍ୟମ ପାଲଟିଯିବାରୁ କନ୍ଧମାଳ ଦଙ୍ଗା ମିଡିଆ ନଜରକୁ ଆସିପାରି ନ ଥିଲା। କୌଣସି ହିନ୍ଦୀଭାଷୀ ରାଜ୍ୟରେ ଦଙ୍ଗା ଘଟିଲେ ତାହା ଉପରେ ରୋଚକ ଓ ମସଲାଦାର ଖବର ପ୍ରସାରଣ ପାଇଁ ମିଡିଆ ହାଉସ୍‌ଗୁଡ଼ିକ ମଧ୍ୟରେ ଯେପରି ତତ୍ପରତା ଓ ପ୍ରତିଯୋଗୀତାମୂଳକ ମନୋଭାବ ପ୍ରକାଶ ପାଉଛି ତାହା ଏଠି ଦେଖିବାକୁ ମିଳୁନାହିଁ। ସେହି ସମୟରେ କନ୍ଧମାଳ ଦଙ୍ଗା ଖବର ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଥିଲେ ହେଁ ଏହାକୁ ଗୁରୁତ୍ୱ ଦେଇ ଯେତିକି ପ୍ରସାରଣ ହେବା କଥା ତାହା ହୋଇପାରି ନ ଥିଲା।

**●ଓଡ଼ିଶାର ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ପ୍ରସଙ୍ଗଗୁଡ଼ିକୁ ଜାତୀୟ ଗଣମାଧ୍ୟମରେ ବିଶେଷ ସ୍ଥାନ ନ ମିଳିବାର କାରଣ କ'ଣ?**

ଜାତୀୟ ଗଣମାଧ୍ୟମ ସାରା ଦେଶର ଖବର ପ୍ରକାଶ କରିଥାଏ। ଦିଲ୍ଲୀ ଓ ନୋଏଡାରେ ଅନେକ ସାମ୍ବାଦିକ ଅଛନ୍ତି। କୌଣସି ବଡ଼ ଘଟଣାର ଖବର ସଂଗ୍ରହ ପାଇଁ ବିଭିନ୍ନ ଅଞ୍ଚଳରେ ବ୍ୟୁରୋ ମଧ୍ୟ ରହିଛନ୍ତି। ଜାତୀୟ ଗଣମାଧ୍ୟମଗୁଡ଼ିକ ପ୍ରଧାନମନ୍ତ୍ରୀ, କ୍ୟାବିନେଟ୍, ଦିଲ୍ଲୀ ଆଖପାଖର ଖବରକୁ ଧ୍ୟାନ ଦେଉଥିବାରୁ ଏହାକୁ ପ୍ରକୃତରେ ଦିଲ୍ଲୀ କୈନ୍ଦ୍ରିକ ମିଡିଆ ବୋଲିକୁହାଯାଇପାରିବ।ଏହାରଗଠନପ୍ରଣାଳୀରେହିଁସମସ୍ୟାରହିଛି।

**●ଗଣମାଧ୍ୟମ ବିଭିନ୍ନ ରାଜନୈତିକ ଦଳ, କର୍ପୋରେଟ ସଂସ୍ଥା ଦ୍ୱାରା ପରିଚାଳିତ ହେଉଥିବା ନେଇ ଅଭିଯୋଗ ଆସୁଥିବାବେଳେ ଆଗକୁ ସାମ୍ବାଦିକତାର ଭବିଷ୍ୟତ କିଭଳି ରହିବ?**

'ଦ ୱେର' ଜନସାଧାରଣଙ୍କ ମାଧ୍ୟମ। ଏହି ସଂସ୍ଥା ଆଗକୁ ବଢ଼ି ନିଜ ସତ୍ତା ବଜାୟ ରଖିପାରିବ। ଏହାର ମାଲିକାନା କୌଣସି ରାଜନୈତିକ ଦଳ କିମ୍ବା ବଡ଼ ଉଦ୍ୟୋଗ ହାତରେ ନାହିଁ। ଜନସାଧାରଣଙ୍କ ପ୍ରତି ଉତ୍ତରଦାୟିତ୍ୱ ହିଁ ଆମକୁ ପାଣ୍ଠି ଯୋଗାଇଥାଏ। ତେଣୁ ଏଭଳି କେତେଜଣ ବ୍ୟକ୍ତିବିଶେଷଙ୍କ ସମର୍ଥିତ ଗଣମାଧ୍ୟମ ଆଗକୁ ତିଷ୍ଠିପାରିବ।

**●ଗଣମାଧ୍ୟମରେ ଡିଜିଟାଇଜେଶନ୍‌ର ମାତ୍ରା ଅଧିକ ଦେଖିବାକୁ ମିଳୁଛି। ଏହା ଉପରେ କ'ଣ ମତ ରଖିବେ?**

ଡିଜିଟାଇଜେଶନ୍ ଏକ ଉତ୍ତମ ବ୍ୟବସ୍ଥା। ସମସ୍ତେ ଡିଜିଟାଲ ପ୍ଲାଟ୍‌ଫର୍ମ ସହ ଜଡ଼ିତ ହୋଇପାରୁ ନଥିବେ ବୋଲି ଅନେକେ ମନେକରନ୍ତି। କିନ୍ତୁ 'ୱେର' ସହରଠୁ ନେଇ ପ୍ରତି ଗାଁରେ ପହଞ୍ଚି ଆଦୃତି ଲାଭ କରିପାରିଛି। ଏବେ ପ୍ରାୟ ସମସ୍ତଙ୍କ ପାଖରେ ଇଣ୍ଟରନେଟ ସେବା ଉପଲବ୍ଧ। ତେଣୁ ଡିଜିଟାଇଜେଶନ୍ ଜରିଆରେ ଗଣମାଧ୍ୟମରେ ଗଣତାନ୍ତ୍ରିକ ପଦ୍ଧତିରେ ଖବର ପ୍ରସାରଣ ହୋଇପାରୁଛି। ଅର୍ଥାତ୍ ପାଠିକାପାଠକ ଓ ଦର୍ଶକ ଚାହୁଁଥିବା ଖବର ସେମାନଙ୍କ ପାଖରେ ପହଞ୍ଚାଯାଇପାରୁଛି।

**●ଆଗାମୀ ପିଢ଼ିର ସାମ୍ବାଦିକଙ୍କ ପାଇଁ ବାର୍ତ୍ତା କ'ଣ ରହିବ? ବିଶେଷକରି ମହିଳା ଖବରଦାତାଙ୍କୁ କି ପରାମର୍ଶ ଦେବାକୁ ଚାହିଁବେ?**

ସାମ୍ବାଦିକତା କ୍ଷେତ୍ରରେ ପୁରୁଷଙ୍କ ତୁଳନାରେ ମହିଳାମାନେ ଅଧିକ ଭଲ ପ୍ରଦର୍ଶନ କରି ଆଗକୁ ବଢ଼ିବା ଆବଶ୍ୟକ। ଏହା ସେମାନଙ୍କ ଉପରେ ଏକ ଅତିରିକ୍ତ ଦାୟିତ୍ୱ । ସାମ୍ବାଦିକମାନେ କୌଣସି ରାଜନୈତିକ ଦଳ ପାଇଁ ନୁହେଁ ବରଂ ସମାଜ, ସତ୍ୟ ଓ ସମ୍ବିଧାନ ପ୍ରତି ଉତ୍ତରଦାୟୀ ରହିବା ଉଚିତ।

**-ସାକ୍ଷାତ୍‌କାର : ଶର୍ମିଷ୍ଠା**

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ହାଇକୋର୍ଟ ସ୍ଥାନାନ୍ତର ଦାବିରେ ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ଦିନିକିଆ କାର୍ଯ୍ୟବନ୍ଦ ଆନ୍ଦୋଳନ, କୋର୍ଟ ପରିସର, ପୂର୍ବାହ୍ନ ୧୦ଟା ୩୦।
- ଟି.ଜି. ଟ୍ରଷ୍ଟ ତରଫରୁ ଏକ ସାଧାରଣ କାର୍ଯ୍ୟକ୍ରମ, ମାଷ୍ଟରକ୍ୟାଣ୍ଟିନ ଛକ, ପୂର୍ବାହ୍ନ ୧୧ଟା ୩୦।
- କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଡ.ରବିନାରାୟଣ ଦାଶଙ୍କ ଚତୁର୍ଦ୍ଦଶ ବାର୍ଷିକ ଶ୍ରାଦ୍ଧୋତ୍ସବ, ପ୍ରତିଷ୍ଠାନ ପରିସର, କେଦାରଗୌରୀ ମାର୍ଗ, ଅପରାହ୍ନ ୫ଟା ୩୦।



ଭୁବନେଶ୍ୱର ଶହୀଦନଗରସ୍ଥିତ ବିଷ୍ଣୁ ମନ୍ଦିର ପରିସରରେ ପ୍ରୋରିଏଲ୍ ପ୍ରଡକ୍ସନ ପକ୍ଷରୁ ଚଳଚ୍ଚିତ୍ର 'ଦି ଡାର୍କ ଲେନ୍'ର ଶୁଭ ମହୁରତ କରାଯାଉଛି।

## ଶ୍ରମିକ ବେଶରେ ଚୋର



ଭୁବନେଶ୍ୱର,୨୫।୮(ବ୍ୟୁରୋ)

ରାଜଧାନୀରେ ଶ୍ରମିକ ବେଶରେ ଲୁଟେରା ଓ ଚୋର ଗ୍ୟାଙ୍ଗ୍ ମାତିଛନ୍ତି। ଗୁରୁବାର ଭୋର୍ ୩ଟା ୪୫ରେ ୪ ଲୁଟେରା ଲିଙ୍ଗିପୁରରେ ଜଣେ ବ୍ୟକ୍ତି ଘରେ ପଶିବାକୁ ଉଦ୍ୟମ କରୁଥିବା ସିସିଟିଭି ଫୁଟେଜରୁ ଜଣାପଡିଛି। ସମସ୍ତେ ଲୁଙ୍ଗି ଓ ଗଞ୍ଜି ପିନ୍ଧିଥିବା ଦେଖିବାକୁ ମିଳୁଛି। ୨ ମିନିଟରୁ ଅଧିକ ସମୟ ଧରି ଚୋରି ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଛନ୍ତି। ତେବେ ଏହି ଗ୍ୟାଙ୍ଗ ପୂର୍ବରୁ ଲିଙ୍ଗରାଜ ଓ ଧଉଳି ଥାନାଞ୍ଚଳରେ ଚୋରି ଓ ଲୁଟ୍ କରିଥିବା ଅଭିଯୋଗ ରହିଛି। ପୋଲିସ ସେମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।

## ତାରିଣୀ ବସ୍ତିରେ ଯୁବତୀଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୨୫।୮(ବ୍ୟୁରୋ): ଖାରବେଳନଗର ଥାନା ଅନ୍ତର୍ଗତ ତାରଣୀବସ୍ତିରେ ଜଣେ ଯୁବତୀ ଚୁନି ସାହାଯ୍ୟରେ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଛନ୍ତି । ମୃତା ଯୁବତୀ ଜଣକ ହେଲେ ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନା ଅନ୍ତର୍ଗତ ଅଲଣାହାଟ ଅଞ୍ଚଳର ସସ୍ମିତା ବାରିକ (୨୩)। ପୋଲିସ କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ଜବତ କରିବା ପରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ଆତ୍ମହତ୍ୟାର କାରଣ ଜଣାପଡି ନ ଥିବାବେଳେ ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୩୨/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାନୁସାରେ, ସସ୍ମିତା ତାରିଣୀ ବସ୍ତିରେ ବାପା ଓ ସାନଭଉଣୀଙ୍କ ସହ ରହୁଥିଲେ। ବାପା ଅଜୟ ବାରିକ ଦୀର୍ଘବର୍ଷ ହେଲା ସେଠାରେ ରହି ସ୍ଥାନୀୟ ବସ୍ତିରେ ସେଲୁନ ଦୋକାନ କରି ପରିବାର ଚଳାନ୍ତି। ମାଆଙ୍କର ୨୦୨୦ରେ ମୃତ୍ୟୁ ହୋଇଯାଇଛି। ଗୁରୁବାର ଅଜୟ ଓ ସାନ ଝିଅ କାର୍ଯ୍ୟ କ୍ଷେତ୍ରକୁ ଯାଇଥିଲେ। ଅଜୟ ଦୋକାନ କାମ ସାରି ମଧ୍ୟାହ୍ନ ପ୍ରାୟ ୧୨ ଟା ବେଳକୁ ଘରକୁ ଫେରିଥିଲେ। ଏହି ସମୟରେ ସସ୍ମିତା ଘରେ ଭିତରେ ଚୁନି ଦ୍ୱାରା ଝୁଲି ରହିଥିବା ଦେଖି ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଅଜୟ ଘଟଣା ସମ୍ପର୍କରେ ଖାରବେଳନଗର ଥାନାରେ ଜଣାଇବାରୁ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

# ରାତିରେ ଭୋଜି, ସକାଳେ ମିଳିଲା ମୃତଦେହ

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଚର୍ଚ୍ଚା

**■ଝୁଲୁଥିଲା ମୃତଦେହ, ପାରିବାରିକ ଅଶାନ୍ତି ନା ଆଉ କିଛି**

**■ମୋବାଇଲ ଜବତ କରି ପୋଲିସର ତଦନ୍ତ ଆରମ୍ଭ**

ଭୁବନେଶ୍ୱର,୨୫।୮(ବ୍ୟୁରୋ)

ରାତିରେ ପଡୋଶୀଙ୍କ ଘରେ ହୋଇଥିଲା ଭୋଜି। ସ୍ୱାମୀ, ସ୍ତ୍ରୀ ଓ ଛୋଟ ପୁଅ ଭୋଜି ଖାଇବା ସହ ସେହିଠାରେ ଶୋଇପଡିଥିଲେ। ଗୁରୁବାର ଭୋର୍ ସମୟରେ ଘରକୁ ଆସିଥିଲେ ସ୍ତ୍ରୀ। ଆଉ ତା'ପରେ ମିଳିଲା ତାଙ୍କର ଝୁଲନ୍ତା ମୃତଦେହ। ପୋଲିସ ପହଞ୍ଚିବାବେଳକୁ କବାଟ ଭଙ୍ଗା ହୋଇସାରିଥିଲା। ପଡ଼ି ରହିଥିଲା ମୃତଦେହ। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରସୁଲଗଡ଼ ଭାଗବତ ସନ୍ଧାନ କଲୋନୀରେ ଘଟିଥିବା ଏହି ସନ୍ଦେହଜନକ ମୃତ୍ୟୁକୁ ନେଇ ନାନା ଚର୍ଚ୍ଚା ଚାଲିଛି। ମୃତ ମହିଳା ଜଣକ ହେଲେ ପ୍ରଜ୍ଞା ପାରମିତା ଧଳ। ଏହା ଆତ୍ମହତ୍ୟା ନା ହତ୍ୟା, ପୋଲିସ ତାହାର ଖୋଳତାଡ଼ କରୁଛି। ଯଦି ଆତ୍ମହତ୍ୟା, ତେବେ ଏହା ପଛରେ ପାରିବାରିକ ଅଶାନ୍ତି ନା ଆଉ କିଛି ? ଭୋଜି ରାତିରେ ହସଖୁସି ଭିତରେ କ'ଣ ଘଟିଲା ଯେ, ପ୍ରଜ୍ଞା ଏଭଳି ଚରମ ନିଷ୍ପତ୍ତି ନେଲେ ? ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୮୧/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ପ୍ରଜ୍ଞାଙ୍କ ମୋବାଇଲ୍ ଫୋନ୍‌କୁ ଜବତ କରି ଅଧିକ ତଥ୍ୟ ହାସଲ ପାଇଁ ଉଦ୍ୟମ ଚଳାଇଛି।

ସୂଚନାନୁସାରେ, ପ୍ରଜ୍ଞାଙ୍କ ଘର ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଅଞ୍ଚଳରେ। ସେ ଭୁବନେଶ୍ୱରରେ ରହି ଏମ୍‌ବିଏ ପଢୁଥିଲେ। ୭ବର୍ଷ ତଳେ ଭଦ୍ରକ ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବେଲଗାଡ଼ିଆ ଅଞ୍ଚଳର ସତ୍ୟନାରାୟଣ



କରଙ୍କୁ ବିବାହ କରିଥିଲେ। ସତ୍ୟନାରାୟଣ ପଟିଆସ୍ଥିତ ଏକ କାର୍ ଶୋ'ରୁମ୍‌ରେ ଚାକିରି କରନ୍ତି। ସ୍ୱାମୀ ଓ ଶିଶୁପୁତ୍ର ସହ ପ୍ରଜ୍ଞା ଭାଗବତ ସନ୍ଧାନ କଲୋନୀରେ ରହୁଥିଲେ। ଉକ୍ତ କୋଠାର ଉପରମହଲାରେ ପ୍ରଜ୍ଞାଙ୍କ ଭାଇ ରହୁଥିଲେ। ବୁଧବାର ଉଭୟ ସ୍ୱାମୀ, ସ୍ତ୍ରୀ ପୁଅକୁ ଧରି ସାମ୍ନା ପଡୋଶୀଙ୍କ ଘରେ ଭୋଜି କରି ଖାଇପିଇ ରାତିରେ ଶୋଇଥିଲେ। ସତ୍ୟନାରାୟଣଙ୍କ କହିବାନୁସାରେ, ଭୋର୍ ସମୟରେ ପ୍ରଜ୍ଞା ଫ୍ରେସ୍ ହୋଇ ଆସିବାକୁ କହି ଘରକୁ ଯାଇଥିଲେ। ଆସିବା ବିଳମ୍ବ ହେବାରୁ ପଡୋଶୀ ଘରର ମହିଳା ଜଣକ ତାଙ୍କୁ ଡାକିବାକୁ ତାଙ୍କ ଘରକୁ ଯାଇଥିଲେ। ହେଲେ କବାଟ ବନ୍ଦ ଥିବାରୁ ଡାକିଥିଲେ ମଧ୍ୟ କିଛି ଜବାବ ଆସି ନ ଥିଲା। ତେଣୁ ସେ ଝରକା ପଟେ ଡାକିବାକୁ ଯିବାବେଳେ ପ୍ରଜ୍ଞା ଲୁଗା ସାହାଯ୍ୟରେ ଫ୍ୟାନରେ ଝୁଲି ପଡିଥିବା ଦେଖି ଚିତ୍କାର କରିଥିଲେ। ପରେ ପ୍ରଜ୍ଞାଙ୍କ ସ୍ୱାମୀ ପହଞ୍ଚି କବାଟ ଭାଙ୍ଗି ତାଙ୍କୁ ତଳକୁ ଓହ୍ଲାଇବା ସହ ପୋଲିସକୁ ଖବର ଦେଇଥିଲେ। ହେଲେ ପୋଲିସ ପହଞ୍ଚିବାବେଳକୁ ତାଙ୍କର ମୃତ ହୋଇସାରିଥିଲା।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଦେବାଶିଷ



@ ନାୟକ



@ ପିକୁଲ୍



@ ଝୁନା



@ ବଳରାମ



@ ପ୍ରଦୋଷ

# କୃଷ୍ଣ ବଳରାମ ବେଶରେ ଦୁଇଠାକୁର

ପୁରୀ ଅଫିସ ୨୫।୮

ଶ୍ରୀମନ୍ଦିରରେ ଗୁରୁବାର ଭାଦ୍ରବ ମାସ କୃଷ୍ଣ ପକ୍ଷ ତ୍ରୟୋଦଶୀ ତିଥିରେ କୃଷ୍ଣ ବଳରାମ ବେଶ ସମ୍ପନ୍ନ ହୋଇଛି। ମଧ୍ୟାହ୍ନ ଧୂପ ପରେ ରତ୍ନସିଂହାସନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଶ୍ରୀକୃଷ୍ଣ ଏବଂ ବଡ଼ଠାକୁର ପ୍ରଭୁ ବଳଭଦ୍ରଙ୍କୁ ବଳରାମ ବେଶରେ ସଜ୍ଜିତ କରାଯାଇଥିଲା। ଶ୍ରୀଜଗନ୍ନାଥ ଦକ୍ଷିଣ ଭୁଜରେ ବଂଶୀ ଓ ବାମ ହସ୍ତରେ ସୋଲର ପଦ୍ମ ଧାରଣ କରିଥିଲେ। ସେହିପରି ବଳଭଦ୍ର ଡାହାଣ ଭୁଜରେ ଶିଙ୍ଗା ଓ ବାମ ଭୁଜରେ ସୋଲ ନିର୍ମିତ ପଦ୍ମ ଧାରଣ କରିଥିଲେ। ଦୁଇଠାକୁର ପଦକୁ ପଦ ଛନ୍ଦି ଦଣ୍ଡାୟମାନ ଭଙ୍ଗୀରେ ରହିଥିଲେ। ଦେବୀ ସୁଭଦ୍ରା ଏକ ଖଟୁଲିରେ ପଦ୍ମାସନରେ ଚତୁଃଭୁଜ ହୋଇ ଉପବେଶନ କରିଥିଲେ। ବର୍ଷକ ମଧ୍ୟରେ ଏହି ଗୋଟିଏ ଦିନ ସୁଭଦ୍ରା ଚାରିଭୁଜ ଧାରଣ କରନ୍ତି। ତାଙ୍କର ତଳ ଦୁଇ ଭୁଜ ଅଭୟ ଓ ବରଦାନ ମୁଦ୍ରାରେ ଥିବାବେଳେ ଉପର ଦୁଇଭୁଜରେ ପାଶ ଓ ଅଙ୍କୁଶ ଧାରଣ କରିଥିଲେ। ଶ୍ରୀଜଗନ୍ନାଥ ଓ ବଡ଼ଠାକୁରଙ୍କ ଚୂଳରେ ସୋଲ ନିର୍ମିତ କଦମ୍ବଫୁଲ, ମଲ୍ଲିକଢ଼ି ପ୍ରଭୃତି ଖଞ୍ଜାଯାଇଥିଲା। ତିନିଠାକୁର ସୋଲ ନିର୍ମିତ କିରୀଟ ପରିଧାନ କରିଥିଲେ। ଶ୍ରୀବିଗ୍ରହଙ୍କ ସମ୍ମୁଖ ଭାଗରେ କାଠ ନିର୍ମିତ ଚାରୋଟି ଗାଈବାଛୁରୀ ସମେତ ନନ୍ଦ, ଉପନନ୍ଦ, ବସୁଦେବ, ଚତୁର୍ମୁଖ ବ୍ରହ୍ମା, ସହସ୍ରଚକ୍ଷୁ ଇନ୍ଦ୍ର, ନାରଦ, ଦେବକୀ, ଯଶୋଦା, ରୋହିଣୀ, ଗୋପୀ ଗୋପାଳ ପ୍ରଭୃତି ରହିଥିଲେ। ମହାପ୍ରଭୁଙ୍କୁ ଖିରି ଓ ଅମାଲୁ ଭୋଗ ଅର୍ପଣ କରାଯାଇଥିଲା। ଏହି ବେଶ ବିଂଶ ଶତାବ୍ଦୀର ମଧ୍ୟଭାଗରେ ଖଣ୍ଡସାହିର ଜମିଦାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଶ୍ରୀମନ୍ଦିର ସତ୍ତ୍ୱଲିପିରୁ ଜଣାଯାଏ। ପୂର୍ବରୁ ଉପରୋକ୍ତ ତିଥିରେ ଶ୍ରୀଜଗନ୍ନାଥଙ୍କ ଗିରିଗୋବର୍ଦ୍ଧନ ବେଶ ହେଉଥିଲା। ତେବେ ୧୯୪୭ ମସିହା ପରଠାରୁ ଏହି ବେଶ ପରିବର୍ତ୍ତେ କୃଷ୍ଣ ବଳରାମ ବେଶ ଅନୁଷ୍ଠିତ ହୋଇଆସୁଥିବା ଜଣାପଡ଼ିଛି।






ଦୁର୍ନୀତିଗ୍ରସ୍ତ ପ୍ରିନ୍ସିପାଲଙ୍କୁ ବହିଷ୍କାର, ସ୍ଥାୟୀ ଶିକ୍ଷକ ନିଯୁକ୍ତି ସମେତ ୧୦ ଦଫା ଦାବି ନେଇ ଗଭର୍ନମେଣ୍ଟ କଲେଜ ଅଫ୍ ଇଞ୍ଜିନିୟରିଂ ଢେଙ୍କାନାଳର ଛାତ୍ରମାନେ ଗୁରୁବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।



ଓଡ଼ିଶା କଳାକାର ମଞ୍ଚ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଗୁରୁବାର ଅନୁଷ୍ଠିତ ସଙ୍ଗୀତ କାର୍ଯ୍ୟକ୍ରମ 'ସୃଜନିକା-୨୦୨୨'ରେ କଣ୍ଠଶିଳ୍ପୀଙ୍କ ବୃନ୍ଦ ସଙ୍ଗୀତ ପରିବେଷଣ।

## ସଂକ୍ଷେପରେ

### ଅଭିଯୋଗ ପରେ ଉଠିଲା ଅଳିଆ

ପୁରୁଣା ଭୁବନେଶ୍ୱର,୨୫।୮(ଡି.ଏନ୍.ଏ.)- ବିଏମ୍‌ସିର ୬୧ନଂ. ୱାର୍ଡ ଭୀମଟାଙ୍ଗି ଲେନ ନଂ-୫ ଭୀମେଶ୍ୱର ମାର୍ଗଛକ ତଥା ଭୀମେଶ୍ୱର ଶିଶୁମନ୍ଦିର ଛକଠାରୁ ଅନତି ଦୂରରେ ଦୀର୍ଘ ୧୦ଦିନ ହେବ କୁଢ କୁଢ ଅଳିଆ ଟ୍ରକ ଯୋଗେ ପକାଯାଉଥିଲା। ଏହା ଦୁର୍ଗନ୍ଧମୟ ଏବଂ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରୁଥିଲା। ଜନବସତିଠାରେ ଏହି ଅସ୍ଥାୟୀ ଡମ୍ପିୟାର୍ଡକୁ ନେଇ ସ୍ଥାନୀୟ ଜଣେ ସାମାଜିକ କର୍ମୀ ସୁଶାନ୍ତ ସାହୁ ବିଏମ୍‌ସି କମିଶନରଙ୍କୁ ଫୋନ କରି ସମସ୍ୟା ସମ୍ବନ୍ଧରେ କହିଥିଲେ। ଏହାପରେ କମିଶନର ବିଜୟ ଅମୃତ କୁଲାଙ୍ଗେ ୫ଟି ଟ୍ରକ ଯୋଗେ ଉକ୍ତ ଅଳିଆକୁ ସେଠାରୁ ହଟାଇଥିଲେ। ଫଳରେ କଲୋନୀ ବାସିନ୍ଦା ବିଏମ୍‌ସି କମିଶନରଙ୍କୁ ଧନ୍ୟବାଦ୍ ଦେଇଥିଲେ।

### ବିପନ୍ନଙ୍କୁ ଖାଦ୍ୟ ବଣ୍ଟନ

ବାଲିପାଟଣା,୨୫।୮(ଡି.ଏନ୍.ଏ.): ପ୍ରଳୟଙ୍କରୀ ବନ୍ୟା ଭିତରୁ ଉଦ୍ଧାର ପାଇଥିବା ବନ୍ୟାକ୍ଲିଷ୍ଟ ଅଞ୍ଚଳବାସୀଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି ରାଜ୍ୟସଭା ସଦସ୍ୟ ମୁନ୍ନା ଖାଁ, ଜଟଣୀର ପୂର୍ବତନ ବିଧାୟକ ବିଭୂତି ବଳବନ୍ତରାୟ, ବିଜେଡି ନେତା କୈଳାସ ପାତ୍ର, କିଶୋର ଜେନା,ପ୍ରଦୀପ ଜେନାମଣି,ପ୍ରଦ୍ୟୁମ୍ନ ସେନାପତି, ଜିଲା ପରିଷଦ ସଭ୍ୟ ଗଙ୍ଗାଧର ମଲ୍ଲିକ, ପବିତ୍ର ପଟେଲ ପ୍ରମୁଖ ବିପନ୍ନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ବାଣ୍ଟିଛନ୍ତି। ଆମ ସଂଗଠନ ସଭାପତି କମଲ ପାତ୍ରଙ୍କ ସହଯୋଗରେ ସମସ୍ତ ବନ୍ୟା ବିଧ୍ୱସ୍ତ ଅଞ୍ଚଳରେ ବାରମ୍ବାର ଗସ୍ତ କରି ଲୋକଙ୍କ ସମସ୍ୟା ବୁଝିବା ସହିତ ଖାଦ୍ୟ ବଣ୍ଟନ କରିଛନ୍ତି। ଗୁରୁବାର ଏହି କ୍ରମରେ ପଞ୍ଚାୟତର ଦରଡ଼ା, ତେଙ୍ଗ, ହୋଇକେରା ପ୍ରଭୃତି ଅଞ୍ଚଳ ବୁଲି ଲୋକଙ୍କ ଦୁଃଖ ବୁଝି ସେମାନଙ୍କୁ ବିଭିନ୍ନ ଖାଦ୍ୟ ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟରେ ସରପଞ୍ଚ ବାହାନ ଭୋଇ, ସମିତି ସଭ୍ୟା ନମିତା ଭୋଇ ସହଯୋଗ କରିଥିଲେ।

### ରାସ୍ତା ନିର୍ମାଣ ପାଇଁ ମନ୍ତ୍ରୀଙ୍କ ଶିଳାନ୍ୟାସ



ପୁରୁଣା ଭୁବନେଶ୍ୱର,୨୫।୮(ଡି.ଏନ୍.ଏ.)- ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀ ୱାର୍ଡ ନଂ. ୫୪ ଅନ୍ତର୍ଗତ ବ୍ୟାଙ୍କ କଲୋନୀରୁ ରଥ ରୋଡ୍‌କୁ ସଂଯୋଗ କରିବା ପାଇଁ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୪୦ ଲକ୍ଷ ଟଙ୍କା ବିନିମୟରେ ଏକ ନୂତନ ରାସ୍ତା ନିର୍ମାଣ ହେବ। ଏଥିପାଇଁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଗୁରୁବାର ଉକ୍ତ ଅଞ୍ଚଳକୁ ଯାଇ ରାସ୍ତାର ଶିଳାନ୍ୟାସ କରିଥିଲେ। ଏହି ରାସ୍ତା ନିର୍ମାଣ ହେଲେ କଲୋନୀର ପ୍ରାୟ ୧ ହଜାର ପରିବାର ଉପକୃତ ହେବେ। ପରେ ରଥ ରୋଡ୍ ୭ ନଂ. ଡ୍ରେନର ଗାର୍ଡ ୱାଲକୁ ମଧ ମନ୍ତ୍ରୀ ପଣ୍ଡା ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ଶିବପ୍ରସାଦ ବେହେରା, ଦାଶରଥି ଗରାବଡୁ, ବ୍ୟାଙ୍କ କଲୋନୀ ସଭାପତି ଡ.ସ୍ୱରୂପ କୁମାର ଭଞ୍ଜ, ସମ୍ପାଦକ ଗଣେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା ଡାକ୍ତରଙ୍କୁ ଅଢ଼େଇ ବର୍ଷ ଜେଲଦଣ୍ଡ

**କନ୍ୟା ଭ୍ରୂଣ ହତ୍ୟା ମାମଲା**

■ସର୍ତ୍ତମୂଳକ ଜାମିନରେ ଆସିଲେ, ଉପରିସ୍ଥ କୋର୍ଟରେ କରିବେ ଅପିଲ୍

■ଲାଇସେନ୍ସ ନ ଥାଇ ଚଳାଇଥିଲେ କ୍ଲିନିକ



ଭୁବନେଶ୍ୱର,(ବ୍ୟୁରୋ)୨୫।୮

ଭୁବନେଶ୍ୱର ଜୟଦେବ ବିହାରସ୍ଥିତ ଏକ କ୍ଲିନିକ ବିରୋଧରେ ୨୦୧୯ରେ ହୋଇଥିବା ବେଆଇନ କନ୍ୟା ଭ୍ରୂଣ ହତ୍ୟା ମାମଲାରେ ଗୁରୁବାର ରାୟ ପ୍ରକାଶ ପାଇଛି। ଫେମିଲାଇଫ୍ ଫର୍ଟିଲିଟି ଫାଉଣ୍ଡେଶନ ପ୍ରାଇଭେଟ ଲିଃର ମାଲିକାଣୀ ତଥା ଡାକ୍ତର ନବନୀତା ପାଢ଼ୀଙ୍କୁ ଭୁବନେଶ୍ୱର ଜେଏମ୍ଏଫ୍‌ସି ଭାନୁ ପ୍ରତାପ ମିଶ୍ର ପିସି ଏଣ୍ଡ୍ ପିଏନ୍‌ଡିଟି ଆକ୍ଟର ଦଫା ୨୩ ଓ ୨୫ରେ ଅଭିଯୁକ୍ତ ଦର୍ଶାଇ ଅଢ଼େଇ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ଏଥିସହ ତାଙ୍କୁ ୯ହଜାର ଟଙ୍କା ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ କ୍ଷେତ୍ରରେ ଅଧିକ ୫ମାସ ଜେଲଦଣ୍ଡ ଭୋଗିବାକୁ କୋର୍ଟ ତାଙ୍କ ରାୟରେ ଶୁଣାଇଛନ୍ତି।

ସୂଚନାନୁଯାୟୀ, ୨୦୧୯ ଅଗଷ୍ଟ ୩୦ରେ ଭୁବନେଶ୍ୱରର ବିଭିନ୍ନ କ୍ଲିନିକ କର୍ତ୍ତୃପକ୍ଷ ପିସି ଏଣ୍ଡ୍ ପିଏନ୍‌ଡିଟି ଆକ୍ଟକୁ ଠିକ ଭାବେ ମାନୁଛନ୍ତି କି ନାହିଁ ଯାଞ୍ଚ କରିବାକୁ ଆସିଷ୍ଟାଣ୍ଟ କଲେକ୍ଟର ଅଂଶୁମାନ ରଥଙ୍କୁ ଖୋର୍ଦ୍ଧା ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶକ୍ରମେ ରଥଙ୍କ ସମେତ ପରିବାର କଲ୍ୟାଣ ବିଭାଗର ୫ ଜଣ ସଦସ୍ୟ ଏବଂ ଶହୀଦନଗର ଥାନାରେ କାର୍ଯ୍ୟରତ ଏଏସ୍‌ଆଇ ଦେବରାଜ କିଶାନ ବିଭିନ୍ନ କ୍ଲିନିକରେ ଯାଞ୍ଚ ଆରମ୍ଭ କରିଥିଲେ। ସେହି ସମୟରେ ଜୟଦେବ ବିହାରସ୍ଥିତ ଫେମିଲାଇଫ୍ ଫର୍ଟିଲିଟି ଫାଉଣ୍ଡେଶନ୍ ପ୍ରାଇଭେଟ ଲିଃ କ୍ଲିନିକ୍‌ର ଗୁମର କଥା ପଦାକୁ ଆସିଥିଲା। ୨୦୧୮ ସେପ୍ଟେମ୍ବର ୧୫ରୁ ପିସି ଏଣ୍ଡ୍ ପିଏନ୍‌ଡିଟି ଆକ୍ଟ ଲାଇସେନ୍ସ ରଦ୍ଦ ହୋଇଥିଲେ ମଧ୍ୟ ଉକ୍ତ କ୍ଲିନିକ୍‌କୁ ବେଆଇନ୍ ଭାବେ ଚଳାଯାଉଥିଲା। ଏପରିକି ଯାଞ୍ଚ ବେଳେ ସେଠାରେ କାର୍ଯ୍ୟରତ ଥିବା ଡାକ୍ତର ଓ ନର୍ସମାନେ ସାଧାରଣ ପୋଷାକରେ ଥିବା ଦେଖିବାକୁ ମିଳିଥିଲା। ଏଥିସହ ପ୍ରତିଦିନ କ୍ଲିନିକକୁ ଆସୁଥିବା ଆଗନ୍ତୁକଙ୍କ ସମ୍ବନ୍ଧରେ ପ୍ରତିମାସରେ ଜିଲାପାଳ ଓ ପରିବାର କଲ୍ୟାଣ ବିଭାଗକୁ ପଠାଯାଉଥିବା ତାଲିକାରେ ତାଳମେଳ ରହୁ ନ ଥିଲା। ତେଣୁ ସେଠାରେ ବହୁଦିନ ଧରି ବେଆଇନ୍ ଭାବେ କନ୍ୟା ଭ୍ରୂଣ ହତ୍ୟା କରାଯାଉଥିବା ଯାଞ୍ଚ ଟିମ୍ ଜାଣିବାକୁ ପାଇଥିଲା। କ୍ଲିନିକ୍‌ରେ ଥିବା ୨ଟି ଅଲଟ୍ରାସାଉଣ୍ଡ ମେଶିନକୁ ଟିମ୍ ଜବତ କରିଥିଲା। ଏନେଇ ଖୋର୍ଦ୍ଧା ସିଡିଏମ୍ଓ ବିଶ୍ୱରଞ୍ଜନ ପତି ୨୦୨୧ ଅଗଷ୍ଟ ୩ରେ କ୍ଲିନିକ ମାଲିକାଣୀ ଥିବା ଡାକ୍ତର ନବନୀତାଙ୍କ ବିରୋଧରେ କୋର୍ଟରେ ମାମଲା (୩୨୬/୨୧) ଦାଏର କରିଥିଲେ। ତେବେ ଏହି ମାମଲାରେ ବିଚାରପତି ୭ଜଣ ସାକ୍ଷୀ ଏବଂ ୧୪ଟି ଦସ୍ତାବିଜ୍ ଆଧାରକୁ ଭିତ୍ତି କରି ନବନୀତାଙ୍କୁ ଦଣ୍ଡାଦେଶ ଦେଇଛନ୍ତି। ସହକାରୀ ସରକାରୀ ଓକିଲ ନିରଞ୍ଜନ ବେହେରା ଏହି ମାମଲା ପରିଚାଳନା କରୁଥିଲେ। ତେବେ ଏହି ଦଣ୍ଡାଦେଶ ବିରୋଧରେ ନବନୀତା ଉପର କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ସର୍ତ୍ତ ରଖି ଜାମିନରେ ଆସିଛନ୍ତି।

# ଜନଜାତି କଲ୍ୟାଣ, ମହିଳା ସଶକ୍ତୀକରଣ ପାଇଁ କିସ୍ ଓ ନୱା ମଧ୍ୟରେ ବୁଝାମଣା




ଭୁବନେଶ୍ୱର, ୨୫।୮ (ବ୍ୟୁରୋ)

କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (କିସ୍) ଏବଂ ନାଭି ୱେଲ୍‌ଫେୟାର ଓ ୱେଲ୍‌ନେସ୍ ଆସୋସିଏଶନ (ନୱା) ମଧ୍ୟରେ ଗୁରୁବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କିସ୍ ପକ୍ଷରୁ କିସ୍ ଓ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ନୱା ପକ୍ଷରୁ ଏହାର ସଭାପତି କାଲା ହରିକୁମାର ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ବୁଝାମଣା ଅନୁଯାୟୀ, କିସ୍ ଓ ନୱା ମିଳିତ ଭାବେ ଜନଜାତି ଶିଶୁଙ୍କ କଲ୍ୟାଣ, ଆତ୍ମନିର୍ଭରତା, ମହିଳା ସଶକ୍ତୀକରଣ, ଶୈକ୍ଷିକ ବିନିମୟ କାର୍ଯ୍ୟକ୍ରମ ଆଦିର ପ୍ରୋତ୍ସାହନ ଦିଗରେ କାର୍ଯ୍ୟ କରିବେ। କିସ୍‌ର ଜନଜାତି ଛାତ୍ରୀଛାତ୍ରଙ୍କ କଲ୍ୟାଣ ଓ ଆକାଂକ୍ଷାର ପ୍ରୋତ୍ସାହନ ନିମନ୍ତେ ନୱା ଆବଶ୍ୟକ ସହାୟତା ଯୋଗାଇ ଦେବ। ସେହିପରି କିଟ୍ ମାଧ୍ୟମରେ କିସ୍ ନୌସେନା ପରିବାରର ପିଲାଙ୍କୁ ଉଚ୍ଚତର ବୈଷୟିକ ଶିକ୍ଷା ଯୋଗାଇଦେବ। ଉପସ୍ଥିତ କିଟ୍ ଓ କିସ୍‌ର ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇ ହରିକୁମାର କହିଲେ, ସମଗ୍ର ବିଶ୍ୱକୁ ପରିବର୍ତ୍ତନ କରିବାର କ୍ଷମତା ଶିକ୍ଷାର ରହିଛି। ପ୍ରତ୍ୟେକ ପରିବାର ଓ ସମାଜର ମୂଳଦୁଆ ହେଉଛି ଶିକ୍ଷା। ସକରାତ୍ମକ ପରିବର୍ତ୍ତନ ଆଣିବାରେ ଛାତ୍ରୀଛାତ୍ରଙ୍କ କ୍ଷମତା ରହିଛି। ତେଣୁ ସବୁବେଳେ ଧୈର୍ଯ୍ୟର ସହ ସକାରାତ୍ମକ ମନୋଭାବ ରଖିଲେ ପ୍ରତ୍ୟେକ ଆଶା ଠିକ୍ ସମୟରେ ପୂରଣ ହୋଇ ପାରିବ ବୋଲି ସେ କହିଥିଲେ। ସେହିପରି ଶିକ୍ଷା ଶିଶୁର ତୃତୀୟ ନୟନ ବୋଲି ଡ. ସାମନ୍ତ କହିଥିଲେ। ଶିକ୍ଷା ପରିବାର, ସମାଜ, ରାଜ୍ୟ ଓ ଦେଶ ବିକାଶର ମୂଳ ଆଧାର। ଜନଜାତି ପିଲାଙ୍କ କଲ୍ୟାଣ ନିମନ୍ତେ କିସ୍ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଥିବାରୁ ସେ ହରିକୁମାରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କିଟ୍ କୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ ଉପସ୍ଥିତ ଥିଲେ।



ବଡ଼ଗଡ଼ ଥାନା ଅନ୍ତର୍ଗତ କେନାଲରୋଡ୍ ପାର୍ଶ୍ୱ ମହିଷାଖାଲରେ ଥିବା ବେଆଇନ ଘରକୁ ଗୁରୁବାର ବିଡିଏ ପକ୍ଷରୁ ଉଚ୍ଛେଦ କରାଯାଉଛି।

# ବିଜେବି ନଗର, ଭଗବାନପୁର ମୌଜାରୁ ୧୩ ଘର ଭଙ୍ଗାଗଲା

ଭୁବନେଶ୍ୱର, ୨୫।୮(ବ୍ୟୁରୋ)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ବିଜେବି ନଗରସ୍ଥିତ ମହିଷାଖାଲ ଓ ଭଗବାନପୁର ମୌଜାରେ ବେଆଇନ ନିର୍ମାଣକୁ ଗୁରୁବାର ଉଚ୍ଛେଦ କରାଯାଇଛି। ବିଜେବି ନଗରସ୍ଥିତ ପ୍ଲଟ ନଂ.୫୧୮ ଏବଂ ୫୨୮ରେ ଥିବା ମୋଟ ୧୧ଟି ଘର ଭଙ୍ଗା ଯାଇଛି। ସେହିପରି ଭଗବାନପୁର ମୌଜାର ପ୍ଲଟ୍ ନଂ. ୨୧ରେ ହୋଇଥିବା ୩ଟି ଘରକୁ ବିଡିଏ ପକ୍ଷରୁ ଭଙ୍ଗାଯାଇଛି। ଆଇନ୍‌ଶୃଙ୍ଖଳା ପରିସ୍ଥିତି ପାଇଁ ୧ ପ୍ଲାଟୁନ୍ ରିଜର୍ଭ ପୋଲିସ ଫୋର୍ସ ଓ ଗୋଟିଏ ସେକ୍ସନ୍ ମହିଳା ପୋଲିସ ମୁତୟନ କରାଯାଇଥିଲା। ଉଚ୍ଛେଦ ସମୟରେ ବିଡିଏ ଏନଫୋର୍ସମେଣ୍ଟ ଅଫିସର ପ୍ରମୋଦ ପାତ୍ର, ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଓ ବଡ଼ଗଡ ଥାନା ଆଇଆଇସି ତୃପ୍ତିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଚୋରି ମାମଲାରେ ୨ଗିରଫ

ବାଲକାଟୀ,୨୫।୮(ଡି.ଏନ୍.ଏ.)

ବାଲିଅନ୍ତା ଥାନା ପୋଲିସ ଚୋରି ମାମଲାରେ ବାଲକାଟୀ ଫାଣ୍ଡି ଅଞ୍ଚଳର ଦୁଇଜଣକୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଏମାନେ ହେଲେ ବାଲକାଟୀ ବଡଭୋଇ ସାହିର ଦିପୁ ଓରଫ ଅନିଲ ଭୋଇ ଓ ଚାରିମାଣିଆ ଗ୍ରାମର ସନାତନ ଭୋଇ। ସୂଚନା ମୁତାବକ, ବାଲକାଟୀ ଜଗନ୍ନାଥ କଲୋନୀରେ ଗତ ୧୮ତାରିଖ ରାତିରେ ସିରିଜ ଚୋରି ହୋଇଥିଲା। ୪ଜଣଙ୍କ ଘରୁ ଗୋଟିଏ ରାତିରେ ବିଭିନ୍ନ ସାମଗ୍ରୀ ଚୋରି ହେବା ଘଟଣାରେ ୪ଟି ଅଭିଯୋଗ ବାଲକାଟୀ ଫାଣ୍ଡିରେ ହୋଇଥିଲା।

ଗୋଟିଏ ମାମଲାରେ ବୁଧବାର ରଥିଜେମା ନିକଟରେ କବାଡି ଦୋକାନୀ କେଦାର ନନ୍ଦୀ, ଚନ୍ଦନ ଭୋଇ, ମକର ଭୋଇ, ଭୀମ ଭୋଇଙ୍କୁ ପୋଲିସ ଗିରଫ କରିଥିଲା। ତେବେ ଗୁରୁବାର ଆଉ ଏକ ମାମଲା ନମ୍ବର ନଂ.୩୨୪/୨୨ରେ ଅନିଲ ଓ ସନାତନଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ଏମାନେ ବାଲକାଟୀ ଓ ଆଖପାଖ ଅଞ୍ଚଳରେ ଘଟୁଥିବା ଚୋରି ଘଟଣାରେ ସମ୍ପୃକ୍ତ ଥିବା ବାଲକାଟୀ ଫାଣ୍ଡି ଅଧିକାରୀ ମୁନତାଜ ଅଲ୍ଲୀ ଖାଁ ସୂଚନା ଦେଇଛନ୍ତି. ଏମାନଙ୍କ ସହଯୋଗୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଫାଣ୍ଡି ଅଧିକାରୀ ଖାଁ ସୂଚନା ଦେଇଛନ୍ତି। ଏଥିସହ ଏ ଅଞ୍ଚଳରେ ଚୋରା ନିଶା ବେପାରୀଙ୍କ ଉପରେ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ପିଜି ପାଠ୍ୟକ୍ରମ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ଅନୁମତି

ଭୁବନେଶ୍ୱର,୨୫।୮(ବ୍ୟୁରୋ)




କ୍ୟାପିଟାଲ ହସ୍ପିଟାଲରେ ୨୦୨୨-୨୩ ଶିକ୍ଷାବର୍ଷରୁ ପିଜି ପାଠ୍ୟକ୍ରମ ଆରମ୍ଭ ନିମନ୍ତେ ଅନୁମତି ମିଳିଛି। ପ୍ରଥମ ପର୍ଯ୍ୟାୟରେ ଜେନେରାଲ ସର୍ଜରି ବିଭାଗରେ ୫ଟି ପିଜି ସିଟ୍‌ରେ ନାମ ଲେଖାଇବାକୁ ଜାତୀୟ ମେଡିକାଲ କମିଶନଙ୍କ ମେଡିକାଲ ଆସେସ୍‌ମେଣ୍ଟ ଆଣ୍ଡ ରେଟିଂ ବୋର୍ଡ (ଏମ୍ଏଆର୍‌ବି) ସର୍ତ୍ତମୂଳକ ଅନୁମତି ଦେଇଛନ୍ତି। ଜାତୀୟ ମେଡିକାଲ କମିଶନଙ୍କ ଏମ୍ଏଆର୍‌ବି(ପିଜି ବିଭାଗ) ଦ୍ୱାରା ଗୁରୁବାର କ୍ୟାପିଟାଲ ହସ୍ପିଟାଲସ୍ଥିତ ପିଜିଏମ୍ଇଆର୍ ପ୍ରିନ୍ସିପାଲଙ୍କୁ ଚିଠି ଲେଖାଯାଇଛି। ସୂଚନାଯୋଗ୍ୟ, ରାଜ୍ୟ ସରକାର କ୍ୟାପିଟାଲ ହସ୍ପିଟାଲକୁ 'ପୋଷ୍ଟ ଗ୍ରାଜୁଏଟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚ' (ପିଜିଆଇଏମ୍ଇଆର୍) ଭାବେ ବିକଶିତ କରି ୨୦୨୨-୨୩ ଶିକ୍ଷାବର୍ଷରୁ ୧୫ଟି ବିଭାଗର ପିଜି ପାଠ୍ୟକ୍ରମ ଆରମ୍ଭ ନିମନ୍ତେ ନିଷ୍ପତ୍ତି ନେଇଥିଲେ। ସେଥିରୁ ମେଡିସିନ, ଜେନେରାଲ ସର୍ଜରି, ପ୍ରସୂତି ଓ ଶିଶୁରୋଗ ବିଭାଗରେ ୫ଟି ଲେଖାଏଁ ପିଜି ସିଟ୍ ଏବଂ ଅନ୍ୟ ୧୧ଟି ବିଭାଗରେ ୩ଟି ଲେଖା ପିଜି ସିଟ୍ ଖୋଲିବାକୁ ରାଜ୍ୟ ସରକାର ଯୋଜନା ରଖିଛନ୍ତି। ଏଥିପାଇଁ ୧୨୦ଜଣ ଶିକ୍ଷକ(ଟିଚିଂ ଷ୍ଟାଫ୍) ଓ ୫୦ଜଣ ଅଣଶିକ୍ଷକ କର୍ମଚାରୀଙ୍କ ନିଯୁକ୍ତି ନିମନ୍ତେ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇସାରିଛି। ଏଥିପାଇଁ ଏମ୍ଏଆର୍‌ବି ଦ୍ୱାରା ଜୁଲାଇ ୧୩ରେ ଅଧ୍ୟାପକ, ସେମାନଙ୍କର ଅଭିଜ୍ଞତା ଓ ଅନ୍ୟାନ୍ୟ ଶିକ୍ଷଣୀୟ ସୁବିଧା ସୁଯୋଗ ଏବଂ ଭିତ୍ତିଭୂମିର ଅନୁଧ୍ୟାନ କରାଯାଇଥିଲା। ଜାତୀୟ ମେଡିକାଲ କମିଶନଙ୍କ ପ୍ରାବଧାନ ମୁତାବକ ପିଜିଆଇଏମ୍ଇଆର୍ କର୍ତ୍ତୃପକ୍ଷଙ୍କୁ ଆବଶ୍ୟକ ଭିତ୍ତିଭୂମି ସହ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ, କୋଠା, ଉପକରଣ ଓ ହସ୍ପିଟାଲ ସୁବିଧା ଏହି ସିଟ୍‌ରେ ପଢ଼ିବାକୁ ଥିବା ପିଲାମାନଙ୍କ ନିମନ୍ତେ ଉପଲବ୍ଧ କରିବାକୁ କୁହାଯାଇଛି।

# ଚତୁର୍ଥ ରବିବାରରେ ଭସାଣି ଅନୁମତି ପାଇଁ ଆବେଦନ

**ହାଇକୋର୍ଟରେ ବୁଢ଼ା ଗଣେଶ ବିସର୍ଜନ ପ୍ରସଙ୍ଗ**

କଟକ ଅଫିସ,୨୫।୮

ପ୍ରଚଳିତ ପରମ୍ପରା ଅନୁସାରେ କଟକ ସହରରେ ଦ୍ୱିତୀୟା ଘାଣ୍ଟ ପରେ ବୁଢ଼ା ଗଣେଶ ବା ଘାଣ୍ଟଖିଆ ଗଣେଶଙ୍କ ବିସର୍ଜନ ହୋଇଥାଏ । ଉକ୍ତ ପରମ୍ପରାକୁ ବଜାୟ ରଖିବା ପାଇଁ ଚଳିତ ବର୍ଷ ସେପ୍ଟେମ୍ବର ୨୫ ତାରିଖରେ ଘାଣ୍ଟଖିଆ ଗଣେଶଙ୍କ ବିସର୍ଜନ ନିମନ୍ତେ ହାଇକୋର୍ଟ ଅନୁମତି ଦେବାକୁ ଏକ ମାମଲା ଦାଏର ହୋଇଛି। କଟକ ନଗର ବୁଢ଼ା ଗଣେଶ ପୂଜା କମିଟି ସଭାପତି ଶିବେନ୍ଦ୍ର ହାତୀଙ୍କ ପକ୍ଷରୁ ଆଗତ ଏହି ମାମଲାକୁ ଆଇନଜୀବୀ ବିଭୂତିଭୂଷଣ ଚୌଧୁରୀ ପରିଚାଳନା କରୁଛନ୍ତି। ଆଇନଜୀବୀ ଧର୍ମେଶ ନାୟକ ଓ ବିଜୟ ବେହେରା ସହଯୋଗ କରୁଛନ୍ତି।

ମାମଲାର ବିବରଣୀ ଅନୁସାରେ ବକ୍ସିବଜାର ବଣିଆସାହି ଶ୍ରୀବୁଢ଼ା ଗଣେଶ ବା ଘାଣ୍ଟଖିଆ ଗଣେଶଙ୍କ ପୂଜା ୬ଶହ ବର୍ଷ ହେବ ଚାଲିଆସିଛି। ଗଣେଶ ପୂଜା ପରେ ପରବର୍ତ୍ତୀ ତିନୋଟି ରବିବାରରେ ଲଗାତର ଭସାଣି ପର୍ବ ଶେଷ କରିବା ପାଇଁ ୨୦୧୫ରେ ହାଇକୋର୍ଟଙ୍କ ରାୟ ଥିଲା। ଏଥର ଗଣେଶ ପୂଜା ଅଗଷ୍ଟ ୩୧ରେ ହେବ। ତେଣୁ ଏହାର ପରବର୍ତ୍ତୀ ପ୍ରଥମ ରବିବାର ସେପ୍ଟେମ୍ବର ୪ରେ ପ୍ରଶାସନ ବିଭିନ୍ନ ମଣ୍ଡପକୁ ବିସର୍ଜନ ନିମନ୍ତେ ଅନୁମତି ଦେଇଛି। ଯେଉଁ ମଣ୍ଡପରେ ଅନନ୍ତ ଚତୁର୍ଦ୍ଦଶୀ ବ୍ରତ ପାଳନ ବିଧି ଅଛି ସେଠାରେ ଦ୍ୱିତୀୟ ରବିବାର ସେପ୍ଟେମ୍ବର ୧୧କୁ ବିସର୍ଜନ ପାଇଁ ଅନୁମତି ଦିଆଯାଇଛି। ମାତ୍ର ତୃତୀୟ ରବିବାର ଅର୍ଥାତ ସେପ୍ଟେମ୍ବର ୧୮ ତାରିଖରେ ଦ୍ୱିତୀୟା ଘାଣ୍ଟଓଷା ପାଳିତ ହେବ। ଏଣୁ ପ୍ରାୟ ୧୫ରୁ ୨୦ଟି ଘାଣ୍ଟଗଣେଶ ମେଢ଼ରେ ବିଭିନ୍ନ ମାନସିକ ପୂଜାବିଧି ଅନୁଷ୍ଠିତ ହେବ। ଭକ୍ତମାନଙ୍କୁ ଘାଣ୍ଟ ଓ ଅନ୍ନପ୍ରସାଦ ବିତରଣ ହେବ। ଏହି କାରଣରୁ ପରବର୍ତ୍ତୀ ରବିବାର ୨୫ ତାରିଖରେ ଘାଣ୍ଟ ଗଣେଶଙ୍କ ବିସର୍ଜନ ପାଇଁ ଅନୁମତି ଦେବାକୁ ଆବେଦନରେ ପ୍ରାର୍ଥନା କରାଯାଇଛି।




ୟୁନିସେଫ୍ ପକ୍ଷରୁ ଗୁରୁବାର ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମଠାରେ ଲିଙ୍ଗଗତ ସମ୍ବେଦନଶୀଳ ରିପୋର୍ଟିଂ ଓ ଲେଖା ସମ୍ପର୍କିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଦଶମ, ଦ୍ୱାଦଶର କୃତୀ ୧୩୨ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ




ଭୁବନେଶ୍ୱର,୨୫।୮(ବ୍ୟୁରୋ)

**ବିଜେଇଏମ୍ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ**

ବିଜେଇଏମ୍ ସ୍କୁଲ୍ ପକ୍ଷରୁ ଗୁରୁବାର ଏକ ସମ୍ବର୍ଦ୍ଧନା ଉତ୍ସବ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ୨୦୨୧-୨୨ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟଅତିଥି ଭାବେ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଡେପୁଟି ଗଭର୍ଣ୍ଣର ହାରୁନ୍ ରସିଦ ଖାନ୍ ଯୋଗଦେଇ ପିଲାଙ୍କ ବୈଜ୍ଞାନିକ ମନୋବୃତ୍ତି, ଶୈକ୍ଷିକଚେତନା, ଅନ୍ତର୍ନିହିତ ଗୁଣର ବିକାଶ ଉପରେ ଗୁରୁତ୍ୱ ଦେବା ସହ ଛାତ୍ରୀଛାତ୍ରଙ୍କୁ ପଥପ୍ରଦର୍ଶନମୂଳକ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଘୁନାଥ ମିଶ୍ର ପିଲାଙ୍କୁ ନୀତିନିଷ୍ଠ, ସମୟାନୁବର୍ତ୍ତୀ ତଥା ପରିଶ୍ରମୀ ହେଲେ ସଫଳତା ମିଳିପାରିବ ବୋଲି କହିଥିଲେ। କମିଟି ପରିଚାଳକ ପ୍ରତାପ କୁମାର ଜେନା ସମୟର ଉପଯୋଗ, ଶିକ୍ଷା ପ୍ରତି ଶ୍ରଦ୍ଧା ସହ ନୈତିକ ଓ ବୌଦ୍ଧିକ ଗୁଣର ବିକାଶ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ସନ୍ଧ୍ୟା ଜେନା ପିଲାଙ୍କ ଚରିତ୍ର ପରିଶୋଧନ, ଆନୁସଙ୍ଗିକ ଗୁଣର ବିକାଶ ଓ ଶିକ୍ଷାର ବିଭିନ୍ନ ଦିଗ ପ୍ରତି ଆଲୋଚନା ପୂର୍ବକ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର, ପର୍ଯ୍ୟବେକ୍ଷକ ଶିବାନୀ ପଟ୍ଟନାୟକ ପିଲାଙ୍କୁ ଉତ୍ସାହିତ କରିଥିଲେ। ଦ୍ୱାଦଶ ବିଜ୍ଞାନରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ରାଜେଶ କୁମାର ଜେନା, ବାଣିଜ୍ୟରେ ବି. ରକ୍ସିତା ପଟ୍ଟନାୟକ ଏବଂ ଦଶମରେ ଅମ୍ରିତ କୁମାର ଘୋଷାଲ ନିଜର ପଠନର ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି ଅବସରରେ ଦଶମ ଶ୍ରେଣୀର ୯୫ଜଣ ଏବଂ ଦ୍ୱାଦଶ ବିଜ୍ଞାନର ୩୦ ଓ ବାଣିଜ୍ୟରେ ୬ଜଣ ୯୦%ରୁ ଅଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କ ସ୍ମୃତିଫଳକ ଦେଇ ସମ୍ମାନିତ କରାଯାଇଥିଲା। ପର୍ଯ୍ୟବେକ୍ଷକ ସ୍ମିତା ମହାନ୍ତି, ସୁଚରିତା ଦାସ ଉପସ୍ଥିତ ଥିବାବେଳେ ପର୍ଯ୍ୟବେକ୍ଷକ ବରଦା ପ୍ରସାଦ ପାଇରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ନବଉତ୍କଳର ନିର୍ମାତା ଥିଲେ ହରେକୃଷ୍ଣ ମହତାବ

ଭୁବନେଶ୍ୱର,୨୫।୮(ବ୍ୟୁରୋ)




ରାଜ୍ୟ ଅଭିଲେଖାଗାରରେ ଆଜାଦୀକା ଅମୃତ ମହୋତ୍ସବ ଏବଂ ୬୩ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଡ. ହରେକୃଷ୍ଣ ମହତାବ ଏବଂ ଓଡ଼ିଶାର ସାଂସ୍କୃତିକ ଧାରା' ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟବକ୍ତା ଭାବେ ଐତିହାସିକ ତଥା ଶିକ୍ଷାବିତ୍ ଡ. କୈଳାଶ ଚନ୍ଦ୍ର ଦାଶ ଯୋଗଦେଇ କହିଲେ, ନବଉତ୍କଳର ନିର୍ମାତା, ଅସାଧାରଣ ରାଜନୀତିଜ୍ଞ ଥିଲେ ଉତ୍କଳ କେଶରୀ ହରେକୃଷ୍ଣ ମହତାବ। ଜୀବନର ଦୀର୍ଘ ୬୦ ବର୍ଷରୁ ଊର୍ଦ୍ଧ୍ୱକାଳ ଓଡ଼ିଶାର ସାମାଜିକ, ସାଂସ୍କୃତିକ ଜୀବନରେ ଅବିସ୍ମରଣୀୟ ଭୂମିକା ଗ୍ରହଣ କରିଥିଲେ। ସେ ଗାନ୍ଧିବାଦୀ ଆଦର୍ଶ ଓ କର୍ମପନ୍ଥାରେ ଉଦ୍‌ବୁଦ୍ଧ ହୋଇ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ବିଭିନ୍ନ ପର୍ଯ୍ୟାୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ୧୯୨୩ରେ ସେ ପ୍ରଜାତନ୍ତ୍ର ଖବରକାଗଜ ପ୍ରକାଶ କରି ସାମ୍ବାଦିକତା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଓଡ଼ିଶାର ସାଂସ୍କୃତିକ ଧାରାକୁ ସେ ବହୁଳ ଭାବେ ପ୍ରସାରିତ କରିଥିଲେ ବୋଲି ସେ କହିଥିଲେ। ମୁଖ୍ୟ ଅତିଥି ଭାବେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଯୋଗଦେଇ କହିଲେ, ଡ. ହରେକୃଷ୍ଣ ମହତାବ ରାଜନୈତିକ କ୍ଷେତ୍ରରେ ଓଡ଼ିଶାର ଶେଷ ପ୍ରଧାନମନ୍ତ୍ରୀ ଏବଂ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ। ଦେଶୀୟ ରାଜ୍ୟଗୁଡ଼ିକୁ ଏକତ୍ରିତ କରିବାରେ ତାଙ୍କର ଭୂମିକା ଅନନ୍ୟ। ହୀରାକୁଦର ବହୁମୁଖୀ ମାଟିବନ୍ଧ, ରାଉରକେଲା ଇସ୍ପାତ କାରଖାନା, ସାହିତ୍ୟ, ସାମାଜିକ ଓ ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଭୂମିକା ଅତୁଳନୀୟ। ଉତ୍ସବରେ ପୌରୋହିତ କରି ବିଭାଗୀୟ ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁ ଡ. ହରେକୃଷ୍ଣ ମହତାବଙ୍କ ବିଷୟରେ ସୂଚନା ଦେବା ସହ ଓଡ଼ିଶାର ଇତିହାସ, ଭାଷା, ସାହିତ୍ୟ କିପରି ସଂସ୍କୃତି ସହ ଓତଃପ୍ରୋତଃ ଭାବେ ଜଡିତ ସେ ସମ୍ପର୍କରେ କହିଥିଲେ। ସମ୍ମାନରେ ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ଓ ଉପେନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ, ସ୍ୱାମୀ ଗିରଫ

ଭୁବନେଶ୍ୱର,୨୫।୮(ବ୍ୟୁରୋ): ୫୦୦ ଟଙ୍କା ପାଇଁ ସ୍ତ୍ରୀଙ୍କୁ ଲୁହା ରଡ଼ରେ ମରଣାନ୍ତକ ଆକ୍ରମଣ। ଅଭିଯୋଗ ପରେ ମଞ୍ଚେଶ୍ୱର ଥାନା ପୋଲିସ ସଂପୃକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଅଞ୍ଚଳର ଅରୁଣ ଦାସ। ଏଥିସହ ଆକ୍ରମଣରେ ବ୍ୟବହୃତ ଲୁହା ରଡକୁ ପୋଲିସ ଜବତ କରିଛି। ଏନେଇ ପୋଲିସ ମାମଲା (ନଂ.୩୦୬/୨୨) ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ୨ ଭାଇଙ୍କୁ ସଂଘବଦ୍ଧ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର,୨୫।୮(ବ୍ୟୁରୋ): ଦୁଇ ଭାଇଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଜଣକୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ତପୋବନ ବସ୍ତିରେ ରହୁଥିବା ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ତେନ୍ତୁଳିଆ ଗ୍ରାମର ଶିବରାମ ପରିଚ୍ଛା। ସେହିପରି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ୩ ଅଭିଯୁକ୍ତ ଫେରାର ଅଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ ୩୩୯/୨୨) ରୁଜୁ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଯାଇଛି। ସୂଚନାନୁସାରେ, ଗତ ୨୪ ତାରିଖ ସାଢ଼େ ୧୦ଟାରେ ଘାଟିକିଆ ଚାଲସାହିର ବାପିନା ଜେନାଙ୍କ ବଡ ଭାଇ ତପୋବନ ବସ୍ତି ନିକଟରେ ଏକ ଫାଷ୍ଟ ଫୁଡ୍ ଦୋକାନରେ ଖାଉଥିଲେ। ଏହି ସମୟରେ ଶିବରାମ ୩ ଜଣ ସହଯୋଗୀଙ୍କ ସହ ଆସି କୌଣସି କାରଣକୁ ନେଇ ବାପିନାଙ୍କ ବଡ଼ ଭାଇଙ୍କୁ ଗାଳିଗୁଲଜ କରିଥିଲେ। ସ୍ଥାନୀୟ ଲୋକେ ହସ୍ତକ୍ଷେପ କରିବାରୁ ସମାଧାନ ହୋଇଥିଲା। ହେଲେ ଶିବାରାମ ଓ ତାଙ୍କ ସହଯୋଗୀ ପୁଣି ଆସି ବାପିନାଙ୍କ ବଡ଼ ଭାଇ ମୁହଁକୁ ପାଇପ୍‌ରେ ଆକ୍ରମଣ କରିଥିଲେ। ଭାଇକୁ ବଞ୍ଚାଇବାକୁ ବାପିନା ଆସିବାରୁ ସେମଧ ଆକ୍ରମଣର ଶିକାର ହୋଇଥିଲେ। ଏପରିକି ଆକ୍ରମଣକାରୀମାନେ ଏକ ଖଣ୍ଡା ଧରି ଦୁଇ ଭାଇଙ୍କୁ ହାଣିବାକୁ ପିଛା କରିଥିଲେ। ସ୍ଥାନୀୟ ଲୋକେ ଆସିଯିବାରୁ ସେମାନେ ବାଇକ୍ ଛାଡ଼ି ଫେରାର ହୋଇଯାଇଥିଲେ। କିନ୍ତୁ ଉତ୍ତ୍ୟକ୍ତ ଲୋକ ଆକ୍ରମଣକାରୀଙ୍କ ବାଇକ୍‌କୁ ବାଡେଇ ଭାଙ୍ଗି ଦେଇଥିଲେ। ଖବରପାଇ ଭରତପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଥିଲା। ବିଭିନ୍ନ ସ୍ଥାନରେ ଚଢ଼ାଉ ବେଳେ ବୁଧବାର ରାତିରେ ମୁଖ୍ୟ ଅଭିଯୁକ୍ତ ଶିବରାମଙ୍କୁ ପୋଲିସ ଗିରଫ କରି ଥାନାକୁ ଆଣି ପଚରାଉଚରା କରିଥିଲା। ଏଥିସହ ଶିବରାମ ଜଣେ ପେସାଗତ ଅପରାଧୀ ବୋଲି ଜାଣିବାକୁ ପାଇଥିଲା। ଶିବରାମ ନାଁରେ ବୁଗୁଡ଼ା, ଜଗନ୍ନାଥପ୍ରସାଦ ଥାନାରେ ବିଭିନ୍ନ ଆପରାଧିକ ମାମଲା ଥିବା ପୋଲିସ କହିଛି।

### ନିଖୋଜ ବୃଦ୍ଧାଙ୍କ ମୃତଦେହ ଜବତ

ନିଆଳି, ୨୫।୮(ଡି.ଏନ୍.ଏ.): ନିଆଳି ଥାନା ଅନ୍ତର୍ଗତ ଟୋଲାଗୋପୀନାଥପୁର ନିକଟ ପ୍ରାଚୀନଦୀରୁ ଜଣେ ବୃଦ୍ଧାଙ୍କ ମୃତଦେହ ଗୁରୁବାର ଉଦ୍ଧାର କରାଯାଇଛି। ସେ ହେଲେ ଏହି ଥାନା ଅଧୀନ ଜଲ୍ଲାରପୁର ପଞ୍ଚାୟତ ସାରୁଆସାହିର ବଗୁଲି ସାହୁ। ବୁଧବାର ସନ୍ଧ୍ୟାରେ ସେ ଶୌଚ ହେବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରେ ତାଙ୍କ ପରିବାର ଲୋକେ ଖୋଜାଖୋଜି କରି ନିରାଶ ହୋଇଥିଲେ। ଗୁରୁବାର ପ୍ରାଚୀ ନଦୀରେ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ନିଆଳି ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ।

# ୨୩ ଦିବ୍ୟାଙ୍ଗ ବ୍ୟବସାୟୀଙ୍କୁ ମିଳିବ ଭେଣ୍ଡିଂ ଜୋନ୍

## ବିଏମ୍‌ସିର ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଉଠିଲେ

ଭୁବନେଶ୍ୱର, (ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର, ୨୫।୮ (ଡି.ଏନ୍.ଏ.)

୩ଦିନର ଆନ୍ଦୋଳନ ପରେ ଶେଷରେ ଦିବ୍ୟାଙ୍ଗ ବ୍ୟବସାୟୀଙ୍କୁ ଥଇଥାନ ନେଇ ପ୍ରତିଶ୍ରୁତି ମିଳିଛି। ଆସନ୍ତା ୩ମାସ ମଧ୍ୟରେ ୨୩ଜଣ ଦିବ୍ୟାଙ୍ଗ ବ୍ୟବସାୟୀଙ୍କୁ ଭୁବନେଶ୍ୱରରେ ଭେଣ୍ଡିଂ ଜୋନ୍ ଯୋଗାଇ ଦିଆଯିବ। ସେ ପର୍ଯ୍ୟନ୍ତ ସେମାନେ ପୁରୁଣା ବସ୍ ଷ୍ଟାଣ୍ଡରେ ଅସ୍ଥାୟୀ ଭାବେ ବ୍ୟବସାୟ କରିପାରିବେ ବୋଲି ନିଷ୍ପତ୍ତି ହେବା ପରେ ବିଏମ୍‌ସି ଅଫିସ୍ ସମ୍ମୁଖରେ ଧାରଣାରେ ବସିଥିବା ଦିବ୍ୟାଙ୍ଗ ବ୍ୟବସାୟୀମାନେ ଗୁରୁବାର ଆନ୍ଦୋଳନରୁ ଉଠିଛନ୍ତି। ବିଏମ୍‌ସି ଅଧିକାରୀ ପ୍ରମୋଦ କୁମାର ପୃଷ୍ଟି, ଭାଜପା ନେତା ବାବୁ ସିଂ, ବଡ଼ଗଡ଼ ଥାନା ଆଇଆଇସିଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ଥଇଥାନ ନେଇ ବିଏମ୍‌ସି ପକ୍ଷରୁ ଲିଖିତ ଭାବେ ପ୍ରତିଶ୍ରୁତି ଦିଆଯାଇଥିବା ସୂଚନା ଦିଆଯାଇଛି।



ଆଲୋଚନା ପରେ ବିଏମ୍‌ସିର ନିଷ୍ପତ୍ତି ସମ୍ପର୍କରେ ଭାଜପା ନେତା ବାବୁ ସିଂ ଆନ୍ଦୋଳନରତ ଦିବ୍ୟାଙ୍ଗ ବ୍ୟବସାୟୀଙ୍କୁ ଜଣାଉଛନ୍ତି।

ସୂଚନାଯୋଗ୍ୟ, ୟୁନିଟ୍-୨ ମାର୍କେଟ ବିଲ୍ଡିଂରେ ୨୦ବର୍ଷରୁ ଊର୍ଦ୍ଧ୍ୱ ହେବ ୨୩ଜଣ ଦିବ୍ୟାଙ୍ଗ ବ୍ୟବସାୟୀ ଅସ୍ଥାୟୀ ଦୋକାନ ଖୋଲି ଖେଳନା, ଇୟରବଡ଼, ନେଲ୍ କଟର, ସେଫ୍ଟିପିନ, ଗନ୍ଧକର୍ପୂର ଆଦି ଜିନିଷ ବିକ୍ରି କରି ନିଜ ଗୋଡ଼ରେ ଛିଡ଼ା ହେବାକୁ ଉଦ୍ୟମ କରୁଥିଲେ। ଏଥିସହ ଏହି ରୋଜଗାରରେ ସେମାନଙ୍କ ପରିବାର ଚଳୁଥିଲା। ମାତ୍ର ସ୍ଥାୟୀ ବ୍ୟବସାୟୀଙ୍କ ବିରୋଧ ଓ ବିଏମ୍‌ସିର ପଦକ୍ଷେପ ଯୋଗୁ ମାର୍କେଟ ବିଲ୍ଡିଂରେ ଅସ୍ଥାୟୀ ଓ ଉଠାଦୋକାନୀଙ୍କୁ ବାରମ୍ବାର ଉଚ୍ଛେଦ କରାଯାଉଛି। ନିକଟରେ ମଧ୍ୟ ସ୍ଥାୟୀ ଓ ଅସ୍ଥାୟୀ ବ୍ୟବସାୟୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିବା ପରେ ବିଏମ୍‌ସି ପକ୍ଷରୁ ଉଠାଇ ଦିଆଯାଇଛି। ଫଳରେ ରୋଜଗାର ବନ୍ଦ ହୋଇ ଯାଇଥିବାରୁ ଦିବ୍ୟାଙ୍ଗ ବ୍ୟବସାୟୀମାନେ ଦୁଃଖ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। ବିଏମ୍‌ସିର ଏତାଦୃଶ କାର୍ଯ୍ୟକୁ ବିରୋଧ କରି ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ୩ଦିନ ହେବ ଧାରଣାରେ ବସିଥିଲେ। ସେମାନଙ୍କୁ ସମର୍ଥନ କରି ଭୁବନେଶ୍ୱର ସାଂଗଠନିକ ଜିଲା ଭାଜପା ସଭାପତି ବାବୁ ସିଂ ଆନ୍ଦୋଳନରେ ସାମିଲ ହେବା ସହ ଆନ୍ଦୋଳନକୁ ତୀବ୍ରତର କରିଥିଲେ। ବିଏମ୍‌ସି ଅଧିକାରୀଙ୍କ ସହ ଆଲୋଚନା ହେବା ପରେ ଶେଷରେ ସମାଧାନ ହୋଇଥିବାରୁ ଦିବ୍ୟାଙ୍ଗ ବ୍ୟବସାୟୀମାନେ ବିଏମ୍‌ସି ଓ ବାବୁ ସିଂଙ୍କୁ ଧନ୍ୟବାଦ ଜଣାଇଛନ୍ତି।




ସର୍ବନିମ୍ନ ପେନ୍‌ସନ ୯ହଜାର ଟଙ୍କାକୁ ବୃଦ୍ଧି, ମହଙ୍ଗା ଭତ୍ତା ପ୍ରଦାନ, ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଯୋଗାଣ ଦାବିରେ ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ ପକ୍ଷରୁ ଗୁରୁବାର ଭୁବନେଶ୍ୱରସ୍ଥିତ ଇପିଏଫ୍ ଅଫିସ୍ ସମ୍ମୁଖରେ ବିକ୍ଷୋଭ।

# ମହଙ୍ଗା ଭତ୍ତା, ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଦାବି

ଭୁବନେଶ୍ୱର, ୨୫।୮ (ବ୍ୟୁରୋ)

- ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନର ଧାରଣା
- କେନ୍ଦ୍ର ଶ୍ରମମନ୍ତ୍ରୀ ଭୂପେନ୍ଦର ଯାଦବଙ୍କୁ ସ୍ମାରକପତ୍ର

ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନ୍ ଆସୋସିଏଶନର ଆହ୍ୱାନକ୍ରମେ ଗୁରୁବାର ଭୁବନେଶ୍ୱର ସମେତ ବ୍ରହ୍ମପୁର, କେନ୍ଦୁଝର, ରାଉରକେଲା ଓ ବାଲେଶ୍ୱରର ଇପିଏଫ୍ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଓ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ରୂପାଲି ଛକଠାରେ ଥିବା କର୍ମଚାରୀ ଭବିଷ୍ୟନିଧି ସଂଗଠନ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସର୍ବନିମ୍ନ ପେନ୍‌ସନ୍ ୯ହଜାର ଟଙ୍କାକୁ ବୃଦ୍ଧି ସହିତ ମହଙ୍ଗା ଭତ୍ତା ପ୍ରଦାନ ଓ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦାବି ପ୍ରତି କେନ୍ଦ୍ର ସରକାରଙ୍କ ଉଦାସୀନତା ବିରୋଧରେ ବିକ୍ଷୋଭ କରାଯାଇଥିଲା। ଏଥିରେ ଖୋର୍ଦ୍ଧା, କଟକ, ପୁରୀ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ଅନୁଗୋଳ ଓ ଢେଙ୍କାନାଳ ଜିଲାରୁ ଶତାଧିକ ପେନ୍‌ସନଭୋଗୀ ଯୋଗଦେଇଥିଲେ। ଅନେକ ଶ୍ରମ ସଂଗଠନର ନେତୃତ୍ୱମାନେ ଉପସ୍ଥିତ ରହି ଏହି ଦାବିକୁ ସମର୍ଥନ ଜଣାଇଥିଲେ। ସଭା ପରେ ଏକ ୧୦ଜଣିଆ ନେତୃମଣ୍ଡଳୀ ଭୁବନେଶ୍ୱର ଆଞ୍ଚଳିକ ଭବିଷ୍ୟନିଧି କମିଶନଙ୍କ ଜରିଆରେ କେନ୍ଦ୍ର ଶ୍ରମମନ୍ତ୍ରୀ ଭୂପେନ୍ଦର ଯାଦବଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ସରକାର ଖୁବ୍‌ଶୀଘ୍ର ଦାବି ଉପରେ ବିଚାର ନ କଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବାସହ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଆସୋସିଏଶନ୍ ପକ୍ଷରୁ କୁହାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାବିଗୁଡ଼ିକ ପୂରଣ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଥିବା ସତ୍ତ୍ୱେ କେନ୍ଦ୍ର ସରକାର ବାରମ୍ବାର ଅବହେଳା କରୁଥିବାରୁ ଏହାକୁ ଦୃଢ ନିନ୍ଦା କରାଯାଇଥିଲା। ଭୁବନେଶ୍ୱରରେ ଏହି ସଭା ଖୋର୍ଦ୍ଧା ଜିଲା କମିଟି ସଭାପତି ପ୍ରଫୁଲ୍ଲ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ କମିଟି ସଭାପତି ଇଂ.ବିଜୟ ଜେନା, ଉପଦେଷ୍ଟା ରଞ୍ଜନ ଖୁଣ୍ଟିଆ, ମୁକ୍ତିକାନ୍ତ ମହାପାତ୍ର, ନଟବର ଆଚାର୍ଯ୍ୟ ଓ ରାଜ୍ୟ ନିଗମ କର୍ମଚାରୀ ମହାସଂଘ ଅଧ୍ୟକ୍ଷ ସତ୍ୟରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। ଖୋର୍ଦ୍ଧା ଜିଲା କମିଟି ସମ୍ପାଦକ ମାୟାଧର ମଲ୍ଲିକ, କଟକ ଜିଲା ସଭାପତି ରାଜକିଶୋର ସ୍ୱାଇଁ, ପୁରୀ ଜଲା ସମ୍ପାଦକ କସ୍ତୁରୀ ଚରଣ ସୁବୁଦ୍ଧି, କେନ୍ଦ୍ରାପଡ଼ା ଜିଲା ସମ୍ପାଦକ ବସନ୍ତ ଦାସ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

# ସମୁଦ୍ର କୂଳରୁ କଙ୍କାଳ ଜବତ

କୋଣାର୍କ,୨୫।୮(ଡି.ଏନ୍.ଏ.)

ପୁରୀ-କୋଣାର୍କ ବେଳାଭୂମି ରାମଚଣ୍ଡୀ ମୁହାଣଠାରୁ ନୂଆନଇ ମୁହାଣ ବାଙ୍ଗର ଜଙ୍ଗଲ ନିକଟ ସମୁଦ୍ର କୂଳରୁ ଗୁରୁବାର ଏକ ମାନବ ଶରୀର କଙ୍କାଳ ପଡ଼ିଥିବା ଦେଖିବାକୁ ମିଳିଛି। କଙ୍କାଳରେ ଲାଗିଥିବା କପଡ଼ା ପୋଷାକ ଓ ହାତରେ ଥିବା ଏକ କଡ଼ାରୁ ଏହା ଏକ ପୁରୁଷର କଙ୍କାଳ ଏବଂ ଏହାର ବୟସ ୨୫ରୁ ୩୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ସ୍ଥାନୀୟ ଲୋକେ ଦେଖି ପୋଲିସକୁ ସୂଚନା ଦେଇଥିବା ବେଳେ ଘଟଣା ସ୍ଥଳରେ ମେରାଇନ ଥାନା ପୋଲିସ ପହଞ୍ଚି କଙ୍କାଳକୁ ଜବତ କରିଛି। ପୁରୀ ଆରକ୍ଷୀ ଉପଅଧୀକ୍ଷକ, ରାମଚଣ୍ଡି ଥାନା ଅଧିକାରୀ, ଚନ୍ଦ୍ରଭାଗା ମେରାଇନ ଥାନା ଅଧିକାରୀ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମେରାଇନ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ନଂ.୪/୨୨ ରୁଜୁ କରାଯାଇ କଙ୍କାଳକୁ ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଯାଇଥିବା ଥାନାଧିକାରୀ ଶରତ ନାରାୟଣ ସେଠୀ ପ୍ରକାଶ କରିଛନ୍ତି।

# ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରକଳ୍ପ ପରିଚାଳନା ୟୁନିଟ୍ ଶୁଭାରମ୍ଭ



ଭୁବନେଶ୍ୱର,୨୫।୮(ବ୍ୟୁରୋ)

## 'ଏଣିକି ବିଭାଗର ସମସ୍ତ କାର୍ଯ୍ୟକ୍ରମ ଜନସାଧାରଣଙ୍କ ନିକଟରେ ପହଞ୍ଚିବ'

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗୁରୁବାର ପ୍ରକଳ୍ପ ପରିଚାଳନା ଏକକ ବା ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟ୍ (ପିଏମ୍‌ୟୁ)ର ଶୁଭାରମ୍ଭ କରାଯାଇଛି। ବିଭାଗ ଅଧୀନ ବିଭିନ୍ନ ସଂସ୍ଥା ଓ ପ୍ରତିଷ୍ଠାନ ଦ୍ୱାରା କରାଯାଉଥିବା କାର୍ଯ୍ୟକ୍ରମକୁ ଲୋକାଭିମୁଖୀ କରିବା ସହ ବିଭାଗୀୟ କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଏହା ଆରମ୍ଭ ହୋଇଛି। ନିର୍ଦ୍ଦେଶାଳୟ ସମ୍ମିଳନୀ କକ୍ଷରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଏହି ପ୍ରକଳ୍ପ ୟୁନିଟ୍‌କୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଆଇଟି ବିଭାଗ ସହଯୋଗରେ ଓଏଏସ୍‌ୱାଇଏସ୍ ଅନୁଷ୍ଠାନ ଏହାର ପରିଚାଳନା କରିବ। ଏହାଦ୍ୱାରା ଏଣିକି ବିଭାଗ ଅନ୍ତର୍ଗତ ରାଜ୍ୟ ସଂଗ୍ରହାଳୟ, ଓଡିଶା ସାହିତ୍ୟ ଏକାଡେମୀ, ଓଡ଼ିଆ ଭାଷା ପ୍ରତିଷ୍ଠାନ, ରବୀନ୍ଦ୍ର ମଣ୍ଡପ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର, ରାଜ୍ୟ ଅଭିଲେଖାଗାର, ଗୁରୁ କେଳୁଚରଣ ଓଡିଶୀ ଗବେଷଣା କେନ୍ଦ୍ର, ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଓଡିଶା ଲଳିତ କଳା ଏକାଡେମୀ, ସଙ୍ଗୀତ ନାଟକ ଏକାଡେମୀ ସହ ବିଭାଗର ସମସ୍ତ କାର୍ଯ୍ୟକ୍ରମକୁ ବିଭିନ୍ନ ମୁଦ୍ରଣ, ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମରେ ବ୍ୟାପକ ପ୍ରଚାର ଓ ପ୍ରସାରଣ ସହଜ ହେବ। ଫଳରେ ବିଭାଗ ଦ୍ୱାରା ଆୟୋଜିତ ହେଉଥିବା ସମସ୍ତ କାର୍ଯ୍ୟକ୍ରମ ସର୍ବସାଧାରଣଙ୍କ ନିକଟରେ ପହଞ୍ଚି ପାରିବ। ଏହି ପ୍ରକଳ୍ପ ପରିଚାଳନା ୟୁନିଟ୍ ଆବଶ୍ୟକ ବୈଷୟିକ ଜ୍ଞାନକୌଶଳ ସମ୍ପର୍କରେ ବିଭାଗକୁ ପରାମର୍ଶ ଦେବ। ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର ପଞ୍ଜୀକରଣ, କାର୍ଯ୍ୟକ୍ରମର ଦୃଶ୍ୟଶ୍ରାବ୍ୟ ପ୍ରସ୍ତୁତି ଓ ତଥ୍ୟ ସଂରକ୍ଷଣରେ ଏହା ସହାୟକ ବୋଲି ବିଭାଗ ତରଫରୁ କୁହାଯାଇଛି। କାର୍ଯ୍ୟକ୍ରମରେ ବିଭାଗର ଉପ ଶାସନ ସଚିବ ସଞ୍ଜୟ କୁମାର ମିଶ୍ରଙ୍କ ସମେତ ବିଭାଗୀୟ ବିଭିନ୍ନ ଶାଖାର ଉଚ୍ଚ କର୍ତ୍ତୃପକ୍ଷ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ଅପରୂପା ଶିଳ୍ପୀ ସମବାୟ ସମିତି ଏବଂ କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ପକ୍ଷରୁ ଭୁବନେଶ୍ୱର ସୂଚନା ଭବନରେ ଗୁରୁବାର ଅନୁଷ୍ଠିତ ହସ୍ତଶିଳ୍ପ କାରିଗର ପରିଚୟପତ୍ର ବଣ୍ଟନ କାର୍ଯ୍ୟକ୍ରମରେ ବିଧାୟକ ଅନନ୍ତନାରାୟଣ ଜେନା ଓ ଅନ୍ୟମାନଙ୍କ ସହ କାରିଗରମାନେ।

# ସପ୍ତପୁରୀ ଅମାବାସ୍ୟା: କୁମ୍ଭାର ସାହିରୁ ଆସିଲା ତାଡ଼



ପୁରୁଣା ଭୁବନେଶ୍ୱର,୨୫।୮(ଡି.ଏନ୍.ଏ.)

ଆସନ୍ତା ଶନିବାର ସପ୍ତପୁରୀ ଅମାବାସ୍ୟା। ଏହି ଦିନ ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ମନ୍ଦିରରେ ସପ୍ତପୁରୀ ପିଠା ଲାଗିହେବ। ଏହା ପ୍ରତ୍ୟେକ ଧୂପ ଏବଂ ବେଢା ଭିତରେ ଥିବା ସମସ୍ତ ଠାକୁରଙ୍କ ପାଖରେ ଭୋଗ କରାଯିବ। ଏଣୁ ଗୁରୁବାର ସନ୍ଧ୍ୟାରୁ ପରମ୍ପରା ଅନୁଯାୟୀ କପିଳେଶ୍ୱର ଗ୍ରାମ କୁମ୍ଭାର ସାହିରୁ ମେଘ ଡମ୍ବରୁ ଏବଂ ଘଣ୍ଟ ଶୋଭାଯାତ୍ରାରେ ମନ୍ଦିରକୁ ତାଡ଼ ଆସିଥିଲା। କୁମ୍ଭାର ସେବାୟତମାନେ ନୂତନ ବସ୍ତ୍ର ପରିଧାନ କରି ଏହି ତାଡ଼କୁ ମନ୍ଦିରକୁ ଆଣିଥିଲେ। ସୂଚନାଥାଉକି, ଗୁରୁବାର ଚତୁର୍ଦ୍ଦଶୀ ଅବସରରେ ମା' ପାର୍ବତୀ ଠାକୁରାଣୀ ଉପବାସ କରିଥିଲେ। ସନ୍ଧ୍ୟା ଧୂପ ସରିବାପରେ ବିଶୋୟୀ ସେବକ ସାତପୁରୀ ପିଠାରେ ବ୍ୟବହୃତ ମୁଗ, ରାଶି, ବୁଟ ଇତ୍ୟାଦିକୁ ନୃସିଂହଙ୍କ ସମ୍ମୁଖରେ ଅସ୍ଥାୟୀ ଚୁଲିକରି ଭାଜିଥିଲେ। ଉକ୍ତ ଭଜା ସାମଗ୍ରୀକୁ ନେଇ ମହାସୁଆର ସେବକ ସାତଗୋଟି ସାତପୁରୀ ତିଆରି କରିଥିଲେ। ଶ୍ରୀ ଜୀଉଙ୍କ ସନ୍ଧ୍ୟା ଧୂପ ପରେ ଉକ୍ତ ସାତପୁରୀ ଏବଂ ଚରୁଅନ୍ନକୁ ରୁପାଥାଳିରେ ମା' ପାର୍ବତୀଙ୍କ ସମ୍ମୁଖରେ ରଖାଯାଇଥିଲା। ପରେ ଏହାକୁ ପୂଜାପଣ୍ଡା ସେବାୟତ ଭୋଗ ନୈବେଦ୍ୟ କରି ଆଳତି କରିଥିଲେ। ଏହାପରେ ମନ୍ଦିର ତରଫରୁ ସେବକମାନଙ୍କୁ ନଡ଼ିଆ ବଣ୍ଟନ କରାଯାଇଥିଲା।

## ଲିଙ୍ଗରାଜ ମନ୍ଦିର ରୋଷଘରେ ପଶି ଭୋଗ ଖାଇଲେ ମାନସିକ ବିକୃତ

ପୁରୁଣା ଭୁବନେଶ୍ୱର,୨୫।୮(ଡି.ଏନ୍.ଏ.)

ଶ୍ରୀଲିଙ୍ଗରାଜ ମନ୍ଦିରରେ ଠାକୁରଙ୍କ ନୀତିକାନ୍ତି ବେଳେ ଗୁରୁବାର ଏକ ଅଘଟଣ ଘଟିଛି। ରାତି ପ୍ରାୟ ୮ଟା ସମୟରେ ଠାକୁରଙ୍କ ବଡ଼ସିଂହାର ବେଶ ଚାଲିଥିବା ବେଳେ ହଠାତ୍ ଜଣେ ମାନସିକ ବିକୃତ ଲୋକ ମନ୍ଦିର ଭିତରକୁ ପଶିଯାଇଥିଲେ। ଆଶ୍ଚର୍ଯ୍ୟର କଥା ସେବାୟତ ଏବଂ ସୁରକ୍ଷା କର୍ମୀ ମନ୍ଦିର ଫାଟକ ନିକଟରେ ଥିବାବେଳେ ଏହି ଲୋକଟି ଅକ୍ଳେଶରେ ମନ୍ଦିରର କୋଠ ରୋଷ ଘରେ ପଶିଯାଇଥିଲେ। ସେଠାରେ ଥିବା ଠାକୁରଙ୍କ ଅମୁଁଣିଆ ପିଠା ଭୋଗ ଧରି ଖାଇ ଖାଇ ଫେରୁଥିଲେ। ଏହା ବାହାରେ ଥିବା ସେବାୟତମାନେ ଦେଖି ତାଙ୍କୁ ଅଟକାଇ ଥିଲେ। ହେଲେ ସେ ଠିକ୍ ଭାବେ କଥା ନ କହିବାରୁ ଛାଡ଼ି ଦେଇଥିଲେ। ଫଳରେ ଠାକୁରଙ୍କ ନୀତିରେ ସଂସ୍କାର କରାଯାଇ ପୁନଃ ଠାକୁରଙ୍କ ପାଇଁ ଦହି ପଖାଳ ଲାଗି କରାଯାଇଥିଲା।

# ମାଙ୍କଡ଼ କାମୁଡ଼ାରେ ୧୦ରୁ ଊର୍ଦ୍ଧ୍ୱ ଆହତ, ୩ ଗୁରୁତର

ନିରାକାରପୁର,୨୫।୮(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ଟାଙ୍କୋଳ ପଞ୍ଚାୟତରେ ଏକ ହନୁ ମାଙ୍କଡ଼ କାମୁଡାରେ ଗ୍ରାମର ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ବେଳେ ୩ଜଣ ଗୁରୁତର ହୋଇ ଭୁବନେଶ୍ୱରସ୍ଥିତ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ ଉକ୍ତ ପଞ୍ଚାୟତ ବିଭିନ୍ନ ଗ୍ରାମର ସୁଦେଇ ସାହୁ (୪୮), ଗଦା ବେହେରା (୫୫), ଛେତ ଜେନା(୬୫)। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ମାଙ୍କଡଟି ପ୍ରାୟ ୫/୭ ଦିନ ହେବ ଉଗ୍ର ହୋଇ ଗାଁ ଭିତରେ ଯାତାୟାତ କରୁଥିବା ସମୟରେ ଲୋକଙ୍କୁ ହଠାତ୍ ଆସି ଆକ୍ରମଣ କରୁଛି। ଏହି ମାଙ୍କଡ ଭୟରେ ଲୋକେ ଘରୁ ବାହାରିଲେ ଦଳ ହୋଇ ବାହାରିବା ସହିତ ସାଙ୍ଗରେ ଏକ ବାଡି ଧରି ବାହାରୁଛନ୍ତି।

# ଶୋଷଣ, ନିର୍ଯାତନା ବିରୋଧରେ ସ୍ୱର ଉଠାଇବାକୁ ଆହ୍ୱାନ

## ରାଜ୍ୟସ୍ତରୀୟ 'ଶାନ୍ତି ଓ ସଦ୍‌ଭାବନା ସମାରୋହ'

ଭୁବନେଶ୍ୱର,୨୫।୮(ବ୍ୟୁରୋ)

ସିଟିଜେନ୍ସ ଫର୍ କମ୍ୟୁନାଲ ହାର୍ମନି ଓ ପିସ୍ ଆଣ୍ଡ ଜଷ୍ଟିସ୍ ଓଡ଼ିଶା ପକ୍ଷରୁ ରାଜ୍ୟସ୍ତରୀୟ 'ଶାନ୍ତି ଓ ସଦ୍‌ଭାବନା ସମାରୋହ' ଗୁରୁବାର ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ୨୦୦୮ କନ୍ଧମାଳ ଦଙ୍ଗା ସହ କନ୍ଧମାଳ ଦିବସ ପାଳନ ପରିପ୍ରେକ୍ଷୀରେ ଏହି କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ପ୍ରଥମ ଅଧିବେଶନରେ ମୁଖ୍ୟବକ୍ତାଭାବେ ଯୋଗଦେଇ ମହାରାଷ୍ଟ୍ରର ପୂର୍ବତନ ଏମ୍‌ପି ତଥା ଆଇନଜୀବୀ ପ୍ରକାଶ ଆମ୍ବେଦକର କହିଲେ, ଏକ ଗଣତାନ୍ତ୍ରିକ, ଧର୍ମନିରପେକ୍ଷ ଓ ଜନମଙ୍ଗଳକାରୀ ରାଷ୍ଟ୍ର ଶାସନ ପାଇଁ ସମ୍ବିଧାନ ପ୍ରଣୟନ ହୋଇଥିଲା, ଯେଉଁଥିରେ ସମସ୍ତଙ୍କର ସମାନ ଅଧିକାର ଥିଲା। ହେଲେ ବର୍ତ୍ତମାନର ଶାସକ ଦଳ ତାହାକୁ ପରିବର୍ତ୍ତନ କରିଦେଇଛନ୍ତି। ଫଳରେ ସାଧାରଣ ଲୋକେ ନିଜ ଅଧିକାରରୁ ବଞ୍ଚିତ ହେଉଛନ୍ତି। ଦ୍ୱିତୀୟ ଅଧିବେଶନରେ ଖବର ସରବରାହ




ସଂସ୍ଥା 'ଦ ୱେର୍'ର ସମ୍ପାଦିକା ଆର୍ଫା ଖାନୁମ୍ ଶେରୱାନୀ ଯୋଗଦେଇ କହିଲେ, ଜାତିବାଦ ଓ ଧାର୍ମିକବାଦରୁ ବର୍ତ୍ତିବା ପାଇଁ ଭାତୃଭାବ ଆପଣେଇବାକୁ ହେବ। ଆମ ସମସ୍ତଙ୍କୁ ନିର୍ଯାତନା, ଶୋଷଣ ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ମାନବତାରେ ବିଶ୍ୱାସ କରୁଥିବା ଆଦିବାସୀ, ପଛୁଆବର୍ଗ ଆଦି ସମସ୍ତ ଜନସମୂହଙ୍କୁ ଆଗକୁ ଆସିବାକୁ ପଡ଼ିବ ବୋଲି କହିଥିଲେ। ଅଭିରାମ ମଲ୍ଲିକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସାମ୍ବାଦିକ ରବି ଦାସ, ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ଫର୍‌ୱାଡ ବ୍ଲକର ଜ୍ୟୋତିରଞ୍ଜନ ମହାପାତ୍ର, ସିପିଆଇ ଲିବରେଶନର ମହେନ୍ଦ୍ର ପରିଡା, ଏଏପିର ସୁଦର୍ଶନ ପ୍ରଧାନ ପ୍ରମୁଖ ଯୋଗଦେଇ ମତ ରଖିଥିଲେ। ଚନ୍ଦ୍ରନାଥ ଦାନୀ ସ୍ୱାଗତଭାଷଣ ଓ ସିଷ୍ଟର ଜଷ୍ଟିନ୍ ଧନ୍ୟବାଦ ଦେଇଥିଲେ।

# ହତ୍ୟାକରି ମହାନଦୀକୁ ଫିଙ୍ଗିଦେଇଥିଲେ

## ଯୁବକ ନିଖୋଜ ଘଟଣାରେ ନୂଆମୋଡ଼

- ଅଭିଯୁକ୍ତ କବାଡ଼ିଆ ମାଲିକଙ୍କୁ ଜେରା, ୩ ଅଟକ
- ମୃତକଙ୍କ ବୋଲେରୋ, ଗାମୁଛା, ପ୍ୟାଣ୍ଟଶାର୍ଟ ଜବତ
- ଜଗତପୁରସ୍ଥିତ ମହାନଦୀରୁ ମୃତଦେହ ମିଳିଲା

ଖୋର୍ଦ୍ଧା ଅଫିସ, ୨୫।୮:

ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ପୁବୁସାହିର ଯୁବକ ବାସୁଦେବ ପ୍ରଧାନଙ୍କ ନିଖୋଜ ଘଟଣା ନୂଆମୋଡ଼ ନେଇଛି। ବାସୁଦେବଙ୍କୁ ଅଭିଯୁକ୍ତ କବାଡ଼ିଆ ମାଲିକ ରବୀନ୍ଦ୍ର ମୁଦୁଲି ହତ୍ୟା କରି ବୋଲେରୋରେ ମୃତଦେହ ନେଇ ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା କଣ୍ଟିଲୋ ଫାଣ୍ଡି ଅଧୀନ ସିଦ୍ଧମୂଳ ବ୍ରିଜ ଉପରୁ ମହାନଦୀରେ ଫିଙ୍ଗିଦେଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଅଭିଯୁକ୍ତ କବାଡ଼ିଆ ମାଲିକ ରବୀନ୍ଦ୍ର ମଧ ଏହି କଥା ସ୍ୱୀକାର କରିଥିବା ଟାଉନ ଥାନା ଅଧିକାରୀ ସଞ୍ଜୟ ପଟ୍ଟନାୟକ କହିଛନ୍ତି। ଗୁରୁବାର ପୂର୍ବାହ୍ନରେ ପୋଲିସ ଡଗ୍ ସ୍କାଡ୍ ସହ ରବୀନ୍ଦ୍ରଙ୍କ ଗୋଦାମରେ ପହଞ୍ଚି ଯାଞ୍ଚ କରିଥିଲା। ସେଠାରୁ ବ୍ୟବହୃତ ବୋଲେରୋ, ମୃତକ ବ୍ୟବହାର



ମୃତ ବାସୁଦେବ ପ୍ରଧାନ।

କରୁଥିବା ଗାମୁଛା, ପ୍ୟାଣ୍ଟଶାର୍ଟ ଜବତ କରାଯାଇଛି। ସମ୍ପୃକ୍ତ ବୋଲେରୋରେ ରକ୍ତଛିଟା ଲାଗିଥିବା ପୋଲିସ ଦେଖିବାକୁ ପାଇଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୪୦୦/୨୨) ରୁଜୁ କରି ତଦନ୍ତ ଜାରି ରହିଛି।

ପରେ ଓଡ୍ରାଫ ଟିମ୍ ଓ ପୁବୁସାହି ଗ୍ରାମର କେତେଜଣ ବ୍ୟକ୍ତିଙ୍କୁ ନେଇ ମୃତଦେହ ଫିଙ୍ଗାଯାଇଥିବା ସ୍ଥାନରେ ପୋଲିସ ପହଞ୍ଚି ଅନୁସନ୍ଧାନ କରିଥିଲା। ଓଡ୍ରାଫ ଟିମ୍ ସେଠାରେ ଦୀର୍ଘ ସମୟ ଧରି ନଦୀରେ ଖୋଜାଖୋଜି ସତ୍ତ୍ୱେ କୌଣସି ସନ୍ଧାନ ନ ପାଇ ଫେରିଥିଲେ। ଏନେଇ ପୋଲିସ ସମସ୍ତ ଥାନାକୁ ଖବର ଦେଇଥିଲା। କଟକ ଜଗତପୁରସ୍ଥିତ ମହାନଦୀରେ ଭାସୁଥିବା ଏକ ମୃତଦେହକୁ ସ୍ଥାନୀୟ ପୋଲିସ ଗୁରୁବାର ଜବତ କରିଛି। ତାହା ବାସୁଦେବଙ୍କ ମୃତଦେହ ବୋଲି ଅନୁସନ୍ଧାନରୁ ଜଣାପଡ଼ିଛି। ଶୁକ୍ରବାର ଖୋର୍ଦ୍ଧା ଟାଉନଥାନା ପୋଲିସର ଏକ ଟିମ୍ ସେଠାକୁ ଯାଇ ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ସହ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଥାନାଧିକାରୀ ପଟ୍ଟନାୟକ କହିଛନ୍ତି। ଏହି ହତ୍ୟାକାଣ୍ଡରେ ୩ରୁ ୪ଜଣ ସଂପୃକ୍ତ ଥିବା ଜଣାପଡ଼ିଛି। ଏ ନେଇ ଅଭିଯୁକ୍ତ ରବୀନ୍ଦ୍ରଙ୍କ ସମେତ ପୁବୁସାହି ଅଞ୍ଚଳର ୩ଜଣଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚୁରା କରୁଥିବା ସୂଚନା ମିଳିଛି।

# ଷ୍ଟାଡିୟମରେ ମିନାବଜାର ଅନିଶ୍ଚିତତାକୁ ନେଇ ଅସନ୍ତୋଷ

**ଜଟଣୀ, ୨୫।୮(ଡି.ଏନ୍.ଏ)**




ରାଜ୍ୟରେ ଖୋର୍ଦ୍ଧା ଜିଲା ଜଟଣୀ ଗଣେଶ ପୂଜାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ପୂଜା ସମୟରେ ମନୋରଞ୍ଜନ ଏବଂ କିଣା ବିକା ପାଇଁ ବିଭିନ୍ନ ସ୍ଥାନରେ ବ୍ୟବସାୟୀ ସଂଘ ଏବଂ ସାମାଜିକ ଅନୁଷ୍ଠାନ ପକ୍ଷରୁ ମିନାବଜାର ପଡିଥାଏ। ତେବେ ମିନାବଜାରର ଲାଭ କ୍ଷତିକୁ ନେଇ ବିବାଦ ସୃଷ୍ଟି ହେବାରୁ ଏହାକୁ ବନ୍ଦ ପାଇଁ ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ସ୍ଥାନୀୟ ଶରତ ପାଇକରାୟ ଷ୍ଟାଡିୟମରେ ମିନାବଜାର ଆୟୋଜନ କରି ଆସୁଥିବା କଳିଙ୍ଗ ଯୁବ ପରିଷଦ ବିଭିନ୍ନ ଫୋରମରେ ମିନାବଜାର କରିବା ଅନୁମତି ପାଇଁ ଚେଷ୍ଟା ଜାରି ରଖିଥିବାବେଳେ ଏହା ଏବେ ରାଜନୈତିକ ଏବଂ ପ୍ରଶାସନିକ ଜାଲରେ ଛନ୍ଦି ହୋଇଯାଇଛି। ଏପରିକି ଷ୍ଟାଡ଼ିୟମରେ ମିନାବଜାର ହେବା ନେଇ ଅନିଶ୍ଚିତତା ଦେଖାଦେଇଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଶରତ ପାଇକରାୟ ଷ୍ଟାଡିୟମ ବଜାରଠାରୁ ଦୂର ଏବଂ ଖୋଲା ସ୍ଥାନରେ ରହିଥିବାରୁ ପୂଜା ସମୟରେ ସେଠାରେ ଲାଗିଥିବା ମିନାବଜାରରେ ହଜାର ହଜାର ଦର୍ଶକଙ୍କ ଭିଡ଼ ପ୍ରତିଦିନ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଲାଗିଥାଏ। ଫଳରେ ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ଆୟୋଜକ କମିଟି ବେଶ୍ ଲାଭବାନ୍ ହୋଇଥାନ୍ତି। ତେବେ ନିଜ ସଦସ୍ୟଙ୍କ ମଧ୍ୟରେ ଲାଭ କ୍ଷତି ହିସାବ ମତ ଭେଦରୁ ଜନୈକ ସଦସ୍ୟ ଉକ୍ତ ଷ୍ଟାଡିୟମ ପରିସରରେ ମିନାବଜାର ବନ୍ଦ ନିମନ୍ତେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅପରପକ୍ଷରେ ହାଇକୋର୍ଟରେ ମାମଲା ପହଞ୍ଚିଥିବାବେଳେ ଗତ ଗୁଣ୍ଡିଚା ଦିନ ଉଭୟ ସପକ୍ଷ, ବିପକ୍ଷ ଏବଂ ଜଟଣୀ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ ଏବଂ ପୌର କାଉନସିଲର ଏକାଠି ହୋଇ ଷ୍ଟାଡିୟମରେ ଚଳିତ ଗଣେଶ ମହୋତ୍ସବ ପାଇଁ ନଡ଼ିଆ ଶୁଭ ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ମତ ମତାନ୍ତର ଯୋଗୁ ଏବେ ମାମଲା ହାଇକୋର୍ଟରେ ପହଞ୍ଚିଛି।

ସୂଚନାଥାଉ କି, ଜଟଣୀ ଗଣେଶ ପୂଜା ସମୟରେ ବିଭିନ୍ନ ପୂଜା କମିଟି ଏବଂ ସାମାଜିକ ଅନୁଷ୍ଠାନ ଭଲ ରୋଜଗାର ଏବଂ ଦର୍ଶକଙ୍କ ମନୋରଞ୍ଜନ ପାଇଁ ସୀତାରାମ ଛକ ଚର୍ଚ୍ଚ ପଡ଼ିଆ, ମ୍ୟୁନିସିପାଲିଟି ପଡ଼ିଆ, ସୁଜାତା ଆନନ୍ଦ ଘର ନିକଟ ଗୋଡ଼ାଧର୍ମସାଗର ପଡ଼ିଆ, କୁଦିଆରୀ ବଜାର, ଥାନା ଛକ ଏବଂ ମାଛ ମାର୍କେଟ ପ୍ରମୁଖ ସ୍ଥାନରେ ଛୋଟ ବଡ଼ ୫ ରୁ ୬ଗୋଟି ସ୍ଥାନରେ ମିନାବଜାର ଲାଗୁଥିଲା। କାଳକ୍ରମେ ଜନବସତି ବୃଦ୍ଧି ସହିତ ବିଭିନ୍ନ କାରଣରୁ କିଛି ସ୍ଥାନରେ ମିନାବଜାର ବନ୍ଦ ହୋଇଯାଇଛି। ଜଟଣୀ ଗଣେଶ ପୂଜାର ସ୍ୱତନ୍ତ୍ରତା ରହିଥିବାରୁ ପୂଜା ସମୟରେ ସହରରେ ବିଭିନ୍ନତା ମଧ୍ୟରେ ଏକତା ସଦୃଶ ଗଣେଶ ପୂଜା ସମୟରେ ସମସ୍ତେ ଏକତ୍ରିତ ହୋଇଥାନ୍ତି। ପୂଜାରେ ନୂତନ ଉଦ୍ଦିପନା ଭରିବା ଉଦ୍ଦେଶ୍ୟରେ ଜଟଣୀ ମହାବିଦ୍ୟାଳୟ ନିକଟ ଶରତ

### ଜଟଣୀ ଗଣେଶ ମହୋତ୍ସବ

ପାଇକରାୟ ଖେଳ ପଡ଼ିଆ ପରିସରରେ ୨୦୧୩ରେ କଳିଙ୍ଗ ଯୁବ ପରିଷଦର କେତେକ ସଦସ୍ୟ ଜଟଣୀ ଗଣେଶ ମହୋତ୍ସବ ଆରମ୍ଭ କରିଥିଲେ। ଦର୍ଶକ ଓ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ଉଦ୍ଦେଶ୍ୟରେ ଖେଳ ପଡ଼ିଆ ପରିସରରେ ୧୫ ଦିନ ବ୍ୟାପି ମିନାବଜାର, ଯାତ୍ରା ଓଡ଼ିଶାର କଳା ଏବଂ ସଂସ୍କୃତିକୁ ନେଇ ପ୍ରତିଦିନ ସନ୍ଧ୍ୟାରେ ରାଜ୍ୟ ଏବଂ ରାଜ୍ୟ ବାହାର କଳାକାରଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଶରତ ପାଇକରାୟ ଷ୍ଟାଡିୟମ ସହରରୁ କମ୍ ଦୂରତାରେ ଥିବାରୁ ଯାନ ବାହନ ଗମନା ଗମନ ସୁବିଧା କାରଣରୁ ଉକ୍ତ ମିନାବଜାର ପଡିଆକୁ ଦର୍ଶକ ଯିବା ପାଇଁ ଅଧିକ ପସନ୍ଦ କରିଥାନ୍ତି। ତେବେ ଗତ ୨ବର୍ଷ ଧରି କରୋନା ମହାମାରୀ ଯୋଗୁ ଗଣେଶ ପୂଜା ଏବଂ ମିନାବଜାର ବନ୍ଦ ରହିଥିଲା। ଏବର୍ଷ କରୋନା ପ୍ରକୋପ ନ ଥିବାରୁ ଗଣେଶ ପୂଜାକୁ ଧୁମଧାମରେ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଭଳି ସ୍ଥିତିରେ ଶରତ ପାଇକରାୟ ଷ୍ଟାଡିୟମରେ ମିନାବଜାର କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଏବଂ ବ୍ୟବସାୟ ପ୍ରତିଷ୍ଠାନ ପକ୍ଷରୁ ଦାବି ହୋଇଆସୁଥିବାବେଳେ ଏଯାବତ୍ ଏନେଇ କୌଣସି ନିଷ୍ପତ୍ତି ହୋଇ ନ ପାରିବା ଅନିଶ୍ଚିତତା ସୃଷ୍ଟି କରିଛି।

## ଏମାନେ କ'ଣ କହନ୍ତି...



"ଲୋକଙ୍କ ଭାବାବେଗ ସହିତ କାହାର ଚିନ୍ତା ନାହିଁ। କେବେଳ ରାଜନୈତିକ ଅଭିସନ୍ଧି। ଯେଉଁ ରାଜନୈତିକ ଦଳ ବା ବ୍ୟକ୍ତି ବିଶେଷ କ୍ଷମତାକୁ ଆସିଲେ ସେମାନେ ତାଙ୍କ ସୁବିଧାକୁ ଦେଖି ସ୍କୁଲ ଖେଳ ପଡ଼ିଆ ଉପରେ ମାଲିକାନା ଜାହିର କରୁଛନ୍ତି। ଶରତ ପାଇକରାୟ ଷ୍ଟାଡିୟମ ମିନାବଜାରରୁ ବର୍ଷକୁ ଥରେ ଭଲ ରୋଜଗାର ହେଉଛି। ସେଥିପାଇଁ କେହି ଉକ୍ତ ଷ୍ଟାଡିୟମ ହାତଛଡ଼ା କରିବାକୁ ଇଚ୍ଛା କରୁନାହାନ୍ତି। ଲାଭ ଖାଉଛନ୍ତି କିନ୍ତୁ ବେପାର ପରେ କେହି ଷ୍ଟାଡିୟମର ଯତ୍ନ ନେଉ ନ ଥିବା ଘୋର ପରିତାପର ବିଷୟ। ସମସ୍ତେ ଗଣେଶ ପୂଜାକୁ ଚାହିଁ ରହିଥାନ୍ତି। ମୀନାବାଜର ହେଲେ ସମସ୍ତେ ସାଙ୍ଗ ସାଥି, ବନ୍ଧୁ ପରିବାର ସହିତ ଖୁସି ମନାଇଥାନ୍ତି। ହେଲେ ରାଜନୈତିକ ଫାଇଦା ପାଇଁ ଏହାକୁ ବନ୍ଦ କରାଯିବା ଉଚିତ ହେଉନାହିଁ।

**- ପ୍ରଦୀପ କୁମାର ଜେନା, ବଡ଼ନୁଆଗାଁ, ଜଟଣୀ।**



"ବର୍ଷ ସାରା ଚାହିଁ ରହିଥାଉ ଗଣେଶ ପୂଜାକୁ। ପୂଜା ସମୟରେ ସାଙ୍ଗ ସାଥୀ ବନ୍ଧୁ ବର୍ଗଙ୍କ ସହିତ ପୂଜା ଦେଖିବା ସହିତ ମିନାବଜାରରେ ବିଭିନ୍ନ ଘରକରଣା ସାମଗ୍ରୀ କିଣା କିଣି ସହିତ ମଉଜ ମସ୍ତି କରିବା ପାଇଁ ଶରତ ପାଇକରାୟ ଷ୍ଟାଡିୟମରେ ମିନାବଜାର ବୁଲିବାକୁ ବେଶି ଭଲ ଲାଗେ। ଖୋଲା ଏବଂ ଗହଳିଠାରୁ ଦୂରରେ ଥିବାରୁ ମୁଁ ବେଶୀ ପସନ୍ଦ କରେ। ଦୁଇ ବର୍ଷ କରୋନା କାରଣରୁ ପୂରା ବନ୍ଦୀ ଭଳି ଘରେ ରହିଥିଲୁ। ବୁଲାବୁଲି ଜାନିଯାତ୍ରା ସବୁ ବନ୍ଦ ରହିଥିଲା। କରୋନା ପରେ ପ୍ରଥମ ଥର ଜଟଣୀ ଗଣେଶ ପୂଜାରେ ବୁଲି ଖୁସି ମନାଇବା ଇଚ୍ଛା ଥିଲା। ହେଲେ ଚଳିତ ବର୍ଷ ସେହି ସ୍ଥାନରେ ମିନାବଜାର ହେବନାହିଁ ବୋଲି ଶୁଣିବାକୁ ମିଳୁଛି। ଫଳରେ ମନ ଦୁଃଖ ହେଉଛି।

**- ସୁଶ୍ରୀ ସଂଗୀତା ମହାନ୍ତି, ଗୃହିଣୀ,ରାମଚନ୍ଦ୍ରପୁର ବଜାର, ଜଟଣୀ।**



"ଗଣେଶ ପୂଜା ଏବଂ ମିନାବଜାରକୁ ନେଇ ଆମ ପରିବାର ଅନେକ ଯୋଜନା କରିଥିଲୁ। ଚଳିତ ବର୍ଷ ଷ୍ଟାଡିୟମରେ ମିନାବଜାର ହେଉ ନ ଥିବା ଜାଣି ଭଲ ଲାଗୁନି। ବିଗତ ବର୍ଷଗୁଡ଼ିକରେ ସାଙ୍ଗସାଥୀଙ୍କ ସହ ବେଶ୍ ମଜା କରିଥିଲୁ। କରୋନା କଟକଣା ହଟିବାପରେ ଜଟଣୀ ଗଣେଶ ପୂଜା ହିଁ ପ୍ରଥମେ ଧୁମଧାମ୍‌ରେ ପାଳିତ ହେବ। ସେଥିପାଇଁ ସମସ୍ତେ ମହୋତ୍ସବକୁ ନେଇ ବହୁତ ଆଶା କରିଛନ୍ତି । ବିଶେଷ କରି ଛୋଟ ପିଲାମାନେ ମିନାବଜାର ଅପେକ୍ଷାରେ ରହିଛନ୍ତି।

**- ଜାଗୃତି ସ୍ୱାଇଁ, ସ୍ଥାନୀୟ ବାସିନ୍ଦା**



"ବାଦ ବିବାଦ ଏବଂ ଲାଭ କ୍ଷତି ହିସାବ କାରଣରୁ ୨୦୧୯ରୁ ସମସ୍ୟା ଉପୁଜିଥିଲା। ସଂଗଠନର ସଦସ୍ୟ ସୀତାକାନ୍ତ ନାୟକ ପ୍ରତିଶୋଧ ପରାୟଣ ହୋଇ ମହୋତ୍ସବ ବନ୍ଦ କରିବା ଉଦ୍ଦେଶ୍ୟରେ ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ମାମଲା ରୁଜୁ କରିଥିଲେ। ହେଲେ ସେତେବେଳକୁ ମହୋତ୍ସବ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବାରୁ ୫ଦିନ ପାଇଁ ଅନୁମତି ମିଳିଥିଲା। ପରେ କରୋନା ଯୋଗୁ ପୂଜା ୨ବର୍ଷ ବନ୍ଦ ରହିବା ପରେ ଚଳିତ ବର୍ଷ ପୂଜା ହେଉଛି। ହେଲେ ଏବେ ପୁଣି ଏକ ମାମଲା ରୁଜୁ ହୋଇଥିବାରୁ ଶରତ ପାଇକରାୟ ଷ୍ଟାଡିୟମରେ ମହୋତ୍ସବ ଏବଂ ମିନାବଜାର ଏକ ପ୍ରକାର ବନ୍ଦ ହେବା ସୁନିଶ୍ଚିତ ହୋଇଛି। ଜଟଣୀବାସୀଙ୍କ ସହିତ ବିଭିନ୍ନ ଅଞ୍ଚଳର ଜନସାଧାରଣ ମହୋତ୍ସବରେ ଆନନ୍ଦ ଉଠାଉଥିବାବେଳେ କିଛି ଲୋକ ବ୍ୟବସାୟକରି ଭଲ ଦି' ପଇସା ରୋଜଗାର କରି ବଞ୍ଚୁଥିଲେ। ତେଣୁ ମହୋତ୍ସବ ଏବଂ ମିନାବଜାର ପାଇଁ ପ୍ରଶାସନ ଅନୁମତି ପ୍ରଦାନ କଲେ ଭଲ ହୋଇଥାନ୍ତା।

**- ସମୀର କୁମାର ଜେନା, ସମ୍ପାଦକ, କଳିଙ୍ଗ ଯୁବ ପରିଷଦ, ଜଟଣୀ.**

# ସମାଲୋଚକ ଦେବେନ୍ଦ୍ର କୁମାର ଦାଶଙ୍କ ପରଲୋକ

### ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୨୫।୮ (ବ୍ୟୁରୋ)**

ସାହିତ୍ୟିକ, ସମାଲୋଚକ ଓ ଗବେଷକ ଦେବେନ୍ଦ୍ର କୁମାର ଦାଶଙ୍କ ଗୁରୁବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା। ସେ ସ୍ଥାନୀୟ ଶାସ୍ତ୍ରୀନଗରେ ପରିବାର ସହ ରହୁଥିଲେ। କିଛିଦିନ ହେବ ଅସୁସ୍ଥ ହେବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଥିଲା। ଦେବେନ୍ଦ୍ର ଜଗତ୍‌ସିଂହପୁର ଜିଲା ମାଛଗାଁ ନିକଟବର୍ତ୍ତୀ ବୀରନରସିଂହପୁର ଶାସନରେ ୧୯୫୪ ଜୁଲାଇ ୨୮ରେ ଜନ୍ମଗ୍ରହଣ କରିଥିଲେ। ଗାଁ ସ୍କୁଲରୁ ପ୍ରାଥମିକ ଶିକ୍ଷା, ଓଚିଣ୍ଡା ଉଚ୍ଚବିଦ୍ୟାଳୟରୁ ମାଟ୍ରିକ, ଗଙ୍ଗାଧର ମେହେର ମହାବିଦ୍ୟାଳୟରୁ ସ୍ନାତକ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଶିକ୍ଷାଲାଭ କରିଥିଲେ। ପରେ ସେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଅଧ୍ୟାପନା ବୃତ୍ତିରେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱକାଳ ଧରି ବିଭିନ୍ନ ମହାବିଦ୍ୟାଳୟରେ ଶିକ୍ଷାଦାନ କରି ପ୍ରାଧ୍ୟାପକ ପଦରୁ ସେବାନିବୃତ୍ତ ହୋଇଥିଲେ। ଜଣେ ନିରଳସ ସାରସ୍ୱତ ସାଧକ ଭାବରେ ସେ ଓଡ଼ିଆ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ହୋଇଥିଲେ। ତାଙ୍କ ସମ୍ପାଦନାରେ ରାଧାନାଥ, ଫକୀରମୋହନ, ଗୋପବନ୍ଧୁ ଓ ମଧୁସୂଦନ ଗ୍ରନ୍ଥାବଳୀ ପ୍ରକାଶ ପାଇଥିଲା। ଜଣେ କୃତବିଦ୍ୟ ଗବେଷକ ଭାବରେ ତାଙ୍କର ସୁନାମ ରହିଥିଲା।



ଓଡ଼ିଆ ଭାଷା ଓ ସାହିତ୍ୟକୁ ବହୁମୂଲ୍ୟ ଅବଦାନ ପାଇଁ ୨୦୨୦ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିଓହ ବିଭିନ୍ନ ସାରସ୍ୱତ ଅନୁଷ୍ଠାନ ଦ୍ୱାରା ସେ ଅନେକ ସମ୍ମାନରେ ସମ୍ମାନିତ ହୋଇଥିଲେ। ତାଙ୍କ ଅବର୍ତ୍ତମାନରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଗୁରୁବାର ଏକ ଶୋକସଭା ଆୟୋଜିତ ହୋଇଥିଲା। ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ଉପସଭାପତି ଡ. ସଂଗ୍ରାମ ଜେନା, ସଚିବ ପ୍ରବୋଧ କୁମାର ରାଉତ, ସେଣ୍ଟର ଫର୍ ଜୁଡିସିଆଲ ଆର୍କାଇଭ୍ କଟକର ନିର୍ଦ୍ଦେଶକ ତଥା ବିଶେଷ କାର୍ଯ୍ୟରତ ଅଧିକାରୀ ଲଲାଟେନ୍ଦୁ ଦାଶମହାପାତ୍ର ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ସେହିପରି ସ୍ୱର୍ଗତ ଦାଶଙ୍କ ଦେହାନ୍ତ ଓଡ଼ିଆ ସାହିତ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଭାଷା ପରାମର୍ଶ ପରିଷଦ ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ, ସାହିତ୍ୟିକ ଡ. ପ୍ରଦୀପ କୁମାର ପଣ୍ଡା, ଗୀତିକବି ସମାଜର ସଭାପତି ମନୋଜ ପଟ୍ଟନାୟକ ପ୍ରମୁଖ କହିଛନ୍ତି।

# ଜ୍ଞାନୀ ଦେବାଶିଷ, ସତ୍ୟଜିତ୍ ପାଇବେ 'ପ୍ରଫେସର ବିଜୟିନୀ ମହାନ୍ତି ତାଳପଦେଶ୍ୱରୀ ସମ୍ମାନ'

**ଭୁବନେଶ୍ୱର, ୨୫।୮ (ବ୍ୟୁରୋ):** ସାହିତ୍ୟାନୁଷ୍ଠାନ ତାଳପଦେଶ୍ୱରୀ ସାହିତ୍ୟ ଆସରର ରଜତ ଜୟନ୍ତୀ ଉଦ୍‌ଯାପନୀ ସମାରୋହ ସେପ୍ଟେମ୍ବର ୧୦ ଓ ୧୧ ତାରିଖ ଦୁଇଦିନ ଧରି ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏହି ଅବସରରେ ୨୦୨୧ ମସିହା ପାଇଁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ଡ. ଜ୍ଞାନୀ ଦେବାଶିଷ ମିଶ୍ର ଓ ୨୦୨୨ ପାଇଁ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ଡ. ସତ୍ୟଜିତ୍ ଦାସଙ୍କୁ 'ପ୍ରଫେସର ବିଜୟିନୀ ମହାନ୍ତି ତାଳପଦେଶ୍ୱରୀ ସମ୍ମାନ' ପ୍ରଦାନ କରାଯିବ। ଉଭୟ ପୁରସ୍କୃତ ପ୍ରତିଭା ବାଣୀବିହାରର ପୁରାତନ ଛାତ୍ର ଏବଂ ତାଳପଦେଶ୍ୱରୀ ସାହିତ୍ୟ ଆସରର ବରିଷ୍ଠ ସଦସ୍ୟ। ଏହି କାର୍ଯ୍ୟକ୍ରମରେ ଆସରର ପୁରାତନ ଓ ବର୍ତ୍ତମାନ ସଦସ୍ୟାସଦସ୍ୟ ଯୋଗଦେବାକୁ ପୃଷ୍ଠପୋଷକ ଡ. ଇନ୍ଦ୍ରମଣି ଜେନା, ଉପଦେଷ୍ଟା ପ୍ରଫେସର ଡ. ସଂଘମିତ୍ରା ମିଶ୍ର, ପ୍ରଫେସର ଡ. ବିଷ୍ଣୁପ୍ରିୟା ଓତା, ପ୍ରଫେସର ଡ. ମଣୀନ୍ଦ୍ର କୁମାର ମେହେର, ସଭାପତି ଡ. ଅମୂଲ୍ୟ କୁମାର ଦାଶ ପ୍ରମୁଖ ନିବେଦନ କରିଛନ୍ତି।

# ବନ୍ୟାଞ୍ଚଳରେ ଜଳବାହିତ ରୋଗ ନ ବ୍ୟାପିବାକୁ ସଚେତନ କଲା ସ୍ୱାସ୍ଥ୍ୟ ବିଭାଗ

**ଭୁବନେଶ୍ୱର, ୨୫।୮ (ବ୍ୟୁରୋ):** ରାଜ୍ୟରେ ଦେଖାଦେଇଥିବା ବନ୍ୟାରେ ଏବେବି ବହୁ ଅଞ୍ଚଳ ପାଣି ଘେରରେ ରହିଛି। ବନ୍ୟା କମିଥିଲେ ମଧ୍ୟ ଦୁର୍ଦ୍ଦଶା ବଢ଼ିଛି। ବିଶେଷକରି ଜଳବାହିତ ରୋଗ ବ୍ୟାପିବାର ଆଶଙ୍କା ଥିବାରୁ ସ୍ୱାସ୍ଥ୍ୟ ବିଭାଗ ସତର୍କ କରାଇବା ସହ ସଚେତନ କରୁଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି, ବନ୍ୟାଞ୍ଚଳରେ ଜଳବାହିତ ରୋଗ ଯେପରି ନ ବ୍ୟାପିବ ସେ ନେଇ ସ୍ୱାସ୍ଥ୍ୟ ବିଭାଗ ସଚେତନ ରହିଛି। ଏବେ ୪୭ହଜାରରୁ ଉର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା ଚାଲୁଛି। ୩ଶହରୁ ଉର୍ଦ୍ଧ୍ୱ ମେଡିକାଲ ରିଲିଫ୍ ସେଣ୍ଟରରେ ଚିକିତ୍ସା ସୁବିଧା ମିଳୁଛି। ୧୨୦ଟି ମୋବାଇଲ ମେଡିକାଲ ଟିମ୍ କାମ କରୁଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳରେ ୪୭ ହଜାର ୫୦୦ ରୋଗୀଙ୍କୁ ମୋବାଇଲ କ୍ୟାମ୍ପ ଟିମ୍ ଚିକିତ୍ସା କରିଛନ୍ତି। ୧୦ଲକ୍ଷ ହାଲୋଜେନ ବଟିକା ଓ ୨ଲକ୍ଷରୁ ଅଧିକ ଓଆରଏସ୍ ବଣ୍ଟାଯାଇଛି। ୮୮ଟି ସାପ କାମୁଡା ରିପୋର୍ଟ ଆସିଛି। ତେବେ ଏଥିରେ କାହାର ମୃତ୍ୟୁ ହୋଇନାହିଁ। ଡାଇରିଆ ଓ ଝାଡାଜନିତ ରୋଗ ସମ୍ପର୍କିତ ୯ଶହଟି କେସ୍ ରହିଛି। ୧୪ ବନ୍ୟା ପ୍ରପୀଡିତ ଜିଲା ମଧ୍ୟରୁ କୋରାପୁଟ ଓ ରାୟଗଡ଼ାର ସ୍ଥିତି ଠିକ୍ ଅଛି। ପାଣିକୁ ଭଲ ଭାବରେ ଫୁଟାଇବା ସହ ହାଲୋଜେନ ବଟିକା ପକାଇ ପିଇବା ଆବଶ୍ୟକ। ଖାଦ୍ୟରେ ମାଛି ଯେଭଳି ନ ବସିବେ ସେ ନେଇ ସଚେତନ ରହିବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି।


**ପୂର୍ବ ତଟ ରେଳପଥ**

ଫାଇଲ ନଂ. DRM/Engg/KUR/22-23/E-Tender/65, ତା: 22.08.2022

**1.ଟେଣ୍ଡର ବିଜ୍ଞପ୍ତି ସଂ. eTender-East-KUR-166-2022, ତା:12.08.2022**

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/କଟକ ଅଧୀନସ୍ଥ ନିର୍ଗୁଣ୍ଡି-ବାରଙ୍ଗ ଷ୍ଟେସନ ମଧ୍ୟରେ କି.ମି.399.20 ଠାରୁ କି.ମି.418.363 ଏବଂ ଟାଇ ଲାଇନର କି.ମି.397.30 ଠାରୁ କି.ମି.410.37 ପର୍ଯ୍ୟନ୍ତ 30.09.2023 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 169.82 ଲକ୍ଷ, EMD (ଟଙ୍କାରେ) : ₹ 2,34,900/-

**2.ଟେଣ୍ଡର ବିଜ୍ଞପ୍ତି ସଂ. eTender-East-KUR-167-2022, ତା:12.08.2022**

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ଧାନମଣ୍ଡଳ ଅଧୀନସ୍ଥ ଜେନାପୁର-ନିର୍ଗୁଣ୍ଡି ଏବଂ କପିଳାସ ରୋଡ଼ - ସାଳଗାଁ ସେକ୍ସନ ମଧ୍ୟରେ କି.ମି.353.724 ଠାରୁ କି.ମି.399.10 ପର୍ଯ୍ୟନ୍ତ 30.09.2023 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 149.46 ଲକ୍ଷ, EMD (ଟଙ୍କାରେ) : ₹ 2,24,700/-

**3.ଟେଣ୍ଡର ବିଜ୍ଞପ୍ତି ସଂ. eTender-East-KUR-168-2022, ତା:12.08.2022**

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/କନ୍ଦରପୁର ଅଧୀନସ୍ଥ କଟକ-ଗୋରଖନାଥ ସେକ୍ସନ ମଧ୍ୟରେ କି.ମି.409.70 ଠାରୁ କି.ମି.447.90 ପର୍ଯ୍ୟନ୍ତ 30.09.2023 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 135.89 ଲକ୍ଷ, EMD (ଟଙ୍କାରେ) : ₹ 2,18,000/-

**4.ଟେଣ୍ଡର ବିଜ୍ଞପ୍ତି ସଂ. eTender-East-KUR-172-2022, ତା:12.08.2022**

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ଗୋରଖନାଥ ଅଧୀନସ୍ଥ ରଘୁନାଥପୁର-ପାରାଦୀପ ସେକ୍ସନ ମଧ୍ୟରେ କି.ମି.447.90 ଠାରୁ କି.ମି.491.66 ପର୍ଯ୍ୟନ୍ତ 30.09.2023 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 133.25 ଲକ୍ଷ, EMD (ଟଙ୍କାରେ) : ₹ 2,16,600/-

ଶେଷ ହେବା ଅବଧି (ସମସ୍ତ ଟେଣ୍ଡର ନିମନ୍ତେ): 12(ବାର) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ): ତା.02.09.2022 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-415/N/22-23



GOVERNMENT OF ODISHA
**OFFICE OF THE SUPERINTENDING ENGINEER JHARSUGUDA (R&B) DIVISION, JHARSUGUDA**
**'e' Procurement Notice**
**Bid Identification No-EE-R&B-JSG-10 of 2022-23**
E-mail ID:eepwdjsg2014@gmail.com, Telephone:06645-271242
No.B-501: Kalimandir Road, Jharsuguda, 768202

| | | | |
|---|---|---|---|
| 1 | The Executive Engineer, Jharsuguda (R&B) Division on behalf of Governor of Odisha inviting percentage rate bid in Single Cover system on ONLINE mode from eligible contractors for Construction of Buildings (Civil+EI+PH) Work as detailed in DTCN. | | |
| 2. | Nature of Work | :- | Buildings (Civil+EI+PH) Works |
| 3. | Estimated Cost | :- | Rs.34.50 Lakhs |
| 4. | No. of Work | :- | 01 (One) No. |
| 5. | Tender Cost | :- | Rs.6000/- (as pe DTCN) |
| 6. | Class of Contractor | :- | "C" & "B" |
| 7. | Availability of bid document in the website | :- | 10.00 A.M. of Dt.26.08.2022 to 5.00 P.M. of Dt.05.09.2022 |
| 8. | Date of Opening of Technical Bid (Cover-I) | :- | 11.30 A.M. on Dt.06.09.2022 |
| 9. | The bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website. | | |

Sd./- Executive Engineer
Jharsuguda (R&B) Division
OIPR-34094/11/0008/2223



**STATE INSTITUTE FOR DEVELOPMENT OF ARTS & CRAFTS (SIDAC)**
SIDAC Handlooms, Textiles & Handicrafts Department, Government of Odisha

**EXPRESSION OF INTEREST** No. PP-34

Expression of Interest (EOI) in sealed cover are invited from interested **Architect/ Architectural firms** having required eligibility and expertise in relevant field to provide end to end service for organizing **17th Toshali National Crafts Mela** to be held from 15th to 27th December 2022 at Janata Maidan, Bhubaneswar. The last date of submission of sealed offers in the office of SIDAC, Handicrafts Complex, Gandamunda, Khandagiri, Bhubaneswar- 751030, Ph: 0674-2350318 is **upto 2.00 PM** on **14-09-2022**. For details of EOI documents plz visit the websites www.sidacodisha.org.in, www.odisha.gov.in/textiles & www.crafts.odisha.gov.in . The bid documents will be available w.e.f, **26-08-2022**.

Sd/-
Member Secretary
OIPR-31036/11/0007/2223



GOVERNMENT OF ODISHA
**OFFICE OF THE EXECUTIVE ENGINEER, R.W.S.&S. DIVISION, BHADRAK**
E.mail- rwssdivisionbhadrak@gmail.com
**"e" PROCUREMENT NOTICE**
**Bid Identification No. RWSS (BDK): 21/2022-23**

No.O-876:- 1. Name of the work: Execution of 32 Nos. of different RPWS scheme under Dhamnagar/ Bhadrak / Bhandaripokhari / Tihidi / Bonth Block. 2. Total number of work: 09 Nos. (Three) clubbed up. 3. Estimated cost: Rs.339.70 to 439.36 lakhs. 4. Class of contractor : A & Special. 5. Period of completion: 11 months.

| Procurement Officer | Bid identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer RWSS Division, Bhadrak | RWSS (BDK): 21/2022-23 | 02.09.2022 (From 10.00 A.M.) | 17.09.2022 upto 17.00 P.M. |

Further details can be seen from the e-procurement portal "www.tendersodisha.gov.in".
Subsequent corrigendum if required shall be appeared in the website only.

Sd./- Executive Engineer, R.W.S.&S. Division, Bhadrak
OIPR- 25020/11/0006/2223



**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BARIPADA**
E-Mail ID: serwcbaripada@gmail.com, Ph-No-06792-261343/261344 Gangraj, Baripada
**"e" Procurement Notice for Bridge Work**
Identification No.- Online Tender- Bridge N.C.B. No. 243 for 2022-23.
Letter No. 3169/ Date 25.8.22

**No.O-892:** 1.Name of the work:- Construction of H.L. Bridge over Local Nallah at 1st km on Baidyanathpur to Galusahi Road in the District of Mayurbhanj under B.S.Y. 2. Total No. of work:- 01 No. (One). 3. Estimated Cost :-Rs.485.17 lakhs (Approximately). 4. Eligible Class of Contractor : 'A' Class & 'Special' Class. 5.Period of Completion :-15 Calendar Months. 6. Other details :-

| Procurement Officer | Bid Identification No. | Availability of tender On-line for bidding | | Last date & time of seeking tender clarification | Date & Time of Opening of Tender in O/O C.C.E.R.W., Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Bridge Online N.C.B. No.243 | Dt.29.08.2022 at 11.00 A.M. | Dt.12.09.2022 upto 5.00 P.M. | Dt.09.09.2022 upto 5.00 P.M. | Dt.13.09.2022 at 11.00 A.M. | Will be intimated later |

- Further details can be seen from the website: www.tendersorissa.gov.in.
- Any Corrigendum/Addendum will be displayed in the above e_tender website only.

Sd./- Chief Construction Engineer, R.W.Circle, Baripada
OIPR-25181/11/0039/2223



GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, KENDRAPARA-JAJPUR**
AT/PO- NAYABAZAR, CUTTACK -753004, Tel No. 0671-2444488, Email-serw_kpd@yahoo.com
No. Tender_Online_RCK-24/22, Letter No. Date:
**e-Procurement Notice**

**No.O-885:** 1. Name of the work : Tender for the Bridge work under BSY in the Dist. of Kendrapara-Jajpur for the year 2022-23. 2. Class of contractor : a) Estimated cost more than Rs.6.00 Crore & upto Rs.15.00 Crore : Special Class & Super Class (of Odisha PWD) & relevant class of other licensing authorities. b) Estimated cost more than Rs.3.00 Crore & upto Rs.6.00 Crore : A & Special Class (of Odisha PWD) & relevant class of other licensing authorities. c) Estimated cost more than Rs. 40.00 Lakh & upto Rs.3.00 Crore : B & A Class (of Odisha PWD) & relevant class of other licensing authorities. 3. Time for Completion : As specified in the Column-6 of the Annexure. 4. Detail Projects : As per Annexure attached. 5. Other details:

| Procurement Officer | Bid Identification No. | Availability of Tender Online for bidding | | Last date & time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construcion Enginer, Rural Works Circle, Kendrapara-Jajpur | Tender Online RCK-24/22 | 30.08.2022 at 11.00 A.M. | 19.09.2022 to 05.00 P.M. | 19.09.2022 upto 01.00 P.M. | 20.09.2022 at 11.30 A.M. | Will be intimated later |

Further details can be seen from the website www.tendersorissa.gov.in.

Sd./- Chief Construction Engineer, Rural Works Circle, Kendrapara-Jajpur
OIPR-25129/11/0025/2223



idco Your power to grow | ODISHA NEW OPPORTUNITIES No. CAD-1625

**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022**
Tender Call Notice No. IDCO/H.O./P&C/EST/E-1979/03/2022/21634 Date: 24.08.2022
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

1. **Name of the Work** :- Construction of SFRC Pre-cast, Pre-tensioned Compound Wall at Industrial Estate Kilasama, Rengali, Sambalpur, Odisha.
2. **Estimated Cost** :- Rs.151.43 Lakhs
3. **Period of Completion** :- 03 (Three) Calendar months.
4. **Other details** :

| Procurement Officer | Bid ID/Tender reference No. | Availability of Tender on-Line for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Janpath, Bhubaneswar-751022 | P&C/ EST/E-56/ 2022- 23 | 02.09.2022 at 17.00 Hrs. | 16.09.2022 up to 17.00 Hrs. |

Further details can be seen from the e-Procurement Portal www.tendersodisha.gov.in and Corrigendum if any will not be published in newspapers and can only be seen in the e-procurement portal www.tendersodisha.gov.in and www.idco.in.

Sd./- Chief General Manager (P&C), IDCO, Bhubaneswar
OIPR-14003/11/0125/2223



GOVERNMENT OF ODISHA No.C-1061:
**OFFICE OF THE ADDITIONAL CHIEF ENGINEER P.H. CIRCLE, NAYABAZAR, CUTTACK-753004**
Ph.-0671-2440841, Fax- 0671-2440841, E-mail: sephctc@gmail.com
NATIONAL COMPETITIVE BIDDING THROUGH e-Procurement
**Invitation For Bids (IFB) No.ACEPHCTC-05/2022-23 Dtd.22.08.2022**

| Sl. No. | Name of the work | Estimated cost (Approx) |
|---|---|---|
| 1 | Augmentation of water supply at Kunjakanta (W. No.3), Talabania (W. No.-) Backside of R.P. Line, Back side of Vigilance Office, Backside of Hospital, Backside of Gopal Sagar, Bajirout Chhaka to Railway line etc. of Dhenkanal Municipality. | Rs.243.42 lakh |
| 2 | Augmentation of water supply at different locations like Naba Mishra Colony, Badadanda Sahi Block Colony, Surya Nagar, Sarathi Vihar and Biradarpada Areas of Talcher Municipality. | Rs.420.30 lakh |
| 3 | Augmentation of rising main from Rekula to Alutuma in Kamakhyanagar NAC under AMRUT 2.0 for the year 2022-23. | Rs.386.59 lakh |
| 4 | Augmentation of water supply of Badadanda Sahi, Bandha Sahi, Rameswarpatna, Charigharia Sahi, Pathana Sahi, Manikpathar, Nua Sahi, Bangala Sahi & Rajabati to Baragaon at Athamallik NAC under Special Central Assistance for the Fy 2022-23. | Rs.355.97 lakh |
| 5 | Construction of 3 lakh ltr capacity RCC ESR of 25 mtr staging at I.B. Pump House & 3 lakh ltr capacity RCC ESR of 20 mtr staging with ancillary works over Hillock at Nua Bhuban for improvement of water supply to Bhuban NAC. | Rs.165.53 lakh |

1.Date & time of availability of bid document in the portal - 11.00 Hrs. of dt.30.08.2022 to 17.30 Hrs. of dt. 14.09.2022. 2. Last date / time of receipt of bids in the portal : 14.09.2022 upto 17.30 Hrs. 3. Date & time of opening of bids : 15.09.2022 at 12.30 Hrs. 4. Name and address of the Officer Inviting Bid : The Additional Chief Engineer, P.H. Circle, Nayabazar, Cuttack-753004, Odisha, Ph.(0671)2440841, email:sephctc@gmail.com.
Further details can be seen from the website www.tendersorissa.gov.in.

Sd./- Addl.Chief Engineer, P.H.Circle, Cuttack
OIPR-13029/11/0008/2223


See Career Appointment on every Wednesday & Saturday

# ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ କର

## ନବନିଯୁକ୍ତ ୩୩୪ ଲାବ୍ ଆସିଷ୍ଟାଣ୍ଟ, ଲାଇବ୍ରେରିଆନ, କ୍ରୀଡ଼ା ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର,୨୫।୮(ବ୍ୟୁରୋ)

ରାଜ୍ୟର ବିଭିନ୍ନ ସରକାରୀ କଲେଜରେ ୩୩୪ଟି ଅଣଶିକ୍ଷକ ପଦବୀରେ ନିଯୁକ୍ତି ଦିଆଯାଇଛି। ସେମାନଙ୍କ ମଧ୍ୟରେ ୨୯୧ ଜଣ ଲାବୋରେଟୋରି ଆସିଷ୍ଟାଣ୍ଟ, ୨୫ଜଣ ଜୁନିୟର ଲାଇବ୍ରେରିଆନ ଏବଂ ୧୮ ଜଣ ଶାରୀରିକ ଶିକ୍ଷା ଶିକ୍ଷକ ପଦବୀ ପୂରଣ କରାଯାଇଛି। ନବନିଯୁକ୍ତମାନଙ୍କର ଏକ ଓରିଏଣ୍ଟେଶନ କାର୍ଯ୍ୟକ୍ରମ ଗୁରୁବାର ଲୋକସେବା ଭବନରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ରାଜ୍ୟ ସରକାର ଉଚ୍ଚଶିକ୍ଷା ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ନିକଟରେ ବିଭିନ୍ନ ସରକାରୀ, ବେସରକାରୀ କଲେଜରେ ୧ହଜାର ପ୍ରଫେସର, ଆସୋସିଏଟ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର ଏବଂ କନିଷ୍ଠ ଅଧ୍ୟାପକ ପଦବୀ ପୂରଣ କରାଯାଇଛି। ଏହା ରାଜ୍ୟରେ ଛାତ୍ର-ଶିକ୍ଷକ ଅନୁପାତକୁ ବୃଦ୍ଧି କରିବାରେ ସହାୟକ ହେବ। ନବନିଯୁକ୍ତଙ୍କୁ ସ୍ୱାଗତ କରିବା ସହ ଏହି ନିଯୁକ୍ତି ଗୁଣାତ୍ମକ ଶିକ୍ଷାକୁ ଅଧିକ କ୍ରିୟାଶୀଳ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣ ସୃଷ୍ଟି କରିବାରେ ଲାବୋରେଟୋରି ଏବଂ ଲାଇବ୍ରେରିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ନବନିଯୁକ୍ତ ଲାବୋରେଟୋରି ଆସିଷ୍ଟାଣ୍ଟ, ଲାଇବ୍ରେରିଆନ, ଶାରୀରିକ ଶିକ୍ଷା ଶିକ୍ଷକମାନଙ୍କର ସମୟାନୁବର୍ତ୍ତୀ ଓ ପ୍ରତିବଦ୍ଧତା ଛାତ୍ରଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା ସୃଷ୍ଟି କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଖେଳ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରି କହିଛନ୍ତି ଯେ ରାଜ୍ୟ ସରକାର ସବୁ ସମୟରେ କ୍ରୀଡ଼ାକୁ ପ୍ରୋତ୍ସାହନ ଦେଇ ଆସିଛନ୍ତି।

ବିଶ୍ୱରେ ଓଡ଼ିଶା ଏକ ଉଜ୍ଜ୍ୱଳ ସ୍ଥାନ ଭାବେ କ୍ରୀଡ଼ା ମାନଚିତ୍ରରେ ପରିଣତ ହୋଇଛି। ରାଜ୍ୟ ସରକାର ସ୍କୁଲ ଓ ବ୍ଲକ ସ୍ତରରେ ବହୁ ସଂଖ୍ୟାରେ ଖେଳ ପଡ଼ିଆର ବିକାଶ କରୁଛନ୍ତି। ରାଜ୍ୟର ପିଲାମାନଙ୍କୁ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର ଖେଳାଳି ସୃଷ୍ଟି କରିବା ତଥା ପିଲାମାନଙ୍କ ମନରେ ଖେଳ ପ୍ରତି ଆଗ୍ରହ ସୃଷ୍ଟି କରିବା ସକାଶେ କ୍ରୀଡ଼ା ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଉଛି। ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଦିଗରେ କାର୍ଯ୍ୟ କରିବା ପାଇଁ ଯଥେଷ୍ଟ ଅବଦାନ ଦେବାକୁ ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜ୍ୟର ଉଚ୍ଚ ଶିକ୍ଷାରେ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି। ୫-ଟି ଯୋଗୁ ନିଯୁକ୍ତି ପ୍ରକ୍ରିୟା କାର୍ଯ୍ୟ ତ୍ୱରାନ୍ୱିତ ହେଉଛି। ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ସଚିବ ବିଷ୍ଣୁପଦ ସେଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଧନ୍ୟବାଦ ଦେଇଥିଲେ।







ଲୋକସେବା ଭବନରେ ଗୁରୁବାର ଅନୁଷ୍ଠିତ ଓରିଏଣ୍ଟେଶନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ ସମ୍ବର୍ଦ୍ଧିତ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ୍।

## ସଂକ୍ଷେପରେ

### କେନ୍ଦୁଝର ସରକାରୀ କଲେଜ ଅଧ୍ୟକ୍ଷଙ୍କ ବହିଷ୍କାର ଦାବି

#### ରାଜଧାନୀରେ ପ୍ରତିବାଦ, ବୈଷୟିକ ଶିକ୍ଷାମନ୍ତ୍ରୀଙ୍କୁ ସ୍ମାରକପତ୍ର

**ଭୁବନେଶ୍ୱର,୨୫।୮(ବ୍ୟୁରୋ):** କେନ୍ଦୁଝର ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ ଅଧ୍ୟକ୍ଷ ତ୍ରିଲୋଚନ ସାହୁଙ୍କ ବହିଷ୍କାର ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ବିଦ୍ୟାର୍ଥୀ। ରାଜଧାନୀ ଭୁବନେଶ୍ୱରରେ ଉକ୍ତ ମହାବିଦ୍ୟାଳୟର ବହୁ ଛାତ୍ର ଏକାଠି ହୋଇ ଅଧ୍ୟକ୍ଷଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଛାତ୍ରମାନେ ଅଭିଯୋଗ କରିଛନ୍ତି ଯେ, ୭ ବର୍ଷରୁ ଅଧିକ ସମୟ ଧରି ଉକ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ଭାବେ ତ୍ରିଲୋଚନ ସାହୁ ରହିଛନ୍ତି। ଦୀର୍ଘଦିନ ଧରି ସେ ଏଠାରେ ଥିବାରୁ ତାଙ୍କ ମନମୁଖୀ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ଏପରିକି ଦୁର୍ନୀତି ମଧ୍ୟ ହେଉଛି। ସେ କେବଳ କ୍ୟାମ୍ପସରେ ହେଉଥିବା ନିର୍ମାଣ କାର୍ଯ୍ୟକୁ ଗୁରୁତ୍ୱ ଦେଉଛନ୍ତି। ଏପର୍ଯ୍ୟନ୍ତ ସ୍ଥାୟୀ ଅଧ୍ୟାପକ ନିଯୁକ୍ତ କରାଯାଉନି। କୋର କମ୍ପାନୀଗୁଡ଼ିକରେ ୭ ବର୍ଷ ହେଲା କୌଣସି ନିଯୁକ୍ତି ନାହିଁ। ପାଣ୍ଠି କେବଳ ନିର୍ମାଣ କାର୍ଯ୍ୟରେ ବିନିଯୋଗ ହେଉଛି। ବିଦ୍ୟାର୍ଥୀ କିମ୍ବା ଭିତ୍ତିଭୂମିର ବିକାଶରେ ପାଣ୍ଠି ବିନିଯୋଗ କରାଯାଉନି। ବାରମ୍ବାର ଇ-ଲାଇବ୍ରେରୀ ସମେତ ଆବଶ୍ୟକ ବୈଷୟିକ ଭିତ୍ତିଭୂମି ଯୋଗାଇ ଦେବାକୁ ଦାବି କରାଯିବା ସତ୍ତ୍ୱେ ତାହା ପୂରଣ ହେଉନି। ଏହି ପରିପ୍ରେକ୍ଷୀରେ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇଙ୍କୁ ଭେଟି ଛାତ୍ରମାନେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଆନ୍ଦୋଳନରତ ଛାତ୍ର କହିଛନ୍ତି। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ବିବେକ କୁମାର ସ୍ୱାଇଁ, ରାଜେଶ ସାହୁ, ମାନସ ଦାସ, ପରାଶ ଗୁପ୍ତା ଏବଂ ସତ୍ୟଜିତ ନାୟକ ପ୍ରମୁଖ ଛାତ୍ର ସାମିଲ ଥିଲେ।

### ଡିଭାଇଡରରେ ପିଟି ହେଲା ବାଇକ୍, ୨ ମୃତ



**ଛତ୍ରପୁର,୨୫।୮(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଛତ୍ରପୁର ଡିଆରଡିଏ ଛକ ନିକଟ ଜାତୀୟ ରାଜପଥରେ ଗୁରୁବାର ଏକ ଦୁର୍ଘଟଣା ଘଟିଛି। ଡିଭାଇଡରରେ ବାଇକ୍ ପିଟି ହେବାରୁ ୨ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ବ୍ରହ୍ମପୁର ସହର ବ୍ରହ୍ମନଗର ଅଞ୍ଚଳର ସୁମନ ଦାସ ଓ ହିଞ୍ଜିଳିକାଟୁ ବ୍ଲକ କଞ୍ଚୁରୁର ଦଣ୍ଡ ପାଳ। ଉଭୟେ ବାଇକ୍ (ନଂ.ଓଡି ୦୭ ୫୭୨୦) ଯୋଗେ କୌଣସି କାମରେ ବ୍ରହ୍ମପୁରରୁ ବାଲୁଗାଁ ଅଭିମୁଖେ ଯାଉଥିଲେ। ଛତ୍ରପୁର ଡିଆର୍‌ଡିଏ ଛକ ନିକଟରେ ଭାରସାମ୍ୟ ହରାଇ ବାଇକ୍‌ଟି ଡିଭାଇଡର ଉପରକୁ ଉଠି ଗ୍ରୀଲରେ ପିଟି ହୋଇଥିଲା। ଫଳରେ ଆରୋହୀ ଦ୍ୱୟ ରାସ୍ତା ପାର୍ଶ୍ୱକୁ ଛିଟିକି ପଡିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଛତ୍ରପୁର ଥାନା ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହଗୁଡିକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ଏ ନେଇ ଛତ୍ରପୁର ଥାନାରେ ନଂ.୪୯୫/୨୨ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# ଏମ୍‌ସ ନାଁ ବଦଳିବାକୁ ନେଇ ଜୋର୍ ଧରିଲା ରାଜନୀତି

ଭୁବନେଶ୍ୱର, ୨୫।୮(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ରାଜଧାନୀ ଦିଲ୍ଲୀକୁ ମିଶାଇ ଦେଶର ସମସ୍ତ ୨୩ଟି ଯାକ ଏମ୍‌ସର ଆଞ୍ଚଳିକ ସ୍ତରକୁ ଗୁରୁତ୍ୱ ଦେଇ ନାମକରଣ ପାଇଁ ନିଷ୍ପତ୍ତି ହୋଇଛି। ସେଥିପାଇଁ ସମସ୍ତ ଏମ୍‌ସକୁ ପ୍ରସ୍ତାବିତ ନାଁ ପଠାଇବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛନ୍ତି। ଏହା ମଧ୍ୟରେ ଅଧିକାଂଶ ଏମ୍‌ସ ନିଜର ମତାମତ ଜଣାଇ ସାରିଥିବା ଜଣାପଡିଛି। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ଏମ୍‌ସକୁ ମିଶାଇ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଥିବା ୬ଟି ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାଗୁଡିକର ନାଁ ବଦଳାଇବାକୁ ସ୍ଥିର ହୋଇଛି। ସେଗୁଡିକ ହେଲା ପାଟନା, ରାୟପୁର, ଭୋପାଳ, ଯୋଧପୁର, ଋଷିକେଶ ଏମ୍‌ସ। ବାକି ସବୁ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ରଖାଯାଇଥିବା ଜଣାପଡିଛି। ଚୂଡାନ୍ତ ନିଷ୍ପତ୍ତି ଏହା ଉପରେ କେନ୍ଦ୍ର ସରକାର ନେବେ।

ତେବେ ଭୁବନେଶ୍ୱର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍‌ସ) ହସ୍ପିଟାଲକୁ କେଉଁ ନାମରେ ନାମିତ କରାଯିବ ତାକୁ ନେଇ ଆରମ୍ଭ ହୋଇଯାଇଛି ରାଜନୀତି। ରାଜ୍ୟର କୌଣସି ବରପୁତ୍ର କିମ୍ବା ସ୍ୱାଧୀନତା ସଂଗ୍ରାମୀଙ୍କ ନାଁକୁ ଏମ୍‌ସ ନାଁ ବଦଳିପାରେ ବୋଲି ଆଲୋଚନା ଜୋର୍ ଧରିଛି। ତେବେ କୌଣସି ଜଣାଶୁଣା ଐତିହ୍ୟସ୍ଥଳ କିମ୍ବା ଐତିହାସିକ ଘଟଣାବଳୀକୁ ପ୍ରାଧାନ୍ୟ ମିଳିପାରେ ବୋଲି କୁହାଯାଉଛି। ତେବେ ଏହାକୁ ନେଇ ଆଲୋଚନା ପର୍ଯ୍ୟାଲୋଚନା ଚାଲିଥିବା ବେଳେ ବିଭିନ୍ନ ରାଜନୈତିକ ଦଳ ଏହା ଉପରେ ବୟାନବାଜି ଆରମ୍ଭ କରିଦେଇଛନ୍ତି। ତେବେ ଭାଜପା କହିଛି ଓଡ଼ିଶା ପ୍ରଦେଶ ଗଠନରେ ଯାହାଙ୍କ ବାସ୍ତବ ଭୂମିକା ରହିଛି ସେହିଭଳି ମହାମାନବଙ୍କ ନାଁରେ ଭୁବନେଶ୍ୱର ଏମ୍‌ସ ନାମିତ ହେଉ। ସେଥିଲାଗି ବୁଦ୍ଧିଜୀବୀ, ସାମାଜିକ ସଂସ୍ଥା ଓ ରାଜନୈତିକ ଦଳଗୁଡିକ ପରାମର୍ଶ ଦେବା ଏକାନ୍ତ ଆବଶ୍ୟକ। ସେହିପରି କଂଗ୍ରେସ କହିଛି, ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ନାଁ ସବୁଠାରୁ ଶ୍ରେଷ୍ଠ। ବିଜେଡି କହିଛି, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାଁରେ ଭୁବନେଶ୍ୱର ଏମ୍‌ସକୁ ନାମିତ କରାଗଲେ ଭଲ ହେବ।

# ବାଗ୍‌ଚୀଙ୍କୁ ଭେଟିଲେ ଆମେରିକା କନ୍‌ସୁଲେଟ



ଭୁବନେଶ୍ୱର,୨୫।୮(ବ୍ୟୁରୋ)

ହାଇଦ୍ରାବାଦରେ ଅବସ୍ଥାପିତ ଯୁକ୍ତରାଷ୍ଟ୍ର ଆମେରିକା କନ୍‌ସୁଲେଟ୍‌ର ରାଜନୈତିକ ଓ ଅର୍ଥନୈତିକ ଅଧିକାରୀ ସିନ୍ ରୁଥ୍ ଗୁରୁବାର ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ରୁଥ୍‌ଙ୍କ ସହ ରାଜନୈତିକ ଓ ଅର୍ଥନୈତିକ ବିଶେଷଜ୍ଞ ଶିବପ୍ରସାଦ ତ୍ରିପାଠୀ ଉପସ୍ଥିତ ଥିଲେ। ରୁଥ୍ ଏବଂ ତାଙ୍କ ସହଯୋଗୀମାନେ ବାଗ୍‌ଚୀଙ୍କ ସହ ଯୁବବର୍ଗଙ୍କ ଦକ୍ଷତା ବିକାଶ ସମେତ ରାଜ୍ୟର ବୃହତ୍ତର ଅର୍ଥନୈତିକ ଓ ରାଜନୈତିକ ବିଷୟ ନେଇ ଦୀର୍ଘ ୧ ଘଣ୍ଟା ଆଲୋଚନା କରିଛନ୍ତି। ବାଗ୍‌ଚୀ ଏହି ଅବସରରେ ଅତିଥିମାନଙ୍କୁ ଓଡ଼ିଶା ପରିଦର୍ଶନ ନେଇ ଧନ୍ୟବାଦ ଜ୍ଞାପନ କରିବା ସହ ଭବିଷ୍ୟତରେ ଯୁକ୍ତରାଷ୍ଟ୍ର ଆମେରିକା କନ୍‌ସୁଲେଟ୍ ସହ ସମସ୍ତ ସ୍ତରରେ ଅଧିକ ସହଯୋଗ ଏବଂ ଭାବ ବିନିମୟ ଜାରି ରହିବ ବୋଲି ଆଶା ପ୍ରକାଶ କରିଛନ୍ତି। ବାଗ୍‌ଚୀଙ୍କ ତରଫରୁ ରୁଥ୍‌ଙ୍କୁ ଓଡ଼ିଶାର ଏକ ପଟ୍ଟଚିତ୍ର ଉପହାର ଦିଆଯାଇଛି।

# ଟିଏଫ୍‌ଏଲ୍ ଅଗ୍ରଗତିର ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ



ସମୀକ୍ଷା ବୈଠକରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଅନ୍ୟ ଅଧିକାରୀମାନେ।

ତାଳଚେର, ୨୫।୮ (ନି.ପ୍ର.)

ଦୁଇ ଦିନିଆ ତାଳଚେର ଗସ୍ତରେ ଆସିଥିବା କେନ୍ଦ୍ର ରସାୟନ, ସାର ଓ ନବୀକରଣଯୋଗ୍ୟ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଭଗୱନ୍ତ ଖୁବା ଗୁରୁବାର ତାଳଚେର ଫର୍ଟିଲାଇଜର ଲିମିଟେଡ୍ (ଟିଏଫ୍‌ଏଲ୍)ର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଖୁବା ବିକ୍ରମପୁର ଅତିଥି ଭବନଠାରେ ପହଞ୍ଚିବା ପରେ ଟିଏଫ୍‌ଏଲ୍ ଅଧିକାରୀଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ମନ୍ତ୍ରୀ ପ୍ଲାଣ୍ଟ ପରିସରରେ ଚାରା ରୋପଣ କରିବା ସହିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ପ୍ଲାଣ୍ଟର ମଡେଲ ପରିଦର୍ଶନ କରିଥିଲେ। ପ୍ଲାଣ୍ଟ ପରିସରରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ ପ୍ରକଳ୍ପର ଅଗ୍ରଗତି ଓ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ନିର୍ମାଣ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଖୁବାଙ୍କୁ ଭେଟି ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଅଞ୍ଚଳବାସୀଙ୍କ ସ୍ୱାର୍ଥ ସମ୍ବଳିତ ୯ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ପ୍ଲାଣ୍ଟ ଶୀଘ୍ର ଉଦ୍‌ଘାଟନ ନିମନ୍ତେ ତାରିଖ ଘୋଷଣା ସହ କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି, ପୂର୍ବରୁ ବାଧ୍ୟତାମୂଳକ ଅବସର ଦିଆଯାଇଥିବା ତାଳଚେର ସାର କାରଖାନା କର୍ମଚାରୀଙ୍କ ପରିବାରରୁ ଜଣଙ୍କୁ ନିଯୁକ୍ତି, ସ୍ଥାନୀୟ ବେକାର ଯୁବତୀ ଯୁବକଙ୍କୁ ଠିକା କର୍ମଚାରୀ ଭାବେ ନିଯୁକ୍ତି ପ୍ରଦାନ, ସ୍ଥାନୀୟ ଠିକାଦାରଙ୍କୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ ପ୍ରଦାନ, ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ, ଅଞ୍ଚଳର ସାମାଜିକ ବିକାଶ କାର୍ଯ୍ୟକ୍ରମ କରିଯିବା ଆଦି ଉପରେ ଗୁରୁତ୍ୱ ଦେବାକୁ ବିଧାୟକ ଦାବି କରିଛନ୍ତି।

## ବାଲିରେ ପୋତି ହୋଇ ନାବାଳକ ମୃତ

### ଷଣ୍ଢକୁଦରେ ଉତ୍ତେଜନା

ପାରାଦୀପ,୨୫।୮(ସ୍ୱ.ପ୍ର.)

ପାରାଦୀପର ପ୍ରସ୍ତାବିତ ଏନ୍‌ଆର୍‌ଏଲ (ନୁମାଲିଗଡ ରିଫାଇନାରି ଲିମିଟେଡ)ପ୍ରକଳ୍ପ ଅଞ୍ଚଳରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ପ୍ରକଳ୍ପ ଅଞ୍ଚଳ ପାଇଁ ବୋଝେଇ ହୋଇଥିବା ବାଲିରେ ପୋତି ହୋଇ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଷଣ୍ଢକୁଦ ବସ୍ତିର ମୁନା ମଲ୍ଲିକଙ୍କ ପୁଅ ଶୁଭମ୍ ମଲ୍ଲିକ(୧୦)। ଏହି ଘଟଣା ପ୍ରଚାରିତ ହେବାପରେ ବସ୍ତିରେ କମ୍ପାନୀ ବିରୋଧରେ ପ୍ରତିବାଦ ଆରମ୍ଭ ହୋଇଯାଇଛି।

ଏନ୍‌ଆର୍‌ଏଲ ପାରାଦୀପ ବନ୍ଦରଠାରୁ ୨୩୪ ଏକର ଜାଗା ଲିଜ୍‌ରେ ନେଇ ରିଫାଇନାରି ପାଇଁ ଟାଙ୍କି ତିଆରି କରିବାର ପ୍ରସ୍ତାବ ରହିଛି। ଏନେଇ ପାରାଦୀପରୁ ଆସାମସ୍ଥିତ ଏନ୍‌ଆର୍‌ଏଲ କମ୍ପାନୀ ପର୍ଯ୍ୟନ୍ତ ମାଟିତଳେ ପାଇପ୍ ଲାଇନ ନିର୍ମାଣ ଚାଲିଛି। ଉକ୍ତ ପ୍ରକଳ୍ପ ଅଞ୍ଚଳକୁ ଭରଣା କରିବା ପାଇଁ ବାଲି ବୋଝେଇ କରାଯାଉଛି। ସେହି ବାଲି ଉପରେ ଗୁରୁବାର ସକାଳେ ଶୁଭମ୍ ତାଙ୍କ ଜଣେ ସାଙ୍ଗ ଖେଳୁଥିଲେ। ବାଲି ବୋଝେଇସ୍ଥଳର ଶେଷାର୍ଦ୍ଧରେ ଥିବା ପାଣି ପାଖରେ ସେମାନେ ଖେଳିବାବେଳେ ବାଲି ଖସିଯିବାରୁ ଶୁଭମ୍ ସେଥିରେ ପୋତି ହୋଇ ଯାଇଥିଲେ। ପରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା।

## ପୁଣି ୧୫୦ କଇଁଛ ଜବତ

ମାଲକାନଗିରି/ଏମ୍‌ଭି-୭୯, ୨୫।୮(ସ୍ୱ.ପ୍ର./ଡି.ଏନ.ଏ.)

ଗତ ଦୁଇ ଦିନ ତଳେ କାଲିମେଳା ବନ ବିଭାଗ ପକ୍ଷରୁ ୩୫୦ କଇଁଛ ଜବତ କରାଯାଇଥିବା ବେଳେ ଗୁରୁବାର ଏମଭି-୭୯ ବନ ବିଭାଗ ପକ୍ଷରୁ ଚୋରାଚାଲାଣ ବେଳେ ୧୫୦ଟି ଜିଅନ୍ତା କଇଁଛ ଜବତ କରାଯାଇଛି। କଇଁଛ ଚୋରାଚାଲାଣ ଖବର ପାଇ ଏମଭି-୭୯ ବନଅଧିକାରୀ ରଶ୍ମିରଞ୍ଜନ ସ୍ୱାଇଁଙ୍କ ସହ ଏକ ଟିମ ଏମଭି-୧୧୪ ଗ୍ରାମରେ ବୁଧବାର ରାତିରେ ଚଢ଼ାଉ କରିଥିଲେ। ଗ୍ରାମ ନିକଟରେ ଏକ ପିକ୍‌ଅପ୍ ଭ୍ୟାନ ଦେଖି କର୍ମଚାରୀମାନେ ଏହାକୁ ତଲାସି କରିଥିଲେ। ପରେ ଭ୍ୟାନରେ କଇଁଛ ଥିବା ଜଣାପଡ଼ିଥିଲା। ସେଠାରେ କୌଣସି ଲୋକ କିମ୍ବା ବ୍ୟବସାୟୀ ନ ମିଳିବାରୁ ଭ୍ୟାନକୁ ଟ୍ରାକ୍ଟର ସାହାଯ୍ୟରେ ଟାଣି ଏମଭି-୭୯ ରେଞ୍ଜ ଅଫିସକୁ ଆଣିଥିଲେ। ୧୫୦ଟି କଇଁଛର ମୂଲ୍ୟ ୧ ଲକ୍ଷ ଟଙ୍କା ହେବ ବୋଲି ବନ ଅଧିକାରୀ ସ୍ୱାଇଁ କହିଛନ୍ତି।

# ଉଚ୍ଚଶିକ୍ଷାକୁ ସମ୍ବଳ ନାହିଁ

- ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ଅନାଥ ସୁଭଦ୍ରା
- ୩ବର୍ଷ ହେଲା ପରପାରିରେ ପାଳିତ ମା'ବାପା

ପାଟଣା, ୨୫।୮(ସ୍ୱ.ପ୍ର.)

ମାତ୍ର ଅଢ଼େଇ ମାସର ହୋଇଥିବାବେଳେ ତାଙ୍କୁ କୋଳାଇ ନେଇଥିଲେ ନିଃସନ୍ତାନ ଦମ୍ପତି। ହେଲେ ଦଇବ ସାଧିଲା ଦାଉ। ୩ ବର୍ଷ ତଳେ ହାତ ଧରାଧରି ପରପାରିରେ ଯାତ୍ରୀ ସାଜିଲେ ମା'ବାପା। ଅସୁମାରୀ ସ୍ୱପ୍ନ ଭାଙ୍ଗିଗଲା କ୍ଷଣିକରେ। ତଥାପି ସେ ହାର୍ ମାନିଲେନି। କଅଁଳ ବୟସରେ ମୂଲ ମଜୁରି ଲାଗି ମାଟ୍ରିକ୍ ପାସ୍ କଲେ। ହେଲେ ଉଚ୍ଚଶିକ୍ଷାର ସ୍ୱପ୍ନ ଆଗରେ ଏବେ ପାଚେରି ହୋଇ ଛିଡ଼ା ହୋଇଛି ଦାରିଦ୍ର୍ୟ। ଭଙ୍ଗାଦଦରା ଘରେ କଟୁଛି ଦିନ। ଦେୟ ପୈଠ କରିପାରୁ ନ ଥିବାରୁ ବିଜୁଳି ଶକ୍ତି ବିଚ୍ଛିନ୍ନ କରିଦେଇଛି ବିଦ୍ୟୁତ୍ ବିଭାଗ। ଜୀବନ ପ୍ରତି ବିପଦ ଥିବାରୁ ପଡ଼ୋଶୀ ଘରେ ରାତିରେ ମୁଣ୍ଡ ଗୁଞ୍ଜିବାକୁ ବାଧ୍ୟ ହେଉଛନ୍ତି। କଅଁଳ ବୟସରେ ଜୀବନ ସଂଘର୍ଷକୁ ନେଇ ଥକି ପଡ଼ିଥିବା ବେଳେ ସହାୟତାର ହାତ ବଢ଼ାଇବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବୁଧବାର ଚିଠି ଲେଖି ନିବେଦନ କରିଛନ୍ତି କେନ୍ଦୁଝର ଜିଲା ପାଟଣା ବ୍ଲକ ମୂଷାଖରି ପଞ୍ଚାୟତ ମଲ୍ଲୀପଶି ଗ୍ରାମର ଛେଉଣ୍ଡ ନାବାଳିକା ସୁଭଦ୍ରା ନାଏକ।



ସୁଭଦ୍ରା ନାଏକ

ମାତ୍ର ଅଢ଼େଇ ମାସର ହୋଇଥିବାବେଳେ ସୁଭଦ୍ରାଙ୍କୁ କୋଳାଇ ନେଇଥିଲେ ମଲ୍ଲିପଶି ଗ୍ରାମର ନିଃସନ୍ତାନ ଦମ୍ପତି ବିଜୟ ନାଏକ ଏବଂ ସ୍ତ୍ରୀ ରମି ନାଏକ। ସେମାନେ ନିକଟବର୍ତ୍ତୀ ଏକ ଗ୍ରାମରୁ ତାଙ୍କୁ ପୋଷ୍ୟ ଗ୍ରହଣ କରିଥିଲେ। ଗରିବ ହୋଇଥିଲେ ବି ଝିଅଙ୍କୁ ବଡ଼ ଯତ୍ନର ସହ ଲାଳନପାଳନ କରୁଥିଲେ। ହେଲେ ବିଧିର ବିଧାନ ଥିଲା ଅଲଗା। ୩ବର୍ଷ ତଳେ ପାଳିତ ମା'ବାପାଙ୍କ ଆଗପଛ ହୋଇ ମୃତ୍ୟୁ ଘଟିଲା। ଏହାପରେ ସୁଭଦ୍ରାଙ୍କ ମୁଣ୍ଡରେ ଛିଣ୍ଡିପଡ଼ିଲା ଦୁଃଖର ପାହାଡ଼। ପେଟପାଟଣା ପାଇଁ ସେ ପରଘରେ କାମ କଲେ। ବିଲବାଡ଼ିରେ ମଜୁରି ଖଟିଲେ। ନିଜ ଉପାର୍ଜନରେ ମଲ୍ଲିପଶିସ୍ଥିତ ଜନତା ଉଚ୍ଚ ବିଦ୍ୟାଳୟରେ ପାଠ ପଢ଼ି ମାଟ୍ରିକ ପରୀକ୍ଷାରେ ପାସ୍ ମଧ୍ୟ କରିଛନ୍ତି। ହେଲେ ଅର୍ଥାଭାବ ଏବେ ତାଙ୍କ ଉଚ୍ଚ ଶିକ୍ଷାରେ ପ୍ରତିବନ୍ଧକ ସାଜିଛି। ସମସ୍ତେ ତାଙ୍କ ଦୁରାବସ୍ଥା ବିଷୟରେ ଜାଣିଥିଲେ ମଧ୍ୟ କେହି ତାଙ୍କୁ ସହଯୋଗର ହାତ ବଢ଼ାଇନାହାନ୍ତି। ତେଣୁ ପ୍ରତିକୂଳ ପରିସ୍ଥିତିରେ ଭବିଷ୍ୟତକୁ ନେଇ ସନ୍ଦିହାନ ହୋଇପଡ଼ିଥିବା ସୁଭଦ୍ରା ନିପଟ ପଲ୍ଲୀରୁ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଚିଠି ଲେଖିଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କିମ୍ବା କୌଣସି ବଦାନ୍ୟ ବ୍ୟକ୍ତି ଅଥବା ଅନୁଷ୍ଠାନ ସହାୟତାର ହାତ ବଢାଇଲେ ସୁଭଦ୍ରାଙ୍କ ମୁହଁରେ ପୁଣି ହସ ଫୁଟି ପାରିବ ବୋଲି ପୂର୍ବତନ ସରପଞ୍ଚ ଅନାଦି ମହାନ୍ତ କହିଛନ୍ତି।

# ଜିଆଇଇଟିରେ ସ୍ମାର୍ଟ ଇଣ୍ଡିଆ ହାକାଥନ୍ ଗ୍ରାଣ୍ଡ ଫିନାଲେ

## ଅନ୍‌ଲାଇନରେ ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ

ଗୁଣପୁର,୨୫।୮(ଡି.ଏନ୍.ଏ.)

ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଏବଂ ଏଆଇସିଟିଇର ମିଳିତ ଆନୁକୂଲ୍ୟରେ ସ୍ମାର୍ଟ ଇଣ୍ଡିଆ ହାକାଥନ୍-୨୦୨୨ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭର୍ଚୁଆଲରେ ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରିଥିଲେ। କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ଦେଶର ୭୫ ନୋଡାଲ ସେଣ୍ଟର ମଧ୍ୟରୁ ଓଡ଼ିଶାରେ ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟରେ ମଧ୍ୟ ଏହି ହାକାଥନ୍-୨୦୨୨ ଗୁରୁବାର ଉଦ୍‌ଘାଟିତ ହୋଇଛି। ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା ଯୋଗଦେଇ ଏହାର ଉଦ୍‌ଘାଟନ କରିବା ସହ ଏବେକା ଯୁଗରେ ନୂତନ ବୈଷୟିକ ଜ୍ଞାନ କୌଶଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ପ୍ରଯୁକ୍ତିବିଦ୍ୟାକୁ ଯୁବପିଢ଼ି ଆପଣାଇବା ପାଇଁ ସେ ଅହ୍ୱାନ କରିଥିଲେ। ସମ୍ମାନିତ ଅତିଥି ରୂପେ ବିଶ୍ୱବିଦ୍ୟାଳୟର ସଭାପତି ସତ୍ୟପ୍ରକାଶ ପଣ୍ଡା ଉପସ୍ଥିତ ରହି ନୂତନ ଉଦ୍ଭାବନ ହିଁ ସମାଜକୁ ଆଗେଇ ନେଇ ପାରିବ ବୋଲି କହିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ନୂଆଦିଲ୍ଲୀସ୍ଥିତ ଅଟଳ ଇନୋଭୋସନ ମିଶନ(ଏଆଇଏମ୍)ର ନିର୍ଦ୍ଦେଶକ ଚିନ୍ତନ ବୈଷ୍ଣବ ଭର୍ଚୁଆଲରେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଉପଯୋଗିତା ଓ ଭବିଷ୍ୟତ ବିଷୟରେ ଆଲୋକପାତ କରିଥିଲେ। ଜିଆଇଇଟି ବିଶ୍ୱବିଦ୍ୟାଳୟ ନୋଡାଲ ସେଣ୍ଟରର ମୁଖ୍ୟ ଦେବାଙ୍ଗ ଦବେ ଯୋଗଦେଇ ଏହା ଯୁବ ନେତୃବର୍ଗ ସୃଷ୍ଟି କରିବା ସହ ବିଦ୍ୟାର୍ଥୀଙ୍କର ଅନ୍ତର୍ନିହିତ ଗୁଣାବଳୀର ବିକାଶ କରିବ ବୋଲି କହିଥିଲେ। କୁଳପତି ଗୌତମ ଘୋଷ, ବିଶ୍ୱବିଦ୍ୟାଳୟର ନୋଡାଲ ସେଣ୍ଟର ଇନ୍‌ଚାର୍ଜ ଶୁଭଜିତ୍ ପ୍ରଧାନ, ବିଶ୍ୱବିଦ୍ୟାଳୟର ଉପ ସଭାପତି ଚନ୍ଦ୍ରଧ୍ୱଜ ପଣ୍ଡା, ମହା ନିର୍ଦ୍ଦେଶକ ଜଗଦୀଶ ପଣ୍ଡା, ରେଜିଷ୍ଟ୍ରାର ଏନ୍.ଭି.ଜେ. ରାଓ କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ। ସମସ୍ତ ବିଭାଗର ବିଭାଗୀୟ ମୁଖ୍ୟ, ଅଧ୍ୟାପିକା, ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

ଏହି ହାକାଥନ୍‌ରେ ୨୯୦୦ ବିଦ୍ୟାଳୟ, ୨୨୩୫ ଉଚ୍ଚ ଶିକ୍ଷାନୁଷ୍ଠାନ ଏବଂ ୨ ହଜାରରୁ ଊର୍ଦ୍ଧ୍ୱ ନବସୃଜନ ଟିମ୍ ଅଂଶଗ୍ରହଣ କରିଥିଲେ। ଏହି ଶିକ୍ଷାନୁଷ୍ଠାନ ମାନଙ୍କର ୧୫ ହଜାରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏବଂ ସୃଜନକାରୀ ୪୭୬ ପ୍ରସଙ୍ଗର ସମାଧାନ ସୂତ୍ର ସମ୍ପର୍କରେ ନିଜର ବକ୍ତବ୍ୟ ରଖିବେ। ଚଳିତ ବର୍ଷ ପ୍ରଥମଥର ପାଇଁ ସ୍ମାର୍ଟ ଇଣ୍ଡିଆ ହାକାଥନ୍‌ରେ ଜୁନିୟର ବର୍ଗ ଆରମ୍ଭ କରାଯାଇଛି। ପିଲାଙ୍କ ମଧ୍ୟରେ ନବସୃଜନର ସୃଷ୍ଟି ଏବଂ ସମସ୍ୟା ସମାଧାନର ସଂସ୍କୃତିକୁ ବିକଶିତ କରିବା ପାଇଁ ୨୦୧୭ରୁ ଏହି ହାକାଥନ୍ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାର ଶ୍ରେଷ୍ଠ ବିଜେତାଙ୍କୁ ୧ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ। ସେହିପରି ଛାତ୍ରୀଛାତ୍ରଙ୍କ ପାଇଁ ୩ଟି ପୁରସ୍କାର ରଖାଯାଇଛି। ପ୍ରଥମ ପୁରସ୍କାର ୧ ଲକ୍ଷ ଟଙ୍କା, ଦ୍ୱିତୀୟ ପୁରସ୍କାର ୭୫ ହଜାର ଏବଂ ତୃତୀୟ ପୁରସ୍କାର ୫୦ ହଜାର ଟଙ୍କା ରଖାଯାଇଛି।



ଭର୍ଚୁଆଲ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

**ଖସିଲା ଶେୟାର ବଜାର କାରବାର**

ନୂଆଦିଲ୍ଲୀ: ଗତ କିଛିଦିନ ହେଲା ଷ୍ଟକ୍ ବଜାରର କାରବାର ଲାଭ କ୍ଷତିରେ ଚାଲିଛି। ଏପରିକି କିଛିଦିନ ସବୁଜ ରଙ୍ଗରେ କାରବାର ବନ୍ଦ ହେଉଥିବା ବେଳେ ଆଉ କିଛିଦିନ ଲାଲ ରଙ୍ଗରେ ଶେଷ ହେଉଛି। ଗୁରୁବାର ଶେୟାର ବଜାରର କାରବାର ଆରମ୍ଭରୁ ହିଁ ଉପର ତଳ ହୋଇ ଶେଷରେ ଲାଲ ରଙ୍ଗରେ କାରବାର ବନ୍ଦ କରିଥିଲା। ଫଳରେ ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ନିବେଶକମାନେ ଏକ ବଡ ଧରଣର କ୍ଷତି ସହିଥିବା ଜଣାପଡିଛି। ଗୁରୁବାର ସେନ୍‌ସେକ୍ସ ୩୧୧ (୩୧୦.୭୧) ପଏଣ୍ଟ ଖସି ୫୮,୭୭୫ (୫୮,୭୭୪.୭୨) ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ମଧ୍ୟ ୮୨ (୮୨.୫୦) ପଏଣ୍ଟ ହ୍ରାସ ଘଟି ୧୭,୫୨୨ (୧୭,୫୨୨.୪୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ଆନୁଷଙ୍ଗିକ ଶିଳ୍ପ ବିକାଶକୁ ଓଡ଼ିଶା ସରକାରଙ୍କ ଗୁରୁତ୍ୱ




ଓସ୍‌ମିର ୩୬ତମ ପ୍ରତିଷ୍ଠା ଦିବସ ପରିପ୍ରେକ୍ଷୀରେ ଶିଳ୍ପ କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ କରିଥିବା ବିଭିନ୍ନ ବର୍ଗର ଅନୁଷ୍ଠାନକୁ ପ୍ରୋ ପ୍ୟାକ୍‌ର ଶୁଭାରମ୍ଭ ଅବସରରେ ସମ୍ବର୍ଦ୍ଧନା ଦିଆଯାଉଛି।

- ଇଡ୍‌କୋ ୨୩ ନୂଆ ଶିଳ୍ପ ପାର୍କ ସ୍ଥାପନ କରିବ, ୩ ବର୍ଷରେ ୬୦୦ କୋଟି ଖର୍ଚ୍ଚ ହେବ
- ଶିଳ୍ପସଂସ୍ଥାଙ୍କ ପାଇଁ ବିଦ୍ୟୁତ୍ ଡିସ୍‌କମ୍ ସ୍ୱତନ୍ତ୍ର ଏମ୍‌ଏସ୍‌ଏମ୍‌ଇ ସେଲ୍ ସ୍ଥାପନ କରିବେ
- ଓସ୍‌ମି ପକ୍ଷରୁ ପ୍ରୋପ୍ୟାକ୍ ଓଡ଼ିଶା, ଏମ୍‌ଏସ୍‌ଏମ୍‌ଇ ମିଟ୍-୨୦୨୨ର ଉଦ୍‌ଘାଟନ ସହ ୩୬ତମ ପ୍ରତିଷ୍ଠା ଦିବସ ପାଳନ

ଭୁବନେଶ୍ୱର,୨୫।୮

ଲୋକମାନଙ୍କ ଭିତରେ ନିଯୁକ୍ତି ହାସଲ କରିବାର କ୍ଷମତା ବଢ଼ାଇବା ଓ ରାଜ୍ୟର ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ଲାଗି ଓଡ଼ିଶା ସରକାର ଆନୁଷଙ୍ଗିକ ଶିଳ୍ପ ପ୍ରତି ନିଜର ପ୍ରତିବଦ୍ଧତା ଓ ଗୁରୁତ୍ୱକୁ ଦୋହରାଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ ତ୍ରିପାଠୀ ଗୁରୁବାର ଓଡ଼ିଶା ଆସେମ୍ବ୍ଲି ଫର୍ ସ୍ମଲ୍ ଆଣ୍ଡ ମିଡିୟମ୍ ଏଣ୍ଟରପ୍ରାଇଜେସ୍ (ଓସ୍‌ମି) ପକ୍ଷରୁ ଆୟୋଜିତ ପ୍ରୋପ୍ୟାକ୍ ଓଡ଼ିଶା-୨୦୨୨ର ଶୁଭାରମ୍ଭ ଅବସରରେ ଯୋଗଦେଇ ଏଭଳି କିଛି ମତବ୍ୟକ୍ତ କରିଛନ୍ତି। ସେହିଭଳି ଏହି ଲକ୍ଷ୍ୟ ହାସଲ କରିବା ଲାଗି ନାଲ୍‌କୋ ଓ ବେଦାନ୍ତ ସହଯୋଗରେ ରାଜ୍ୟ ସରକାର ଯଥାକ୍ରମେ ଅନୁଗୋଳ ଓ ଝାରସୁଗୁଡ଼ାରେ ଆଲୁମିନିୟମ ପାର୍କ ସ୍ଥାପନ କରୁଛନ୍ତି, ଯାହାର କାମ ଦ୍ରୁତଗତିରେ ଜାରି ରହିଛି। ଏହା ବ୍ୟତୀତ ରାଜ୍ୟର ବିଭିନ୍ନ ସ୍ଥାନରେ ୨୩ ଶିଳ୍ପ ପାର୍କ ସ୍ଥାପନ କରିବା ପାଇଁ ଇଡ୍‌କୋକୁ ଆସନ୍ତା ୩ବର୍ଷରେ ୬୦୦ କୋଟି ଟଙ୍କା ଆବଣ୍ଟନ କରାଯିବ। ସେହିପରି ଜିଲାସ୍ତରରେ ଶିଳ୍ପର ବିକାଶ ପାଇଁ ଜିଲା ଶିଳ୍ପ ବିକାଶ ଏଜେନ୍ସି ଜିଲାପାଳଙ୍କ ଅଧ୍ୟକ୍ଷତାରେ କାମ କରୁଥିବା ତ୍ରିପାଠୀ କହିଛନ୍ତି। ଏପରିକି ଓସ୍‌ମିର ୩୬ତମ ପ୍ରତିଷ୍ଠା ଦିବସ ଅବସରରେ ସ୍ଥାନୀୟ ଜନତା ମଇଦାନଠାରେ ଆରମ୍ଭ ହୋଇଥିବା ପ୍ରୋପ୍ୟାକ୍ ଓଡ଼ିଶା ଏବଂ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ମିଟ୍-୨୦୨୨ର ଉଦ୍‌ଘାଟନୀ ସମାରୋହକୁ ସମ୍ବୋଧିତ କରି ଅସିତ କହିଥିଲେ, ଶିଳ୍ପ ପାର୍କ ପ୍ରତିଷ୍ଠା ବ୍ୟତୀତ ରାଉରକେଲା ଓ ମାଲକାନଗିରିକୁ ଯୋଡୁଥିବା ବିଜୁ ଏକ୍ସପ୍ରେସ୍ ୱେର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଇଡ୍‌କୋ ପକ୍ଷରୁ ୧୧ଟି ଶିଳ୍ପ କରିଡର ମଧ୍ୟ ସ୍ଥାପନ କରାଯାଉଛି। ଅନୁନ୍ନତ ଅଞ୍ଚଳରେ ଶିଳ୍ପର ବିକାଶ ଲାଗି ରାଜ୍ୟ ସରକାର ଖୁବ୍‌ଶୀଘ୍ର ଏକ ପ୍ରୋତ୍ସାହନ ଯୋଜନା ଘୋଷଣା କରିବା ଉପରେ ବିଚାର କରୁଛନ୍ତି ବୋଲି ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରୁଥିବା ତ୍ରିପାଠୀ ଏଭଳି ମତବ୍ୟକ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଭାଗୀୟ ପ୍ରମୁଖ ସଚିବ ରଞ୍ଜନା ଚୋପ୍ରା କହିଛନ୍ତି, ଶିଳ୍ପସଂସ୍ଥାଗୁଡ଼ିକର ବିଦ୍ୟୁତ୍ ସମ୍ପର୍କିତ ସମସ୍ୟାକୁ ଶୁଣିବା ଲାଗି ରାଜ୍ୟର ସବୁ ବିଦ୍ୟୁତ୍ ବିତରଣକାରୀ କମ୍ପାନୀ (ଡିସ୍‌କମ୍) ଗୁଡ଼ିକୁ ସ୍ୱତନ୍ତ୍ର ଏମ୍‌ଏସ୍‌ଏମ୍‌ଇ ସେଲ୍ ସ୍ଥାପନ କରିବାକୁ କୁହାଯାଇଛି। ଫଳରେ ଶିଳ୍ପସଂସ୍ଥାଗୁଡ଼ିକର ବିଭିନ୍ନ ସମସ୍ୟା ଗୋଟିଏ ସ୍ଥାନରେ ସମାଧାନ ହୋଇଯିବ। ଏହି ସମସ୍ୟା ସମ୍ପର୍କରେ ଆମେ ଯାଜପୁରର କଳିଙ୍ଗନଗରଠାରେ ଆୟୋଜନ କରାଯାଇଥିବା ଇଣ୍ଡଷ୍ଟ୍ରି କେୟାର ବୈଠକ ବେଳେ ଜାଣିବାକୁ ପାଇଥିଲୁ। ଏଭଳି ଅନେକ ପ୍ରକାର ପଦକ୍ଷେପ ଜରିଆରେ ସରକାର ସବୁ ଜିଲାର ପ୍ରମୁଖ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂସ୍ଥା ସହ ସମ୍ପର୍କରେ ରହିଛନ୍ତି ବୋଲି ରଞ୍ଜନା କହିଥିଲେ। ଓଡ଼ିଶାରେ ପ୍ରାୟ ୯୫% ସଂସ୍ଥା ଅଣୁ ସ୍ତରରେ ରହିଛନ୍ତି, ଯେଉଁମାନଙ୍କ ନିଯୁକ୍ତି ସୃଷ୍ଟି ପ୍ରତି ଯୋଗଦାନ ଆଦୌ ଉତ୍ସାହଜନକ ନୁହେଁ। ସେମାନେ କିଭଳି ଅତିକମ୍‌ରେ କ୍ଷୁଦ୍ର ସଂସ୍ଥାରେ ରୂପାନ୍ତରିତ ହେବେ ତାହା ସରକାର ଚାହୁଁଛନ୍ତି ଓ ସେଥିପାଇଁ ଦରକାର ସବୁ ପ୍ରକାର ସୁବିଧା ସୁଯୋଗ ଯଥା ପାଣି, ମାର୍କେଟିଂ ସୁବିଧା ଆଦି ପ୍ରଦାନ କରିବାକୁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ଚୋପ୍ରା ମତ ପ୍ରକାଶ କରିଛନ୍ତି। ସେହିପରି ଓସ୍‌ମିର ମହାସଚିବ ସାତ୍ୱିକ ସ୍ୱାଇଁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସହ ସଂଘର ବାର୍ଷିକ କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ସୂଚନା ଦେଇଥିଲେ। କଟକର ଚୌଦ୍ୱାରରେ ୩୦କୋଟି ଟଙ୍କା ନିବେଶରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହଯୋଗରେ ଆମେ ପୂର୍ବ ଭାରତର ସର୍ବବୃହତ୍ ଇଞ୍ଜିନିୟରିଂ କମନ ଫାସିଲିଟି ସେଣ୍ଟର ସ୍ଥାପନ କରିବାକୁ ଯାଉଛୁ, ଯେଉଁଥିପାଇଁ ସରକାର ଆମକୁ ୬ ଏକର ଜମି ଦେଇଛନ୍ତି। ଏହା ବ୍ୟତୀତ ଇରାନ ସହ ଦ୍ୱିପାକ୍ଷିକ କାରବାର ବଢ଼ାଇବା ଲାଗି ଓସ୍‌ମି କାର୍ଯ୍ୟାଳୟରେ କିଛି ମାସ ପୂର୍ବରୁ ଇଣ୍ଡୋ-ଇରାନ ଟ୍ରେଡ୍ ସେଣ୍ଟର ମଧ୍ୟ ଖୋଲାଯାଇଥିବା ସ୍ୱାଇଁ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓସ୍‌ମିର ଅଧ୍ୟକ୍ଷ ଗୌରୀ ଶଙ୍କର ଦାଶ, କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଡ. ଶରତ କୁମାର ସାହୁ, ନାଲ୍‌କୋର ସିଏମ୍‌ଡି ଶ୍ରୀଧର ପାତ୍ର, ପି.କେ. ଗୁପ୍ତା, ଜଏଂଟ ଡାଇରେକ୍ଟର ଏବଂ ଏଚ୍‌ଓଓ, ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓ, ଭାରତ ସରକାର, କଟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ପରିଶେଷରେ ଉପସ୍ଥିତ ଅତିଥିମାନେ ବିଜେତାମାନଙ୍କୁ ଓସ୍‌ମି ପୁରସ୍କାର ପ୍ରଦାନ କରିଥିଲେ ଏବଂ ଓସ୍‌ମି ସ୍ମରଣିକା-୨୦୨୨କୁ ମଧ୍ୟ ଉନ୍ମୋଚନ କରିଥିଲେ। ଜାତୀୟ ସ୍ତରର ପ୍ରଦର୍ଶନୀ ପ୍ରୋପ୍ୟାକ୍ ଓଡ଼ିଶା-୨୦୨୨ ଚଳିତ ମାସ ୨୮ ତାରିଖ ପର୍ଯ୍ୟନ୍ତ ଜନତା ମଇଦାନରେ ଚାଲିବ। ଏଥିରେ ସାରା ଭାରତର ପ୍ୟାକେଜିଂ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରର ୪୦ରୁ ଅଧିକ ସଂସ୍ଥା ଅଂଶଗ୍ରହଣ କରିଛନ୍ତି। ଏକ ବହୁଦେଶୀୟ କମ୍ପାନୀ ମଧ୍ୟ ଏଥିରେ ଯୋଡ଼ିହୋଇଛି। ଓଡ଼ିଶାରୁ ୧୦୦ରୁ ଅଧିକ ଏସ୍‌ଏମ୍‌ଇ ମଧ୍ୟ ଏହି ପ୍ରଦର୍ଶନରେ ଯୋଗଦେଇଛନ୍ତି। କାର୍ଯ୍ୟକ୍ରମର ୨ ପର୍ଯ୍ୟାୟରେ ବିଭିନ୍ନ ବିଷୟରେ କର୍ମଶାଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

## ଉମରକୋଟରେ ସୁପ୍ରିମ୍‌ର ଏକ୍ସକ୍ଲୁସିଭ ଶୋ'ରୁମ୍



ଉମରକୋଟ,୨୫।୮(ସ୍ୱ.ପ୍ର.)

ଦେଶର ପ୍ରମୁଖ ପ୍ଲାଷ୍ଟକ ସାମଗ୍ରୀ ଉତ୍ପାଦକ 'ସୁପ୍ରିମ୍ ଇଣ୍ଡଷ୍ଟ୍ରି ଲିମିଟେଡ୍ (ଏସ୍‌ଆଇଏଲ୍) ଫର୍ନିଚର ଡିଭିଜନ ପକ୍ଷରୁ ଆଉ ଏକ ଏକ୍ସକ୍ଲୁସିଭ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ଗୁରୁବାର ନବରଙ୍ଗପୁର ଜିଲାର ଉମରକୋଟ, ପୋଲିସ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟସ୍ଥ ବିଏନ୍‌ଏମ୍ ଫର୍ନିଚର ଆନୁକୂଲ୍ୟରେ ମୋଲ୍‌ଡେଡ୍ ଫର୍ନିଚର ବ୍ରାଣ୍ଡ ସୁପ୍ରିମ୍ ଫର୍ନିଚରର ନୂତନ ଶୋ'ରୁମ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏସ୍‌ଆଇଏଲ୍‌ର (ଫର୍ନିଚର ଡିଭିଜନ) ରାଜ୍ୟ ମୁଖ୍ୟ ତ୍ରିନାଥ ପ୍ରସାଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏନ୍‌ଏମ୍ ଫର୍ନିଚର ସ୍ୱତ୍ୱାଧିକାରୀ (ପ୍ରୋପ୍ରାଇଟର) ରାହୁଲ ମଣ୍ଡଳ,ଏସ୍‌ଆଇଏଲ୍‌ର ଏରିଆ ମ୍ୟାନେଜର କାଳିପ୍ରସାଦ ବେହେରାଙ୍କ ସମେତ କୋରାପୁଟ, ଜୟପୁର ଏବଂ ସେମିଳିଗୁଡାର ସୁପ୍ରିମ୍ ଫର୍ନିଚର ଦୋକାନ ମାଲିକ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷକରି କମ୍ପାନୀର ଏହା ୫ମ ଏକ୍ସକ୍ଲୁସିଭ ଷ୍ଟୋର ହୋଇଥିବା ବେଳେ ନବରଙ୍ଗପୁର ଜିଲାରେ ଏହା ପ୍ରଥମ ଏକ୍ସକ୍ଲୁସିଭ ଶୋ'ରୁମ୍ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ୨୦୦୦ ବର୍ଗଫୁଟ ପରିମିତ ଜମିରେ ଗଢି ଉଠିଥିବା ଏହି ଏକ୍ସକ୍ଲୁସିଭ ଷ୍ଟୋରରେ କମ୍ପାନୀର ମୋଲ୍‌ଡେଡ୍ ଫର୍ନିଚରର ସମସ୍ତ ବର୍ଗ ଯଥା ଖଟ, ଚେୟାର. ଡାଇନିଂ ସେଟ୍, ଆଲମାରି ଭଳି ପ୍ରମୁଖ ଘରୋଇ ଉତ୍ପାଦ ସାଙ୍ଗକୁ ଅଫିସ ପାଇଁ ମଧ୍ୟ ଆବଶ୍ୟକ ସାମଗ୍ରୀର ସମ୍ଭାର ଆଦି ପ୍ରଦର୍ଶନ ସହ ବିକ୍ରି ପାଇଁ ମଧ୍ୟ ଉପଲବ୍ଧ ରହିଛି। ଏହି ଷ୍ଟୋର ବିଶେଷକରି ଉମରକୋଟବାସୀଙ୍କ ଆବଶ୍ୟକତା ପୂରଣ ସାଙ୍ଗକୁ ଜିଲାବାସୀଙ୍କର ମଧ୍ୟ ପସନ୍ଦ ଗନ୍ତବ୍ୟସ୍ଥଳ ପାଲଟିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଉଦ୍‌ଘାଟନୀ ଅବସରରେ ପ୍ରତ୍ୟେକ ଗ୍ରାହକଙ୍କୁ ସୁପ୍ରିମ୍‌ର ପ୍ରତି ସାମଗ୍ରୀର ଏମ୍‌ଆର୍‌ପି ଉପରେ ୩୦% ରିହାତି ରହିଥିବା କମ୍ପାନୀର ଦକ୍ଷିଣ ଓଡ଼ିଶା ସେଲ୍‌ସ ନିର୍ବାହୀ ଅଧିକାରୀ କାଳି ପ୍ରସାଦ ବେହେରା କହିଛନ୍ତି। ସେହିଭଳି ଏଠାରେ ମାସିକ ୩ ଲକ୍ଷ ଟଙ୍କାର ବ୍ୟବସାୟ ସାଙ୍ଗକୁ ଆଗାମୀ ପାର୍ବଣରେ ମଧ୍ୟ ବ୍ୟବସାୟ ଅଧିକ ହେବା ଆଶା ରହିଛି ବୋଲି ରାହୁଲ ମତବ୍ୟକ୍ତ କରିଛନ୍ତି। ଆଗାମୀ ଦିନରେ ସୁପ୍ରିମ୍ ଫର୍ନିଚର ଲୋକଙ୍କ ପ୍ରଥମ ପସନ୍ଦ କିପରି ହୋଇପାରିବ ସେ ଦିଗରେ ମଧ୍ୟ ଧ୍ୟାନ ଦେବେ ବୋଲି ରାହୁଲ କହିଛନ୍ତି। ଗ୍ରାହକଙ୍କ ପାଇଁ ସପ୍ତାହବ୍ୟାପୀ ଏହି ରିହାତି ସୁବିଧା ରହିବ ବୋଲି ସେ ସୂଚନା ଦେଇଛନ୍ତି।

## ଟାଟା ମୋଟର୍ସର ୮ମ ବାର୍ଷିକ ସିଏସ୍‌ଆର୍ ରିପୋର୍ଟ

ନୂଆଦିଲ୍ଲୀ,୨୫।୮

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ଟାଟା ମୋଟର୍ସ ପକ୍ଷରୁ ୮ମ ବାର୍ଷିକ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ରିପୋର୍ଟ ନିକଟରେ ପ୍ରକାଶ କରାଯାଇଛି, ଯାହାକି ୨୦୨୨ ଆର୍ଥିକ ବର୍ଷରେ ସାମାଜିକ ତଥା ପରିବେଶ ଆହ୍ୱାନର ମୁକାବିଲା ପାଇଁ କମ୍ପାନୀର ବ୍ୟାପକ ପ୍ରୟାସକୁ ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏପରିକି କମ୍ପାନୀର ଇନ୍‌କ୍ଲୁସିଭ୍ ଗ୍ରୋଥ୍ ଦ୍ୱାରା ଦୀର୍ଘସ୍ଥାୟୀ ବିକାଶ ଏବଂ ରାଷ୍ଟ୍ର ନିର୍ମାଣ କ୍ଷେତ୍ରକୁ ବେଶ୍ ପ୍ରଭାବିତ କରିଛି। ହାରାହାରି ଭାବେ କମ୍ପାନୀର ପ୍ରୟାସ ଦ୍ୱାରା ବର୍ଷରେ ୭.୯ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ଉପରେ ସକାରାତ୍ମକ ପ୍ରଭାବ ପଡ଼ିଛି। ସେଥିମଧ୍ୟରେ ୪୦% ରୁ ଅଧିକ ହିତାଧିକାରୀ ଏସ୍‌ସି ଏବଂ ଏସ୍‌ଟି ସମ୍ପ୍ରଦାୟର ରହିଛନ୍ତି। ଚଳିତ ବର୍ଷ ଟାଟା ମୋଟର୍ସ ଏହାର ପ୍ରତ୍ୟେକ ପଦକ୍ଷେପ ମାଧ୍ୟମରେ ପାନ୍-ଇଣ୍ଡିଆରେ ପହଞ୍ଚିବା ପାଇଁ ଡିଜିଟାଇଜେଶନ ଏବଂ ବୈଷୟିକ ଏକୀକରଣର ସୁବିଧା ଦ୍ୱାରା ସରକାରୀ ସଂସ୍ଥା ସହିତ ସ୍ଥାନୀୟ କର୍ତ୍ତୃପକ୍ଷ, କାର୍ଯ୍ୟକାରୀ ସହଭାଗୀ ଏବଂ ହିତାଧିକାରୀଙ୍କ ସମେତ ସମସ୍ତ ସମ୍ପୃକ୍ତ ହିତାଧିକାରୀଙ୍କ ସାମୂହିକ ସାମର୍ଥ୍ୟକୁ ଏକତ୍ର କରିଛି। ଏହାର ସହଯୋଗୀ ପ୍ରୟାସ ମାଧ୍ୟମରେ କମ୍ପାନୀ ସାମାଜିକ କଲ୍ୟାଣ ତଥା ରାଷ୍ଟ୍ର ନିର୍ମାଣର ଲକ୍ଷ୍ୟ ଦିଗରେ କାର୍ଯ୍ୟ କରି ସାରା ଦେଶରେ ନିରନ୍ତର ଦୀର୍ଘସ୍ଥାୟୀ, ଅନୁକରଣୀୟ, ଦକ୍ଷ ଏବଂ ଭବିଷ୍ୟତ-ପ୍ରସ୍ତୁତି ଯୋଗ୍ୟ ଫଳାଫଳ ହାସଲ କରିପାରିଛି।

ଏ ସମ୍ପର୍କରେ ଟାଟା ମୋଟର୍ସର ଚିଫ୍ ସଷ୍ଟେନବିଲିଟି ଅଫିସର ଏସ୍.ଜେ.ଆର୍. କୁଟ୍ଟି କହିଛନ୍ତି, ଗୋଷ୍ଠୀର କଲ୍ୟାଣ ଆମର ଦର୍ଶନର ମୂଳ ଲକ୍ଷ୍ୟ। ଏହା ଆମକୁ ନିରନ୍ତର ସମାଜର ଦୁର୍ବଳବର୍ଗଙ୍କ ଦୀର୍ଘସ୍ଥାୟୀ ବିକାଶ କରିବା ଲାଗି ମାର୍ଗଦର୍ଶିକା ସାଜିଛି ଆମର ସିଏସ୍‌ଆର୍ ପଦକ୍ଷେପଗୁଡିକ ସରକାରଙ୍କ ସହ ସହଭାଗିତା ମାଧ୍ୟମରେ ପ୍ରଭାବକୁ ବୃଦ୍ଧି କରିବାକୁ ପରିକଳ୍ପନା କରାଯାଇଛି। ଯତ୍ନର ସହ ଯୋଜନା ଏବଂ ଆମର ଆର୍ଥିକ ଏବଂ ମାନବ ସମ୍ବଳର ଉତ୍କୃଷ୍ଟ ବ୍ୟବହାର ସହିତ ଆମେ ଆଶା କରୁଛୁ ପ୍ରତିବର୍ଷ ଅଧିକ ଲୋକଙ୍କ ଜୀବନଶୈଳୀରେ ବିକାଶ ସମ୍ଭବ ହୋଇପାରିବ। ସମଗ୍ର ଭାରତରେ ବିଭିନ୍ନ ଟାର୍ଗେଟ ଗୋଷ୍ଠୀର ଏକ ବ୍ୟାପକ ପରିସରକୁ ଅନ୍ତର୍ଭୁକ୍ତ କରଛି।

## ସିଜିୟୁରେ 'ସ୍ମାର୍ଟ ଇଣ୍ଡିଆ ହ୍ୟାକଥନ'



ଭୁବନେଶ୍ୱରରେ 'ସ୍ମାର୍ଟ ଇଣ୍ଡିଆ ହ୍ୟାକଥନ-୨୦୨୨ ସଫ୍ଟୱେର ବର୍ଗର ଗ୍ରାଣ୍ଡ ଫାଇନାଲର ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥି।

ଭୁବନେଶ୍ୱର,୨୫।୭

ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନ ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି (ସିଜିୟୁ) ପରିସରରେ 'ସ୍ମାର୍ଟ ଇଣ୍ଡିଆ ହ୍ୟାକଥନ-୨୦୨୨ ସଫ୍ଟୱେର ବର୍ଗର ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନାଇଜରର ନିର୍ଦ୍ଦେଶକ ପ୍ରଫେସର ସୁଧାକର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟିର ସଭାପତି ସଞ୍ଜୀବ କୁମାର ରାଉତ, କାର୍ଯ୍ୟକାରୀ କୁଳପତି ପ୍ରଫେସର ଦିଲୀପ କୁମାର ଦାସ, ଡିନ୍ ଇଞ୍ଜିନିୟରିଂ ପ୍ରଫେସର ପ୍ରିୟଦର୍ଶୀ କାନୁନ୍‌ଗୋ, ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ ଏନ୍‌ଆଇସି ସଞ୍ଜୟ କୁମାର ପାଣ୍ଡେ, ଓରାକଲ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର କୁଳପତି ଅଭିଜିତ ଖୁପରକାର ପ୍ରମୁଖ ଉପସ୍ଥିତ ଥିଲେ। ଏପରିକି ୨୦୧୭ଠାରୁ ୨ଟି ଫର୍ମାଟରେ ଏସ୍‌ଆଇଏଚ୍ 'ଏସ୍‌ଆଇଏଚ୍ ସଫ୍ଟୱେର ଏବଂ ଏସ୍‌ଆଇଏଚ୍ ହାର୍ଡୱେର' ଭାବେ ପରିଚାଳିତ ହେଉଛି। ଚଳିତ ବର୍ଷ ସ୍ମାର୍ଟ ଇଣ୍ଡିଆ ହ୍ୟାକଥନ-ଜୁନିୟର ମଧ୍ୟ ଆତ୍ମପ୍ରକାଶ କରିଛି। ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ଏହି ନୂଆ ସଂସ୍କରଣ ପ୍ରସ୍ତୁତ ହୋଇଛି। କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଉକ୍ତ କାର୍ଯ୍ୟକ୍ରମର ପରିଚାଳନା କରିବା ସହ ପ୍ରୋବ୍ଲେମ ଷ୍ଟେଟମେଣ୍ଟ ମଧ୍ୟ ପ୍ରଦାନ କରିବ। ଭୁବନେଶ୍ୱରର ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି କ୍ୟାମ୍ପସକୁ ଏକ ନୋଡାଲ ସେଣ୍ଟର ଭାବେ ଚୟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ୨୮ଟି ଟିମ୍‌ର ପ୍ରାୟ ୨୦୦ ପ୍ରତିଯୋଗୀ ପ୍ରତିଦ୍ୱନ୍ଦ୍ୱିତା କରିବେ। ପ୍ରତି ବିଜୟୀ ଦଳକୁ ୧ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିଭଳି ପ୍ରଥମ ବିଜେତା ୧ଲକ୍ଷ, ଦ୍ୱିତୀୟ ବିଜେତା ୭୫,୦୦୦ ଓ ତୃତୀୟ ବିଜେତା ୫୦,୦୦୦ ଟଙ୍କା ପୁରସ୍କାର ରାଶି ପାଇବେ। 'ସ୍ମାର୍ଟ ଇଣ୍ଡିଆ ହ୍ୟାକଥନ ବା ଏସ୍‌ଆଇଏଚ୍' ହେଉଛି ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ଏକ ନିଆରା ଅଭିଯାନ। ଏହା ଜରିଆରେ ଛାତ୍ରୀଛାତ୍ରମାନେ ଅଭିନବ ପଦ୍ଧତି ଦ୍ୱାରା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିବେ। ଏପରିକି ସରକାର, ମନ୍ତ୍ରଣାଳୟ, ବିଭାଗ, ଶିଳ୍ପ ତଥା ଅନ୍ୟାନ୍ୟ ସଂଗଠନଗୁଡିକର ସମସ୍ୟାର ସମାଧାନ ପାଇଁ ଏହି ଅଭିଯାନର ଆରମ୍ଭ ହୋଇଛି। ସେଥିପାଇଁ ଏସ୍‌ଆଇଏଚ୍ ଦୁନିଆର ସବୁଠୁ ବଡ଼ ଅଭିଯାନ ଭାବେ ପରିଚିତ ଓ ପ୍ରଶଂସିତ ହୋଇପାରିଛି।

## ହରେକୃଷ୍ଣ ରେଷ୍ଟୁରାଣ୍ଟର ଶୁଭାରମ୍ଭ



ଭୁବନେଶ୍ୱର,୨୫।୮

ସ୍ମାର୍ଟ ସିଟି ଭୁବନେଶ୍ୱରକୁ ପ୍ରତିଦିନ ହଜାର ହଜାର ଲୋକ ବିଭିନ୍ନ କାମରେ ଆସୁଛନ୍ତି। ହେଲେ ସ୍ମାର୍ଟ ସିଟିରେ ସୁଷମ, ସ୍ୱାସ୍ଥ୍ୟକର ଏବଂ ସ୍ୱାଦିଷ୍ଟ ନିରାମିଷ ଭୋଜନ ମିଳିବା କଷ୍ଟକର ହୋଇପଡ଼ିଥାଏ। ଏହାକୁ ନଜରରେ ରଖି ଭୁବନେଶ୍ୱରର ପ୍ରମୁଖ ନିରାମିଷ ହୋଟେଲ ହରେକୃଷ୍ଣ ରେଷ୍ଟୁରାଣ୍ଟର ୨ୟ ଶାଖା ଗୁରୁବାର ସ୍ଥାନୀୟ ଆଇଡି ମାର୍କେଟ ନିକଟସ୍ଥ ନୟାପଲ୍ଲୀ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଉତ୍ତର ବିଧାୟକ ସୁଶାନ୍ତ ରାଉତ ଏବଂ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦାସ ପରିବାରର ସଦସ୍ୟ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ରେଷ୍ଟୁରାଣ୍ଟର ନିର୍ଦ୍ଦେଶକ ବନମାଳୀ ଦାଶ କହିଛନ୍ତି, ଆମେ ସବୁବେଳେ ଗ୍ରାହକଙ୍କୁ ସ୍ୱାଦିଷ୍ଟ ଶାକାହାରୀ ଖାଦ୍ୟ ସାମଗ୍ରୀ ଏକ ସୁସ୍ଥ ପରିବେଶରେ ଯୋଗାଇ ଦେଇଥାଉ। ଆଗାମୀ ଦିନରେ ମଧ୍ୟ ଉକ୍ତ ଧାରା ଜାରି ରହିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ , ସ୍ଥାନୀୟ ମାଷ୍ଟର କ୍ୟାଣ୍ଟିନଠାରେ ଏହାର ପ୍ରଥମ ରେଷ୍ଟୁରାଣ୍ଟ ଦୀର୍ଘ ବର୍ଷ ହେବ ଗ୍ରାହକଙ୍କୁ ସ୍ୱାଦିଷ୍ଟ ଭୋଜନ ଯୋଗାଇଆସୁଛି।

## ଖୋଲିବ ୧୦,୦୦୦ ନୂଆ ଡାକଘର

ନୂଆଦିଲ୍ଲୀ,୨୫।୮

ଚଳିତ ବର୍ଷ ଶେଷ ସୁଦ୍ଧା ଭାରତୀୟ ଡାକ ବିଭାଗ ପକ୍ଷରୁ ଆଉ ୧୦,୦୦୦ ନୂଆ ଡାକଘର ଖୋଲାଯିବ ବୋଲି ବିଭାଗୀୟ ସଚିବ ଅମନ ଶର୍ମା ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସୂଚନା ଦେଇଛନ୍ତି। ବିଭାଗୀୟ ସେବାକୁ ସବୁ ବର୍ଗଙ୍କ ନିକଟରେ ପହଞ୍ଚାଇବାକୁ ଅଧିକ ଡାକଘର ଖୋଲିବାକୁ ସରକାର ଯୋଜନା କରୁଥିବା ସେ ମତ ବ୍ୟକ୍ତ କରିଛନ୍ତି। ସେହିଭଳି ଲୋକଙ୍କୁ ସେମାନଙ୍କ ଘରର ୫ କି.ମି. ଭିତରେ ବ୍ୟାଙ୍କିଙ୍ଗ୍ ଏବଂ ଆର୍ଥିକ ସେବା ଉପଲବ୍ଧ କରାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଅମନ ସୂଚନା ଦେଇଛନ୍ତି। ଡାକଘରର ଆଧୁନିକୀକରଣ ପାଇଁ ସରକାର ପ୍ରାୟ ୫,୨୦୦ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ସେ କହିଛନ୍ତି। ଲୋକଙ୍କୁ ଡାକଘର ଆସିବା ପରିବର୍ତ୍ତେ ଟେକ୍ନୋଲୋଜି ସାହାଯ୍ୟରେ ତାଙ୍କ ଘର ପାଖରେ ସେବା ପହଞ୍ଚାଇବା ନେଇ ସରକାର ଲକ୍ଷ୍ୟ ରଖିଛନ୍ତି।

## ହୋଣ୍ଡାର ନୂଆ ସାଇନ୍ ସେଲିବ୍ରେସନ୍ ଏଡିଶନ

ନୂଆଦିଲ୍ଲୀ,୨୫।୮



ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ୍ (ଏଚ୍‌ଏମ୍‌ଏସ୍‌ଆଇଏଲ୍)ର ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂଆ ସାଇନ୍ ସେଲିବ୍ରେସନ୍ ଏଡିଶନକୁ ନିକଟରେ ଉନ୍ମୋଚନ କରାଯାଇଛି। କମ୍ପାନୀର ଉକ୍ତ ମଡେଲ ଉନ୍ମୋଚନ ହେବା ପରଠାରୁ ନିଜର ଅତୁଳନୀୟ ମାନ ଓ ପ୍ରଦର୍ଶନ ପାଇଁ ୧୨୫ ସିସି ଏକ୍‌ଜିକ୍ୟୁଟିଭ ବର୍ଗରେ ହୋଣ୍ଡା ସାଇନ୍‌ର ରାଜୁତି ବଜାୟ ରହିଛି। ଏଚ୍‌ଏମ୍‌ଏସ୍‌ଆଇଏଲ୍‌ର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ଆତସୁସି ଓଗାତା କହିଛନ୍ତି, ଦେଶ ଆଗାମୀ ଉତ୍ସବ ଋତୁ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଏଚ୍‌ଏମ୍‌ଏସ୍‌ଆଇଏଲ୍‌ରେ ଆମେ ସବୁ ଅଞ୍ଚଳର ଗ୍ରାହକମାନଙ୍କ ଉତ୍ସାହକୁ ଆହୁରି ବଢ଼ାଇବାକୁ ଚାହୁଁଛୁ। ସବୁଠୁ ଆକର୍ଷଣୀୟ ଏକ୍‌ଜିକ୍ୟୁଟିଭ ମୋଟରସାଇକଲ ଭାବେ ସବୁଠୁ ଲୋକପ୍ରିୟ ଥିବା ବ୍ରାଣ୍ଡ ସାଇନ୍ ଦୁଇ ଚକ ଯାତ୍ରାରେ ନିୟୁତାଧିକ ଭାରତୀୟଙ୍କୁ ଉଲ୍ଲସିତ କରିବା ଜାରି ରଖିବ। ମୋର ବିଶ୍ୱାସ ରହିଛି ଯେ ସମ୍ପୂର୍ଣ୍ଣ ନୂଆ ସେଲିବ୍ରେସନ୍ ଏଡିଶନ ଆମ ଗ୍ରାହକଙ୍କ ପାଇଁ ନୂଆ ଉଲ୍ଲାସ ଆଣିଦେବ। ଏହି ମଡେଲରେ ଅନେକ ବୈଶିଷ୍ଟ୍ୟ ସାଙ୍ଗକୁ ମ୍ୟାଟ୍ ଷ୍ଟିଲ୍ ବ୍ଲାକ୍ ମେଟାଲିକ୍ ଓ ମ୍ୟାଟ୍ ସାଙ୍ଗ୍ରିଆ ରେଡ୍ ମେଟାଲିକ୍ ଭଳି ଦୁଇଟି ଆକର୍ଷଣୀୟ ରଙ୍ଗରେ ଉଭୟ ଡ୍ରମ୍ ଓ ଡିସ୍କ ଭାରିଆଣ୍ଟରେ ଏହା ଉପଲବ୍ଧ। ଏହାର (ଏକ୍ସ ଶୋ'ରୁମ୍, ନୂଆଦିଲ୍ଲୀ) ବଜାର ମୂଲ୍ୟ ୭୮,୮୭୮ ଟଙ୍କା ରହିଛି।

## ସୋଆରେ ଗାଜରଘାସ ନିରାକରଣ ସଚେତନତା ସପ୍ତାହ



ଭୁବନେଶ୍ୱର,୨୫।୮

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଦ୍ୱାରା ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏଗ୍ରିକ୍ଲଚରାଲ ସାଇନ୍ସେସ୍ (ଆଇଏଏସ୍)ରେ ଗାଜରଘାସ ନିରାକରଣ ସଚେତନତା ସପ୍ତାହ ଉପଲକ୍ଷେ ଏକ ପ୍ରଶ୍ନୋତ୍ତର ଏବଂ ପ୍ରବନ୍ଧ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହି ଅବସରରେ ସୋଆର ଉପକୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଆଡିସନାଲ ଡିନ୍ (ରିସର୍ଚ୍ଚ) ପ୍ରଫେସର ପ୍ରିୟବ୍ରତ ପଟ୍ଟନାୟକ, ଆଇଏଏସ୍‌ର ଡିନ୍ ପ୍ରଫେସର ବିଜୟ କୁମାର ସାହୁ, ଆଡିସନାଲ ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଏବଂ ପ୍ରଫେସର ସରୋଜ କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଛାତ୍ରୀଛାତ୍ରମାନଙ୍କ ବୈଷୟିକ ଜ୍ଞାନକୌଶଳ କିପରି ଭାବେ ବୃଦ୍ଧି ପାଇପାରିବ ସେ ବିଷୟରେ ବିସ୍ତୃତ ମତ ରଖିଥିଲେ। ଅନ୍ୟ ଅତିଥିମାନେ ଗାଜର ଘାସର ହାନିକାରକ, ପ୍ରଭାବ ଏବଂ ଏହାର ସମନ୍ୱିତ ନିରାକରଣ ବିଷୟରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଡ. ଶୁଭପ୍ରଦ ଦାଶ, ପ୍ରଫେସର ସରୋଜ କୁମାର ମହାନ୍ତି, ପ୍ରଫେସର ବାସୁଦେବ ବେହେରା ଏବଂ ସତ୍ୟନାରାୟଣ ଶତପଥୀଙ୍କ ଲିଖିତ ପ୍ରଚାର ପତ୍ରିକାର ମଧ୍ୟ ଉନ୍ମୋଚନ କରାଯାଇଥିଲା। ପରିଶେଷରେ ଉପରୋକ୍ତ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ତେଜସ୍ୱିନୀ ମଲ୍ଲିକ, ଅନ୍ୱେଷା ପଣ୍ଡା ଏବଂ ସମୀକ୍ଷା ପରିଡ଼ା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ପ୍ରବନ୍ଧ ପ୍ରତିଯୋଗିତାରେ ଅତୁଲ୍ୟ ଅରୁଣ ସେଠୀ, ତ୍ରୟମ୍ବକ ପଟ୍ଟନାୟକ ଏବଂ ଜୟଦୀପ ପଣ୍ଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରି ଅତିଥିଙ୍କଠାରୁ ମାନପତ୍ର ସହ ପୁରସ୍କାର ଗ୍ରହଣ କରିଥିଲେ। ପ୍ରଶ୍ନୋତ୍ତର ଏବଂ ପ୍ରବନ୍ଧ ପ୍ରତିଯୋଗିତାକୁ ଡ. ସ୍ମୃତି ଦେବପ୍ରିୟା ବେହେରା, ଡ. ଜଗଦୀଶ ଜେନା, ଡ. ବିଷ୍ଣୁପ୍ରିୟା ପାତ୍ର, ଡ. ମନତୋଷ ଦାସ ବୈରାଗ୍ୟ, ଜିତେନ୍ଦ୍ର କୁମାର ନାୟକ, କୁମାର ସମ୍ଭବ ଗିରି, ଶ୍ୱେତା ରଥ ଏବଂ ଶୁଭମ ଆଚାର୍ଯ୍ୟ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଫେସର ବାସୁଦେବ ବେହେରା, ପ୍ରଫେସର ବିଜୟ କୁମାର ମିଶ୍ର ଏବଂ ଅନ୍ୟାନ୍ୟ ଅଧ୍ୟାପକମାନେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପ୍ରଫେସର ସରୋଜ କୁମାର ମହାନ୍ତି ସଂଯୋଜକ ଏବଂ ଡ. ଶୁଭପ୍ରଦ ଦାଶ ସହ-ସଂଯୋଜକ ହିସାବରେ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପରିଶେଷରେ ପ୍ରଫେସର ସନ୍ତୋଷ କୁମାର ରାଉତ ଧନ୍ୟବାଦ ଜ୍ଞାପନ କରି ସଭା ସାଙ୍ଗ କରିଥିଲେ। ଭାରତୀୟ ତୃଣକ ବିଜ୍ଞାନ ସମାଜ (ଇଣ୍ଡିଆନ ସୋସାଇଟି ଅଫ୍ ଉଇଡ ସାଇନ୍‌ସେସ୍) ଏବଂ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଦ୍ୱାରା ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏଗ୍ରିକ୍ଲଚରାଲ ସାଇନ୍‌ସେସ୍‌ର ମିଳିତ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

**ଆଫଗାନିସ୍ତାନ ବନ୍ୟାରେ ଗଲାଣି ୧୮୨ ଜୀବନ**

ଆଫଗାନିସ୍ତାନରେ ମାସକ ମଧ୍ୟରେ ପ୍ରବଳ ବର୍ଷା ଓ ବନ୍ୟାରେ ୧୮୨ ଜଣଙ୍କ ଜୀବନ ଗଲାଣି। ବନ୍ୟାବିପ୍ଳାତରେ ୨୫୦ରୁ ଅଧିକ ଆହତ ହୋଇଥିବାବେଳେ ୩,୦୦୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବା ତାଲିବାନ ପକ୍ଷରୁ କୁହାଯାଇଛି। ଅଗଷ୍ଟ ୧୬ରୁ ୨୧ ମଧ୍ୟରେ ସର୍ବାଧିକ ୬୩ ଜଣ ପ୍ରାଣ ହରାଇଛନ୍ତି। ୧୩ଟି ପ୍ରଦେଶର ୮,୨୦୦ ପରିବାର ପ୍ରଭାବିତ ହୋଇଥିବାବେଳେ ୩୦ ଜଣ ନିଖୋଜ ଥିବା ଜାତିସଂଘ ମାନବୀୟ ବ୍ୟାପାର ସମନ୍ୱୟ କାର୍ଯ୍ୟାଳୟ କହିଛି।

# ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ନିଲମ୍ବିତ

■ ସାମରିକ ବିଦ୍ରୋହ ଘଟାଇ କ୍ଷମତା ଦଖଲ କରିଥିଲେ
■ ଶାସନ କାଳ ବଢ଼ାଇବା ପାଇଁ ସମ୍ବିଧାନ ସଂଶୋଧନ ଉଦ୍ୟମ
■ ପ୍ରଧାନମନ୍ତ୍ରୀ ପଦ ଛଡ଼ାଇନେଲେ କନ୍‌ଷ୍ଟିଚ୍ୟୁଶନାଲ କୋର୍ଟ

ବ୍ୟାଙ୍କକ୍, ୨୫।୮


ପ୍ରୟୁଥ ଚାନ୍-ଓଚାନ୍

ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ପ୍ରୟୁଥ ଚାନ୍-ଓଚାନ୍‌ଙ୍କୁ ସାମ୍ବିଧାନିକ କୋର୍ଟ ଦାୟିତ୍ୱ ତୁଲାଇବାକୁ ବାରଣ କରିଛନ୍ତି। ତେବେ ପ୍ରତିରକ୍ଷା ମନ୍ତ୍ରୀ ଭାବେ ସେ ଦାୟିତ୍ୱ ନିର୍ବାହ କରିବେ। ଅଦାଲତଙ୍କ ଏହି ନିଷ୍ପତ୍ତି ପରେ ଚୂଡ଼ାନ୍ତ ରାୟ ଆସିବା ପର୍ଯ୍ୟନ୍ତ ଉପପ୍ରଧାନମନ୍ତ୍ରୀ ପ୍ରୋୱିତ୍ ଓଙ୍ଗସୁୱାନ୍ ପ୍ରଧାନମନ୍ତ୍ରୀ ଦାୟିତ୍ୱ ତୁଲାଇବେ ବୋଲି ସରକାରୀ ମୁଖପାତ୍ର ଅନୁଚା ବୁରା ପଚାରିଶ୍ରି ସୂଚନା ଦେଇଛନ୍ତି।

ଥାଇଲାଣ୍ଡରେ ଜଣେ ବ୍ୟକ୍ତି ୮ ବର୍ଷରୁ ଅଧିକ ସମୟ ପ୍ରଧାନମନ୍ତ୍ରୀ ପଦରେ ରହିପାରିବେ ନାହିଁ ବୋଲି ଦେଶର ସଦ୍ୟ ପ୍ରଣିତ ସମ୍ବିଧାନରେ ଉଲ୍ଲେଖ କରାଯାଇଛି। ଦେଶର ପୂର୍ବତନ ସେନା ମୁଖ୍ୟ ପ୍ରୟୁଥ୍ ୨୦୧୪ରେ ସାମରିକ ବିଦ୍ରୋହ ଘଟାଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ବିଜୟୀ ହେବା ପରେ ସେ ପ୍ରଧାନମନ୍ତ୍ରୀ ପଦ ଅଳଙ୍କୃତ କରିଥିଲେ। ଇତିମଧ୍ୟରେ ୮ ବର୍ଷରୁ ଅଧିକ ସମୟ ପ୍ରଧାନମନ୍ତ୍ରୀ ପଦରେ ରହିବା ପାଇଁ ପ୍ରୟୁଥ ନିର୍ଦ୍ଦେଶ ଦେବାକୁ ଯାଉଥିବାବେଳେ ସାମ୍ବିଧାନିକ କୋର୍ଟ ତାଙ୍କୁ ନିଜ କ୍ଷମତାର ସୀମା ଦେଖାଇଛନ୍ତି। ଏହା ପୂର୍ବରୁ ୧୭୨ ବିରୋଧୀ ଆଇନପ୍ରଣେତାଙ୍କ ଦ୍ୱାରା ସ୍ୱାକ୍ଷରିତ ଏକ ପିଟିଶନକୁ ଅଦାଲତ ଗ୍ରହଣ କରିଥିଲେ। ପ୍ରୟୁଥ ୨୦୧୯ରେ ନିର୍ବାଚନ ଜିତିଥିଲେ ହେଁ ତାଙ୍କ ହାତରେ ୨୦୧୪ରୁ କ୍ଷମତା ରହିଥିବା ଉକ୍ତ ପିଟିଶନରେ ବିରୋଧୀ ଦଳଗୁଡ଼ିକ ଦର୍ଶାଇଥିଲେ। ସାମ୍ବିଧାନିକ ଅଦାଲତର ୯ ବିଚାରପତିଙ୍କ ମଧ୍ୟରୁ ୫ ଜଣ ବୁଧବାର ପ୍ରୟୁଥଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ସାମୟିକ ଭାବେ ନିଲମ୍ବନ କରିଥିବାବେଳେ ପୁଣି କେବେ ପୁନଃ ଅବସ୍ଥାପିତ କରାଯିବ ସେନେଇ କିଛି ସ୍ପଷ୍ଟ କରିନାହାନ୍ତି। କୋର୍ଟ ପ୍ରୟୁଥଙ୍କୁ ପ୍ରଧାନମନ୍ତ୍ରୀ ପଦରୁ କାହିଁକି ହଟାଯିବ ନାହିଁ ସେ ନେଇ ୧୫ ଦିନ ଭିତରେ ଜବାବ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅଦାଲତଙ୍କ ନିଷ୍ପତ୍ତିକୁ ସମ୍ମାନ ଦିଆଯାଇଛି। ଏହି ରାୟ ପରେ ସରକାରୀ ନୀତି ଓ ବିକାଶମୂଳକ କାର୍ଯ୍ୟ ପୂର୍ବଭଳି ଜାରି ରହିବ ବୋଲି ପ୍ରୟୁଥଙ୍କ ଅଫିସ୍ ଏକ ବିବୃତିରେ ଜଣାଇଛି। ଆସନ୍ତାବର୍ଷ ମେ'ରେ ପରବର୍ତ୍ତୀ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ପ୍ରତିନିଧି ସଭାକୁ ଭଙ୍ଗ କରି ଆଗୁଆ ନିର୍ବାଚନ କରାଇବା କ୍ଷମତା ପ୍ରଧାନମନ୍ତ୍ରୀଙ୍କର ରହିଛି।

ଜଣେ ପୂର୍ବତନ ସେନା ମୁଖ୍ୟ ହୋଇଥିବାରୁ ପ୍ରୟୁଥ ଥାଇଲାଣ୍ଡରେ ଏକଛତ୍ରବାଦୀ ଶାସନ ଚଳାଉଥିବା ଅଭିଯୋଗ ଆଣି ବିରୋଧୀ ଦଳଗୁଡ଼ିକ ଗତ କିଛି ମାସ ମଧ୍ୟରେ ପ୍ରୟୁଥଙ୍କ ବିରୋଧରେ ୪ ଥର ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ତେବେ ପ୍ରତିଥର ପ୍ରସ୍ତାବ କାଟ୍ ଖାଇଯାଇଥିଲା। ପ୍ରକାଶ ଯେ, ପୂର୍ବତନ ସେନା ମୁଖ୍ୟ ପ୍ରୟୁଥ ୨୦୧୪ରେ ୟିଙ୍ଗଲକ୍ ଶିନାୱାତ୍ରାଙ୍କ ଦୁର୍ନୀତିଗ୍ରସ୍ତ ସରକାର ବିରୋଧରେ ବିଦ୍ରୋହ କରିଥିଲେ। ଏହି ରକ୍ତାକ୍ତ ସଂଘର୍ଷ ଓ ଗୃହଯୁଦ୍ଧବେଳେ ଥାଇଲାଣ୍ଡବାସୀ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଥିଲେ, ଯାହା କି ୬ ମାସ ଧରି ଚାଲିଥିଲା। ସେହି ସମୟରେ ବର୍ତ୍ତମାନର ଉପପ୍ରଧାନମନ୍ତ୍ରୀ ପ୍ରୋୱିତ୍ ଓଙ୍ଗସୁୱାନ୍ ସେନାମୁଖ୍ୟ ଥିଲେ।

# ଆଜି ଅବସର ନେବେ ସିଜେଆଇ

**ରଥଯାତ୍ରା ଲାଗି ଜଗନ୍ନାଥ ଅନୁମତି ଦେବେ ବୋଲି ଆଶାବ୍ୟକ୍ତ କରିଥିଲେ**

ନୂଆଦିଲ୍ଲୀ,୨୫।୮


ଜଷ୍ଟିସ ଏନ୍.ଭି. ରମନା

ଭାରତର ୪୮ତମ ପ୍ରଧାନ ବିଚାରପତି ଭାବେ ଜଷ୍ଟିସ ଏନ୍.ଭି. ରମନା ୨୦୨୧ ଏପ୍ରିଲରେ ଦାୟିତ୍ୱ ଗ୍ରହଣ କରିଥିଲେ। ୧୬ ମାସର କାର୍ଯ୍ୟକାଳ ପରେ ଶୁକ୍ରବାର ସେ ଅବସର ଗ୍ରହଣ କରିବାକୁ ଯାଉଛନ୍ତି। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଦେଶବାସୀଙ୍କ ମନରେ ନ୍ୟାୟ ବ୍ୟବସ୍ଥା ପ୍ରତି ଆସ୍ଥା ବଢ଼ାଇ ପାରିଛନ୍ତି।

କୋଭିଡ୍-୧୯ ଦ୍ୱିତୀୟ ଲହରର ଭୟାବହତା ଧୀରେ ଧୀରେ ହ୍ରାସ ପାଉଥିବାବେଳେ ଓଡ଼ିଶାର ବିଭିନ୍ନ ସ୍ଥାନରେ ରଥଯାତ୍ରା ଆୟୋଜନ ଲାଗି ଅନୁମତି ନିମନ୍ତେ କେତେଜଣ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ମହାମାରୀର ଭୟଙ୍କର ସ୍ଥିତିକୁ ଦୃଷ୍ଟିରେ ରଖି ସିଜେଆଇ ରମନା ପୁରୀ ବ୍ୟତୀତ ଅନ୍ୟ ସ୍ଥାନରେ ରଥଯାତ୍ରା ଆୟୋଜନ ଲାଗି ଅନୁମତି ଦେବାକୁ ମନା କରିଦେଇଥିଲେ। ଆସନ୍ତା ବର୍ଷ ପ୍ରଭୁ ଶ୍ରୀଜଗନ୍ନାଥ ଆମକୁ ରଥଯାତ୍ରା ଲାଗି ଅନୁମତି ଦେବେ ବୋଲି ସେ ସେତେବେଳେ ଆଶାବ୍ୟକ୍ତ କରିଥିଲେ। ୧୬ ମାସର କାର୍ଯ୍ୟକାଳ ମଧ୍ୟରେ ଜଷ୍ଟିସ୍ ରମନା ଓଡ଼ିଶାର ଏକାଧିକ ମାମଲାର ଶୁଣାଣି କରିଛନ୍ତି। ଓଡ଼ିଶା ହାଇକୋର୍ଟରେ ୧୧ ଜଣ ବିଚାରପତିଙ୍କ ନିଯୁକ୍ତି ଲାଗି ତାଙ୍କ ନେତୃତ୍ୱରେ ଗଠିତ ସୁପ୍ରିମକୋର୍ଟ କଲେଜିୟମ ସୁପାରିସ କରିଥିଲେ।

୨୦୨୧ ମେ'ରେ ନରେନ୍ଦ୍ର ମୋଦିଙ୍କ ସରକାର ରାକେଶ ଅସ୍ଥାନାଙ୍କୁ ସିବିଆଇ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରିବେ ବୋଲି ବିଶ୍ୱାସ କରାଯାଉଥିଲା। ତେବେ ଏଥିରୁ ଗୋଟିଏ ହେଲେ ମାମଲା ତାଙ୍କ ସମୟରେ ଅଦାଲତର ଆଲୋକ ଦେଖିପାରିଲା ନାହିଁ। ଅବସର ନେବାର ଦିନକ ପୂର୍ବରୁ ପେଗାସସ୍ ଗୁପ୍ତଚର ମାମଲାର ଶୁଣାଣି କରିଛନ୍ତି ଜଷ୍ଟିସ ରମନା। ବିଲ୍‌କିସ ବାନୋ ଗଣବଳାତ୍କାର ଓ ହତ୍ୟା ମାମଲାରେ ୧୧ ଜଣ ଅପରାଧୀଙ୍କୁ ମୁକ୍ତ କରାଯିବାକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନଗୁଡ଼ିକର ଶୁଣାଣି କରି ସିଜେଆଇ ଗୁଜରାଟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି।

# ଅଗ୍ନିପଥ ଯୋଜନା: ସ୍ଥଗିତାଦେଶ ଲାଗି ମନାକଲେ ହାଇକୋର୍ଟ

ନୂଆଦିଲ୍ଲୀ,୨୫।୮(ପି.ଟି.)

ସୈନ୍ୟବାହିନୀରେ ୪ ବର୍ଷୀୟା ଠିକା ନିଯୁକ୍ତି ଲାଗି କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନା ଉପରେ ସ୍ଥଗିତାଦେଶ ଲଗାଇବାକୁ ଦିଲ୍ଲୀ ହାଇକୋର୍ଟ ଗୁରୁବାର ମନା କରିଦେଇଛନ୍ତି। ଉକ୍ତ ଯୋଜନାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ଏହା ଉପରେ ଜବାବ ଦାଖଲ କରିବା ଲାଗି ହାଇକୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ ଲାଗି ମୁଖ୍ୟ ବିଚାରପତି ସତୀଶ ଚନ୍ଦ୍ର ଶର୍ମା ଏବଂ ଜଷ୍ଟିସ ସୁବ୍ରମଣ୍ୟମ ପ୍ରସାଦଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ପିଟିଶନଗୁଡ଼ିକ ଉପରେ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ଅଗ୍ନିପଥ ଯୋଜନା କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଲଗାଇବାକୁ ଜଣେ ଆବେଦନକାରୀଙ୍କ ଓକିଲ ଅଦାଲତଙ୍କୁ ଅନୁରୋଧ କରିଥିଲେ। କୋର୍ଟ କୌଣସି ଅନ୍ତରୀଣ ରାୟ ଦେଇ ନ ଥିବାରୁ ସ୍ଥଗିତାଦେଶ ଲଗାଇବାକୁ ମନା କରିଦେଇଥିଲେ।

# ରାଷ୍ଟ୍ରପତିଙ୍କ ଝିଅ ନାଁରେ ଜାଲ୍ ଟୁଇଟର ଆକାଉଣ୍ଟ ଖୋଲି ଇଞ୍ଜିନିୟର ଗିରଫ

**ନୂଆଦିଲ୍ଲୀ,୨୫।୮:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଝିଅ ଇତିଶ୍ରୀଙ୍କ ନାମରେ ଫେକ୍ ଟୁଇଟର ଆକାଉଣ୍ଟ ଖୋଲିଥିବା ଗ୍ରେଟର ନୋଏଡ଼ାର ଜଣେ ୪୨ ବର୍ଷୀୟ ସଫ୍ଟୱେର ଇଞ୍ଜିନିୟରଙ୍କୁ ଗୁରୁବାର ଗିରଫ କରାଯାଇଛି। ଅଭିଯୁକ୍ତ ଶୈଳେନ୍ଦ୍ର ଶୁକ୍ଲା ଏକ ନାମକରା ବହୁଦେଶୀୟ କମ୍ପାନୀରେ କାମ କରନ୍ତି। ସେ ଉକ୍ତ ଫେକ୍ ଆକାଉଣ୍ଟ ବ୍ୟବହାର କରି ତାଙ୍କର ବ୍ୟକ୍ତିଗତ ଶତ୍ରୁତା ଥିବା ଜଣେ ପଡୋଶୀଙ୍କ ଉପରେ ଚାପ ପକାଉଥିଲେ ବୋଲି ପୋଲିସ କହିଛି। ଶୁକ୍ଲାଙ୍କଠାରୁ ୩ଟି ମୋବାଇଲ ଫୋନ୍ ଜବତ ହେବା ସହ ଆଇପିସିର ଧାରା ୫୦୪ ଏବଂ ୫୦୭ରେ ମାମଲା ରୁଜୁ ହୋଇଛି।

# ଆତଙ୍କବାଦୀଙ୍କୁ ରକ୍ତ ଦେଲେ ସୈନ୍ୟ

**ନୂଆଦିଲ୍ଲୀ, ୨୫।୮:** ପାକିସ୍ତାନ ଗୋଇନ୍ଦା ସଂସ୍ଥାର ଜଣେ ଅଧିକାରୀ ଇଣ୍ଡିଆନ୍ ଆର୍ମି ପୋଷ୍ଟରେ ଆକ୍ରମଣ କରିବା ନିମନ୍ତେ ପଠାଇଥିବା ଆତଙ୍କବାଦୀଙ୍କୁ ରକ୍ତଦାନ କରିଛନ୍ତି ଭାରତୀୟ ସୈନିକ। ଗତ ୨୧ ତାରିଖରେ ପାକ୍ ଅଧିକୃତ କଶ୍ମୀର(ପିଓକେ) ବାସିନ୍ଦା ତବାରକ୍ ହୁସେନ୍(୩୨) ରଜୌରି ନିକଟ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଡେଇଁ ଭାରତକୁ ଅନୁପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ସୂଚନାପାଇ ଭାରତୀୟ ଯବାନ ସେଠାରେ ଗୁଳିଚାଳନା କରିବା ସହ ଅନୁପ୍ରବେଶ ପଣ୍ଡ କରିଥିଲେ। ସେଠାରୁ ଫେରାର ହେବାକୁ ଉଦ୍ୟମ କରୁଥିଲେ ହେଁ ତବାରକ୍ ଧରାପଡ଼ିଥିଲେ। ଗୁଳି ବାଜିଥିବା ଯୋଗୁ ତାଙ୍କ ଚିକିତ୍ସା ପାଇଁ ୩ ବୋତଲ ରକ୍ତ ଆବଶ୍ୟକ ପଡ଼ିଥିଲା। ଭାରତୀୟ ସେନାର ଯବାନମାନେ ତାଙ୍କୁ ରକ୍ତଦାନ କରିଛନ୍ତି। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଜଣାପଡ଼ିଛି। ତବାରକ୍‌ଙ୍କ ଆଉ ୨ ସହଯୋଗୀ ଫେରାର ହୋଇଯାଇଛନ୍ତି। ତବାରକଙ୍କୁ ଜଣେ ପାକ୍ ଗୋଇନ୍ଦା ଅଧିକାରୀ ୩୦ ହଜାର ପାକିସ୍ତାନୀ ଟଙ୍କା ଦେଇ ଭାରତୀୟ ସେନା ପୋଷ୍ଟରେ ଆକ୍ରମଣ କରିବାକୁ କହିଥିଲେ ବୋଲି ଆର୍ମି ପକ୍ଷରୁ କୁହାଯାଇଛି।


ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ବିଧାୟକମାନେ ଗୁରୁବାର ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କ ସମାଧିରେ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଭାଜପାର 'ଅପରେଶନ ଲୋଟସ୍' ବିଫଳ ହେବା ଲାଗି ପ୍ରାର୍ଥନା କରିଛନ୍ତି। କେଜ୍‌ରିୱାଲଙ୍କ ବାସଭବନରେ ଏଏପି ବିଧାୟକମାନଙ୍କ ବୈଠକ ପରେ ସମସ୍ତେ ରାଜଘାଟ ଯାଇଥିଲେ। ଏଏପିର ୪୦ ବିଧାୟକଙ୍କୁ ଦଳ ବଦଳାଇବା ପାଇଁ ଭାଜପା ୨୦ କୋଟି ଟଙ୍କା ଲେଖାଏ ଯାଚିଥିବା ଅଭିଯୋଗ ହୋଇଛି। ଏଥିପାଇଁ ଆବଶ୍ୟକ ୮୦୦ କୋଟି ଟଙ୍କା ଗୈରିକ ଦଳ କେଉଁଠୁ ଆଣିବ ବୋଲି କେଜ୍‌ରିୱାଲ ପ୍ରଶ୍ନ କରିଛନ୍ତି।

## ଫୁର୍‌ସତ

# 'ଲଷ୍ଟ ଷ୍ଟୋରିଜ୍' ପାଇଁ ମନା କରିଥିଲେ ମା'


କ୍ରୀତି ସାନନ୍

**ମୁମ୍ବାଇ:** ୨୦୧୮ରେ ନେଟ୍‌ଫ୍ଲିକ୍ସରେ ମୁକ୍ତିଲାଭ କରିଥିବା 'ଲଷ୍ଟ ଷ୍ଟୋରିଜ୍' ଶର୍ଟ ଫିଲ୍ମରେ ଚଳଚ୍ଚିତ୍ର ନିର୍ମାତା କରନ୍ ଜୋହର ଅଭିନେତ୍ରୀ କିଆରା ଆଡଭାନୀଙ୍କ ଚରିତ୍ର ପାଇଁ ଉପଯୁକ୍ତ ଆକ୍ଟ୍ରେସ୍ ଖୋଜୁଥିଲେ। ଏଥିପାଇଁ କରନ ପ୍ରଥମେ କ୍ରୀତି ସାନନ୍‌ଙ୍କୁ ବାଛିଥିଲେ। ହେଲେ କ୍ରୀତି 'ଲଷ୍ଟ ଷ୍ଟୋରିଜ୍'ରେ କାମ କରିବା ପାଇଁ ମନା କରିଥିଲେ। କ୍ରୀତିଙ୍କ ମା' ଏହି ରୋଲ୍ କରିବାକୁ ଅନୁମତି ଦେଇ ନ ଥିଲେ ବୋଲି ଅଭିନେତ୍ରୀ ଜଣକ କରନଙ୍କୁ କହିଥିଲେ। ହଟ୍‌ଷ୍ଟାର୍‌ରେ ରିଲିଜ ହୋଇଥିବା 'କଫି ଉଇଥ୍ କରନ୍'ର ସଦ୍ୟ ଏପିସୋଡ୍‌ରେ କରନ୍ ଜୋହର ଏହା ପ୍ରକାଶ କରିଛନ୍ତି। ବାସ୍ତବରେ ଲଷ୍ଟ ଷ୍ଟୋରିଜ୍ ମହିଳାଙ୍କ ସେକ୍ସୁଆଲ ପ୍ଲେଜର(ଯୌନସୁଖ) ଅଧିକାର ଉପରେ ଆଧାରିତ ଏବଂ ଏକ ସଶକ୍ତୀକରଣ କାହାଣୀ ବୋଲି କରନ୍ କହିଥିଲେ। କିଆରାଙ୍କୁ ମନୀଷ ମାଲ୍‌ହୋତ୍ରାଙ୍କ ଘରେ କରନ୍ ଭେଟିବା ପରେ ତାଙ୍କୁ ଏହି ଶର୍ଟ ଫିଲ୍ମରେ ଅଭିନୟ କରିବାକୁ ଅଫର ଦେଇଥିଲେ। କିଆରା କରନ୍‌ଙ୍କୁ ପଚାରିଥିଲେ 'କ'ଣ ଆପଣ ଏହାର ନିର୍ଦ୍ଦେଶନା ଦେଉଛନ୍ତି'। କରନ୍ ହଁ କହିବା ପରେ କିଆରା ଅଭିନୟ କରିବା ପାଇଁ ରାଜି ହୋଇଯାଇଥିଲେ ବୋଲି ଫିଲ୍ମ ନିର୍ମାତା ଜଣକ ଉକ୍ତ ଏପିସୋଡ୍‌ରେ କହିଛନ୍ତି। କିଆରା ଲଷ୍ଟ ଷ୍ଟୋରିଜ୍‌ରେ ମେଘା ଚରିତ୍ରରେ ଅଛନ୍ତି। ମେଘା ଜଣେ ନବବିବାହିତା ହୋଇଥିବାବେଳେ ସ୍ୱାମୀ ପାରସ୍ (ଭିକି କୌଶଲ) ସେକ୍ସୁଆଲ ପ୍ଲେଜର ଦେବାରେ ଅସମର୍ଥ ହେଉଛନ୍ତି। ଏଥିପାଇଁ ମେଘା ବିକଳ୍ପ ବାଛିବା ଉପରେ କାହାଣୀ ଗତିଶୀଳ ହୋଇଛି।

# ଲାଇବ୍ରେରି ଖୋଲିଲେ ଆଫ୍‌ଗାନ ମହିଳା



**କାବୁଲ:** ଆଫଗାନିସ୍ତାନର ତାଲିବାନ୍ ଶାସନରେ ମହିଳାମାନେ ଶିକ୍ଷା ଓ ସାର୍ବଜନୀନ ଜୀବନରୁ ଦୂରେଇ ଯାଇଛନ୍ତି। ନାରୀ ସ୍ୱାଧୀନତା ଉପରେ ଅଙ୍କୁଶ ଲାଗିଥିବାରୁ ସେମାନେ ନିଃସଙ୍ଗ ହୋଇପଡ଼ିଛନ୍ତି। ନିଃସଙ୍ଗତା ଦୂର ସହ ଜ୍ଞାନ ଆହରଣ ତଥା ଉଚିତ୍ ଢଙ୍ଗରେ ସମୟ ଅତିବାହିତ କରିବା ପାଇଁ ଆଫ୍‌ଗାନର ମହିଳା ଅଧିକାର କର୍ମୀମାନେ ନିଜସ୍ୱ ଉଦ୍ୟମରେ କାବୁଲରେ ବୁଧବାର ଏକ ଲାଇବ୍ରେରି ଖୋଲିଛନ୍ତି। ଏହାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

୨୦୨୦ ଅଗଷ୍ଟ ୧୫ରେ ଇସ୍‌ଲାମିକ ତାଲିବାନ୍ ଆଫଗାନିସ୍ତାନ ଦଖଲ ପରେ ମହିଳାଙ୍କ ସ୍ୱାଧୀନତା ଛଡ଼ାଇ ନେଇଥିଲା। ମହିଳାମାନେ ଆପାଦମସ୍ତକ ପୋଷାକ ପରିଧାନ କରି କେବଳ ଜଣେ ପୁରୁଷ ସମ୍ପର୍କୀୟଙ୍କ ସହ ପଦାକୁ ଗୋଡ଼ କାଢ଼ିପାରିବେ ବୋଲି ତାଲିବାନ୍ ଫତୱା ଜାରି କରିଥିଲା। ତାଲିବାନ୍ ଶାସକ ଗତ ମାର୍ଚ୍ଚରେ ଛାତ୍ରୀଙ୍କ ଉଚ୍ଚଶିକ୍ଷା ପାଇଁ ସ୍କୁଲ ଖୋଲାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ନିଜ ପ୍ରତିଶ୍ରୁତିରୁ ଓହରିଯିବା ପରେ ସବୁ ଉଚ୍ଚ ବିଦ୍ୟାଳୟରେ ତାଲା ଝୁଲୁଛି। ଏସବୁକୁ ଦୃଷ୍ଟିରେ ରଖି କେତେଜଣ ମହିଳା ନିଜସ୍ୱ ଉଦ୍ୟମରେ ପାଠାଗାର ଆରମ୍ଭ କରିଛନ୍ତି। ଲାଇବ୍ରେରୀରେ ଉପନ୍ୟାସ, ଛବିଳ ବହି, ରାଜନୀତି, ଅର୍ଥନୀତି, ବିଜ୍ଞାନ ଆଦି ଉପରେ ୧ ହଜାରରୁ ଊର୍ଦ୍ଧ୍ୱ ପୁସ୍ତକ ରହିଛି। ବହିଗୁଡ଼ିକରୁ ଅଧିକାଂଶ ଶିକ୍ଷକ, କବି ଓ ଲେଖକମାନେ କ୍ରିଷ୍ଟାଲ ବାୟାତ୍ ଫାଉଣ୍ଡେଶନକୁ ଦାନ କରିଛନ୍ତି। ଆଫ୍‌ଗାନ ମହିଳାଙ୍କ ଅଧିକାର ପାଇଁ ଲଢ଼େଇ କରୁଥିବା ଏହି ସଙ୍ଗଠନର ଅନ୍ୟତମ ସଦସ୍ୟା ତଥା ଲାଇବ୍ରେରି ପ୍ରତିଷ୍ଠାତା ଝୁଲିଆ ପାର୍ସୀ କହିଛନ୍ତି, ଦୁଇଟି ଉଦ୍ଦେଶ୍ୟ ରଖି ଆମେ ପାଠାଗାର ଖୋଲିଛୁ। ପ୍ରଥମତଃ ଯେଉଁ ଝିଅମାନେ ସ୍କୁଲ ଯାଇପାରୁନାହାନ୍ତି ସେମାନେ ଏଠାକୁ ଆସି ବିଭିନ୍ନ ବିଷୟରେ ଅଧ୍ୟୟନ କରିପାରିବେ। ଦ୍ୱିତୀୟତଃ ତାଲିବାନ୍ ସରକାରର ବର୍ବରତା ଭୟରେ ଚାକିରି ଛାଡ଼ି ଘରେ ବିରକ୍ତିବୋଧ ଅନୁଭବ କରୁଥିବା ମହିଳାମାନେ ମଧ୍ୟ ପଠନର ସୁଯୋଗ ପାଇପାରିବେ।



# ଏକସଙ୍ଗେ କୋଭିଡ୍, ମଙ୍କିପକ୍ସ, ଏଚ୍ଆଇଭିରେ ସଂକ୍ରମିତ




**ରୋମ:** ଇଟାଲୀର ଜଣେ ୩୬ ବର୍ଷୀୟ ଯୁବକ ଏକ ସଙ୍ଗେ କୋଭିଡ୍-୧୯, ମଙ୍କିପକ୍ସ ଏବଂ ଏଚ୍ଆଇଭିରେ ସଂକ୍ରମିତ ହୋଇଛନ୍ତି। ଯୁବକ ଜଣକ ଜୁନ୍‌ରେ ସ୍ପେନ୍ ଯାଇଥିଲେ। ସେଠାରୁ ଫେରିବା ପରେ ତାଙ୍କ ଗଳା ବ୍ୟଥା ହେବା ସହ ଥକ୍କା ଲାଗିବା, ଥଣ୍ଡା, ମୁଣ୍ଡବିନ୍ଧା ଆଦି ଲକ୍ଷଣ ଦେଖାଦେଇଥିଲା। ଜୁଲାଇ ୨ରେ ତାଙ୍କ କୋଭିଡ୍ ଟେଷ୍ଟ ରିପୋର୍ଟ ପଜିଟିଭ୍ ଆସିଥିଲା। ସେ ଗତ ଜାନୁୟାରୀରେ ମଧ୍ୟ କରୋନାରେ ସଂକ୍ରମିତ ହୋଇଥିଲେ। ପରେ ତାଙ୍କ ଦେହରେ ଫୋଟକା ହେବା ସହ ଦାଗ ପଡ଼ିଯାଇଥିଲା। ଫଳରେ ତାଙ୍କ ନମୁନା ପୁଣି ଟେଷ୍ଟ ପାଇଁ ଯାଇଥିଲା। ଏଥିରୁ ସେ ଉଭୟ ମଙ୍କିପକ୍ସ ଏବଂ ଏଚ୍ଆଇଭିରେ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ସ୍ପେନ୍‌ରେ ଥିବାବେଳେ ସେ କୌଣସି ପୁରୁଷଙ୍କ ସହ ଅସୁରକ୍ଷିତ ଯୌନ ସମ୍ପର୍କ ରଖିଥିବା ଜଣାପଡ଼ିଛି। ତାଙ୍କଠାରେ ପଶ୍ଚିମ ଆଫ୍ରିକାର ମଙ୍କିପକ୍ସ ଭୂତାଣୁ କ୍ଲେଡ୍ ଠାବ ହୋଇଛି।

# କାଲିଫର୍ନିଆରେ ସ୍ୱସ୍ତିକକୁ ସ୍ୱୀକୃତି


ହିଟ୍‌ଲରଙ୍କ ସ୍ୱସ୍ତିକ ହିନ୍ଦୁଙ୍କ ସ୍ୱସ୍ତିକ

**ୱାଶିଂଟନ୍:** ଆମେରିକାର କାଲିଫର୍ନିଆ ବିଧାନସଭା ରାଜ୍ୟର ଦଣ୍ଡବିଧି ଆଇନରେ ପବିତ୍ର ସ୍ୱସ୍ତିକ ଚିହ୍ନକୁ ସ୍ଥାନିତ କରିବା ପାଇଁ ସ୍ୱୀକୃତି ଦେଇଛି। ଏଥିସହ ଜର୍ମାନୀର ଏକଛତ୍ରବାଦୀ ଶାସକ ଆଡଲ୍ଫ ହିଟ୍‌ଲରଙ୍କ ସ୍ୱସ୍ତିକ ଚିହ୍ନ 'ହ୍ୟାକେନ୍‌କ୍ରେୟୁଜ୍'କୁ ଏକ ଘୃଣ୍ୟ ପ୍ରତୀକ ରୂପେ ବିବେଚନା ଲାଗି ମଧ୍ୟ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି। କାଲିଫର୍ନିଆ ହେଉଛି ସର୍ବାଧିକ ଭାରତୀୟ ବଂଶୋଦ୍ଭବ ବସବାସ କରୁଥିବା ଏକ ଆମେରିକୀୟ ରାଜ୍ୟ। ସେଠାକାର ଭାରତୀୟମାନେ ଦୀର୍ଘବର୍ଷ ଧରି ସ୍ୱସ୍ତିକ ଚିହ୍ନକୁ ନେଇ ଆଇନ ଆଣିବା ପାଇଁ ଦାବି କରିଆସୁଥିଲେ। ଗତ ସପ୍ତାହରେ ଗୃହୀତ ହୋଇଥିବା ବିଲ୍ ଏବେ ଗଭର୍ନର ଗଭିନ୍ ନ୍ୟୁଜୋମ୍‌ଙ୍କ ଟେବୁଲକୁ ଯାଇଛି। ଏଥିରେ ସେ ସ୍ୱାକ୍ଷର କରିବା ପରେ ସ୍ୱସ୍ତିକ ଚିହ୍ନକୁ ଆଇନତଃ ବୈଧ ଘୋଷଣା କରିବାରେ କାଲିଫର୍ନିଆ ହେବ ଆମେରିକାର ପ୍ରଥମ ରାଜ୍ୟ। ଉଲ୍ଲେଖଯୋଗ୍ୟ, ଗତ ସପ୍ତାହରେ ହିନ୍ଦୁ, ବୌଦ୍ଧ ଓ ଜୈନ ଧର୍ମାବଲମ୍ବୀଙ୍କୁ ନେଇ ଗଠିତ ଏକ ଆନ୍ତଃ ଧର୍ମୀୟ ମେଣ୍ଟର ନେତାମାନେ କାଲିଫର୍ନିଆ ଷ୍ଟେଟ୍ ସିନେଟ୍‌ର ସଂଖ୍ୟାଗରିଷ୍ଠ ନେତା ବବ୍ ହର୍ଜବର୍ଗଙ୍କୁ ପତ୍ର ଲେଖି ସ୍ୱସ୍ତିକ ଚିହ୍ନର ବୈଧୀକରଣ ପ୍ରତି ନିଜ ସମର୍ଥନ ଘୋଷଣା କରିଥିଲେ। ସେଠାର ହିନ୍ଦୁ ଆମେରିକାନ୍ ଫାଉଣ୍ଡେଶନ(ଏଚ୍ଏଏଫ୍) ଏହି ପଦକ୍ଷେପକୁ ପ୍ରଶଂସା କରିଛି। ଏଚ୍ଏଏଫ୍‌ର ପରିଚାଳନା ନିର୍ଦ୍ଦେଶକ ସମୀର କଲ୍‌ରା କହିଛନ୍ତି, ଏବି୨୨୮୨ ବିଧେୟକ ଗୃହରେ ପାରିତ ହେବା ପରେ କାଲିଫର୍ନିଆରେ ସ୍ୱସ୍ତିକ ଚିହ୍ନ ଅପରାଧମୁକ୍ତ ହେବାକୁ ଯାଉଛି। ଏହି ଐତିହାସିକ ପଦକ୍ଷେପକୁ ଗଭର୍ନରଙ୍କ ଅନୁମୋଦନ ମିଳିଲେ ହିନ୍ଦୁ, ବୌଦ୍ଧ, ଜୈନଧର୍ମର ଲୋକେ ଆଶ୍ୱସ୍ତି ଲାଭ କରିବେ। ଏହା ପୂର୍ବରୁ ନାଜି ଶାସକ ଆଡଲ୍ଫ ହିଟ୍‌ଲର ନିଜ ସେନାରେ ସ୍ୱସ୍ତିକ ଚିହ୍ନକୁ ବହୁଳ ଭାବେ ବ୍ୟବହାର କରୁଥିଲେ। ହିଟ୍‌ଲରଙ୍କ ସ୍ୱସ୍ତିକକୁ ଆମେରିକୀୟମାନେ ନାଜି ହ୍ୟାକେନ୍‌କ୍ରେୟୁଜ୍ ନାମ ଦେଇ ଘୃଣାର ପ୍ରତୀକ ରୂପେ ବିବେଚନା କରିଥାନ୍ତି। ନୂଆ ଆଇନ ବଳରେ ନାଜିଙ୍କ ସ୍ୱସ୍ତିକ ଓ ହିନ୍ଦୁଙ୍କ ସ୍ୱସ୍ତିକ ମଧ୍ୟରେ ରହିଥିବା ପ୍ରଭେଦକୁ ସ୍ପଷ୍ଟ କରାଯାଇଛି।

# ଜଗରନଟ୍ସର କ୍ରମାଗତ ଚତୁର୍ଥ ବିଜୟ

ଭୁବନେଶ୍ୱର, ୨୫।୮ (ସ୍ପୋର୍ଟ୍ସ ବ୍ୟୁରୋ)

ଅଲଟିମେଟ୍ ଖୋ ଖୋ ଲିଗ୍‌ରେ ଓଡ଼ିଶା ଜଗରନଟ୍ସ ଏହାର ବିଜୟଧାରା ଜାରି ରଖିଛି। ନୀଲେଶ ଯାଦବଙ୍କ ଅଲରାଉଣ୍ଡ ପ୍ରଦର୍ଶନ ଜରିଆରେ ଦଳ କ୍ରମାଗତ ଚତୁର୍ଥ ବିଜୟ ହାସଲ କରିଛି। ଆରମ୍ଭରୁ ପଛୁଆ ରହିଥିଲେ ହେଁ ଜଗରନଟ୍ସ ଚମତ୍କାର ପ୍ରତ୍ୟାବର୍ତ୍ତନ ସହିତ ରାଜସ୍ଥାନ ୱାରିୟର୍ସକୁ ୬ ପଏଣ୍ଟରେ ପରାସ୍ତ କରିଛି। ଚଳିତ ସିଜିନରେ ଉଭୟ ଦଳ ମଧ୍ୟରେ ଏହା ଦ୍ୱିତୀୟ ମୁକାବିଲା ହୋଇଥିବା ବେଳେ ଉଭୟ ମୁକାବିଲାରେ ଜଗରନଟ୍ସମ ବାଜି ମାରିଛି।

ଗୁରୁବାର ପୁନେର ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟସ କମ୍ପ୍ଲେକ୍ସରେ ଖେଳାଯାଇଥିବା ମୁକାବିଲାରେ ଜଗରନଟ୍ସର ଅଧିନାୟକ ଦୀପେଶ ମୋରେ ଓ ସୁନୀଲ ଯାଦବ ଡିଫେନ୍ସରେ ଚମତ୍କାର ପ୍ରଦର୍ଶନ କରିଥିବା ବେଳେ ଦଳ ଷଷ୍ଠ ମ୍ୟାଚରୁ ୫ମ ବିଜୟ ହାସଲ କରିଥିଲା।



ରାଜସ୍ଥାନ ୱାରିୟର୍ସ ଓ ଓଡ଼ିଶା ଜଗରନଟ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ଯାଦବ ୩.୨୨ ମିନିଟର ଡିଫେନ୍ସ ସହିତ ୧୬ ଆଟାକ୍ ପଏଣ୍ଟ ହାସଲ କରିଥିଲେ। ସେହିପରି ଅଧିନାୟକ ମୋରେ ୩.୫୮ ମିନିଟର ଡିଫେନ୍ସ କରିଥିଲେ। ରାଜସ୍ଥାନ ପକ୍ଷରୁ ଅକ୍ଷୟ ଗଣପୁଲେ ୫.୩୨ ମିନିଟର ଡିଫେନ୍ସ ଟାଇମ ସହିତ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ଦ୍ୱିତୀୟ ଇନିଂସରେ ସେ ୨.୫୭ ମିନିଟର ଡିଫେନ୍ସ କରିଥିଲେ। ଜଗରନଟ୍ସ ପକ୍ଷରୁ ଯାଦବ ବେଶ ପ୍ରଭାବୀ ଆରମ୍ଭ କରିଥିଲେ ତେବେ ରାଜସ୍ଥାନ ପ୍ରଥମ ଇନିଂସରେ ୨୧ ପଏଣ୍ଟ ସ୍କୋର କରିବାରେ ସମର୍ଥ ହୋଇଥିଲା। ଓଡ଼ିଶାର ଆଟାକ ସମୟରେ ଅକ୍ଷୟ ୩.୨୫ ଓ ଦିଲରାଜ ସିଂ ୨.୩୫ ମିନିଟର ଡିଫେନ୍ସ କରିବାରୁ ଦଳ ମାତ୍ର ୧୭ ପଏଣ୍ଟ ସଂଗ୍ରହ ସହିତ ପଛରେ ପଡି ଯାଇଥିଲା। ପ୍ରଥମ ଇନିଂସ ସୁଦ୍ଧା ରାଜସ୍ଥାନ ୨୭-୨୧ରେ ଆଗୁଆ ରହିଥିଲା। ତେବେ ଅଧିନାୟକ ମୋରେ ମାତ୍ର ୪ ମିନିଟ ମଧ୍ୟରେ ବୋନସ ସହିତ ୬ ଡିଫେନ୍ସ ପଏଣ୍ଟ ସ୍କୋର କରି ଓଡ଼ିଶାକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ମୋରେଙ୍କ ପ୍ରଦର୍ଶନ ବଳରେ ତୃତୀୟ ଥରରେ ରାଜସ୍ଥାନ ମାତ୍ର ୧୬ ପଏଣ୍ଟ ସ୍କୋର କରିଥିଲା।

**ଅଲଟିମେଟ୍ ଖୋ ଖୋ**

ଅନ୍ତିମ ଟର୍ନରେ ଅକ୍ଷୟ ଗଣପୁଲେଙ୍କ ପ୍ରଦର୍ଶନ ଓଡ଼ିଶାକୁ ପରାଜୟ ଆଡକୁ ନେଉଥିବା ବେଳେ ଜଗନ୍ନାଥ ମୁର୍ମୁ ତାଙ୍କୁ ଆଉଟ କରି ଓଡ଼ିଶାକୁ ମ୍ୟାଚକୁ ଫେରାଇ ଆଣିଥିଲେ। ଏହି ବିଜୟ ସହିତ ଓଡ଼ିଶା ୬ଟି ମ୍ୟାଚରୁ ୫ ବିଜୟ ସହିତ ୧୫ ପଏଣ୍ଟ ହାସଲ କରିଛି। ଗୁଜରାଟ ବିପକ୍ଷରେ ଦଳ ଗୋଟିଏ ମୁକାବିଲାରେ ପରାଜିତ ହୋଇଥିବା ବେଳେ ଚେନ୍ନାଇ ଓ ରାଜସ୍ଥାନ ବିପକ୍ଷରେ ଦଳ ଦୁଇଟି ଲେଖାଏଁ ବିଜୟ ହାସଲ କରିଛି।

# ଲକ୍ଷ୍ୟଙ୍କୁ ହରାଇ ପ୍ରଣୟ କ୍ୱାର୍ଟରରେ

ଟୋକିଓ, ୨୫।୮ (ପି.ଟି.)

ଭାରତର ଏଚ୍.ଏସ୍. ପ୍ରଣୟ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ନିଜ ଦେଶର ତଥା ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ଲକ୍ଷ୍ୟ ସେନ୍‌ଙ୍କୁ ପରାସ୍ତ କରି ଏଠାରେ ଚାଲିଥିବା ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଭାରତର ପୁରୁଷ ଡବଲ୍ସ ଯୋଡ଼ି ଧ୍ରୁବ କାପିଲା ଓ ଏମ୍.ଆର୍. ଅର୍ଜୁନ ଏବଂ ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ମଧ୍ୟ ସେମାନଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖି କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ୧ ଘଣ୍ଟା ୧୫ ମିନିଟ ଧରି ଅନୁଷ୍ଠିତ ମୁକାବିଲାରେ ପ୍ରଣୟ ତାଙ୍କ ଟିମ୍‌ମେଟ୍‌ଙ୍କୁ ୧୭-୨୧, ୨୧-୧୬, ୨୧-୧୭ରେ ପରାସ୍ତ କରିଥିଲେ। ଚଳିତ ବର୍ଷ ଦୁଇ ଖେଳାଳି ବିଭିନ୍ନ ଟୁର୍ନାମେଣ୍ଟରେ ୪ଥର ପରସ୍ପରକୁ ଭେଟିଛନ୍ତି। ପ୍ରତ୍ୟେକ ଦୁଇ ଥର ବିଜୟ ହାସଲ କରିଛନ୍ତି। ପ୍ରଣୟ ବର୍ତ୍ତମାନ କ୍ୱାର୍ଟର ଫାଇନାଲରେ ଚାଇନାର ଝାଓ ଜୁନ୍ ପେଙ୍ଗ୍‌ଙ୍କୁ ଭେଟିବେ। ଅନ୍ୟପକ୍ଷରେ ଅଲିମ୍ପିକ ବ୍ରୋଞ୍ଜ ବିଜୟିନୀ ସାଇନା ନେହ୍ୱାଲ ବିଶ୍ୱ ଚାମ୍ପିୟନଶିପ୍‌ରୁ ବିଦାୟ ନେଇଛନ୍ତି। ଏକ ସଂଘର୍ଷପୂର୍ଣ୍ଣ ମହିଳା ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲରେ



ଏଚ୍.ଏସ୍. ପ୍ରଣୟ

୩୨ବର୍ଷୀୟା ସାଇନା ଥାଇଲାଣ୍ଡର ବୁସାନାନ୍ ଅନ୍‌ବାଙ୍ଗ୍‌ରୁଙ୍ଗ୍‌ଫାନ୍‌ଙ୍କଠାରୁ ୧୭-୨୧, ୨୧-୧୬,୧୩-୨୧ରେ ହାରିଯାଇଛନ୍ତି। ଅଣସିଡ୍ ଅର୍ଜୁନ ଓ କାପିଲା ପ୍ରି-କ୍ୱାର୍ଟରରେ ସିଙ୍ଗାପୁରର ଟେରି ହି ଓ ଲୋ କିନ୍ ହିନ୍‌ଙ୍କୁ ୧୮-୨୧, ୨୧-୧୫, ୨୧-୧୬ରେ ହରାଇ ଦେଇଛନ୍ତି। ଟୁର୍ନାମେଣ୍ଟରେ ଏହି ଯୋଡ଼ି ଭଲ ପ୍ରଦର୍ଶନ କରି ଆସୁଛନ୍ତି। ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଏହି ଯୋଡ଼ି ୮ମ ସିଡ୍ ତଥା ଗତ ସଂସ୍କରଣ ବ୍ରୋଞ୍ଜ ବିଜେତା ଡେନ୍‌ମାର୍କର କିମ୍ ଆଷ୍ଟ୍ରପ୍ ଓ ଆଣ୍ଡର୍ସ ସ୍କାରପ ରାସ୍‌ମୁସେନ୍‌ଙ୍କୁ ୨୧-୧୭, ୨୧-୧୬ରେ ହରାଇ ଦେଇଥିଲେ। ଅନ୍ୟପକ୍ଷରେ ସାତ୍ୱିକ ଓ ଚିରାଗ ଡେନମାର୍କର ଜିପ୍ପା ବେ ଓ ଲସି ମୋଲ୍‌ହେଡ୍‌ଙ୍କ ବିପକ୍ଷରେ ୨୧-୧୨, ୨୧-୧୦ରେ ସହଜ ବିଜୟ ହାସଲ କରିଛନ୍ତି। ଅର୍ଜୁନ ଓ କାପିଲା କ୍ୱାର୍ଟର ଫାଇନାଲରେ ତୃତୀୟ ସିଡ୍ ଇଣ୍ଡୋନେସିଆର ମହମ୍ମଦ ଅହସାନ ଓ ହେଣ୍ଡ୍ରା ସେଟିଆୱାନଙ୍କୁ ଭେଟିବାକୁ ଥିବା ବେଳେ ସାତ୍ୱିକ ଓ ଚିରାଗ ଦ୍ୱିତୀୟ ସିଡ୍ ତଥା ଜାପାନର ଟାକୁରୋ ହୋକି ଓ ୟୁଗୋ କୋବାୟାଶିଙ୍କ ସହ ମୁକାବିଲା କରିବେ।

# ଇଲେଭେନ ଗନ୍, ବିଡାନାସୀର ସହଜ ବିଜୟ

ଭୁବନେଶ୍ୱର, ୨୫।୮ (ସ୍ପୋର୍ଟ୍ସ ବ୍ୟୁରୋ)

ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକସ୍ଥିତ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫୁଟ୍‌ବଲ ଲିଗ୍‌ରେ ଗୁରୁବାର ଇଲେଭେନ ଗନ୍ କ୍ଲବ ଓ ବିଡାନସୀ କ୍ଲବ ସହଜ ବିଜୟ ହାସଲ କରିଛନ୍ତି। ଲିଗ୍‌ର ୬୬ତମ ମ୍ୟାଚରେ ଇଲେଭେନ୍ ଗନ୍ କ୍ଲବ ୫-୦ ଗୋଲରେ ସି.ଆର୍. ଆର୍ ଆଇକୁ ପରାସ୍ତ କରିଛି। ଦଳ ତରଫରୁ ତପନ ବେହେରା (୨୮ତମ ଓ ୫୯ତମ ମିନିଟ୍) ଦୁଇ ଗୋଲ ସ୍କୋର କରିଥିବା ବେଳେ ପ୍ରଣବ କିଶୋର ପ୍ରଧାନ (୧୨ତମ), ସୁମିତ ଭୋଇ (୨୧) ଓ ଲଳିତ ପ୍ରସାଦ ନାୟକ(୫୧ତମ) ପ୍ରମୁଖ କୋଟିଏ ଲେଖାଏ ଗୋଲ ଦେଇଥିଲେ। ୬୭ତମ ମ୍ୟାଚ ଏକତରଫା ଭାବେ ଶେଷ ହୋଇଥିଲା। ଏଥିରେ ବିଡାନାସୀ କ୍ଲବ ୯-୦ରେ ରାଧାଗୋବିନ୍ଦ କ୍ଲବକୁ ହରାଇ



**ଫାଓ ଲିଗ୍**

ଦେଇଥିଲା। ଦଳ ପକ୍ଷରୁ ରାଜେଶ ନାୟକ (୨୮, ୫୨ ଓ ୫୬ତମ ମିନିଟ୍) ତିନୋଟି ଗୋଲ ସ୍କୋର କରି ହ୍ୟାଟ୍ରିକ କରିଥିଲେ। ମନୋଜ ଦାସ (୬୭ତମ ଓ ୮୦ତମ) ଓ ଚନ୍ଦ୍ରକାନ୍ତ ଦାସ (୪୪ତମ, ୬୪ତମ ମିନିଟ) ଦୁଇଟି ଲେଖାଏ ଗୋଲ ଦେଇଥିବା ବେଳେ ବୋରିଶ (ପ୍ରଥମ) ଓ ପ୍ରଫୁଲ୍ଲ ଲାକ୍ରା (୪୨ତମ) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ।

# ଆଇସିସି ଜାରି କଲା ଷ୍ଟାଣ୍ଡିଂ ଟିକେଟ

ଦୁବାଇ,୨୫।୮(ପି.ଟି)

ଆଇସିସି ଟି୨୦ ବିଶ୍ୱକପ୍‌କୁ ଆଉ କିଛି ମାସ ସମୟ ରହିଥିବା ବେଳେ ଭାରତ-ପାକିସ୍ତାନ ମୁକାବିଲା ପୁଣି ଥରେ ଚର୍ଚ୍ଚାକୁ ଆସିଛି। ଏହି ମ୍ୟାଚ୍ ପାଇଁ ଆଇସିସି ପକ୍ଷରୁ ଷ୍ଟାଣ୍ଡିଂ ରୁମ୍ ଟିକେଟ ରିଲିଜ୍ କରାଯାଇଛି। ଭାରତ-ପାକିସ୍ତାନ ମୁକାବିଲା ପାଇଁ ଟିକେଟ ଜାରି ହେବାର ୫ ମିନିଟ ମଧ୍ୟରେ ସମସ୍ତ ଟିକେଟ ବିକ୍ରି ହୋଇଯାଇଥିଲା। ଟିକେଟ ବିକ୍ରି ହୋଇଯିବା କାରଣରୁ ଆଇସିସି ପକ୍ଷରୁ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଛି। ଫେବୃଆରୀ ମାସରେ ବିଶ୍ୱକପ୍ ନିମନ୍ତେ ସାଧାରଣ ଟିକେଟ୍ ବିକ୍ରି କରାଯାଇଥିଲା। ଗୁରୁବାର ଷ୍ଟାଣ୍ଡିଂ ରୁମ୍ ଟିକେଟ ଜାରି କରାଯାଇଥିବା ବେଳେ ଏହାର ମୂଲ୍ୟ ୩୦ ଅଷ୍ଟ୍ରେଲିଆନ୍ ଡଲାର ଓ ଭାରତୀୟ ମୁଦ୍ରାରେ ୧୧୬୯ ଟଙ୍କା ରହିଛି। ଆଇସିସି ପକ୍ଷରୁ ୪ ହଜାର ଷ୍ଟାଣ୍ଡିଂ ଟିକଟ ଜାରି କରାଯାଇଛି। ଏହି ଟିକେଟ ଦ୍ୱାରା ଷ୍ଟାଡିୟମରେ ଛିଡା ହୋଇ ଖେଳ ଦେଖିବାର ମଜା ନେଇ ପାରିବେ ଦର୍ଶକ।

୨୩ ଅକ୍ଟୋବରରେ ଏହି ମହାମୁକାବିଲା ହେବ। ଅଧିକ ସଂଖ୍ୟାରେ ଫ୍ୟାନମାନଙ୍କୁ ସୁଯୋଗ ଦେବା ଲକ୍ଷ୍ୟରେ ଆଇସିସି ପକ୍ଷରୁ ଏହି ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏହା ବ୍ୟତୀତ ଅଳ୍ପ କିଛି ଟିକେଟ ଆଇସିସି ହସ୍ପିଟାଲିଟି ଓ ଆଇସିସି ଟ୍ରାଭେଲ ଆଣ୍ଡ ଟୁର୍‌ସ ପ୍ରୋଗ୍ରାମ ପାଇଁ ସଂରକ୍ଷିତ ରଖାଯାଇଛି। ଅକ୍ଟୋବର ୧୬ ତାରିଖରେ ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଯାଉଥିବା ବେଳେ ଏହା ପୂର୍ବରୁ ଏକ ରି-ସେଲ୍ ପ୍ଲାଟଫର୍ମ ଲଞ୍ଚ

**ଭାରତ-ପାକ୍ ଟି୨୦ ବିଶ୍ୱକପ୍ ମ୍ୟାଚ୍**

ମଧ କରାଯିବ। ବିଶ୍ୱର ଶ୍ରେଷ୍ଠ କ୍ରିକେଟରଙ୍କୁ ଆକ୍ସନରେ ଦେଖିବା ପାଇଁ ଆଇସିସି ଅଫିସିଆଲ ୱେବ୍‌ସାଇଟରେ ଟିକେଟ ବୁକ୍ କରିହେବ। ଶିଶୁଙ୍କ ପାଇଁ ଟିକେଟର ମୂଲ୍ୟ ୫ ଡଲାର ଓ ବୟସ୍କଙ୍କ ପାଇଁ ଟିକେଟ ମୂଲ୍ୟ ୨୦ ଡଲାର ରଖାଯାଇଛି। ଏହା ସହିତ ନଭେମ୍ବର ୧୩ରେ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଫାଇନାଲ ମ୍ୟାଚ୍ ପାଇଁ ମଧ୍ୟ ଟିକେଟ ଉପଲବ୍ଧ ରହିଛି।

# ଆଞ୍ଚଳିକ ଟାଏକୋଣ୍ଡୋ ଉଦ୍‌ଯାପିତ



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**ଭୁବନେଶ୍ୱର, ୨୫।୮ (ସ୍ପୋର୍ଟ୍ସ ବ୍ୟୁରୋ):** ଇଣ୍ଡିଆ ଟାଏକୋଣ୍ଡୋ ଆନୁକୂଲ୍ୟରେ ଆଞ୍ଚଳିକ ଟାଏକୋଣ୍ଡୋ ପ୍ରତିଯୋଗିତା ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ଟି ରାଜ୍ୟରୁ ସିନିୟର ବର୍ଗର ପୁରୁଷ ଓ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଆସାମ ପୋଲିସ ଚାମ୍ପିୟନ ଓ ପଞ୍ଜାବ ପୋଲିସ ରନର୍ସଅପ୍ ହୋଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ପଦ୍ମଶ୍ରୀ ଦିଲୀପ ତିର୍କୀ ଓ ମୋ ସ୍କୁଲ ଅଧ୍ୟକ୍ଷ ଆକାଶ ଦାସ ନାୟକ (ଅଭିନେତା) ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଓଡ଼ିଶା ଟାଏକୋଣ୍ଡୋ ଚେୟାରମ୍ୟାନ ଡ. ହରି ପ୍ରସାଦ ପଟ୍ଟନାୟକ, ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ଇଣ୍ଡିଆ ଟାଏକୋଣ୍ଡୋ ରେଫରି ଟେକ୍ନିକାଲ କମିଟି ଚେୟାରମ୍ୟାନ ଡ. ଥିରୁମାଲ, ଇଣ୍ଡିଆ ଟାଏକୋଣ୍ଡୋ ଅଫିସିଆଲ କିରଣ କୁମାର, ଓଡ଼ିଶା ଟାଏକୋଣ୍ଡୋ ସଭାପତି ସୁନ୍ଦରମଣି ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ଟାଏକୋଣ୍ଡ ସଂଘର ସମ୍ପାଦକ ଚିନ୍ମୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ଜନ୍ମଦିନ ଶୁଭେଚ୍ଛା**



**ସତ୍ୟମ ସାହୁ (ପିକୁଲ୍)**

ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭ କାମନା। ଭଗବାନ କରନ୍ତୁ, ତୁମ ଚଳାପଥ କୁସୁମିତ ହେଉ ...
ଶୁଭେଚ୍ଛା ସହ: ଅଜା, ଆଇ, ମାମୁ, ମାଇଁ, ବାବା, ମାମା, ଶୁଭମ, କୁନୁ, ପିକୁନ୍, ଶୁଭ, ପିନୁ, ରୋଜାଳିନୀ, ରୂପାଳୀ, ସାଇ।
ଧ-୬୭୪୨୪

**10th Happy Birthday**



**ଆଶୁତୋଷ ନାୟକ**

(ଖଳିସରା, ବଳରାମପ୍ରସାଦ, ନୟାଗଡ଼)
ଆଜି ତୁମର ଜନ୍ମବାର୍ଷିକୀରେ ପ୍ରଭୁ ଶ୍ରୀଜଗନ୍ନାଥ ତୁମ ଜୀବନରେ ସର୍ବଦା ସୁଖ, ଶାନ୍ତି ଭରିଦିଅନ୍ତୁ। ଶୁଭେଚ୍ଛା ସହ- ଚିକୁ, ଭବାନୀ, ମାମାଳି, ବାବୁନା ଓ ପରିବାରବର୍ଗ
ଧ-୭୩୮୬୨

# ଅର୍ଜୁନ ଏରିଗାସିଙ୍କୁ ଆବୁଧାବି ମାଷ୍ଟର୍ସ ଟାଇଟଲ

ଆବୁଧାବି, ୨୫।୮ (ପି.ଟି.)

ଭାରତୀୟ ଗ୍ରାଣ୍ଡମାଷ୍ଟର ଅର୍ଜୁନ ଏରିଗାଇସି ୨୮ତମ ଆବୁଧାବି ମାଷ୍ଟର୍ସ ଚେସ୍ ଟୁର୍ନାମେଣ୍ଟ ଜିତିଛନ୍ତି। ଗୁରୁବାର ସେ ସ୍ୱେନର ଡେଭିଡଥ ଆଷ୍ଟନ ଗାଇଜାରୋଙ୍କୁ ହରାଇ ଦେଇଛନ୍ତି। ୧୮ ବର୍ଷୀୟ ଭାରତୀୟ ଖେଳାଳି ୯ମ ତଥା ଫାଇନାଲ ରାଉଣ୍ଡରେ ସ୍ୱାନିଶ ଖେଳାଳିଙ୍କୁ ହରାଇ ମୋଟ ୭.୫ ପଏଣ୍ଟ ଅର୍ଜନ କରିଥିଲେ। ଅର୍ଜୁନ ସମସ୍ତ ୯ ରାଉଣ୍ଡ ଯାକ ଖେଳରେ ଅପରାଜିତ ରହିଥିଲେ। ଷ୍ଟାଣ୍ଡିଂରେ ସେ ଉଜ୍‌ବେକିସ୍ତାନର ଜାଭୋଖିର



ସିନ୍ଦାରୋଭଙ୍କଠାରୁ ଗୋଟିଏ ପଏଣ୍ଟ ଆଗରେ ରହିଥିଲେ। ସିନ୍ଦାରୋଭ ଅନ୍ୟପକ୍ଷରେ ଇରାନର ଏମ୍. ଅମିନ୍ ଟାବାଟାବେଇଙ୍କୁ ପରାସ୍ତ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି।

# ପୂର୍ବାଞ୍ଚଳ ଦଳରେ ଓଡ଼ିଶାରୁ ୨

**ଭୁବନେଶ୍ୱର, ୨୫।୮ (ସ୍ପୋର୍ଟ୍ସ ବ୍ୟୁରୋ):** ରାଞ୍ଚିସ୍ଥିତ ଜେଏସ୍‌ସିଏ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ କମ୍ପ୍ଲେକ୍ସଠାରେ ଗୁରୁବାର ପୂର୍ବାଞ୍ଚଳ ସିଲେକ୍ସନ କମିଟି ବୈଠକ ବସିଥିଲା। ଏଥିରେ ସେପ୍ଟେମ୍ବର ୫ରୁ ୨୫ ପର୍ଯ୍ୟନ୍ତ ଖେଳାଯିବାକୁଥିବା ୨୦୨୨-୨୩ ଦୁଲିପ ଟ୍ରଫି ପାଇଁ ପୂର୍ବାଞ୍ଚଳ କ୍ରିକେଟ ଦଳ ମନୋନୟନ କରାଯାଇଥିଲା। ଦଳରେ ଓଡ଼ିଶାର ଶାନ୍ତନୁ ମିଶ୍ର (ଓସିଏ) ସ୍ଥାନ ପାଇଛନ୍ତି। ରାଜେଶ ମହାନ୍ତି (ଓସିଏ)ଙ୍କୁ ଷ୍ଟାଣ୍ଡବାଇ ଖେଳାଳି ଭାବେ ମନୋନୀତ କରାଯାଇଛି। ବେଙ୍ଗଲ କ୍ରିକେଟ ଆସୋସିଏଶନର ମନୋଜ ତିୱାରୀ ପୂର୍ବାଞ୍ଚଳ ଦୁଲିପ



ରାଜେଶ ମହାନ୍ତି



ଶାନ୍ତନୁ ମିଶ୍ର

ଟ୍ରଫି ଟିମ୍‌ର ଅଧିନାୟକତ୍ୱ କରିବେ। ଝାଡ଼ଖଣ୍ଡ କ୍ରିକେଟ ଆସୋସିଏଶନର ବିରାଟ ସିଂଙ୍କୁ ଉପ ଅଧିନାୟକ କରାଯାଇଛି।

# କଟକ 'ଏ', ଇକୋର୍ସାର ବୃହତ୍ ବିଜୟ

ଭୁବନେଶ୍ୱର,୨୫।୮ (ସ୍ପୋର୍ଟ୍ସ ବ୍ୟୁରୋ)

କଳାହାଣ୍ଡି କପ୍ ୨୦୨୨ରେ ଗୁରୁବାର ୫ଟି ମ୍ୟାଚ୍ ଖେଳାଯାଇଛି। କଟକ 'ଏ', ଇକୋର୍ସା, ବାଲେଶ୍ୱର, ଓଡ଼ିଶା ବ୍ଲୁ ଏବଂ ଓଡ଼ିଶା ଗ୍ରୀନ୍ ନିଜ ନିଜ ମୁକାବିଲାରେ ବିଜୟ ହାସଲ କରିଛନ୍ତି। କଟକ ଏ ପକ୍ଷରୁ ସୌଭାଗ୍ୟ ମିଶ୍ର ଅପରାଜିତ ୯୮ ରନ୍ ସଂଗ୍ରହ କରିଥିବା ବେଳେ ବାଲେଶ୍ୱର ପକ୍ଷରୁ ନୌତମ ଭଞ୍ଜ(୪୧ ରନ୍ ଓ ୨୯/୩)ଙ୍କ ଅଲରାଉଣ୍ଡ ସଫଳତା ଦିନର ହାଇଲାଇଟ ରହିଥିଲା। ଏହା ବ୍ୟତିତ ଇକୋର୍ସା ପକ୍ଷରୁ ଅଙ୍କିତ ଯାଦବ (୬୮*) ଓ ଓଡ଼ିଶା ଗ୍ରୀନ୍ ପକ୍ଷରୁ ଓମ୍ ଟି. ମୁଣ୍ଡେ (୭୫*) ଆକର୍ଷଣୀୟ ବ୍ୟାଟିଂ କରିଥିଲେ।

କଟକ ଏ ବନାମ ଓଡ଼ିଶା ରେଡ୍ : କଟକ ଏ ଓ ଓଡ଼ିଶା ରେଡ୍ ମଧ୍ୟରେ ରେଭେନ୍ସା ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ମ୍ୟାଚ୍‌କୁ ୪୮ ରନରେ ଜିତି ନେଇଛି କଟକ। ଟସ ଜିତିପ୍ରଥମେ ବ୍ୟାଟିଂ କରି କଟକ ନିର୍ଦ୍ଧାରିତ ଓଭରରେ ୩ ଉଇକେଟରେ ୧୬୪ ରନ କରିଥିଲା। ସୌଭାଗ୍ୟ ମହାପାତ୍ର ୬୨ ବଲରୁ ଅପରାଜିତ ୯୮ ରନ ସଂଗ୍ରହ କରିଥିବା ବେଳେ ବିପ୍ଳବ ସାମନ୍ତରାୟ ୩୬ ରନ ସଂଗ୍ରହ କରିଥିଲେ। ଶିବାଶିଷ ସାହୁ, ଅବଦୁଲ୍ ଏମ୍ ଖାନ୍ ଓ ଚିନ୍ମୟ ବିଶ୍ୱାଳ ପ୍ରତ୍ୟେକ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ରେଡ ନିର୍ଦ୍ଧାରିତ ଓଭରରେ



ଓମ୍ ଟି. ମୁଣ୍ଡେ



ନୌତମ ଭଞ୍ଜ



ସୌଭାଗ୍ୟ ମିଶ୍ର



ଅଙ୍କିତ ଯାଦବ



ପ୍ରବୀଣ କୁମାର ଲୁହା

୭ ଉଇକେଟ ହରାଇ ୧୧୬ ରନ କରିଥିଲା। ଦେବେନ୍ଦ୍ର ଅପରାଜିତ ୨୩ ଓ ରାକେଶ ଗୋଚ୍ଛାୟତ ୨୨ ରନ୍ କରିଥିଲେ। ଜାମଳ ବି. ମହାପାତ୍ର ୨୪ ରନରେ ୩ଟି ଏବଂ ସୁନୀଲ ରାଉଳ ୧୭ ରନରେ ଗୋଟିଏ ଉଇକେଟ ନେଇଥିଲେ।

ଭଦ୍ରକ ବନାମ ଇକୋର୍ସା:ସନ୍‌ସାଇନ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମୁକାବିଲାରେ ଇକୋର୍ସା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଅଙ୍କିତ ଯାଦବଙ୍କ ଅପରାଜିତ ୬୮ ଏବଂ ଦୁଷ୍ମନ୍ତଙ୍କ ଅପରାଜିତ ୫୩ ରନ୍ ବଳରେ ଦଳ ୫ ଉଇକେଟ ବିନିମୟରେ ୧୮୬ ରନ୍ କରିଥିଲା। ଅବିନାଶ ସିଂ ଓ ନିହାର ଭୂୟାଁ ଦୁଇଟି ଲେଖାଏଁ ଉଇକେଟ ନେଇଥିଲେ। ୧୮୭ ରନର ପିଛା କରୁଥିବା ଭଦ୍ରକ ୫୫ରନରେ ହାରି ଯାଇଥିଲା। ଜ୍ୟୋତିରଞ୍ଜନ (୩୩) ଓ ଜିତେନ୍ଦ୍ର ଭୋଇ(୨୮)

**କଳାହାଣ୍ଡି କପ୍**

ରନ୍ ସଂଗ୍ରହ କରିଥିଲେ। ଇକୋର୍ସା ପକ୍ଷରୁ ସୂର୍ଯ୍ୟକାନ୍ତ ପ୍ରଧାନ ଓ ମଳୟ କୁମାର ଜେନା ଦୁଇଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ।

ବାଲେଶ୍ୱର ବନାମ ଝାରସୁଗୁଡା: ସନସାଇନ୍ ଗ୍ରାଉଣ୍ଡରେ ବାଲେଶ୍ୱର ଓ ଝାରସୁଗୁଡା ମଧ୍ୟରେ ଖେଳାଯାଇଥିବା ମୁକାବିଲାକୁ ବାଲେଶ୍ୱର ୧୫ ରନରେ ଜିତି ନେଇଛି। ଟସ୍ ଜିତି ଝାରସୁଗୁଡା ବୋଲିଂ କରିଥିବା ବେଳେ ୧୯.୫ ଓଭରରେ ବାଲେଶ୍ୱରକୁ ୧୫୪ରେ ସୀମିତ ରଖିଥିଲା। ନୌତମ ଭଞ୍ଜ ସର୍ବାଧିକ ୪୧ ରନ କରିଥିବା ବେଳେ ନିର୍ବିଶଙ୍କର ୩୫ ଓ ଆଶୁତୋଷ ୨୧ ରନ କରିଥିଲେ। ଜବାବରେ ଝାରସୁଗୁଡା ୧୯.୪ ଓଭରରେ ୧୩୯ ରନରେ ସମସ୍ତ ଉଇକେଟ ହରାଇଥିଲା। ସନ୍ତୋଷ ଯାଦବ ୪୦ ଓ ସାଗର ରାଉତ ୨୮ ରନ କରିଥିବା ବେଳେ ସର୍ବେଶ୍ୱର ମହାନ୍ତି ଓ ନୌତମ ଭଞ୍ଜ ୩ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ।

ଓଡ଼ିଶା ବ୍ଲୁ ବନାମ ଓଡ଼ିଶା ପିଙ୍କ: ବିଡାନାସୀ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି କଡା ସଂଘର୍ଷପୂର୍ଣ୍ଣ ମ୍ୟାଚକୁ ୨ ରନରେ ଜିତି ନେଇଥିଲା ଓଡ଼ିଶା ବ୍ଲୁ। ଲୋ ସ୍କୋରିଂ ମ୍ୟାଚରେ ବ୍ଲୁ ଦଳ ଟସ୍ ଜିତି ବ୍ୟାଟିଂ କରିଥିଲା। ପ୍ରବୀଣ କୁମାର ଲୁହାଙ୍କ ଅପରାଜିତ ୪୩ ଓ ଗୌରବଙ୍କ ୨୨ ରନ୍ ବଳରେ ଦଳ ୫/୧୨୭ରେ ସୀମିତ ରହିଥିଲା। ଜବାବରେ ଓଡ଼ିଶା ପିଙ୍କ ନିର୍ଦ୍ଧାରିତ ଓଭରରେ ୯ ଉଇକେଟରେ ୧୨୫ ରନ କରିଥିଲା। ରୋନାଲ୍ଡ ବି. ସିଂ ସର୍ବାଧିକ ୪୩ ରନ କରିଥିବା ବେଳେ ଟୁକୁନା ସାହୁ, ରମେଶ ବେହେରା ଓ ମିଳନ ସାମଲ ପ୍ରତ୍ୟେକ ଦୁଇଟି ଲେଖାଏଁ ଉଇକେଟ ନେଇଥିଲେ।

ଓଡ଼ିଶା ଗ୍ରୀନ୍ ବନାମ ଓଡ଼ିଶା ଅରେଞ୍ଜ: ବିଡାନାସୀ ଗ୍ରାଉଣ୍ଡରେ ଖେଳାଯାଇଥିବା ଦ୍ୱିତୀୟ ମୁକାବିଲାକୁ ୮ ଉଇକେଟରେ ଜିତି ନେଇଛି ଓଡ଼ିଶା ଗ୍ରୀନ୍। ଟସ୍ ଜିତି ଅରେଞ୍ଜ ଦଳ ପ୍ରଥମେ ବ୍ୟାଟିଂ କରିଥିଲା। ବିକାଶ ରାଉତଙ୍କ ୫୨ ରନ ବଳରେ ଦଳ ୯ ଉଇକେଟ ହରାଇ ୧୨୨ ରନ କରିଥିଲା। ଚପଳ ଗଣେଷ ୩ଟି ଓ ସୁଜିତ ବାରିକ ୨ଟି ଉଇକେଟ ସହିତ ବିପର୍ଯ୍ୟୟ ଘଟାଇଥିଲେ। ଜବାବରେ ଓମ୍ ଟି. ମୁଣ୍ଡେଙ୍କ ଅପରାଜିତ ୭୫ ରନ ବଳରେ ଦଳ ଦୁଇ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଗୋବିନ୍ଦ ତାଣ୍ଡିଆ ଓ ସୁମିତ ମହାରଣା ପ୍ରତ୍ୟେକ ଗୋଟିଏ ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 13,000.00 | 25,000.00 | 20,000.00 | 40,000.00 |

Best Nutraceuticals And Ayurvedic Product Company In India Atulya Medilink Pvt. Ltd. Invites You For
PCD, Franchisee And Third-party manufacturing Business Opportunity Monopoly Based Right best Quality Production Time Delivery All Over India
Call us: +919211724091 (Domestic), +91885180014 (For Export Enquiry)
Corporate Address: 604, 6th Floor Ring Road Mall, Rohini Sector-3, Delhi-110085
Email: info.atulyamedilink@gmail.com
Website: www.atulyamedilinkpvtltd.com

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ନିର୍ମଳ କୁମାର ମିଶ୍ର

ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୨ତମ ସଂସ୍କରଣ ନିକଟରେ ବର୍ମିଂହାମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥର ପ୍ରତିଯୋଗିତାରୁ ଶୁଟିଂ ଇଭେଣ୍ଟ ବାଦ୍ ପଡ଼ିଥିଲେ ହେଁ ଦମ୍ ଦେଖାଇଛି ଭାରତ। ୨୨ ସ୍ୱର୍ଣ୍ଣ ସହ ପଦକ ତାଲିକାର ୪ର୍ଥ ସ୍ଥାନ ଅଧିକାର କରିଛି। ଟେବୁଲ ଟେନିସ୍ ତାରକା ଅଚନ୍ତ ଶରଥ କମଲ ଏକାକୀ ୩ ସ୍ୱର୍ଣ୍ଣ ସହ ମୋଟ ୪ଟି ପଦକ ହାସଲ କରି ଭାରତର ସବୁଠାରୁ ସଫଳ ଖେଳାଳି ବିବେଚିତ ହୋଇଛନ୍ତି...

# ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଭାରତ



ପି.ଭି. ସିନ୍ଧୁ



ଅଚନ୍ତ ଶରଥ କମଲ



ବଜରଙ୍ଗ ପୁନିଆ

ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଖେଳକୁଦ ପ୍ରତିଯୋଗିତା ହେଉଛି ରାଜ୍ୟଗୋଷ୍ଠୀ କ୍ରୀଡ଼ା। ବିଶ୍ୱସ୍ତରରେ ଯୁବ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଲାଗି ଏହା ଏକ ବଡ଼ ପ୍ଲାଟ୍‌ଫର୍ମ। ଇଂଲଣ୍ଡର ବର୍ମିଂହାମଠାରେ ଜୁଲାଇ ୨୮ରୁ ଆରମ୍ଭ ହୋଇ ଏହା ଅଗଷ୍ଟ ୮ରେ ଉଦ୍‌ଯାପିତ ହୋଇଛି। ବର୍ମିଂହାମର ଆଲେକ୍‌ଜାଣ୍ଡର ଷ୍ଟାଡିୟମ ଏହାର ମୁଖ୍ୟ ଭେନ୍ୟୁ ରହିଥିବା ବେଳେ ୭୨ଟି ରାଜ୍ୟଗୋଷ୍ଠୀ ଦେଶରୁ ୫ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏହି ମେଗା ପ୍ରତିଯୋଗିତାରେ ଭାଗ ନେଇଥିଲେ। ଇଂଲଣ୍ଡ ତୃତୀୟଥର ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ଆୟୋଜନ କରିଥିଲା। ଏହା ପ୍ରଥମେ ଦକ୍ଷିଣ ଆଫ୍ରିକାର ଡର୍ବାନ ସହରରେ ହେବ ବୋଲି ରାଜ୍ୟଗୋଷ୍ଠୀ କ୍ରୀଡ଼ା ସଂଘ ସଭାପତି ଲୁଇସ୍ ମାର୍ଟିନ ଘୋଷଣା କରିଥିଲେ। ମାତ୍ର ଆର୍ଥିକ ସମସ୍ୟା ଏବଂ କରୋନା ମହାମାରୀ ପାଇଁ ଶେଷ ମୁହୂର୍ତ୍ତରେ ଦକ୍ଷିଣ ଆଫ୍ରିକା ଓହରିଯିବା ପରେ ଇଂଲଣ୍ଡକୁ ଆୟୋଜନ ପାଇଁ ଅନୁମତି ମିଳିଥିଲା। ପ୍ରଥମଥର ଲାଗି ଏହି ପ୍ରତିଯୋଗିତାରେ ସର୍ବାଧିକ ୭୨ଟି ସଦସ୍ୟ ଦେଶ ଭାଗ ନେଇଥିବା ବେଳେ ମହିଳା ଇଭେଣ୍ଟ ସଂଖ୍ୟା ଅନ୍ୟ ସଂସ୍କରଣ ତୁଳନାରେ ଅଧିକ ରହିଥିଲା।

ପ୍ରତିଯୋଗିତାର ପୂର୍ବ ସଂସ୍କରଣ ଅଷ୍ଟ୍ରେଲିଆର ଗୋଲ୍ଡକୋଷ୍ଟଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତ ମୋଟ ୬୬ଟି (୨୬ ସ୍ୱର୍ଣ୍ଣ , ୨୦ ରୌପ୍ୟ ଏବଂ ୨୦ ବ୍ରୋଞ୍ଜ) ପଦକ ହାସଲ କରିଥିଲା। ଫଳରେ ପଦକ ତାଲିକାର ୩ୟ ସ୍ଥାନରେ ରହିଥିଲା। ସେଠାରେ ଶୁଟିଂରେ ଭାରତର ସଫଳତା ବେଶ୍ ଉତ୍ସାହପ୍ରଦ ରହିଥିଲା। ୧୯୫୪ ଭାଙ୍କୋଭର ପ୍ରତିଯୋଗିତାଠାରୁ ୨୦୨୨ ବର୍ମିଂହାମ ପର୍ଯ୍ୟନ୍ତ ୧୬ଥର ଏହି ବିଶ୍ୱସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଭାଗ ନେଇଥିବା ଭାରତ ଏଥର ମୋଟ ୬୧ଟି ପଦକ ସହ ତାଲିକାର ୪ର୍ଥ ସ୍ଥାନରେ ରହିଥିଲା। ଏହା ମଧ୍ୟରେ ୨୨ ସ୍ୱର୍ଣ୍ଣ, ୧୬ ରୌପ୍ୟ ଏବଂ ୨୩ ବ୍ରୋଞ୍ଜ ପଦକ ସାମିଲ ଥିଲା। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ଅଷ୍ଟ୍ରେଲିଆ ପଛକୁ ଭାରତ ଶୁଟିଂ ଇଭେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ କରି ୧୩୫ଟି ପଦକ ହାସଲ କରିଛି। ସେଥିମଧ୍ୟରେ ରହିଛି ୬୩ ସ୍ୱର୍ଣ୍ଣ ପଦକ। ମାତ୍ର ବର୍ମିଂହାମ ଗେମ୍ସରେ ଶୁଟିଂ ଇଭେଣ୍ଟ ବାଦ୍ ପଡିଥିବାରୁ ଭାରତକୁ ନିରାଶ ହେବାକୁ ପଡ଼ିଛି।

ବର୍ମିଂହାମ୍ କ୍ରୀଡ଼ାରେ ଅଷ୍ଟ୍ରେଲିଆ ୬୭ ସ୍ୱର୍ଣ୍ଣ, ୫୭ ରୌପ୍ୟ ଓ ୫୪ ବ୍ରୋଞ୍ଜ ସହ ମୋଟ ୧୭୮ଟି ପଦକ ପାଇ ଟେବୁଲ ଶୀର୍ଷରେ ରହିଥିଲା। ଦ୍ୱିତୀୟ ସ୍ଥାନରେ ଥିବା ଇଂଲଣ୍ଡ ୫୭ ସ୍ୱର୍ଣ୍ଣ, ୬୬ ରୌପ୍ୟ ଓ ୫୩ ବ୍ରୋଞ୍ଜ ଏବଂ କାନାଡା ୨୬ ସ୍ୱର୍ଣ୍ଣ, ୩୨ ରୌପ୍ୟ ଓ ୩୪ ବ୍ରୋଞ୍ଜ ପଦକ ସହ ୩ୟ ସ୍ଥାନରେ ରହିଥିଲା। ଶୁଟିଂ ବାଦ୍ ପଡ଼ିଥିବାରୁ ଭାରତୀୟ ପ୍ରତିଯୋଗୀମାନେ ବ୍ୟାଡ୍‌ମିଣ୍ଟନ, ରେସ୍‌ଲିଂ, ବକ୍ସିଂ ଏବଂ ଭାରୋତ୍ତୋଳନରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା ରଖାଯାଇଥିଲା। ଏହି ଇଭେଣ୍ଟଗୁଡ଼ିକରେ ଆଶାନୁରୂପ ସଫଳତା ମଧ୍ୟ ମିଳିଥିଲା। ରବି କୁମାର ଦାହିଆ, ବଜରଙ୍ଗ ପୁନିଆ, ସାକ୍ଷୀ ମଲ୍ଲିକ, ପି.ଭି. ସିନ୍ଧୁ, ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ କିଡ଼ାମ୍ବି ଶ୍ରୀକାନ୍ତ ଏବଂ ଲକ୍ଷ୍ୟ ସେନ୍ ପ୍ରମୁଖ ପ୍ରଭାବୀ ପ୍ରଦର୍ଶନ କରିଥିଲେ।

୨୦୧୦ ନୂଆଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ମୋଟ ୧୦୧ ପଦକ ହାସଲ କରି ତାଲିକାରେ ୨ୟ ସ୍ଥାନ ଅଧିକାର କରିଥିଲା। ଭାରତ ହାସଲ କରିଥିବା ମୋଟ ୩୮ଟି ସ୍ୱର୍ଣ୍ଣ ମଧ୍ୟରୁ ୧୪ଟି କେବଳ ଶୁଟିଂ ଇଭେଣ୍ଟରୁ ଆସିଥିଲା। ଏହା ଥିଲା ଭାରତର ସବୁଠାରୁ ଭଲ ପ୍ରଦର୍ଶନ। ପ୍ରଥମଥର ପାଇଁ ଭାରତ ୧୦୦ରୁ ଊର୍ଦ୍ଧ୍ୱ ମେଡାଲ ହାସଲ କରିଥିଲା। ବର୍ମିଂହାମରେ ଭାରତ ୱେଟ୍‌ଲିଫ୍ଟିଙ୍ଗ୍‌ରେ ୩, ରେସ୍‌ଲିଂରେ ୬, ବକ୍ସିଂରେ ୩, ଟେବୁଲ ଟେନିସ୍‌ରେ ୪, ବ୍ୟାଡ୍‌ମିଣ୍ଟନରେ ୩ ଏବଂ ପାରା ପାୱାର ଲିଫ୍‌ଟିଙ୍ଗ୍, ଆଥ୍‌ଲେଟିକ୍ସ ଏବଂ ଲନ୍ ବୋଲ୍ସରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଟୋକିଓ ଅଲିମ୍ପିକ୍ସର ହିରୋ ନିରଜ ଚୋପ୍ରା ଜାଭେଲିନ୍ ଥ୍ରୋରେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଜିତିବା ନିଶ୍ଚିତ ମନେ ହେଉଥିବାବେଳେ ଆଘାତ ସମସ୍ୟା ଯୋଗୁ ଶେଷ ମୁହୂର୍ତ୍ତରେ ସେ ଓହରି ଯାଇଥିଲେ। ସ୍କ୍ୱାଶ୍ ପ୍ରତିଯୋଗିତାରେ ୧୪ ବର୍ଷୀୟା ଅନହତ ସିଂଙ୍କ ଉପରେ ସମସ୍ତଙ୍କ ନଜର ରହିଥିଲା। ଆଗକୁ ତାଙ୍କର ଭଲ ପ୍ରଦର୍ଶନ ନିଶ୍ଚୟ ଅବ୍ୟାହତ ରହିବ। ୧୦୬ ଭାରତୀୟ ପୁରୁଷ ଏବଂ ୧୦୪ ଜଣ ମହିଳା କ୍ରୀଡ଼ାବିତ୍ ଏହି ମେଗା ଇଭେଣ୍ଟର ୧୬ଟି ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।

ହକି ଖେଳାଳି ମନପ୍ରୀତ୍ ସିଂ ଏବଂ ଅଲିମ୍ପିଆନ୍ ପି.ଭି. ସିନ୍ଧୁ ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ ତ୍ରିରଙ୍ଗାଧାରୀ ହୋଇଥିଲେ। ୧୪ ବର୍ଷୀୟା ସ୍କ୍ୱାଶ୍ ଖେଳାଳି ସର୍ବକନିଷ୍ଠ ଏବଂ ୪୫ ବର୍ଷୀୟ ଲନ୍ ବୋଲ୍ସ ଖେଳାଳି ସୁନୀଲ ବାହାଦୁର ବୟସ୍କ ଖେଳାଳି ରୂପେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ୱେଟ୍‌ଲିଫ୍‌ଟିଙ୍ଗ୍‌ରେ ସଙ୍କେତ ସରଗର ଭାରତକୁ ପ୍ରଥମ ରୌପ୍ୟ ପଦକ ପ୍ରଦାନ କରିଥିବା ବେଳେ ମୀରାବାଇ ଚାନୁ ସ୍ୱର୍ଣ୍ଣିମ ସଫଳତା ଦେଇଥିଲେ। ଲନ ବୋଲ୍ସ ପ୍ରତିଯୋଗିତାରେ ଭାରତ ତା'ର ପ୍ରଥମ ସ୍ୱର୍ଣ୍ଣ ପଦକ ପାଇଥିଲା। ଟେବୁଲ ଟେନିସ୍‌ରେ ଅଚନ୍ତ ଶରଥ କମଲ (୩ ସ୍ୱର୍ଣ୍ଣ ଏବଂ ୧ ରୌପ୍ୟ) ସର୍ବାଧିକ ପଦକ ପାଇଥିଲେ।

ସୁଧୀର, ବଜରଙ୍ଗ ପୁନିଆ, ସାକ୍ଷୀ ମଲ୍ଲିକ, ଦୀପକ ପୁନିଆ, ରବି କୁମାର ଦାହିଆ, ଭିନେଶ ଫୋଗତ, ପି.ଭି. ସିନ୍ଧୁ, ଲକ୍ଷ୍ୟ ସେନ୍, ଅମିତ୍ ପଙ୍ଗାଲଙ୍କ ପରି ବିଶ୍ୱସ୍ତରୀୟ ଆଥଲେଟ୍‌ଙ୍କ ପ୍ରଦର୍ଶନକୁ ଦେଖିଲେ ଆମ ଦେଶ ଯେ କ୍ରୀଡ଼ାକ୍ଷେତ୍ରରେ ଭବିଷ୍ୟତରେ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଛି, ଏଥିରେ ଦ୍ୱିମତ ନାହିଁ। ୨୦୨୬ରେ ଭିକ୍ଟୋରିଆରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ଆହୁରି ଭଲ ପ୍ରଦର୍ଶନ କରିବାର ଆଶା କରାଯାଏ।

## କେଉଁ ଇଭେଣ୍ଟରୁ କେତେ ପଦକ

| କ୍ରୀଡ଼ା | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ରେସ୍‌ଲିଂ | ୬ | ୧ | ୫ | ୧୨ |
| ଟେବୁଲ ଟେନିସ୍ | ୪ | ୧ | ୨ | ୭ |
| ଭାରୋତ୍ତୋଳନ | ୩ | ୩ | ୪ | ୧୦ |
| ବକ୍ସିଂ | ୩ | ୧ | ୩ | ୭ |
| ବ୍ୟାଡ୍‌ମିଣ୍ଟନ | ୩ | ୧ | ୨ | ୬ |
| ଆଥ୍‌ଲେଟିକ୍ସ | ୧ | ୪ | ୩ | ୮ |
| ଲନ୍ ବୋଲ୍ସ | ୧ | ୧ | ୦ | ୨ |
| ପାରା ପାୱାର ଲିଫ୍‌ଟିଂ | ୧ | ୦ | ୦ | ୧ |
| ଜୁଡୋ | ୦ | ୨ | ୧ | ୩ |
| ହକି | ୦ | ୧ | ୧ | ୨ |
| କ୍ରିକେଟ | ୦ | ୧ | ୦ | ୧ |
| ସ୍କ୍ୱାଶ୍ | ୦ | ୦ | ୨ | ୨ |
| ମୋଟ | ୨୨ | ୧୬ | ୨୩ | ୬୧ |

**ଏସିଆ କପ୍ କ୍ରିକେଟ**

# ଭାରତ-ପାକିସ୍ତାନ ମ୍ୟାଚ୍ ଉପରେ ନଜର

**ଏସିଆ କପ୍‌ର ଉଦ୍‌ଘାଟନୀ ମ୍ୟାଚ୍ ଯଦିଓ ଆଫଗାନିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ହେବ ତେବେ ୨୮ ତାରିଖରେ ହେବାକୁଥିବା ଭାରତ-ପାକିସ୍ତାନ ମ୍ୟାଚ୍ ଉପରେ ସମସ୍ତଙ୍କ ନଜର ରହିବ।**

ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ୧୫ତମ ସଂସ୍କରଣ ୟୁନାଇଟେଡ୍ ଆରବ ଏମିରେଟ୍ସରେ ଆରମ୍ଭ ହେବାକୁ ଯାଉଛି। ଅଗଷ୍ଟ ୨୭ରୁ ଏହା ଆରମ୍ଭ ହୋଇ ସେପ୍ଟେମ୍ବର ୧୧ ପର୍ଯ୍ୟନ୍ତ ଚାଲିବ। ଏସିଆ ମହାଦେଶର ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଗ୍ରୁପ୍ 'ଏ'ରେ ଭାରତ, ପାକିସ୍ତାନ, ହଂକଂ ଏବଂ ଗ୍ରୁପ୍ 'ବି'ରେ ଆଫଗାନିସ୍ତାନ, ଶ୍ରୀଲଙ୍କା ଓ ବାଂଲାଦେଶ ସ୍ଥାନ ପାଇଛି। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ଯଦିଓ ୨୭ ତାରିଖରେ ଆଫଗାନିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ହେବ ତେବେ ୨୮ ତାରିଖରେ ହେବାକୁ ଥିବା ଭାରତ-ପାକିସ୍ତାନ ମ୍ୟାଚ ଉପରେ ସମସ୍ତଙ୍କ ନଜର ରହିଛି। ରାଜନୈତିକ କାରଣରୁ ଉଭୟ ଦଳ ପରସ୍ପର ସହିତ ଦ୍ୱିପାକ୍ଷିକ ସିରିଜ ଖେଳୁ ନ ଥିବାରୁ ଆଇସିସି ଇଭେଣ୍ଟଗୁଡ଼ିକ ସ୍ୱତଃ ଆକର୍ଷଣୀୟ ହେବାରେ ଲାଗିଛି। ଉଭୟ ଦଳ ସେମାନଙ୍କ ପ୍ରମୁଖ ପେସ୍ ବୋଲରଙ୍କ ବିନା ଖେଳିବେ। ଯଶପ୍ରୀତ୍ ବୁମ୍‌ରା ଓ ଶାହିନ୍ ଆଫ୍ରିଦୀ ଆହତ ହୋଇ ବାଦ୍ ପଡ଼ିଥିବାରୁ ଆଗାମୀ ମ୍ୟାଚ୍‌ରେ ନଜରରେ ରହିବାକୁଥିବା କେତେକ ଖେଳାଳିଙ୍କୁ ନେଇ ଏହି ଉପସ୍ଥାପନା...



ଭୁବନେଶ୍ୱର କୁମାର



ବାବର ଆଜମ

**କୋହଲି ବନାମ ଉସ୍‌ମାନ କାଦିର**

ଭାରତୀୟ ଦଳର ଷ୍ଟାର ବ୍ୟାଟର ତଥା ପୂର୍ବତନ ଅଧିନାୟକ ବିରାଟ କୋହଲି ଖରାପ ଫର୍ମ ଦେଇ ଗତି କରୁଛନ୍ତି। ତେବେ ବିରାଟଙ୍କୁ ଆଦୌ ହେୟ ମନେକରିବ ନାହିଁ ପାକିସ୍ତାନ। ଭାରତ ପାକିସ୍ତାନ ମଧ୍ୟରେ ୯ଟି ଟି୨୦ ମ୍ୟାଚ୍ ଖେଳାଯାଇଥିବା ବେଳେ ଟିମ୍ ଇଣ୍ଡିଆ ୬-୨ରେ ଆଗୁଆ ରହିଛି। ଏହା ମଧ୍ୟରୁ କୋହଲି ୭ଟି ମ୍ୟାଚ୍‌ରେ ଖେଳି ୩ଟି ଅର୍ଦ୍ଧଶତକ ସହ ୩୧୧ ରନ୍ କରିଛନ୍ତି। କୋହଲିଙ୍କ ଆଭରେଜ୍ ୭୭.୭୫ ରହିଥିବା ବେଳେ ଷ୍ଟ୍ରାଇକ୍ ରେଟ୍ ରହିଛି ୧୧୮.୨୫। ରବିବାରର ମ୍ୟାଚ୍ କୋହଲିଙ୍କ ଶତକୀୟ ମୁକାବିଲା ହେବ। ଅଦ୍ୟାବଧି ଟି୨୦ ଶତକ ହାସଲ କରି ନ ଥିବା କୋହଲିଙ୍କ ପାଇଁ ଶତକ ହାସଲର ଏହା ଏକ ବଢ଼ିଆ ସୁଯୋଗ। ତେବେ କୋହଲିଙ୍କ ରାସ୍ତାରେ ବାଧା ସୃଷ୍ଟି କରିପାରନ୍ତି ପାକିସ୍ତାନୀ ଲେଗ୍‌ସ୍ପିନର ଉସ୍‌ମାନ କାଦିର। ଅବ୍‌ଦୁଲ କାଦିରଙ୍କ ପୁଅ ଉସ୍‌ମାନ ୧୮ଟି ମ୍ୟାଚ୍‌ରୁ ୨୪ଟି ଉଇକେଟ ନେଇଛନ୍ତି। ପୂର୍ବରୁ ଅନେକ ଇନିଂସ୍‌ରେ ଲେଗ୍ ସ୍ପିନରଙ୍କ ବିରୋଧରେ କୋହଲି ଅସହଜ ମନେହେବାର ନଜିର ରହିଛି। କୋହଲିଙ୍କୁ ଆଉଟ କରିବାକୁ ଲେଗ୍ ସ୍ପିନ୍ ପ୍ରମୁଖ ଅସ୍ତ୍ର ବୋଲି ପୂର୍ବରୁ କହିଥିଲେ ଅଷ୍ଟ୍ରେଲୀୟ ଲେଗ୍‌ସ୍ପିନର ଆଡାମ୍ ଜାମ୍ପା।

**ରୋହିତ ବନାମ ନଶିମ୍**

ଏସିଆ କପ୍‌ରେ ଭାରତ ଡିଫେଣ୍ଡିଂ ଚାମ୍ପିୟନ ଭାବରେ ଖେଳିବ। ଅଧିନାୟକ ରୋହିତ ଶର୍ମା ଟି୨୦ରେ ଜଣେ ମ୍ୟାଚ୍‌ୱିନର। ଟି୨୦ରେ ୪ ଶତକ ସହ ବିଶ୍ୱର ଅନ୍ୟ ସମସ୍ତ ବ୍ୟାଟରଙ୍କୁ ଏହି ତାଲିକାରେ ପଛରେ ପକାଇଛନ୍ତି ଭାରତୀୟ ଅଧିନାୟକ। ତେବେ ପାକିସ୍ତାନ ବିପକ୍ଷରେ ସେ ୩୦ ରନ୍‌ର ସର୍ବାଧିକ ସ୍କୋର ସହିତ ୮ ମ୍ୟାଚ୍‌ରୁ ମାତ୍ର ୭୦ ରନ୍ କରିଛନ୍ତି। ଏହି ପରିସଂଖ୍ୟାନକୁ ରୋହିତ ପରିବର୍ତ୍ତନ କରିବାକୁ ଚାହିଁବେ। ତେବେ ପାକିସ୍ତାନୀ ସ୍ୱିଙ୍ଗ୍‌ଷ୍ଟର ନଶିମ୍ ଶାହଙ୍କ ବିପକ୍ଷରେ ତାଙ୍କୁ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ଉପଯୁକ୍ତ ଫୁଟ୍‌ୱାର୍କ ବ୍ୟବହାର ନ କଲେ ନଶିମ୍‌ଙ୍କ ବିପକ୍ଷରେ ସମସ୍ୟାରେ ପଡ଼ିପାରନ୍ତି ଏହି ଭାରତୀୟ ଓପନର। ଭାରତ ବିପକ୍ଷରେ ପ୍ରଥମଥର ନଶିମ୍ ଖେଳିବେ। ଡେବ୍ୟୁ ସ୍ମରଣୀୟ କରିବାକୁ ସେ ନିଶ୍ଚିତ ଚାହିଁବେ।

**ସୂର୍ଯ୍ୟକୁମାର ବନାମ ହରିଶ୍ ରୌଫ୍**

ବର୍ତ୍ତମାନ ଭାରତୀୟ ଟି୨୦ ଟପ୍ ଅର୍ଡରର ପ୍ରମୁଖ ଅଙ୍ଗ ପାଲଟିଥିବା ସୂର୍ଯ୍ୟକୁମାର ଯାଦବ ଟି୨୦ରେ ଶତକ ହାସଲ କରିଥିବା ୪ ଭାରତୀୟଙ୍କ ମଧ୍ୟରେ ନିଜ ନାମ ସାମିଲ କରିଛନ୍ତି। ପଡିଆର ଚତୁର୍ଦ୍ଦିଗକୁ ଶଟ୍ ଖେଳୁଥିବା ସୂର୍ଯ୍ୟ ନିଜର ୩୬୦ ଡିଗ୍ରୀ ଦକ୍ଷତା ପାଇଁ ବେଶ୍ ପରିଚିତ। ଉଭୟ ପେସ୍ ଓ ସ୍ପିନ୍ ବିପକ୍ଷରେ ସେ ଦୃଢ଼ ବ୍ୟାଟିଂ କରିବାରେ ସମର୍ଥ। ସେ ପାକିସ୍ତାନ ବିପକ୍ଷ ଟି୨୦ ବିଶ୍ୱକପ ମୁକାବିଲାରେ ମାତ୍ର ୧୧ ରନ୍‌ରେ ଆଉଟ ହୋଇଥିବା ବେଳେ ଏହାର ପ୍ରତିଶୋଧ ନେବାକୁ ପ୍ରୟାସ କରିବେ। ଯାଦବଙ୍କ ବିରୋଧରେ ପାକିସ୍ତାନ ହରିଶ ରୌଫ୍‌ଙ୍କୁ ଉପଯୋଗ କରିବାକୁ ଚାହିଁବ । ନିୟମିତ ଭାବେ ୧୪୦ କିମି ବେଗରେ ବୋଲିଂ କରୁଥିବା ରୌଫ୍ ସମୟ ସମୟରେ ୧୫୦ କିମି ବେଗରେ ମଧ୍ୟ ବୋଲିଂ କରନ୍ତି। ରୌଫ୍ ୩୫ ଟି୨୦ରୁ ୪୨ ଉଇକେଟ ନେଇଥିବା ବେଳେ ୨୩ଟି ଟି୨୦ରୁ ଯାଦବ ସ୍କୋର କରିଛନ୍ତି ୬୭୨ ରନ୍।

**ଭୁବନେଶ୍ୱର ବନାମ ବାବର**

ବୁମ୍‌ରାଙ୍କ ଅନୁପସ୍ଥିତିରେ ଭୁବନେଶ୍ୱର କୁମାର ଭାରତୀୟ ବୋଲିଂର ନେତୃତ୍ୱ ନେବେ। ସୁଇଂ ଭୁବନେଶ୍ୱରଙ୍କ ପ୍ରମୁଖ ଅସ୍ତ୍ର ହୋଇଥିବାରୁ ପାକିସ୍ତାନ ଅଧିନାୟକ ବାବର ଆଜମଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରନ୍ତି। ଡାହାଣହାତୀ ବ୍ୟାଟରଙ୍କୁ ନିଜ ଘାତକ ଇନ୍‌ସୁଇଂରେ ସେ ଅସୁବିଧାରେ ପକାଇଥାନ୍ତି। ପାକିସ୍ତାନ ବିପକ୍ଷରେ ଭୁବନେଶ୍ୱର ୪ଟି ମ୍ୟାଚ୍‌ରୁ ୩/୯ର ଶ୍ରେଷ୍ଠ ବୋଲିଂ ଫିଗର ସହିତ ୫ ଉଇକେଟ ଅକ୍ତିଆର କରିଛନ୍ତି। ଅନ୍ୟପକ୍ଷରେ ବାବର ଭାରତ ବିପକ୍ଷରେ ମାତ୍ର ଗୋଟିଏ ଟି୨୦ ଖେଳିଥିବା ବେଳେ ଅପରାଜିତ ୬୮ ରନ୍ କରିଥିଲେ। ବାବର ଫର୍ମରେ ଥିଲେ ଯେକୌଣସି ବୋଲିଂ ବିପକ୍ଷରେ ରନ୍ ସ୍କୋର କରିପାରିବେ। ତେବେ ରିଭର୍ସ ସୁଇଂ ଏବଂ ପାରମ୍ପରିକ ଇନ୍‌ସୁଇଙ୍ଗ ସାମ୍ନାରେ ବାବରଙ୍କ ଦୁର୍ବଳତା ନଜରକୁ ଆସିଛି।



ବିରାଟ କୋହଲି



ଉସ୍‌ମାନ କାଦିର

# ବ୍ୟାୟାମ

ଗ୍ଲୋବାଲ ବାଇସାଇକେଲ ଇନ୍‌ଡେକ୍ସରେ
ୱାର୍ଲ୍ଡର ନବେ ଦେଶ
ବିଶ୍ୱର ସବୁଠୁ ବାଇକ୍ ଫ୍ରେଣ୍ଡଲିସିଟି
ୟୁଟ୍ରେଚ ଚଳିତ ବର୍ଷ
ନେଦରଲାଣ୍ଡ୍ସର ହସ
ଗର୍ବ କରେ ଏଠା ବାସିନ୍ଦାଙ୍କ ପାଇଁ
ପଲ୍ୟୁଶନ ହୁଏ ନାଶ।




ଡେଲି ସାଇକେଲ ଚଳାଇଲେ ମିତ
ହୁଏ ବହୁ ଉପକାର
ମେଦ ବହୁଳତା କମାଏ, କ୍ୟାନ୍‌ସର
ରୋଗ ଶଙ୍କା କରେ ଦୂର
ମାନସିକ ସ୍ଥିତି ସ୍ଥିର
ମସ୍ତିଷ୍କ ସକ୍ରିୟ ରହେ ବ୍ୟାୟାମରେ
ସୁସ୍ଥ ରହେ ସେହି ନର।

ମୋ ଦେଶ ଭାରତ ଯୁବକଙ୍କୁ
ଲୋଡ଼ା
ଦି ହାତ ଯିବାକୁ ଗାଡ଼ି
ମେଡ଼ିସିନ ମାଛ ପରିବା ଆଣନ୍ତି
ବୁଲେଟ ବାଇକ ଚଢ଼ି,
କାର୍ଯ୍ୟ ବିନା ଥରେ ନାଡ଼ି
ଘରେ ବସି ଲୋକ ଅଳ୍ପାୟୁଷ ହୁଏ
ବ୍ୟାୟାମ ବ୍ୟକ୍ତି ହିଁ ରେଡ଼ି।

-ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୬/୨୦୨୨ | Bhubaneswar, | Friday, August 26/ 2022

# ଏଆଇଏଫ୍ଏଫ୍ ସଭାପତି ପାଇଁ ଭୂଟିଆଙ୍କ ନାମାଙ୍କନ

**ନୂଆଦିଲ୍ଲୀ,୨୫।୮ (ପି.ଟି)**

ସର୍ବଭାରତୀୟ ଫୁଟବଲ ସଂଘ (ଏଆଇଏଫ୍ଏଫ୍)ର ସଭାପତି ପଦ ପାଇଁ ନାମାଙ୍କନ ଦାଖଲ କରିଛନ୍ତି ବାଇଚୁଙ୍ଗ ଭୂଟିଆ। ଭାରତୀୟ ଫୁଟବଲ କିମ୍ବଦନ୍ତୀ ତଥା ପୂର୍ବତନ ଅଧିନାୟକ ଭୂଟିଆ ଗୁରୁବାର ନିଜର ନାମାଙ୍କନ ଦାଖଲ କରିଛନ୍ତି। ୪୫ ବର୍ଷୀୟ ଭୂଟିଆଙ୍କ ନାମ ଆନ୍ଧ୍ର ଫୁଟବଲ ଆସୋସିଏଶନ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ରାଜସ୍ଥାନ ଫୁଟବଲ ଆସୋସିଏଶନ ପକ୍ଷରୁ ଏହାକୁ ସମର୍ଥନ କରାଯାଇଛି। ଏଆଇଏଫ୍ଏଫ୍ ସଭାପତି ପଦ ପାଇଁ ମୁଁ ନିଜକୁ ସବୁଠୁ ଯୋଗ୍ୟ ମନେ କରୁଥିବା କାରଣରୁ ମୁଁ ନାମାଙ୍କନ ଦାଖଲ କରିଛି ବୋଲି ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ଭୂଟିଆ। ଭାରତ ପାଇଁ ୧୦୦ରୁ ଅଧିକ ମ୍ୟାଚ୍ ଖେଳିବା ସହିତ ବିଭିନ୍ନ ନାମୀ କ୍ଲବ ନିମନ୍ତେ ମଧ୍ୟ ମୁଁ ଖେଳିଛି। ଏହା ବ୍ୟତୀତ କ୍ରୀଡା ମନ୍ତ୍ରଣାଳୟର ମିଶନ ଅଲିମ୍ପିକ୍ସ ସେଲ୍ ଓ ଅନ୍ୟାନ୍ୟ କ୍ରୀଡା କମିଟିରେ ସାମିଲ ହେବା କାରଣରୁ ପ୍ରଶାସନିକ ଅଭିଜ୍ଞତା ମଧ୍ୟ ରହିଛି। ଭାରତୀୟ ଫୁଟବଲକୁ ଏହାର ଶିଖରରେ ପହଞ୍ଚାଇବା ମୋର ଏକମାତ୍ର ଲକ୍ଷ୍ୟ ବୋଲି ସେ ନିଜ ବୟାନରେ କହିଛନ୍ତି।

ଏହା ପୂର୍ବରୁ ସିଓଏ ଦ୍ୱାରା ପରିଚାଳିତ ହେଉଥିବା ସମୟରେ ମଧ୍ୟ ଭୂଟିଆ ସଭାପତି ପଦ ପାଇଁ ନାମାଙ୍କନ ଦାଖଲ କରିଥିଲେ। ତେବେ ଫିଫା ପକ୍ଷରୁ ଭାରତୀୟ ଫୁଟବଲ ସଂଘକୁ ବାସନ୍ଦ କରାଯିବା ପରେ ସର୍ବୋଚ୍ଚ କୋର୍ଟଙ୍କ ପକ୍ଷରୁ ସିଓଏକୁ ଖାରଜ କରି ଦିଆଯିବା ସହିତ ପୁନର୍ବାର ନିର୍ବାଚନ ତାରିଖ ଧାର୍ଯ୍ୟ କରାଯାଇଥିଲା। ପ୍ରଥମ ଥର ନାମାଙ୍କନ ଦାଖଲ ସମୟରେ ଭୂଟିଆଙ୍କ ପୂର୍ବତନ ଟିମ୍ ମେଟ୍ ଦୀପକ ମଣ୍ଡଳ ତାଙ୍କ ନାମ ସୁପାରିସ କରିଥିଲେ। ଅନ୍ୟତମ ପୂର୍ବତନ ଫୁଟବଲର ମଧୁ କୁମାରୀ ଏହାକୁ ସମର୍ଥନ ପ୍ରଦାନ କରିଥିଲେ।







# କଳିଙ୍ଗ ଯୋଦ୍ଧା ଟାଏକୋଣ୍ଡୋ ଏକାଡେମୀକୁ ୩୦ ପଦକ

**ଆଇଟିଏଫ୍ ଟାଏକୋଣ୍ଡୋ**

**ଭୁବନେଶ୍ୱର, ୨୫।୮ (ସ୍ପୋର୍ଟ୍ସ ବ୍ୟୁରୋ)**

କର୍ଣ୍ଣାଟକର ବେଙ୍ଗାଲୁରୁସ୍ଥିତ ସାହାକାର ନଗର ଇନ୍‌ଡୋର ଷ୍ଟାଡିୟମ ପରିସରରେ ୧୭ତମ ଦକ୍ଷିଣ-ପଶ୍ଚିମ କ୍ଷେତ୍ରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦ଟି ରାଜ୍ୟରୁ ୬୦୬ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଥାର୍ଡ ଡାନ୍ ବ୍ଲାକ୍‌ବେଲ୍ଟ ଓଡ଼ିଶା କୋଚ୍ ଲକ୍ଷ୍ମୀ ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ କଳିଙ୍ଗ ଯୋଦ୍ଧା ଟାଏକୋଣ୍ଡୋ ଏକାଡେମୀରେ ପ୍ରଶିକ୍ଷିତ ୧୨ଜଣ ପ୍ରତିଯୋଗୀ ୩୦ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ସେମାନେ ୫ଟି ବର୍ଗରେ ଭାଗ ନେଇ ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୨୫ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବ୍ୟକ୍ତିଗତ ସ୍ପାଇରିଙ୍ଗ ପୁରୁଷ ଭେଟେରାନ ବିଭାଗରେ ଦେବାଶିଷ ବାରିକ ଓ ତ୍ରିନାଥ ମଣ୍ଡଳ ସ୍ୱର୍ଣ୍ଣ, ମହିଳା ବିଭାଗରେ ଅନିତା ଦୋରା, ବାଳକ ବିଭାଗରେ ସାଇପ୍ରେମ୍ ଦୋରା ଓ ବ୍ୟକ୍ତିଗତ ଟୁଲ୍ସ ପୁରୁଷ ବିଭାଗରେ ବିଶ୍ୱଜିତ ଦାସ ରୌପ୍ୟ ପଦକ ପାଇଛନ୍ତି। ବ୍ୟକ୍ତିଗତ ସ୍ପାଇରିଙ୍ଗ ମହିଳା ବିଭାଗରେ ଶୁଭ୍ରାସିନୀ ମହାଲିଙ୍ଗ୍, ପୁରୁଷ ବିଭାଗରେ ବିଶ୍ୱଜିତ୍ ଦାସ, ବାଳିକା ବିଭାଗରେ ପାୟଲ ଓଝା, ପ୍ରଦେଶା ପାଇରାୟ, ବାଳକ ବିଭାଗରେ ଶୁଭମ ନାୟକ, ବ୍ୟକ୍ତିଗତ ଟୁଲ୍ସ ପୁରୁଷ ବିଭାଗରେ ତ୍ରିନାଥ ମଣ୍ଡଳ, ବାଳକ ବିଭାଗରେ ଶୁଭମ ନାୟକ, ସାଇପ୍ରେମ ଦୋରା, ବାଳିକା ବିଭାଗରେ ପାୟଲ ଓଝା, ଗ୍ରୁପ୍ ଟୁଲ୍ସ ବାଳକ ବିଭାଗରେ ସାଇ ପ୍ରେମ ଦୋରା, ଶୁଭମ ନାୟକ ସ୍ମୃତିରଞ୍ଜନ ବେହେରା, ବିଶ୍ୱଜିତ ଦାସ, ଆରୋଭ ପଣ୍ଡା, ତ୍ରିନାଥ ମଣ୍ଡଳ, ଗ୍ରୁପ୍ ସ୍ପାଇରିଙ୍ଗ ଗ୍ରୁପ୍ ଟୁଲ୍ସ ବିଭାଗରେ ସାଇପ୍ରେମ୍ ଦୋରା, ଶୁଭମ ନାୟକ, ପାୟଲ ଓଝା, ପ୍ରଦେଶା ପାଇକରାୟ, ଗ୍ରୁପ୍ ସ୍ପାଇରିଙ୍ଗ ବାଳକ ବିଭାଗରେ ସାଇପ୍ରେମ ଦୋରା, ଶୁଭମ ନାୟକ, ସ୍ମୃତିରଞ୍ଜନ ବେହେରା, ଆରୌଭ ପଣ୍ଡା, ସେଲ୍ଫ ଡିଫେନ୍ସ ବାଳିକା ବିଭାଗରେ ଜାଗୃତି ପ୍ରିୟଦର୍ଶିନୀ ନାୟକ, ଖଳନାୟକ ସାଇପ୍ରେମ ଦୋରା ପ୍ରମୁଖ ବ୍ରୋଞ୍ଜ ଜିତିଥିଲେ। ଏହି ସଫଳତା ପାଇଁ ସେଣ୍ଟ ଜାଭିୟର୍ସ ଇଣ୍ଟରନ୍ୟାଶନାଲ ସ୍କୁଲ ସମୂହର ଅଧକ୍ଷ ତଥା କଳିଙ୍ଗ ଟାଏକୋଣ୍ଡୋ ଆସୋସିଏଶନ ସଭାପତି ବ୍ରଦିନାଥ ପଟ୍ଟନାୟକ, ରୋଟାରିଆନ ଶୁଭକାନ୍ତ ସାମନ୍ତସିଂହାର, କଳିଙ୍ଗ ଯୋଦ୍ଧା ଫାଉଣ୍ଡେଶନ ଟ୍ରଷ୍ଟର ଟ୍ରଷ୍ଟି ପ୍ରିୟବ୍ରତ ପାଢୀ, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ୟୁଏସ୍ ଓପନ ଖେଳିବେନି ଜୋକୋଭିଚ୍

**ନ୍ୟୁୟର୍କ, ୨୫।୮ (ଏପି):** ସର୍ବୀୟ ଟେନିସ ଷ୍ଟାର ନୋଭାକ୍ ଜୋକୋଭିଚ୍ ୟୁଏସ୍ ଓପନ ଟେନିସ ପ୍ରତିଯୋଗିତାରେ ଭାଗ ନେଇ ପାରିବେ ନାହିଁ। କୋଭିଡ୍ ଭ୍ୟାକ୍ସିନ ନେଇ ନ ଥିବାରୁ ତାଙ୍କୁ ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରବେଶ ପାଇଁ ଅନୁମତି ମିଳିବ ନାହିଁ। ଇଭେଣ୍ଟ ପାଇଁ ଉଠାଣର କିଛି ଘଣ୍ଟା ପୂର୍ବରୁ ସେ ଚଳିତ ବର୍ଷର ଶେଷ ଗ୍ରାଣ୍ଡସ୍ଲାମରୁ ଓହରିଯାଉଥିବା ବିଷୟ ଘୋଷଣା କରିଥିଲେ। ୟୁଏସ୍ ଓପନ ଫ୍ଲସିଂ ମିଡୋଜ୍‌ଠାରେ ସୋମବାରଠାରୁ ଆରମ୍ଭ ହେବ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ମାଙ୍କଡ଼ କାମୁଡ଼ାରେ ୧୦ରୁ ଊର୍ଦ୍ଧ୍ୱ ଆହତ, ୩ ଗୁରୁତର

ନିରାକାରପୁର,୨୫।୮(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ଟାଙ୍କୋଳ ପଞ୍ଚାୟତରେ ଏକ ହନୁ ମାଙ୍କଡ଼ କାମୁଡାରେ ଗ୍ରାମର ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ବେଳେ ୩ଜଣ ଗୁରୁତର ହୋଇ ଭୁବନେଶ୍ୱରସ୍ଥିତ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ ଉକ୍ତ ପଞ୍ଚାୟତ ବିଭିନ୍ନ ଗ୍ରାମର ସୁଦେଇ ସାହୁ(୪୮), ଗଦା ବେହେରା(୫୫), ଛେତ ଜେନା(୬୫)। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ମାଙ୍କଡଟି ପ୍ରାୟ ୫/୭ ଦିନ ହେବ ଉଗ୍ର ହୋଇ ଗାଁ ଭିତରେ ଯାତାୟାତ କରୁଥିବା ସମୟରେ ଲୋକଙ୍କୁ ହଠାତ୍ ଆସି ଆକ୍ରମଣ କରୁଛି। ଏହି ମାଙ୍କଡ ଭୟରେ ଲୋକେ ଘରୁ ବାହାରିଲେ ଦଳ ହୋଇ ବାହାରିବା ସହିତ ସାଙ୍ଗରେ ଏକ ବାଡି ଧରି ବାହରୁଛନ୍ତି । ତଥାପି ଭୟ ଓ ଆଶଙ୍କାରେ ଯାତାୟାତ କରୁଛନ୍ତି। ପିଲା, ଛାତ୍ରୀଛାତ୍ର ଏକୁଟିଆ ଯିବାକୁ ଭୟ କରୁଛନ୍ତି। ଏ ନେଇ ଭୂଷଣ୍ଡପୁର ଫରେଷ୍ଟର ରାକେଶ କୁମାର ପଣ୍ଡା କହିଛନ୍ତି, ଏନେଇ କୌଣସି ଅଭିଯୋଗ ଆସିନି। ତଥାପି ଶୁକ୍ରବାର ଉକ୍ତ ଗ୍ରାମକୁ ଯାଇ ଦେଖିବୁ। ଯଦି କିଛି ଅସୁବିଧା ହୁଏ, ତା'ହେଲେ ମାଙ୍କଡ଼ଟିକୁ ଟ୍ରାଙ୍କୁଲାଇଜ କରି ଧରିବୁ ବୋଲି ସେ ସୂଚନା ଦେଇଛନ୍ତି।

### ସମୁଦ୍ର କୂଳରୁ କଙ୍କାଳ ଜବତ

କୋଣାର୍କ,୨୫।୮(ଡି.ଏନ୍.ଏ.): ପୁରୀ-କୋଣାର୍କ ବେଳାଭୂମି ରାମଚଣ୍ଡୀ ମୁହାଣଠାରୁ ନୂଆନଈ ମୁହାଣ ବାଙ୍ଗର ଜଙ୍ଗଲ ନିକଟ ସମୁଦ୍ର କୂଳରୁ ଗୁରୁବାର ଏକ ମାନବ ଶରୀର କଙ୍କାଳ ପଡ଼ିଥିବା ଦେଖିବାକୁ ମିଳିଛି। କଙ୍କାଳରେ ଲାଗିଥିବା କପଡ଼ା ପୋଷାକ ଓ ହାତରେ ଥିବା ଏକ କଡ଼ାରୁ ଏହା ଏକ ପୁରୁଷର କଙ୍କାଳ ବୋଲି ଅନୁମାନ କରାଯାଉଛି। କଙ୍କାଳ ବୟସ ୨୫ରୁ ୩୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ସ୍ଥାନୀୟ ଲୋକେ ଦେଖି ପୋଲିସକୁ ସୂଚନା ଦେଇଥିବା ବେଳେ ଘଟଣା ସ୍ଥଳରେ ମେରାଇନ ଥାନା ପୋଲିସ ପହଞ୍ଚି କଙ୍କାଳକୁ ଜବତ କରିଛି। ପୁରୀ ଆରକ୍ଷୀ ଉପଅଧୀକ୍ଷକ, ରାମଚଣ୍ଡି ଥାନା ଅଧିକାରୀ, ଚନ୍ଦ୍ରଭାଗା ମେରାଇନ ଥାନା ଅଧିକାରୀ ଓ ସାଇଣ୍ଟଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମେରାଇନ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ନଂ.୪/୨୨ ରୁଜୁ କରାଯାଇ କଙ୍କାଳକୁ ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଯାଇଥିବା ଥାନାଧିକାରୀ ଶରତ ନାରାୟଣ ସେଠୀ ପ୍ରକାଶ କରିଛନ୍ତି। କଙ୍କାଳକୁ ଚିହ୍ନିବା କଷ୍ଟକର ହୋଇଥିବାରୁ ତାହାର ଡିଏନଏ ପରୀକ୍ଷା କରାଯିବ ବୋଲି ପୋଲିସ କହିଛି।

### ଚୋରି ମାମଲାରେ ୨ଗିରଫ

ବାଲକାଟୀ,୨୫।୮(ଡି.ଏନ୍.ଏ.): ବାଲିଅନ୍ତା ଥାନା ପୋଲିସ ଚୋରି ମାମଲାରେ ବାଲକାଟୀ ଫାଣ୍ଡି ଅଞ୍ଚଳର ଦୁଇଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଏମାନେ ହେଲେ ବାଲକାଟୀ ବଡଭୋଇ ସାହିର ଦିପୁ ଓରଫ ଅନିଲ ଭୋଇ ଓ ଚାରିମାଣିଆ ଗ୍ରାମର ସନାତନ ଭୋଇ। ସୂଚନା ମୁତାବକ, ବାଲକାଟୀ ଜଗନ୍ନାଥ କଲୋନୀରେ ଗତ ୧୮ତାରିଖ ରାତିରେ ସିରିଜ ଚୋରି ହୋଇଥିଲା। ୪ଜଣଙ୍କ ଘରୁ ଗୋଟିଏ ରାତିରେ ବିଭିନ୍ନ ସାମଗ୍ରୀ ଚୋରି ହେବା ଘଟଣାରେ ୪ଟି ଅଭିଯୋଗ ବାଲକାଟୀ ଫାଣ୍ଡିରେ ହୋଇଥିଲା। ଗୋଟିଏ ମାମଲାରେ ବୁଧବାର ୪ଜଣଙ୍କୁ ପୋଲିସ ଗିରଫ କରିଥିଲା। ଗୁରୁବାର ଆଉ ଏକ ମାମଲା ନମ୍ବର ନଂ.୩୨୪/୨୨ରେ ଅନିଲ ଓ ସନାତନଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି।

# ହତ୍ୟାକରି ମହାନଦୀକୁ ଫିଙ୍ଗିଦେଇଥିଲେ

**ଯୁବକ ନିଖୋଜ ଘଟଣାରେ ନୂଆମୋଡ଼**

- ଅଭିଯୁକ୍ତ କବାଡ଼ିଆ ମାଲିକଙ୍କୁ ଜେରା, ୩ ଅଟକ
- ମୃତକଙ୍କ ବୋଲେରୋ, ଗାମୁଛା, ପ୍ୟାଣ୍ଟଶାର୍ଟ ଜବତ
- କାଠଯୋଡ଼ିରେ ଭାସୁଥିବା ଶବ ଚିହ୍ନଟ କରିବ ପୋଲିସ

ଖୋର୍ଦ୍ଧା ଅଫିସ, ୨୫।୮:

ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ପୁରୁସାହିର ଯୁବକ ବାସୁଦେବ ପ୍ରଧାନଙ୍କ ନିଖୋଜ ଘଟଣା ନୂଆମୋଡ଼ ନେଇଛି। ବାସୁଦେବଙ୍କୁ ଅଭିଯୁକ୍ତ କବାଡ଼ିଆ ମାଲିକ ରବୀନ୍ଦ୍ର ମୁଦୁଲି ହତ୍ୟା କରି ବୋଲେରୋରେ ମୃତଦେହ ନେଇ ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା କଣ୍ଟିଲୋ ଫାଣ୍ଡି ଅଧୀନ ସିଦ୍ଧମୂଳ ବ୍ରିଜ ଉପରୁ ମହାନଦୀରେ ଫିଙ୍ଗିଦେଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଅଭିଯୁକ୍ତ କବାଡ଼ିଆ ମାଲିକ ରବୀନ୍ଦ୍ର ମଧ ଏହି କଥା ସ୍ୱୀକାର କରିଥିବା ଟାଉନ ଥାନା ଅଧିକାରୀ ସଞ୍ଜୟ ପଟ୍ଟନାୟକ କହିଛନ୍ତି। ଗୁରୁବାର ପୂର୍ବାହ୍ନରେ ପୋଲିସ ଡଗ୍ ସ୍କାଡ୍ ସହ ରବୀନ୍ଦ୍ରଙ୍କ ଗୋଦାମରେ ପହଞ୍ଚି ଯାଞ୍ଚ କରିଥିଲା। ସେଠାରୁ ବ୍ୟବହୃତ ବୋଲେରୋ, ମୃତକ ବ୍ୟବହାର କରୁଥିବା ଗାମୁଛା, ପ୍ୟାଣ୍ଟଶାର୍ଟ ଜବତ


ମୃତ ବାସୁଦେବ ପ୍ରଧାନ ।

କରାଯାଇଛି। ସମ୍ପୃକ୍ତ ବୋଲେରୋରେ ରକ୍ତଛିଟା ଲାଗିଥିବା ପୋଲିସ ଦେଖିବାକୁ ପାଇଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୪୦୦/୨୨) ରୁଜୁ କରି ତଦନ୍ତ ଜାରି ରହିଛି।

ପରେ ଓଡ୍ରାଫ ଟିମ୍ ଓ ପୁରୁସାହି ଗ୍ରାମର କେତେଜଣ ବ୍ୟକ୍ତିଙ୍କୁ ନେଇ ମୃତଦେହ ଫିଙ୍ଗାଯାଇଥିବା ସ୍ଥାନରେ ପୋଲିସ ପହଞ୍ଚି ଅନୁସନ୍ଧାନ କରିଥିଲା। ଓଡ୍ରାଫ ଟିମ୍ ସେଠାରେ ଦୀର୍ଘ ସମୟ ଧରି ନଦୀରେ ଖୋଜାଖୋଜି ସତ୍ତ୍ୱେ କୌଣସି ସନ୍ଧାନ ନ ପାଇ ଫେରିଥିଲେ। ଏନେଇ ପୋଲିସ ସମସ୍ତ ଥାନାକୁ ଖବର ଦେଇଥିଲା। କଟକ ଜଗତପୁରସ୍ଥିତ କାଠଯୋଡ଼ି ନଦୀରେ ଭାସୁଥିବା ଏକ ମୃତଦେହ ବାସୁଦେବଙ୍କର ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ଶୁକ୍ରବାର ଏକ ଟିମ୍ ସେଠାକୁ ଯାଇ ଅନୁସନ୍ଧାନ କରିବ। ମୃତଦେହ ଜବତ ଏବଂ ଅନୁସନ୍ଧାନ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଥାନାଧିକାରୀ ପଟ୍ଟନାୟକ କହିଛନ୍ତି। ଏହି ହତ୍ୟାକାଣ୍ଡରେ ୩ରୁ ୪ଜଣ ସଂପୃକ୍ତ ଥିବା ଜଣାପଡ଼ିଛି। ଏ ନେଇ ଅଭିଯୁକ୍ତ ରବୀନ୍ଦ୍ରଙ୍କ ସମେତ ପୁରୁସାହି ଅଞ୍ଚଳର ୩ଜଣଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚୁରା କରୁଥିବା ସୂଚନା ମିଳିଛି। ତେବେ ତଦନ୍ତରେ ବାଧା ସୃଷ୍ଟି ଆଶଙ୍କାରେ ପୋଲିସ ସବିଶେଷ ତଥ୍ୟ ଦେଇନାହିଁ।

# ସମନ୍ୱୟ, ସଚେତନତା ଦ୍ୱାରା ବିପର୍ଯ୍ୟୟକୁ ରୋକିହେବ


ଆପଦକାଳୀନ ବିପର୍ଯ୍ୟୟ ମୁକାବିଲା ଚିଠା ବୈଠକରେ ଉପସ୍ଥିତ ଅଧିକାରୀମାନେ ।

**ଆପଦକାଳୀନ ବିପର୍ଯ୍ୟୟ ମୁକାବିଲା ଚିଠା ବୈଠକ**

ଖୋର୍ଦ୍ଧା ଅଫିସ,୨୫।୮:

ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ବହୁ ଧନଜୀବନ କ୍ଷତି ଘଟୁଛି। ଖୋର୍ଦ୍ଧା ଜିଲାରେ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ରୂପରେଖ ଚୂଡ଼ାନ୍ତ ଶୀର୍ଷକ ଦ୍ୱିତୀୟ ଚିଠା ବୈଠକ ଗୁରୁବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରଥମ ଚିଠା ବୈଠକର ମତାମତ ଆଧାରରେ ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଥିଲା।

ଜିଲା ପରିସୀମା ଭିତରେ କୌଣସି ବିପର୍ଯ୍ୟୟ ଘଟିଲେ ଏହାର ତତ୍କାଳ ସଫଳ ମୁକାବିଲା କରାଯିବା ନିମନ୍ତେ ଏକ ବିସ୍ତୃତ ରୂପରେଖ ପ୍ରସ୍ତୁତ କରାଯାଉଛି। ଏ ସମ୍ପର୍କରେ ଭୋପାଳସ୍ଥିତ ବିପର୍ଯ୍ୟୟ ପରିଚାଳନା ସଂସ୍ଥା ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମଧ୍ୟରେ ପୂର୍ବରୁ ବୁଝାମଣା ହୋଇଛି। ଜିଲାରେ ଥିବା ଶିଳ୍ପକେନ୍ଦ୍ରଗୁଡ଼ିକରେ ଅଗ୍ନି ନିରୋଧକ ଓ ଗ୍ୟାସ ନିର୍ଗମନକୁ ରୋକିବା ପାଇଁ ସଂପୃକ୍ତ ସଂସ୍ଥା ବ୍ୟବସ୍ଥା କରିଛି। ତେବେ ଉକ୍ତ ସଂସ୍ଥା ପରିସର, ବାହାରେ ଦୁର୍ଘଟଣା ଘଟିଲେ କିମ୍ବା ଏହାର ପ୍ରଭାବ ନିକଟସ୍ଥ ଅଞ୍ଚଳରେ ପଡ଼ିଲେ ଏହାର କିଭଳି ମୁକାବିଲା କରାଯାଇପାରିବ ଏନେଇ ଆଲୋଚନା କରାଯାଇ ବିଭାଗୀୟ ଅଧିକାରୀମାନଙ୍କଠାରୁ ମତାମତ ଲୋଡ଼ାଯାଇଛି। ସେହିପରି ଜିଲା ମଧ୍ୟଦେଇ ଆନ୍ତଃ ଜିଲା କିମ୍ବା ଆନ୍ତଃ ରାଜ୍ୟ ପରିବହନ ବେଳେ ବଡ଼ ଧରଣର ଦୁର୍ଘଟଣା କିମ୍ବା ଗ୍ୟାସ ଓ ତୈଳ ନିର୍ଗମନଜନିତ ବିପର୍ଯ୍ୟୟ ରୋକିବା ଏବଂ ଏଥିଲାଗି ସଦା ପ୍ରସ୍ତୁତ ରହିବା ହେଉଛି ଏହି ଯୋଜନାର ମୂଳଲକ୍ଷ୍ୟ ବୋଲି ଅତିରିକ୍ତ ଜିଲାପାଳ କହିଥିଲେ। ସଚେତନ ଓ ସମନ୍ୱୟ ସହ ସଜାଗ ରହିଲେ ବିପର୍ଯ୍ୟୟ ମୁକାବିଲା କରାଯାଇପାରିବ ବୋଲି ସେ କହିଥିଲେ। ବୈଠକରେ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ ସହନିର୍ଦ୍ଦେଶକ ବିଶ୍ୱଜିତ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଭୋପାଳସ୍ଥିତ ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ଉପନିର୍ଦ୍ଦେଶକ ଡ. ଅସିତ କୁମାର ପାତ୍ର ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଉକ୍ତ ସଂସ୍ଥାର ବୈଷୟିକ ଅଧିକାରୀ ଅଜୟ ସୂର୍ଯ୍ୟବଂଶୀ, ଓସ୍‌ଡମା ଜିଲା ସଂଯୋଜକ ପ୍ରଦୀପ କୁମାର ସେଠୀ ଏବଂ ଜିଲା ପ୍ରକଳ୍ପ ସଂଯୋଜକ ସୁକାନ୍ତ ଦାଶ ସହଯୋଗ କରିଥିବା ବେଳେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



ଜଟଣୀ ବ୍ଲକର ଛତାବର ପଞ୍ଚାୟତରେ ଆୟୁଷ ଗ୍ରାମ ଉଦ୍‌ଘାଟନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

# ଛତାବର ପଞ୍ଚାୟତରେ ଆୟୁଷ ଗ୍ରାମ ଉଦ୍‌ଘାଟିତ

**ଆୟୁର୍ବେଦ ଚିକିତ୍ସା ପଦ୍ଧତି ସମ୍ପର୍କରେ ସଚେତନତା**

ଖୋର୍ଦ୍ଧା ଅଫିସ,୨୫।୮:

ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମିଳିତ ଆନୁକୂଲ୍ୟରେ ଗୁରୁବାର ଜଟଣୀ ବ୍ଲକର ଛତାବର ପଞ୍ଚାୟତରେ ଆୟୁଷ ଗ୍ରାମ ଉଦ୍‌ଘାଟିତ ହୋଇଯାଇଛି। ଜାତୀୟ ଆୟୁଷ ମିଶନର ପୂର୍ବାଞ୍ଚଳ ମଣ୍ଡଳ ଜିଲା ଆୟୁର୍ବେଦ ଚିକିତ୍ସାଧାରୀ ଭୁବନେଶ୍ୱରଙ୍କ ତତ୍ତ୍ୱାବଧାନରେ ଛତାବର ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଆୟୁଷ ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ବେହେରା ଏହାକୁ ଉଦ୍‌ଘାଟନ କରି କହିଥିଲେ, ଜନସାଧାରଣଙ୍କ ନିକଟରେ ଆୟୁଷ ସ୍ୱାସ୍ଥ୍ୟସେବାକୁ ପହଞ୍ଚାଇବା ସହିତ ଏହି ପୁରାତନ ଚିକିତ୍ସା ପଦ୍ଧତି ପ୍ରତି ସମସ୍ତଙ୍କ ଆଗ୍ରହ ସୃଷ୍ଟି ଏହାର ଲକ୍ଷ୍ୟ। ପ୍ରତ୍ୟେକ ମାସରେ ସ୍ୱାସ୍ଥ୍ୟ ଶିବିର, ମାଗଣା ଔଷଧ ବଣ୍ଟନ, ଅଣସଂକ୍ରାମକ ରୋଗ ପରୀକ୍ଷା, ରକ୍ତ ପରୀକ୍ଷା, ଯୋଗ ପ୍ରଶିକ୍ଷଣ, ଔଷଧୀୟ ଉଦ୍ୟାନ ପ୍ରତିଷ୍ଠା, ଔଷଧୀୟ ଚାରା ରୋପଣ ଓ ବଣ୍ଟନ, ବିଦ୍ୟାଳୟରେ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପ୍ରଭୃତି ଆୟୋଜନ କରାଯିବ। ଆୟୁର୍ବେଦ ଓ ପାରମ୍ପରିକ ଚିକିତ୍ସା ପଦ୍ଧତି ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଯୁବବର୍ଗଙ୍କୁ ସାମିଲ କରାଯିବ। ସ୍ଥାନୀୟ ଅଞ୍ଚଳରେ ଉପଲବ୍ଧ ଔଷଧୀୟ ବୃକ୍ଷଲତାର ପ୍ରୟୋଗ ବିଧି ସମ୍ପର୍କରେ ସଚେତନ କରାଯିବ। ଜୀବନଶୈଳୀ, ଦିନ ଓ ଋତୁଚର୍ଯ୍ୟା ପରିବର୍ତ୍ତନ ସହ କିପରି ଖାପଖୁଆଇ ଚଳିବେ ସେ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ସ୍ଥାନୀୟ ସରପଞ୍ଚ ବିଷ୍ଣୁପ୍ରସାଦ ଡେଙ୍ଗ, ସମିତିସଭ୍ୟ ବ୍ରଜବନ୍ଧୁ ପ୍ରଧାନ ଏବଂ ନାଏବ ସରପଞ୍ଚ ବାସପ୍ରଭା ସ୍ୱାଇଁ ଯୋଗଦେଇଥିଲେ। ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀ ଡା. ରେଣୁପ୍ରଭା ମହାପାତ୍ର ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜାତୀୟ ଆୟୁଷ ମିଶନର ନୋଡାଲ ଅଫିସର ଡା. ପ୍ରମୋଦ ବିହାରୀ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଦୈନନ୍ଦିନ ଜୀବନରେ ଆୟୁର୍ବେଦ ଚିକିତ୍ସାର ଉପାଦେୟତା ସମ୍ପର୍କରେ କହିଥିଲେ। ହୋମିଓପାଥି ଜିଲା ଚିକିତ୍ସାଧିକାରୀ ଡା. ଆଭାମୟୀ ନାୟକ ଧନ୍ୟବାଦ ଦେଇଥିଲେ। ଅଭିନ୍ନ ଚନ୍ଦ୍ର ଭେଷଜ ମହାବିଦ୍ୟାଳୟର ଅଧ୍ୟାପକ ଡା. ରାଜେନ୍ଦ୍ର କୁମାର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆୟୁର୍ବେଦ ଚିକିତ୍ସାଧିକାରୀ ଗୌରୀଶଙ୍କର ପ୍ରସାଦ ମିଶ୍ର, ଡା. ସାରଦା ପ୍ରସନ୍ନ ବିଶ୍ୱାଳ, ଡା. ସଞ୍ଜୟ କୁମାର ମହାପାତ୍ର, ଡା. ରାଜୀବ ଲୋଚନ ସେଠୀ, ଡା. ସୁଜାତା ମିଶ୍ର, ହୋମିଓପାଥି ଡାକ୍ତର ଅରୁଣ କୁମାର ମଲିକ, ଡା. ସତ୍ୟେନ୍ଦୁ ମଲିକ, ଡା. କାଳିନ୍ଦୀ ଚରଣ ସେଠୀ, ଡା. ଚିନ୍ମୟୀ ସାହୁ, ଡା. ସସ୍ମିତା ବେହେରା ପ୍ରମୁଖ ଯୋଗଦେଇଥିଲେ। ବହୁ ବୁଦ୍ଧିଜୀବୀ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ଲୋକପ୍ରତିନିଧି ଉପସ୍ଥିତ ଥିଲେ।

### ବିପନ୍ନଙ୍କୁ ଖାଦ୍ୟ ବଣ୍ଟନ

ବାଲିପାଟଣା,୨୫।୮(ଡି.ଏନ୍.ଏ.)

ପ୍ରଳୟଙ୍କରୀ ବନ୍ୟା ଭିତରୁ ଉଦ୍ଧାର ପାଇଥିବା ବନ୍ୟାକ୍ଲିଷ୍ଟ ଅଞ୍ଚଳବାସୀଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି ରାଜ୍ୟସଭା ସଦସ୍ୟ ମୁନ୍ନା ଖାଁ, ଜଟଣୀର ପୂର୍ବତନ ବିଧାୟକ ବିଭୂତି ବଳବନ୍ତରାୟ, ବିଜେଡି ନେତା କୈଳାସ ପାତ୍ର, କିଶୋର ଜେନା,ପ୍ରଦୀପ ଜେନାମଣି,ପ୍ରଦ୍ୟୁମ୍ନ ସେନାପତି, ଜିଲା ପରିଷଦ ସଭ୍ୟ ଗଙ୍ଗାଧର ମଲ୍ଲିକ, ପବିତ୍ର ପଟେଲ ପ୍ରମୁଖ ବିପନ୍ନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ବାଣ୍ଟିଛନ୍ତି। ଆମ ସଂଗଠନ ସଭାପତି କମଲ ପାତ୍ରଙ୍କ ସହଯୋଗରେ ସମସ୍ତ ବନ୍ୟା ବିଧ୍ୱସ୍ତ ଅଞ୍ଚଳରେ ବାରମ୍ବାର ଗସ୍ତ କରି ଲୋକଙ୍କ ସମସ୍ୟା ବୁଝିବା ସହିତ ଖାଦ୍ୟ ବଣ୍ଟନ କରିଛନ୍ତି। ଗୁରୁବାର ଏହି କ୍ରମରେ ପମ୍ପଲୋ ପଞ୍ଚାୟତର ଦରଡ଼ା, ଡେଙ୍ଗ, ହୋଇକେରା ପ୍ରଭୃତି ଅଞ୍ଚଳ ବୁଲି ଲୋକଙ୍କ ଦୁଃଖ ବୁଝି ସେମାନଙ୍କୁ ବିଭିନ୍ନ ଖାଦ୍ୟ ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟରେ ସରପଞ୍ଚ ବାହାନ ଭୋଇ, ସମିତି ସଭ୍ୟା ନମିତା ଭୋଇ ସହଯୋଗ କରିଥିଲେ।

### ତହସିଲଦାରଙ୍କୁ ଖଣି ମାଫିଆଙ୍କ ଆକ୍ରମଣ

ଡେଲାଙ୍ଗ,୨୫।୮(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକର ରେଙ୍ଗଳ ପଞ୍ଚାୟତର ଯମୁନା ଖାରପଡା ଅଞ୍ଚଳରେ ବେଆଇନ ମାଙ୍କଡା ପଥର ଖନନ ହେଉଥିଲା। ବିଶେଷ ସୂତ୍ରରୁ ଏହି ଖବର ପାଇ ଡେଲାଙ୍ଗ ତହସିଲଦାର ଦିଲୀପ କୁମାର ଷଡଙ୍ଗୀ ସେଠାରେ ଚଢାଉ କରିଥିଲେ। ହେଲେ ଚଢାଉ ସମୟରେ ଖଣି ମାଫିଆମାନେ ଅଶ୍ଳୀଳ ଭାଷାରେ ଗାଳିମନ୍ଦ କରିବା ସହିତ ତହସିଲଦାରଙ୍କୁ ଆକ୍ରମଣ କରିଛନ୍ତି। ତାଙ୍କ ବାମ ହାତରେ ଆଘାତ ଲାଗିଛି। ଏ ନେଇ ଡେଲାଙ୍ଗ ଥାନାରେ ତହସିଲଦାର ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ.୨୨୩/୨୨) ରୁଜୁ କରି ତଦନ୍ତ ଚଳାଇଛି। ଘଟଣା ଅନୁଯାୟୀ, ଯମୁନା ଖାରପଡାରେ ସରକାରୀ ଜାଗାରୁ ବେଆଇନ ପଥର ଖନନ ହେଉଥିଲା। ଡେଲାଙ୍ଗ ତହସିଲଦାର ଓ ରାଜସ୍ୱ ବିଭାଗ କର୍ମଚାରୀମାନେ ଏହାଜାଣି ଘଟଣାସ୍ଥଳରେ ଚଢ଼ାଉ କରିଥିଲେ।

### ଅମୃତ ମହୋତ୍ସବ, ପୋଷଣ ଟ୍ରାକର ସମ୍ବନ୍ଧିତ ଆଲୋଚନାଚକ୍ର

କୃଷ୍ଣପ୍ରସାଦ,୨୫।୮(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ଓ ପୋଷଣ ଟ୍ରାକର ସମ୍ବନ୍ଧୀୟ ଆଲୋଚନାଚକ୍ର ଗୁରୁବାର ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିକାଶ ବିଭାଗ ତରଫରୁ ବ୍ଲକ ଅଧୀନ ୧୩୪ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ଅଗଷ୍ଟ ୧୫ରୁ ଡ୍ରଇଂ, ନୃତ୍ୟ, ଗୀତ ଓ ବକ୍ତୃତା ପ୍ରତିଯୋଗିତା କରାଯାଇଛି। ଗ୍ରାମାଞ୍ଚଳରେ ବସବାସ କରୁଥିବା ପିଲାମାନଙ୍କ ଦକ୍ଷତା ବୃଦ୍ଧି ଓ ସଚେତନତା କରାଇବା ଉଦ୍ଦେଶ୍ୟରେ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପୋଷଣ ଟ୍ରାକରର କାର୍ଯ୍ୟକାରିତା ଦିଗରେ ଅବଗତ କରାଇବା ସହ ଏଦିଗରେ ମହିଳା ଓ ଶିଶୁମାନେ ଯତ୍ନବାନ ହେବାକୁ ସିଡିପିଓ ମନୋରମା ଦେବୀ ମତବ୍ୟକ୍ତ କରିଥିଲେ। ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥିତ ରହି ଭାରତର ସ୍ୱାଧୀନତା ସଂଗ୍ରାମୀଙ୍କ ବିଷୟରେ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇ ପରେ ପୁରସ୍କୃତ କରାଯାଇଥିଲା। ସମସ୍ତ ସୁପରଭାଇଜର ଏବଂ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର କର୍ମଚାରୀମାନେ ଉପସ୍ଥିତ ଥିଲେ। ସିଡିପିଓ ମନୋରମା ଦେବୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଆଜି ଶ୍ରୀମନ୍ଦିରକୁ ସାତପୁରୀ ତାଡ଼ ଆସିବ

ପୁରୀ ଅଫିସ, ୨୫।୮:

ଭାଦ୍ରବ ମାସର ଅମାବାସ୍ୟାକୁ ସପ୍ତପୁରୀ ଅମାବାସ୍ୟା କୁହାଯାଏ। ସପ୍ତପୁରୀ ଅମାବାସ୍ୟାରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ତାଡ଼ରେ ସାତପୁର ଦିଆ ପିଠା ଭୋଗ କରାଯାଇଥାଏ। ତେଣୁ ତାଡ଼ଗୁଡ଼ିକୁ ସାତପୁରୀ ତାଡ଼ ବୋଲି କୁହାଯାଏ। ଶନିବାର ସପ୍ତପୁରୀ ଅମାବାସ୍ୟା ପଡୁଛି। ଏହା ପୂର୍ବଦିନ ଅର୍ଥାତ୍ ଶୁକ୍ରବାର ପରମ୍ପରା ଅନୁଯାୟୀ ଅଠରନଳାସ୍ଥିତ ଆଲାମଚଣ୍ଡୀ ମନ୍ଦିରରୁ ଶ୍ରୀମନ୍ଦିରକୁ ସପ୍ତପୁରୀ ତାଡ଼ ବିଜେ ହେବ। ଶ୍ରୀମନ୍ଦିରରେ ଦ୍ୱିପ୍ରହର ଧୂପ ବଢ଼ିଲା ପରେ ଘଣ୍ଟ, ଛତା, କାହାଳୀ ଆଲାମଚଣ୍ଡୀ ମନ୍ଦିରକୁ ଯିବ। ସେଠାରେ ବିଶେଷ ନୀତି ସମ୍ପନ୍ନ ପରେ କୁମ୍ଭାରବିଶୋଇ ସେବକମାନେ ବାଘମୁହାଁ ବାନ୍ଧି ଆଲାମଚଣ୍ଡୀ ଠାକୁରାଣୀଙ୍କ ପୀଠରୁ ୪ଟି ସାତପୁରୀ ତାଡ଼ ଶ୍ରୀମନ୍ଦିରକୁ ବିଜେ କରିବେ। ଏହି ତାଡ଼ ପହଞ୍ଚିବା ପରେ ଶ୍ରୀମନ୍ଦିର ଭିତରବେଢ଼ାରେ ଗୋଟିଏ ଥର ବୁଲାଇ ଏହାକୁ ରୋଷ ବେହେରଣଠାରେ ରଖାଯିବ। ସନ୍ଧ୍ୟାଧୂପ ବଢ଼ିବା ପରେ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ



ଆଜ୍ଞାମାଳ ନେଇ ଦକ୍ଷିଣକାଳୀଙ୍କ ପୀଠକୁ ଯାଇ ଠାକୁରାଣୀଙ୍କୁ ଅର୍ପଣ କରିବେ। ଏହାପରେ ଦକ୍ଷିଣକାଳୀଙ୍କ ସେବକମାନେ ଆଜ୍ଞାମାଳ ଆଣି ଶ୍ରୀମନ୍ଦିରକୁ ଆସି ରୋଷଦ୍ୱାର ପାଖରେ ରୋଷପାଇକଙ୍କୁ ଅର୍ପଣ କରିବେ। ଉକ୍ତ ଆଜ୍ଞାମାଳ ରୋଷଘରେ ବିଜେ କରାଯିବ। ଶନିବାର ସାତପୁରୀ ରୋଷରେ ସାତପୁରୀ ପିଠା ପ୍ରସ୍ତୁତ ହେବ। ଅମାବାସ୍ୟାରେ ସକାଳ ଧୂପରେ ମହାପ୍ରଭୁଙ୍କୁ ସାତପୁରୀ ପିଠା ଲାଗି କରାଯିବ।

# ମୁଖ୍ୟ ଆକର୍ଷଣ ସାଜିବ ୩୫ କିଲୋ ଲଡୁ

**ଗୋପବନ୍ଧୁ ବଜାର ବ୍ୟବସାୟୀ ସଂଘ**

ଜଟଣୀ,୨୫।୮(ଡି.ଏନ୍.ଏ.)

ଆଉ ଦିନ କେଇଟା ପରେ ଗଣେଶ ପୂଜା। ଏହି ପୂଜା ପାଳନକୁ ନେଇ ଖୋର୍ଦ୍ଧାର ଜଟଣୀ ସହର ଚଳଚଞ୍ଚଳ ହୋଇପଡ଼ିଛି। ଦୁଇ ବର୍ଷର ବ୍ୟବଧାନ ପରେ ଭକ୍ତଙ୍କ ଗହଣରେ ପୂଜା ହେଉଥିବାରୁ ଏକାଠି ହେବେ ଭକ୍ତ ଏବଂ ଭଗବାନ। ସହରର କୋଣ ଅନୁକୋଣରେ ଥିବା ବିଭିନ୍ନ ପୂଜା ମଣ୍ଡପରେ ଗଣେଶପୂଜା ପାଇବେ। ଚଳିତ ପାର୍ବଣକୁ ସରସ ସୁନ୍ଦର ସହ ଅଧିକ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ସଂଗଠନ, ଅନୁଷ୍ଠାନ ପକ୍ଷରୁ ରାଜ୍ୟ ତଥା ବାହାର ରାଜ୍ୟରୁ କାରିଗର ଆଣି ତୋରଣ ସାଜସଜ୍ଜା ସହ ଶିଳ୍ପୀ ମୂର୍ତ୍ତି ଗଢ଼ିବାରେ ଲାଗିଛନ୍ତି। ଦୀର୍ଘ ୪୦ବର୍ଷରୁ ଊର୍ଦ୍ଧ୍ୱ ସମୟଧରି ସାର୍ବଜନୀନ ଗଣେଶ ପୂଜା କରି ଆସୁଥିବା ଗୋପବନ୍ଧୁ ଛକ ବ୍ୟବସାୟୀ ସଂଘ ପକ୍ଷରୁ ଚଳିତଥର ଅଧିକ ଆକର୍ଷଣୀୟ କରିବା ପାଇଁ ଜୋର୍‌ଦାର ପ୍ରସ୍ତୁତି ଚଳାଇଛନ୍ତି। କଟକ ବିଭିନ୍ନ ଆଲୋକିତ ଲାଇଟ୍ ଏବଂ ଚୌଦ୍ୱାରର ମେଢ଼ ଦର୍ଶକଙ୍କୁ ଆକୃଷ୍ଟ ବୋଲି ଆୟୋଜକ ବ୍ୟବସାୟୀ ସଂଘ ସଦସ୍ୟ କହିଛନ୍ତି। ୫୬ ଫୁଟ ଉଚ୍ଚର ଦୁଇଟି ଡିଜିଟାଲ ଚାଇନା ଗଟେ ଏବଂ ନଟରାଜ ଲାଇଟ ଗେଟ୍ ବ୍ୟବସାୟୀ ସଂଘର ଶୋଭାକୁ ଦ୍ୱିଗୁଣିତ କରିବା ନେଇ କମିଟି ଆଶା ରଖିଛନ୍ତି। ୭ଲକ୍ଷରୁ ୮ଲକ୍ଷ ଅର୍ଥ ଚଳିତ ପୂଜାରେ ଖର୍ଚ୍ଚ ହେବାକୁ ଥିବା ସମୟରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଅନେକ ଦୃଷ୍ଟିହୀନ କଳାକାରଙ୍କ ଦ୍ୱାରା ଭଜନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଦିନ ସନ୍ଧ୍ୟାରେ ଆୟୋଜିତ କରାଯିବ ବୋଲି କମିଟି ସଭାପତି ସୁରେନ୍ଦ୍ର କୁମାର ସାହୁ କହିଛନ୍ତି। ଉକ୍ତ ମଣ୍ଡପରେ ୮ଫୁଟ ଉଚ୍ଚର ପ୍ରଭୁ ଗଜାନନଙ୍କ ସହିତ ମାତା ଲକ୍ଷ୍ମୀ ଏବଂ ଦେବୀ ସରସ୍ୱତୀ ପୂଜା ପାଇବେ। ଗଣେଶ ଚତୁର୍ଥୀ ଏବଂ ପୂର୍ଣ୍ଣମୀ ଭସାଣି ଦିନ କମିଟି ପକ୍ଷରୁ ପ୍ରଭୁଙ୍କ ନିକଟରେ ବିଭିନ୍ନ ଫଳମୂଳ ଏବଂ ମିଷ୍ଟାନ୍ନ ଭୋଗ ଲାଗି କରାଯାଇଥାଏ। ଅନ୍ୟ ଦିନରେ ଠାକୁରଙ୍କ ନିକଟରେ ଖେଚୁଡ଼ି ଭୋଗ ଲାଗି ହୋଇଥାଏ। ଯାହା ମାନସିକ ଦାତା ଏବଂ ପୂଜା କମିଟି ବହନ କରିଥାନ୍ତି। ଉକ୍ତ ପ୍ରସାଦ ଶ୍ରଦ୍ଧାଳୁ ଏବଂ ବ୍ୟବସାୟୀଙ୍କ ମଧ୍ୟରେ ବଣ୍ଟା ଯାଇଥାଏ। ଅନ୍ୟପଟେ ଚଳିତ ବର୍ଷ ପ୍ରଭୁ ଗଜାନନଙ୍କ ହାତରେ ୩୫କିଲୋର ସୁସ୍ୱାଦୁ ଦେଶୀ ଘିଅରେ ପ୍ରସ୍ତୁତ ଲଡୁ ଶୋଭା ପାଇବ। ପ୍ରତି ବର୍ଷପରି ଏକ ମନୋରମ କାର୍ଯ୍ୟକ୍ରମ ଜରିଆରେ ନିଲାମ ହୋଇଥାଏ। ଏହି ମଣ୍ଡପରେ ନିଲାମରେ ଲଡୁ ପାଇବା ନିମନ୍ତେ ରାଜ୍ୟର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁ ଅଂଶଗ୍ରହଣ କରଥାନ୍ତି ବୋଲି ଆୟୋଜକ କମିଟି ସଦସ୍ୟ କହିଛନ୍ତି। ପୂଜା ସମୟରେ ବିଶେଷକରି ସନ୍ଧ୍ୟାରେ ଦର୍ଶକଙ୍କ ଭିଡ଼ ବେଶି ପରିଲକ୍ଷିତ ହେବା ଲକ୍ଷ୍ୟରେ ଭିଡ଼ ଏବଂ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୂଜା କମିଟି ପକ୍ଷରୁ ଏକ ୧୨ଜଣିଆ କମିଟି ଗଠନ କରାଯିବା ନେଇ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

**ଏମାନେ କୁହନ୍ତି...**



୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଏହି ମଣ୍ଡପରେ ଠାକୁର ପୂଜା ପାଇଁ ଆସୁଛନ୍ତି। ପ୍ରଥମ ଅବସ୍ଥାରେ କେବଳ ପ୍ରଭୁ ଗଜାନନ ପୂଜା ପାଉଥିଲେ। ବର୍ତ୍ତମାନ ୨୦ ବର୍ଷ ଧରି ତ୍ରିମୂର୍ତ୍ତି ପୂଜା ପାଉଛନ୍ତି। ୪୦ ବର୍ଷ ପୂର୍ବେ ସ୍ୱଳ୍ପ ଦୋକାନୀ ଭାଇଙ୍କ ଦ୍ୱାରା ପୂଜା ଅନୁଷ୍ଠିତ କରାଯାଉଥିଲା। ବର୍ତ୍ତମାନ ବ୍ୟବସାୟୀ ବଢ଼ିବା ସହ ପୂଜାର ଖର୍ଚ୍ଚ ଏବଂ ସାଜସଜ୍ଜା ମଧ ବଢ଼ିଛି। ଚଳିତ ବର୍ଷ ଦର୍ଶକଙ୍କୁ ମଣ୍ଡପ ପ୍ରତି ଆକୃଷ୍ଟ କରିବା ପାଇଁ ୫୬ଫୁଟର ଦୁଇଟି ଏଲ୍‌ଇଡି ଲାଇଟ ଗେଟ୍ ଯେଉଁଥିରେ ଚାଇନା ଗେଟ୍ ଏବଂ ନଟରାଜ ଗେଟ୍ ଶୋଭା ପାଇବ।

**–ସୁରେନ୍ଦ୍ର କୁମାର ସାହୁ, ଗୋପବନ୍ଧୁ ଛକ ବ୍ୟବସାୟୀ ସଂଘ, ସଭାପତି**



ପ୍ରତି ବର୍ଷ ପରି ଚଳିତବର୍ଷ ଲଡୁ ନିଲାମ କରାଯିବ। ବେସନ, କାଜୁ, କିସ୍‌ମିସ୍ ଏବଂ ଦେଶୀ ଘିଅରେ ପ୍ରସ୍ତୁତ ହେବ ୩୫ କିଲୋ ଓଜନର ଲଡୁ। ଯାହାକୁ ଧରିବେ ପ୍ରଭୁ ବିଘ୍ନ ବିନାଶନ। ନିଲାମ ଅର୍ଥ ପୂଜା କାର୍ଯ୍ୟରେ ଲଗାଯିବ। ଆମ ବ୍ୟବସାୟୀ ସଂଘର ମେଢ଼କୁ ଭସାଣି ଦିନ ଦେଖିବା ପାଇଁ ହଜାର ହଜାର ଜନସାଧାରଣ ଅପେକ୍ଷା କରି ରହିଥାନ୍ତି। ଟ୍ରକ ଚେସିସ୍‌ରେ ବୁଲି ବୁଲି ମେଢ଼ ସହିତ ବିଭିନ୍ନ ରଙ୍ଗର ଆଲୋକରେ ଭସାଣି ଯାତ୍ରାରେ ସାମିଲ ହୋଇଥାଉ। ଦୁଇ ବର୍ଷ ବ୍ୟବଧାନ ପରେ ଚଳିତ ଭସାଣିକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସଂଘ ନିଷ୍ପତ୍ତି ନେଇଛି।

**–ବିଷ୍ଣୁପ୍ରସାଦ ରାଉତ, ଗୋପବନ୍ଧୁ ଛକ ବ୍ୟବସାୟୀ ସଂଘ, ସମ୍ପାଦକ**

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୫।୮।୨୦୨୨

| ୨,୩୬,୫୨୯ ଟଙ୍କା | |
|---|---|
| ସୁନା | ୫.୫୦୦ ଗ୍ରାମ |
| ରୁପା | ୮୫.୫୦୦ ଗ୍ରାମ |

# ଜିଲାରେ ୧୧୩ ଡାକ୍ତର ପଦବୀ ଖାଲି




■ ସ୍ନାୟୁ, ହୃଦ୍‌ରୋଗ ବିଶେଷଜ୍ଞ ନାହାନ୍ତି
■ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ, ରୋଗୀ ହଇରାଣ

ପୁରୀ ଅଫିସ,୨୫।୮:

ପୁରୀ ଜିଲାରେ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଶ୍ରୀଜଗନ୍ନାଥ ମେଡିକାଲ କଲେଜ ପ୍ରତିଷ୍ଠା କରିଛନ୍ତି। କଟକ କିମ୍ବା ଭୁବନେଶ୍ୱର ଉପରେ ପୁରୀ ଜିଲାବାସୀ ନିର୍ଭରଶୀଳ ନ ହୋଇ ଯେପରି ପୁରୀରେ ସମସ୍ତ ସ୍ୱାସ୍ଥ୍ୟଗତ ସୁବିଧା ପାଇବେ ସେ ନେଇ ଜୋର ଦିଆଯାଉଥିବା ସରକାର ଦାବି କରୁଛନ୍ତି। ମାତ୍ର ଏ କ୍ଷେତ୍ରରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ଜିଲାରେ ଥିବା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ମୋଟ ୧୧୩ ଡାକ୍ତର ପଦବୀ ଖାଲିପଡ଼ିଛି। ଫଳରେ ରୋଗୀସେବା ବାଧାପ୍ରାପ୍ତ ହେଉଛି। ଚିକିତ୍ସା ପାଇଁ ରୋଗୀଙ୍କୁ ଖର୍ଚ୍ଚାନ୍ତ ହୋଇ ଅନ୍ୟତ୍ର ଯିବାକୁ ପଡୁଛି। ଏହାକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି।

ପୁରୀ ସହରରେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଆଇଡିଏଚ୍ ହସ୍ପିଟାଲ୍ ରହିଛି। ଏହା ବ୍ୟତୀତ ଜିଲାରେ ୧୬ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୪୭ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୨ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ମ୍ୟୁନିସିପାଲିଟି ହସ୍ପିଟାଲ୍ ଏବଂ ଜେଲ ହସ୍ପିଟାଲ୍‌କୁ ମିଶାଇ ସମୁଦାୟ ୬୯ଟି ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଏସବୁ ସ୍ୱାସ୍ଥ୍ୟକେନ୍ଦ୍ର ନିମନ୍ତେ ୩୨୪ଟି ଡାକ୍ତର ପଦବୀ ଅନୁମୋଦିତ ହୋଇଥିବାବେଳେ ୨୧୧ ଜଣ ଡାକ୍ତର ରହିଛନ୍ତି। ଏମାନଙ୍କ ମଧ୍ୟରୁ ୧୧୭ ଜଣ ରେଗୁଲାର ହୋଇଥିବାବେଳେ ୯୪ ଜଣ ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି। ଅତିରିକ୍ତ ଦାୟିତ୍ୱରେ ଥିବା ଅଧିକାଂଶ ଡାକ୍ତର ଏକସଙ୍ଗେ ଏକାଧିକ ଦାୟିତ୍ୱ ସମ୍ଭାଳିଛନ୍ତି। କାର୍ଯ୍ୟ ବ୍ୟସ୍ତତା ଯୋଗୁ ଏମାନେ ସବୁ ସମୟରେ ରୋଗୀଙ୍କୁ ସେବା ଯୋଗାଇବାରେ ସମର୍ଥ ହେଉନାହାନ୍ତି। ସେହିଭଳି ସରକାରୀ ସ୍ତରରେ ସିଧାସଳଖ ଭାବେ ୬୦ଟି ପଦରେ ନିଯୁକ୍ତି ଥିବା ସ୍ଥାନ ଖାଲି ପଡ଼ିଛି। ୮ଜଣ ଡାକ୍ତରଙ୍କୁ ନିଯୁକ୍ତି ମିଳିଥିଲେ ମଧ୍ୟ ସେମାନେ କାର୍ଯ୍ୟରେ ଯୋଗଦେଇନାହାନ୍ତି। ୨ଜଣ ଦୀର୍ଘକାଳୀନ ଛୁଟିରେ ରହିଛନ୍ତି। ସ୍ନାତକ ଶିକ୍ଷାରେ ଥିବା ୪୩ କନିଷ୍ଠ ଡାକ୍ତର ପଦବୀ ଖାଲିପଡ଼ିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ଅଧିକାରୀ ଓ ଡାକ୍ତରଙ୍କୁ ମିଶାଇ ସମୁଦାୟ ୮୧ଟି ପଦବୀ ଥିବାବେଳେ ୪୬ ଜଣ ଦାୟିତ୍ୱ ତୁଲାଉଛନ୍ତି। ୩୫ ପଦବୀ ଖାଲିରହିଛି। ସେହିଭଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରେ ସାକ୍ଷୀଗୋପାଳରେ ୫, ଅଳଗୁମରେ ୫, ନିମାପଡ଼ାରେ ଜଣେ, ଚାରିଛକରେ ୫, କୃଷ୍ଣପ୍ରସାଦରେ ୫, ଚିଲିକା ନୂଆପଡ଼ାରେ ୭, ପାଣିଦୋଳରେ ୩, ମଙ୍ଗଳପୁରରେ ୩, ବାଲିଦୋକାନରେ ୧୦, ରେବଣା ନୂଆଗାଁରେ ୪, ଚନ୍ଦନପୁରରେ ୧, ଡେଲାଙ୍ଗରେ ୪, କଣାସରେ ୩, ଗୋପରେ ୫ ଏବଂ ଅସ୍ତରଙ୍ଗରେ ୭ଟି ଡାକ୍ତର ପଦବୀ ଖାଲିପଡ଼ିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ନାୟୁରୋଗ, ହୃଦ୍‌ରୋଗ ଓ ମୂତ୍ରରୋଗ (ୟୁରୋଲୋଜି) ବିଶେଷଜ୍ଞ ନାହାନ୍ତି। ସେହିଭଳି ଆଇସିୟୁ ପାଇଁ ସ୍ୱତନ୍ତ୍ର ଡାକ୍ତର ନାହାନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଶନିବାର ବ୍ୟତୀତ ଅନ୍ୟ କୌଣସି ଦିନ ହୃଦ୍‌ରୋଗ ବିଶେଷଜ୍ଞଙ୍କ ଦେଖା ମିଳୁନାହିଁ। ଏଭଳି ସ୍ଥିତିରେ ରୋଗୀସେବା କିଭଳି ହେଉଥିବ ତାହା ସହଜେ ଅନୁମେୟ। ରାଜ୍ୟ ସରକାର ଜିଲାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନିଯୁକ୍ତି ଦେବାକୁ ସାଧାରଣରେ ଦାବି ହେଉଛି। ମୁଖ୍ୟ ଚିକିତ୍ସାଳୟର ପ୍ରତି ବିଭାଗରେ ଅତିକମ୍‌ରେ ଜଣେ ଲେଖାଏ ବିଶେଷଜ୍ଞ ରହିବା ଦରକାର ବୋଲି ସୂଚନା ଅଧିକାର କର୍ମୀ ବିଶ୍ୱଜିତ ମହାନ୍ତି କହିଛନ୍ତି। ଅନ୍ୟପକ୍ଷରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ର କହିଛନ୍ତି, ଡାକ୍ତର ଅଭାବ ସମସ୍ୟା ନେଇ କ୍ରମାଗତ ଭାବେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଉଛି। କେତେକ କ୍ଷେତ୍ରରେ ନିଯୁକ୍ତି ମଧ୍ୟ ଦିଆଯାଉଛି। ଆମ ପାଖରେ ଥିବା ଡାକ୍ତରଙ୍କୁ ନେଇ ଜିଲାର ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ଦିଗରେ ଧ୍ୟାନ ଦେବା ସହ ପଦକ୍ଷେପ ନେଉଛୁ।



ମହିପ୍ରକାଶ ମଠର ମଠାଧୀଶ ଭାବେ ସ୍ୱାମୀ ଶୁଭାନନ୍ଦ ପୁରୀଙ୍କୁ ପଟାଭିଷେକ କରାଯାଉଛି।

## ଶ୍ରୀମହିପ୍ରକାଶ ମଠର ମଠାଧୀଶ ସ୍ୱାମୀ ଶୁଭାନନ୍ଦ ପୁରୀ

ପୁରୀ ଅଫିସ, ୨୫।୮:

ଶଙ୍କର ସମ୍ପ୍ରଦାୟର ଦଶନାମୀ ସନ୍ନ୍ୟାସୀ ମତାଲମ୍ବୀ ଶ୍ରୀମହିପ୍ରକାଶ ମଠର ନୂତନ ମଠାଧୀଶ ବା ମହନ୍ତ ଗାଦିସୀନ ହୋଇଛନ୍ତି। ପରମ୍ପରା ତଥା ବିଧିବିଧାନ ଅନୁଯାୟୀ ସ୍ୱାମୀ ସର୍ବେଶ୍ୱରାନନ୍ଦ ପୁରୀଙ୍କ ଶିଷ୍ୟ ସ୍ୱାମୀ ଶୁଭାନନ୍ଦ ପୁରୀଙ୍କୁ ମଠର ମଠାଧୀଶ ଭାବେ ପଟାଭିଷେକ କରାଯାଇଛି। ମଠ ପ୍ରାଙ୍ଗଣରେ ପୁରୀ ଧାମର ସନ୍ଥ, ମହନ୍ତ, ଜାରୀ ବୈଷ୍ଣବ ସମ୍ପ୍ରଦାୟ ଏବଂ ଦଶନାମୀ ସନ୍ନ୍ୟାସୀ ସମ୍ପ୍ରଦାୟ ତଥା ଓଡ଼ିଶାର (କ୍ଷତ୍ରୀୟ) ସନ୍ନ୍ୟାସୀ ମହନ୍ତ ମହାମଣ୍ଡେଶ୍ୱର ଉପସ୍ଥିତ ରହି ନୂତନ ମଠାଧୀଶଙ୍କୁ ଗାଦିସୀନ କରିଥିଲେ। ଏହି ଅବସରରେ ପୁରୀ ଧାମର ସମସ୍ତ ବୈଷ୍ଣବ ଓ ଶୈବ ସମ୍ପ୍ରଦାୟ ଏବଂ ଭକ୍ତଙ୍କ ଉପସ୍ଥିତିରେ ଏକ ସ୍ୱୀକୃତି ପତ୍ରନାମା ପ୍ରସ୍ତୁତ କରାଯାଇଥିଲା। ସୂଚନାଯୋଗ୍ୟ ମହିପ୍ରକାଶ ମଠ ପୁରୀର ଏକ ପ୍ରାଚୀନ ମଠ। ଏହା ଶ୍ରୀମନ୍ଦିରର ବହୁ ସେବାସହ ଜଡ଼ିତ। ପ୍ରାଚୀନ ସମୟରେ ମହନ୍ତ ରାମକୃଷ୍ଣ ବ୍ରହ୍ମଚାରୀ, ରାମକୃଷ୍ଣ ପ୍ରକାଶ, ମହି ପ୍ରକାଶ, ବଳଦେବ ପ୍ରକାଶ ପ୍ରମୁଖ ବହୁ ବୈଷ୍ଣବ ସନ୍ନ୍ୟାସୀ ସମ୍ପ୍ରଦାୟର ମଠାଧୀଶ ଭାବେ ଏହି ମଠର ପରମ୍ପରାକୁ ଆଗେଇ ନେଇଥିଲେ। ଶେଷ ମହନ୍ତ ରାମପ୍ରକାଶ ବ୍ରହ୍ମଚାରୀ ଯିବା ପରେ ପ୍ରାୟ ଦୀର୍ଘ ୫୦ବର୍ଷ ଧରି ଶଙ୍କର ସମ୍ପ୍ରଦାୟର ଏହି ମଠଟି ମଠାଧୀଶଙ୍କ ଅନୁପସ୍ଥିତି ଯୋଗୁ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିଲା।

## ସଂକ୍ଷେପରେ

### ସେବକ ସଂଗଠନ ପକ୍ଷରୁ ବିପନ୍ନଙ୍କୁ ସହାୟତା

ଗୋପ,୨୫।୮(ଡି.ଏନ୍.ଏ.)- ଗୋପ ବ୍ଲକର ବିଭିନ୍ନ ଜଳାର୍ଣ୍ଣବ ଅଞ୍ଚଳରେ ଥିବା ବିପନ୍ନମାନଙ୍କୁ ଗୋପ ବୀରତୁଙ୍ଗର ଗ୍ରାମର ସେବକ ସଂଗଠନ ପହଞ୍ଚି ଶୁଖିଲା ଖାଦ୍ୟ, ପଲିଥିନ ବଣ୍ଟନ କରିଛନ୍ତି। ପ୍ରକାଶ ଯେ, ବେଦପୁର ପଞ୍ଚାୟତର ଖଣ୍ଡିଆକୁଦ ନିକଟ କୁଶଭଦ୍ରା ନଦୀରେ ଗୋଟିଏ ୩୦ ଫୁଟ ଲମ୍ବର ଘାଇ ସୃଷ୍ଟି ହୋଇଥିଲା। ଫଳରେ ବ୍ଲକର ୯ପଞ୍ଚାୟତର ୪୧ଟି ଗାଁର ୨୮,୧୧୫ ଜଣ ବିପନ୍ନ ବନ୍ୟା ଜଳ ଘେରରେ ରହିଥିଲେ। ଏହି ବିପନ୍ନଙ୍କ ମଧ୍ୟରୁ ୪,୩୭୦ଜଣ ବିଭିନ୍ନ ସ୍କୁଲ, ବାତ୍ୟା ଆଶ୍ରୟସ୍ଥଳୀରେ ରହିଛନ୍ତି। ବିପନ୍ନଙ୍କୁ ବ୍ଲକ ପ୍ରଶାସନ ସହାୟତା ଦେଉଥିବା ବେଳେ ଗୁରୁବାର ସେବକ ସଂଗଠନର ପରାମର୍ଶ ଦାତା ଧର୍ମେନ୍ଦ୍ର ସାହୁ, କସ୍ତୁରୀବାଳା ସ୍ୱାଇଁ ଓ ଆଲୋକ ଜେନାଙ୍କ ନେତୃତ୍ୱରେ ୫ରୁ ଊର୍ଦ୍ଧ୍ୱ ଟିମ୍ ଗୋପର ବିଭିନ୍ନ ପଞ୍ଚାୟତର ଗ୍ରାମକୁ ଯାଇ ବିଭିନ୍ନ ପ୍ରକାର ସହାୟତା କରିଛନ୍ତି। ବିପନ୍ନଙ୍କୁ ଖାଦ୍ୟ ସହିତ ମଶାବତି, ଦିଆସିଲି ବଣ୍ଟନ କରିଛନ୍ତି।

### ବିପନ୍ନଙ୍କ ପାଖକୁ ଯାଇ ସମସ୍ୟା ବୁଝିଲେ ଆଇଆଇସି

ଗୋପ, ତା,୨୫,୮(ଡିଏନଏ)- ବନ୍ୟା ହେତୁ ଗୋପ ବ୍ଲକର ବିଭିନ୍ନ ଅଞ୍ଚଳ ଜଳାର୍ଣ୍ଣବରେ ରହିଛି। ଫଳରେ ଲୋକେ ପାଣିଘେରରେ ଥିବାବେଳେ ବିଭିନ୍ନ ସମସ୍ୟାର ସମାଧାନ ହୋଇପାରୁନି। ତେଣୁ ଏଭଳି ସବୁ ସମସ୍ୟାକୁ ଦୃଷ୍ଟିରେ ରଖି ଗୋପ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ ବନ୍ୟାଜଳରେ ପଶି ବିଭିନ୍ନ ଗ୍ରାମ ବୁଲି ବିପନ୍ନମାନଙ୍କ ସେବା କରିବା



ସହ ଆଇନ ଶୃଙ୍ଖଳା ରକ୍ଷା କରିବା ଦିଗରେ ନାନା ପଦକ୍ଷେପ ନେଇଛନ୍ତି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଗୋପ ଥାନାଧିକାରୀଙ୍କ ନିକଟକୁ ପ୍ରଶଂସାର ସୁଅ ଛୁଟୁଛି। ପ୍ରକାଶ ଯେ, ଗୋପ ବ୍ଲକ ଅନ୍ତର୍ଗତ ୯ଟି ପଞ୍ଚାୟତରେ ବନ୍ୟା ଜଳରେ ବିପନ୍ନମାନେ ଅସୁବିଧାରେ ରହିଥିବା ବେଳେ ଏପରି ବିପତ୍ତି ସମୟରେ ରାଜନେତାଙ୍କଠାରୁ ଆରମ୍ଭ କରି ବିଭିନ୍ନ ସଂଗଠନ ବନ୍ୟା ଅଞ୍ଚଳରେ ପହଞ୍ଚୁଛନ୍ତି। ଏଭଳି ସମୟରେ ଗୋପ ଥାନାର ଅଧିକାରୀ ପ୍ରଧାନ ବନ୍ୟାଜଳରେ ପଶି ଲୋକଙ୍କ ନିକଟକୁ ଯାଇ ବିଭିନ୍ନ ସମସ୍ୟା ଓ ଅଭିଯୋଗ ଶୁଣି ତ୍ୱରିତ ସମାଧାନ କରିଥିଲେ। ଏପରି କି କେତେକ ମୃତ୍ୟୁ ଘଟଣାରେ ଥାନା ଅଧିକାରୀ ବନ୍ୟା ଜଳରେ ପହଞ୍ଚି ବ୍ୟବଚ୍ଛେଦ କରିବା ପାଇଁ ପଠାଇଛନ୍ତି।




ପୁରୀ ସାଇକଲ୍ୟାଣ ମଣ୍ଡପରେ ଗୁରୁବାର ପୁରୀ ଲାୟନ୍ସ କ୍ଲବର ୪୭ତମ ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିବା ଅତିଥି ଏବଂ କର୍ମକର୍ତ୍ତାମାନେ ।

## ବାଡ଼ବୁଜାକୁ କେନ୍ଦ୍ରକରି ୨ ପରିବାର ମଧ୍ୟରେ ମାରପିଟ

ଡେଲାଙ୍ଗ,୨୫।୮(ଡି.ଏନ୍.ଏ.)

ଡେଲାଙ୍ଗ ଥାନା ଅନ୍ତର୍ଗତ ଅଳଉତା ଗ୍ରାମରେ ଜାଗାବାଡିର ସୀମା ବିବାଦକୁ କେନ୍ଦ୍ରକରି ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏଥିରେ ଗୋଟିଏ ପରିବାରର ଜଣେ ବୃଦ୍ଧାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ଲତାମଣି ପରିଡା(୮୨)। ଏ ନେଇ ଲତାମଣିଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ.୨୨୭/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗତମାସ ୨୫ ତାରିଖରେ ଉକ୍ତ ଜାଗାବାଡିକୁ ନେଇ ଲତାଙ୍କ ପରିବାର ଓ ପଡ଼ୋଶୀଙ୍କ ମଧ୍ୟ ପାଟିତୁଣ୍ଡ ହେବାରୁ ଏଏସ୍‌ଆଇ ସୁଦାମ ନାୟକ, ୨ ଜଣ ଅମିନ, ଗ୍ରାମର ଭଦ୍ରବ୍ୟକ୍ତି ଓ ଗ୍ରାମରକ୍ଷୀଙ୍କ ତତ୍ତ୍ୱାବଧାନରେ ଜମି ମାପ କରାଯାଇ ସୀମା ନିର୍ଦ୍ଧାରଣ କରାଯାଇଥିଲା। ତେବେ ସୀମାରେ ଲତାମଣିଙ୍କ ପରିବା ଲୋକେ ଗୁରୁବାର ବାଡବୁଜିବା ସମୟରେ ପଡ଼ୋଶୀ ପ୍ରତିପକ୍ଷ ମିଳିତ ଭାବେ ଠେଙ୍ଗା, କଟୁରି, ଲୁହାରଡ ଧରି ଲତାମଣିଙ୍କ ସମେତ ବୋହୂ ସସ୍ମିତା, ପୁଅଙ୍କୁ ଆକ୍ରମଣ କରିଥିଲେ। ଏନେଇ ତାଙ୍କ ବୋହୂ ପଡ଼ୋଶୀଙ୍କ ବିରୋଧରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ତେବେ ପଡ଼ୋଶୀ ଭାନୁମତି ବାରିକ ମଧ୍ୟ ଏକ ପାଲଟା ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୋଲିସ ଆଉ ଏକ ମାମଲା(ନଂ.୨୨୮/୨୨) ରୁଜୁ କରି ତଦନ୍ତ ଚଳାଇଛି।

# ସମୁଦ୍ର କୂଳରୁ କଙ୍କାଳ ଜବତ

କୋଣାର୍କ,୨୫।୮(ଡି.ଏନ୍.ଏ.)

ପୁରୀ-କୋଣାର୍କ ବେଳାଭୂମି ରାମଚଣ୍ଡୀ ମୁହାଣଠାରୁ ନୂଆନଈ ମୁହାଣ ବାଙ୍ଗର ଜଙ୍ଗଲ ନିକଟ ସମୁଦ୍ର କୂଳରୁ ଗୁରୁବାର ଏକ ମାନବ ଶରୀର କଙ୍କାଳ ପଡ଼ିଥିବା ଦେଖିବାକୁ ମିଳିଛି। କଙ୍କାଳରେ ଲାଗିଥିବା କପଡ଼ା ପୋଷାକ ଓ ହାତରେ ଥିବା ଏକ କଡ଼ାରୁ ଏହା ଏକ ପୁରୁଷର କଙ୍କାଳ ବୋଲି ଅନୁମାନ କରାଯାଉଛି। କଙ୍କାଳ ବୟସ ୨୫ରୁ ୩୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ସ୍ଥାନୀୟ ଲୋକେ ଦେଖି ପୋଲିସକୁ ସୂଚନା ଦେଇଥିବା ବେଳେ ଘଟଣା ସ୍ଥଳରେ ମେରାଇନ ଥାନା ପୋଲିସ ପହଞ୍ଚି କଙ୍କାଳକୁ ଜବତ କରିଛି। ପୁରୀ ଆରକ୍ଷୀ ଉପଅଧୀକ୍ଷକ, ରାମଚଣ୍ଡି ଥାନା ଅଧିକାରୀ, ଚନ୍ଦ୍ରଭାଗା ମେରାଇନ ଥାନା ଅଧିକାରୀ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମେରାଇନ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ନଂ.୪/୨୨ ରୁଜୁ କରାଯାଇ କଙ୍କାଳକୁ ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଯାଇଥିବା ଥାନାଧିକାରୀ ଶରତ ନାରାୟଣ ସେଠୀ ପ୍ରକାଶ କରିଛନ୍ତି। କଙ୍କାଳକୁ ଚିହ୍ନିବା କଷ୍ଟକର ହୋଇଥିବାରୁ ତାହାର ଡିଏନଏ ପରୀକ୍ଷା କରାଯିବ ବୋଲି ପୋଲିସ କହିଛି। ତେବେ ସମୁଦ୍ରରେ ଭାସି ଆସି ପ୍ରାଣ ହରାଇଛନ୍ତି କିମ୍ବା କୌଣସି କାରଣରୁ ହତ୍ୟା କି ଆତ୍ମହତ୍ୟା ହୋଇଛି, ସେନେଇ କୌଣସି ତଥ୍ୟ ମିଳି ପାରିନାହିଁ। ଅନ୍ୟପକ୍ଷରେ ଗତ ୧୫ତାରିଖରେ ସମୁଦ୍ରରେ ବୁଡ଼ି ନିଖୋଜ ଥିବା ବଙ୍ଗୀୟ ଯୁବକ ରବି ସିଂଙ୍କ କଙ୍କାଳ ହୋଇଥାଏପାରେ ବୋଲି ସନ୍ଦେହ କରାଯାଉଛି।



ଜବତ ହୋଇଥିବା କଙ୍କାଳ ।

## ଶ୍ରୀଲିଙ୍ଗରାଜ ମନ୍ଦିର ରୋଷଘରେ ପଶିଲେ ମାନସିକ ବିକୃତ

ପୁରୁଣା ଭୁବନେଶ୍ୱର, ୨୫।୮(ଡି.ଏନ୍.ଏ.)

ଶ୍ରୀଲିଙ୍ଗରାଜ ମନ୍ଦିରରେ ଠାକୁରଙ୍କ ନୀତିକାନ୍ତି ବେଳେ ଗୁରୁବାର ଏକ ଅଘଟଣ ଘଟିଛି। ରାତି ପ୍ରାୟ ୮ଟା ସମୟରେ ଠାକୁରଙ୍କ ବଡ଼ସିଂହାର ବେଶ ଚାଲିଥିବା ବେଳେ ହଠାତ୍ ଜଣେ ମାନସିକ ବିକୃତ ଲୋକ ମନ୍ଦିର ଭିତରକୁ ପଶିଯାଇଥିଲେ। ଆଶ୍ଚର୍ଯ୍ୟର କଥା ସେବାୟତ ଏବଂ ସୁରକ୍ଷା କର୍ମୀ ମନ୍ଦିର ଫାଟକ ନିକଟରେ ଥିବାବେଳେ ଏହି ଲୋକଟି ଅକ୍ଲେଶରେ ମନ୍ଦିରର କୋଠ ରୋଷ ଘରେ ପଶିଯାଇଥିଲେ। ସେଠାରେ ଥିବା ଠାକୁରଙ୍କ ଅମୁଣିଆ ପିଠା ଭୋଗ ଧରି ଖାଇ ଖାଇ ଫେରୁଥିଲେ। ଏହା ବାହାରେ ଥିବା ସେବାୟତମାନେ ଦେଖି ତାଙ୍କୁ ଅଟକାଇ ଥିଲେ। ହେଲେ ସେ ଠିକ୍ ଭାବେ କଥା ନ କହିବାରୁ ଛାଡ଼ି ଦେଇଥିଲେ। ଫଳରେ ଠାକୁରଙ୍କ ନୀତିରେ ସଂସ୍କାର କରାଯାଇ ପୁନଃ ଠାକୁରଙ୍କ ପାଇଁ ଦହି ପଖାଳ ଲାଗି କରାଯାଇଥିଲା।

## ଅମୃତ ମହୋତ୍ସବ, ପୋଷଣ ଟ୍ରାକର ସମ୍ବନ୍ଧିତ ଆଲୋଚନାଚକ୍ର

କୃଷ୍ଣପ୍ରସାଦ,୨୫।୮(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ଓ ପୋଷଣ ଟ୍ରାକର ସମ୍ବନ୍ଧୀୟ ଆଲୋଚନାଚକ୍ର ଗୁରୁବାର ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିକାଶ ବିଭାଗ ତରଫରୁ ବ୍ଲକ ଅଧୀନ ୧୩୪ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ଅଗଷ୍ଟ ୧୫ରୁ ଡ୍ରଇଂ, ନୃତ୍ୟ, ଗୀତ ଓ ବକ୍ତୃତା ପ୍ରତିଯୋଗିତା କରାଯାଇଛି। ଗ୍ରାମାଞ୍ଚଳରେ ବସବାସ କରୁଥିବା ପିଲାମାନଙ୍କ ଦକ୍ଷତା ବୃଦ୍ଧି ଓ ସଚେତନତା କରାଇବା ଉଦ୍ଦେଶ୍ୟରେ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପୋଷଣ ଟ୍ରାକରର କାର୍ଯ୍ୟକାରିତା ଦିଗରେ ଅବଗତ କରାଇବା ସହ ଏଦିଗରେ ମହିଳା ଓ ଶିଶୁମାନେ ଯତ୍ନବାନ ହେବାକୁ ସିଡିପିଓ ମନୋରମା ଦେବୀ ମତବ୍ୟକ୍ତ କରିଥିଲେ। ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥିତ ରହି ଭାରତର ସ୍ୱାଧୀନତା ସଂଗ୍ରାମୀଙ୍କ ବିଷୟରେ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇ ପରେ ପୁରସ୍କୃତ କରାଯାଇଥିଲା। ସମସ୍ତ ସୁପରଭାଇଜର ଏବଂ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର କର୍ମଚାରୀମାନେ ଉପସ୍ଥିତ ଥିଲେ। ସିଡିପିଓ ମନୋରମା ଦେବୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସତ୍ୟବାଦୀ ବିଦ୍ୟାଳୟ ଆଲୁମ୍‌ନି କମିଟିର ୫ମ ବୈଠକ

ସାକ୍ଷୀଗୋପାଳ, ୨୫।୮(ଡି.ଏନ୍.ଏ./ସ୍ୱ.ପ୍ର.)

ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ବିଦ୍ୟାଳୟର ଆଲୁମନି କମିଟିର ୫ମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭା କାର୍ଯ୍ୟ ଆଲୁମନି କମିଟିର ସଭାପତି କିଶୋର ମହାପାତ୍ରଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିଲା। ଏଥିରେ କମିଟିର ସମ୍ପାଦକ ରାଜା ବଲ୍ଲଭ ମିଶ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭବମ ପ୍ରଧାନ, ଶିକ୍ଷକ ସତ୍ୟବାଦୀ ଦାଶ, ବସନ୍ତ ସ୍ୱାଇଁ, ପୂର୍ବତନ ଶିକ୍ଷକ ବନମାଳୀ ବେହେରା, ଅନୁଷ୍ଠାନର ପୁରାତନ ଛାତ୍ର ଦୁର୍ଗେଶ ପ୍ରସାଦମିଶ୍ର, ବିଜୟ କୁମାର ନନ୍ଦ, ରମା ବଲ୍ଲଭ ବରାଳ, ଆଶିଷ ମହାପାତ୍ର, ଆଲୋକ ଖୁଣ୍ଟିଆ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଆଲୁମନି କମିଟିର ଆୟ ବ୍ୟୟ ସହ ବିଦ୍ୟାଳୟରେ ପାଠ୍ୟଦାନ ସମୟରେ ବିଦ୍ୟୁତ ନ କଟିବା ସହ ଅନ୍ୟ ବିକଳ୍ପ ପ୍ରସ୍ତୁତ କରିବା ଓ ପରିସର ସଫାସୁତୁରା ରଖିବା, ଉଦ୍ୟାନ ପ୍ରସ୍ତୁତ, ପିଲାମାନଙ୍କର ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ସଚେତନତା କରିବା ଦିଗରେ ସଭାପତି, ସମ୍ପାଦକ ଠିକ୍ ଭାବେ ବୁଝାଇବେ ବୋଲି ଉପସ୍ଥିତ ପୁରାତନ ଛାତ୍ରମାନେ କହିଥିଲେ। ଅନ୍ୟପଟେ ଅପରାହ୍ନରେ ପୁରୀ ଜିଲାର ସମସ୍ତ ବ୍ଲକର ୫୦ଜଣ ସରପଞ୍ଚ ସତ୍ୟବାଦୀ ସମିତି ଅଧକ୍ଷ ସୁନୀଲ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଏହି ବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ। ବିଦ୍ୟାଳୟ ପରିସର, ଶ୍ରେଣୀ ଗୃହ, ଲାଇବ୍ରେରୀ ଆଦି ବୁଲି ଦେଖିବା ସହ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭବମ ପ୍ରଧାନଙ୍କ ସହ ଆଲୋଚନା କରିଥିଲେ। ତାଙ୍କ ସହ ସତ୍ୟବାଦୀ ବ୍ଲକର ଜୟପୁର ସରପଞ୍ଚ ପ୍ରତିନିଧି ଗୁଲୁ ସାମନ୍ତରାୟ ସହଯୋଗ କରିଥିଲେ। କୃଷ୍ଣ ଚନ୍ଦ୍ର ଜେନା, ରୂପାଲି ଖଣ୍ଡାଇ, ପ୍ରଦୀପ୍ତ କୁମାର ବିଶ୍ୱାଳ, ପ୍ରତାପ ବେହେରା, ଦୁଷ୍ମନ୍ତ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।



ବୈଠକରେ ଯୋଗ ଦେଇଥିବା କମିଟିର ସଦସ୍ୟମାନେ ।

## ବିନା ଜିଏସ୍‌ଟି ବିଲ୍‌ରେ ସାମଗ୍ରୀ ନେଇ ଆସୁଥିବା ଗାଡ଼ି ଯାଞ୍ଚ

ପିପିଲି,୨୫।୮(ଡି.ଏନ୍.ଏ.)- ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ବିନା ବିଲ୍‌ରେ ବିଭିନ୍ନ ସାମଗ୍ରୀ ଅନେକ ସ୍ଥାନକୁ ଚାଲାଣ ହେଉଛି। ରାଜ୍ୟ ସରକାର ଏବେ ଜିଏସ୍‌ଟି ଉପରେ ଗୁରୁତ୍ୱ ଦେଉଥିବାବେଳେ ଲୋକେ ଚଞ୍ଚକତା କରି ସାମଗ୍ରୀ ଚାଲାଣ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ଜଟଣୀରୁ ବିଭିନ୍ନ ସାମଗ୍ରୀ ବିନା ଜିଏସ୍‌ଟି ବିଲ୍‌ରେ ଚାଲାଣ ହେଉଥିବା ବେଳେ ପୁରୀ ଜିଏସ୍‌ଟି ବିଭାଗ ଖବରପାଇ ପିପିଲିରେ ଉକ୍ତ ଗାଡ଼ିକୁ ଅଟକାଇ ଯାଞ୍ଚ କରି କିଛି ସମୟ ପରେ ଛାଡ଼ି ଦେଇଛନ୍ତି। ଏହା ଜଣାପଡ଼ିବା ପରେ ଉକ୍ତ ଗାଡ଼ିଠାରୁ କେତେ ଜରିମାନା ଆଦାୟ କରାଗଲା, କଣ କାର୍ଯ୍ୟାନୁଷ୍ଠାନ ନେଇ ଛଡ଼ାଗଲା ତାହା ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ସୂଚନାଯୋଗ୍ୟ, ଅପରାହ୍ନରେ ଜଟଣୀରୁ ଗୋଟିଏ ଅଟୋରେ ସିଗାରେଟ, ଗୁଡ଼ଖା ଓ ବିଡି ନେଇ ପିପିଲି ଆସୁଥିଲା। ତେବେ ଉକ୍ତ ଗାଡ଼ିରେ ଜିଏସ୍‌ଟି ବିଲ୍ ନ ଥିବା ବିଶେଷ ସୂତ୍ରରୁ ଖବରପାଇ ପୁରୀ ଜିଏସ୍‌ଟି ଅଧିକାରୀ ପିପିଲି-ଡେଲାଙ୍ଗ ଛକ ନିକଟରେ ଅଟକାଇ ଯାଞ୍ଚ କରିଥିଲେ। ସାମ୍ରଗୀର ଜିଏସ୍‌ଟି ବିଲ୍ ମାଗିବାରୁ ଡ୍ରାଇଭର ଜଣକ ଦେଖାଇପାରି ନ ଥିଲେ। ଅଟୋକୁ ସ୍ଥାନୀୟ ଓଭରବ୍ରିଜ ନିକଟକୁ ନେବା ସହ ସାମଗ୍ରୀର ମାଲିକ ଖବରପାଇ ଆସିଥିଲେ। କିଛି ସମୟ ସେ ଜିଏସ୍‌ଟି ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ଅଟୋଟିକୁ ଛାଡ଼ି ଦେଇଥିଲେ। ପରେ ଖବରଦାତାମାନେ ପହଞ୍ଚି ଘଟଣା ବିଷୟରେ ଅଟୋଠାରୁ କେତେ ଜରିମାନା, କ'ଣ କାର୍ଯ୍ୟାନୁଷ୍ଠାନ ନିଆଗଲା ବୁଝିବାରୁ କୌଣସି ଅଧିକାରୀ କିଛି ସୂଚନା ନଦେଇ ଚାଲିଯାଇଥିଲେ।




ଜିଏସ୍‌ଟି ବିଭାଗ ପକ୍ଷରୁ ଗାଡ଼ି ଯାଞ୍ଚ କରାଯାଉଛି ।

## ଭାଗବତ ପ୍ରଚାର ସମିତିର ବୈଷ୍ଣବ ମେଳା

ଚୌଦ୍ୱାର,(ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ବଡ଼ସାମନ୍ତରାପୁର ଗ୍ରାମର ସନ୍ତୋଷୀ ମା' ମନ୍ଦିରରେ ବୈଷ୍ଣବ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଗବତପ୍ରେମୀ କ୍ଷେତ୍ରବାସୀ ବେହେରା ପୌରୋହିତ୍ୟ କରିଥିଲେ। ଟାଙ୍ଗୀ-ଚୌଦ୍ୱାର ଭାଗବତ ପ୍ରଚାର ସମିତି ସଭାପତି ସିଦ୍ଧେଶ୍ୱର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ସାଧୁସନ୍ଥ ଯୋଗଦେଇ ଭାଗବତ ଓ ବେଦପାଠ କରିଥିଲେ। ଏଥିରେ ପରମାନନ୍ଦ ସାହୁ, ହୃଷୀକେଶ ମହାନ୍ତି, କାଳନ୍ଦୀ ମହାରଣା, ଚିତ୍ତରଞ୍ଜନ ମିଶ୍ର, ବିଚିତ୍ରାନନ୍ଦ ନାୟକ, ମାନସ ସାହୁ, ସନ୍ତୋଷ କୁମାର ମହାରଣାଙ୍କ ସମେତ ବଡ଼ସାମନ୍ତରାପୁର, ପଦାଗାଁ, ଚୌଦ୍ୱାର ଅଞ୍ଚଳର ବହୁ ଭାଗବତପ୍ରେମୀ ଯୋଗ ଦେଇଥିଲେ।

# ବାରପଥର ରାସ୍ତା ଶୋଚନୀୟ


ବାରପଥର ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମା।

**କଟକ ଅଫିସ,୨୫।୮**

କଟକ ବାରପଥର ଅଞ୍ଚଳରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ବକ୍ସିବଜାର ମୁଖ୍ୟରାସ୍ତାର ବାରପଥର ପୂଜା ମଣ୍ଡପଠାରୁ ସହରର ମୁଖ୍ୟ ଡ୍ରେନ୍ ପାର୍ଶ୍ୱ ଦେଇ ଯାଇଥିବା ରାସ୍ତାରେ ଖାଲଖମା ସୃଷ୍ଟି ହୋଇଥିବାବେଳେ ବର୍ଷା ହେଲେ ସେଥିରେ ପାଣି ଜମୁଛି। ଫଳରେ ପ୍ରତିଦିନ ଦୁର୍ଘଟଣା ଘଟିବା ସହ ସାହି ବାସିନ୍ଦାମାନେ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟ ଡ୍ରେନ୍ ଉପରେ କଂକ୍ରିଟ ବକ୍ସ ନିର୍ମାଣ ପାଇଁ ରାସ୍ତାକୁ ତାଡ଼ି ଦିଆଯାଇଛି। ନିର୍ମାଣ କାମ ସମୟରେ ଡ୍ରେନ୍ ପାଣି ନିଷ୍କାସନ ପାଇଁ ରାସ୍ତା ପାର୍ଶ୍ୱରେ ବସାଯାଇଥିବା ବଡ଼ ପାଇପ ରାସ୍ତାକୁ ସଂକୀର୍ଣ୍ଣ କରିଛି। ଯେଉଁ ଅଞ୍ଚଳରେ ରାସ୍ତା ତଡ଼ାଯିବ ତାହାକୁ ଯାତାୟାତ ଉପଯୋଗୀ କରାଯିବାକୁ ନିର୍ଦ୍ଦେଶ ରହିଥିବାବେଳେ ତାହା ଏଠାରେ କରାଯାଉନାହିଁ। ବାରବାଟୀ ଷ୍ଟାଡିୟମ, ବକ୍ସିବଜାର ଅଞ୍ଚଳରୁ ଲୋକମାନେ ବାଦାମବାଡ଼ି ଆସିବା ପାଇଁ ଦୂରତା କମ୍ ହେଉଥିବାରୁ ଏହି ରାସ୍ତାକୁ ପସନ୍ଦ କରିଥାନ୍ତି। ଏହାବାଦ ଶୈଳବାଳା ମହିଳା ମହାବିଦ୍ୟାଳୟ, ଖ୍ରୀଷ୍ଟ କଲେଜ, ଦେଉଳସାହି କଲେଜ, ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ ସମେତ ଖ୍ରୀଷ୍ଟ କଲିଜିଏଟ ସ୍କୁଲ, ଷ୍ଟିୱାର୍ଟ ସ୍କୁଲ ଆଦି ବହୁ ଶିକ୍ଷାନୁଷ୍ଠାନ ଓ କଳାବିକାଶ କେନ୍ଦ୍ରକୁ ଦୈନନ୍ଦିନ ଛାତ୍ରୀଛାତ୍ରମାନେ ଏହି ରାସ୍ତାରେ ଅଟୋ, ବାଇକ କିମ୍ବା ସାଇକେଲରେ ଯାତାୟାତ କରିଥାନ୍ତି। ହେଲେ ଉକ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିବାରୁ ଯାତ୍ରୀବାହୀ ଅଟୋ ଯିବା ପୂରା ବନ୍ଦ ହୋଇଯାଇଛି। ସାଇକେଲ କିମ୍ବା ବାଇକରେ ଯିବା ମଧ୍ୟ ମୁସ୍କିଲ ହୋଇଛି। ତୁରନ୍ତ ଏହାକୁ ମରାମତି ଦିଗରେ ପଦକ୍ଷେପ ନିଆଯିବାକୁ ସାଧାରଣରେ ଦାବି ହେଉଛି।

### ଏମାନେ କୁହନ୍ତି...


"ରାସ୍ତା ସାରା ଖାଲଖମାରେ ଭର୍ତ୍ତି। ସାମାନ୍ୟ ବର୍ଷା ହେଲେ ପାଣି ଜମିରହୁଛି। ବହୁଦିନ ହେଲାଣି ରାସ୍ତା ମରାମତି କଥା କେହି ଚିନ୍ତା କରୁନାହାନ୍ତି। ରାତି ପାହିଲେ ଆମେ ହିଁ ଦୁର୍ଦ୍ଦଶା ଭୋଗୁଛୁ।

**ବି. ଶଙ୍କର ରାଓ, ସ୍ଥାନୀୟ ବାସିନ୍ଦା**


"ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଥିବାରୁ ଛୋଟ ପିଲା ଓ ବୃଦ୍ଧାବୃଦ୍ଧମାନେ ଯାଇପାରୁନାହାନ୍ତି। ଛାତ୍ରୀଛାତ୍ରମାନେ ସ୍କୁଲ ଯିବାବେଳେ ଅସାବଧାନତାବଶତଃ ପଡିଯିବାରୁ ପୋଷାକ କାଦୁଅ ହୋଇଯାଉଛି। କେବେ ଏହି କାମ ସରିବ ତାହାକୁ ଚାହିଁ ରହିଛୁ।

**ପି. ନରସିଂହ, ସ୍ଥାନୀୟ ବାସିନ୍ଦା**


"ବକ୍ସ ଡ୍ରେନ୍ କାମ ସାରିବା ପାଇଁ ଆସନ୍ତା ଡିସେମ୍ବର ପର୍ଯ୍ୟନ୍ତ ସମୟସୀମା ରହିଛି। ହେଲେ ଯାହା ଜଣାପଡୁଛି ନିର୍ଦ୍ଧାରିତ ସମୟରେ ତାହା ସରିପାରିବ ନାହିଁ। ତେଣୁ ପୂଜା ପୂର୍ବରୁ ଉକ୍ତ ରାସ୍ତାକୁ ସର୍ବସାଧାରଣଙ୍କ ଯାତାୟାତ ଉପଯୋଗୀ କରାଯିବ।

**ସୁବାସ ସିଂ, ମେୟର, ସିଏମ୍‌ସି**

# ଭାଜପା କାର୍ଯ୍ୟକାରିଣୀ କମିଟି କର୍ମକର୍ତ୍ତାଙ୍କ ନାମ ଘୋଷଣା

**କଟକ ଅଫିସ, ୨୫।୮**

ଭାଜପାକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ କଟକ ଜିଲା ଭାଜପା କାର୍ଯ୍ୟକାରିଣୀ କମିଟି କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ କଟକ ଜିଲା ସଭାପତି ପ୍ରକାଶ ଚନ୍ଦ୍ର ବେହେରା ଉକ୍ତ କମିଟି କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ଏହି କମିଟିରେ ଉପସଭାପତି ଭାବେ ବିଭୁଦତ୍ତ ପଟ୍ଟନାୟକ, ଗୋକୁଳ ଚନ୍ଦ୍ର ପ୍ରଧାନ, ମନୋରଞ୍ଜନ ନାୟକ, ପ୍ରଶାନ୍ତ କୁମାର ହୋତା, ଧନେଶ୍ୱର ନାୟକ, ଦୁର୍ଗାପ୍ରିୟା ଦଳବେହେରା, ଆଲୋକ ଚନ୍ଦ୍ର ମହାନ୍ତି ଓ ବିଚିତ୍ରାନନ୍ଦ ଜେନା ରହିଛନ୍ତି। ସେହିପରି କମିଟିର ସାଧାରଣ ସମ୍ପାଦକ ଭାବେ ରାମନାରାୟଣ ମହାନ୍ତି, ଅରବିନ୍ଦ ବିଶ୍ୱାଳ ଓ ପ୍ରଶାନ୍ତ ପ୍ରଧାନ ରହିଛନ୍ତି। ଜିଲା ସମ୍ପାଦକ ଭାବେ ବୈରାଗୀ ଚରଣ ପ୍ରଧାନ, ବିବେକାନନ୍ଦ ବେହେରା, ସ୍ମୃତିରଞ୍ଜନ ମହାନ୍ତି, ପ୍ରଭାସ ଚନ୍ଦ୍ର ରାଉତ, ହେମମରି ଭଦେଓ, ଲଲାଟେନ୍ଦୁ ପ୍ରସାଦ ଦାସ, ସୁଜାତା ପରିଡା ଓ କନକଲତା ବେହେରା ରହିଥିବାବେଳେ ଜିଲା କୋଷାଧ୍ୟକ୍ଷ ଭାବେ ଲକ୍ଷ୍ମୀଧର ନାଥ ସ୍ଥାନ ପାଇଛନ୍ତି। ଉକ୍ତ କମିଟିରେ ୭ଟି ମୋର୍ଚ୍ଚା ରହିଛି। ଯୁବ ମୋର୍ଚ୍ଚାର ସଭାପତି ଭାବେ ରଞ୍ଜିତ ସାହୁ, ମହିଳା ମୋର୍ଚ୍ଚାର ସଭାନେତ୍ରୀ ଯାଜ୍ଞସେନୀ ଜେନା, କୃଷକ ମୋର୍ଚ୍ଚାର ସଭାପତି ଉତ୍କଳମଣି ମନ୍ତ୍ରୀ, ଓବିସି ମୋର୍ଚ୍ଚାର ସଭାପତି ଚିନ୍ତାମଣି ମହାଲିକ, ଏସ୍‌ସି ମୋର୍ଚ୍ଚାର ସଭାପତି ସରୋଜ ସେଠୀ, ଏସ୍‌ଟି ମୋର୍ଚ୍ଚାର ସଭାପତି ସନ୍ତୋଷ ମୁଣ୍ଡା ଏବଂ ସଂଖ୍ୟାଲଘୁ ମୋର୍ଚ୍ଚାର ସଭାପତି ଭାବେ ଏମ୍.ଡି ଅସଲମ ସ୍ଥାନ ପାଇଛନ୍ତି। ସେହିପରି ଜିଲାର ବିଭିନ୍ନ ପ୍ରକୋଷ୍ଠ ମଧ୍ୟରୁ ବିକ୍ରମ କେଶରୀ ଦାଶ ବୁଦ୍ଧିଜୀବୀ ପ୍ରକୋଷ୍ଠ, ତାପସ କୁମାର ନାୟକ ଆଇନ ପ୍ରକୋଷ୍ଠ, ବନ୍ଧୁ ଚରଣ ସାହୁ ସମବାୟ ପ୍ରକୋଷ୍ଠ, ଅଶ୍ୱିନୀ କୁମାର ସାହୁ ସୂଚନା ଓ ପ୍ରଯୁକ୍ତି ପ୍ରକୋଷ୍ଠ ଏବଂ ମୋହନ ସେଠୀ ସ୍ୱଚ୍ଛଭାରତ ପ୍ରକୋଷ୍ଠରେ ସଂଯୋଜକ ଭାବେ ନିଯୁକ୍ତ ହୋଇଛନ୍ତି। ଏହି କାର୍ଯ୍ୟକାରିଣୀ କମିଟିରେ ୨୧ ଜଣ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ, ୪୦ ଜଣ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଏବଂ ୭୦ ଜଣ କାର୍ଯ୍ୟକାରିଣୀ ସଦସ୍ୟ ରହିଛନ୍ତି।

# ସାଗରମିତ୍ରଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**କଟକ ଅଫିସ, ୨୫।୮**

ରାଜ୍ୟର ୬ଟି ଉପକୂଳ ଜିଲାରେ ନିଯୁକ୍ତି ପାଇଥିବା ସାଗରମିତ୍ରଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ରାଜ୍ୟ ମତ୍ସ୍ୟ ବିକାଶରେ ସହାୟକ ହେବ ବୋଲି ମତ୍ସ୍ୟ ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି। ପାରାଦୀପସ୍ଥିତ ଖାରିପାଣି ତାଲିମ କେନ୍ଦ୍ରରେ ନବନିଯୁକ୍ତ ସାଗରମିତ୍ରଙ୍କ ନିମନ୍ତେ ଦକ୍ଷତା ବିକାଶ ଓ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା। ଏହାକୁ ମତ୍ସ୍ୟ ନିର୍ଦ୍ଦେଶକ ପ୍ରଧାନ ଉଦ୍‌ଘାଟନ କରି କହିଥିଲେ, ସର୍ବ ଭାରତୀୟ ସ୍ତରରେ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଚତୁର୍ଥ ସ୍ଥାନରେ ରହିଛି। ରାଜ୍ୟର ଅଭିବୃଦ୍ଧିରେ ସହାୟକ ହେଉଥିବା ମତ୍ସ୍ୟ କ୍ଷେତ୍ର ପ୍ରତି ସରକାର ବିଶେଷ ଦୃଷ୍ଟି ଦେଉଛନ୍ତି। ମତ୍ସ୍ୟ ବିକାଶ କ୍ଷେତ୍ରରେ ସାଗରମିତ୍ରମାନେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ପାରାଦୀପସ୍ଥିତ ଖାରିପାଣି ତାଲିମ କେନ୍ଦ୍ର ଓ ବାଲୁଗାଁସ୍ଥିତ ମତ୍ସ୍ୟ ତାଲିମ କେନ୍ଦ୍ରରେ ୨୫୦ ଜଣ ନବନିଯୁକ୍ତ ସାଗରମିତ୍ରଙ୍କୁ ଏକ ସମୟରେ ତାଲିମ ପ୍ରଦାନ କରାଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମତ୍ସ୍ୟଜୀବୀଙ୍କୁ ସଚେତନ ଓ ସହାୟତା କରିବା, ପାଣିପାଗ ସମ୍ପର୍କରେ ଆଗୁଆ ସୂଚନା, ଦୈନିକ ମାଛଧରା ତଥ୍ୟ ସଂଗ୍ରହ, ମାଛଧରା ଡଙ୍ଗାର ପଞ୍ଜୀକରଣ ଓ ଲାଇସେନ୍ସ ପ୍ରଦାନ, ଉପକୂଳ ସୁରକ୍ଷା, ଉପକୂଳ ନିୟନ୍ତ୍ରଣ ରେଖା ସମ୍ପର୍କିତ ନିୟମାବଳୀ ଆଦି ସମ୍ପର୍କରେ ସେମାନଙ୍କୁ ତାଲିମ ଦିଆଯାଉଛି। ଏହି କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ଜିଲା ମତ୍ସ୍ୟ ଅଧିକାରୀ ଦୀପ୍ତି ରଞ୍ଜନ ମହାପାତ୍ର, ତାଲିମ କେନ୍ଦ୍ର ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଚୋରି, ୩ ଅଭିଯୁକ୍ତ ଗିରଫ

**କଟକ ସଦର,୨୫।୮(ଡି.ଏନ୍.ଏ.):** କନ୍ଦରପୁର ଥାନା ଅନ୍ତର୍ଗତ ବମ୍ଫୁରି ଗ୍ରାମର ସୁଶାନ୍ତ ପରିଡ଼ା ନାମକ ବ୍ୟକ୍ତିଙ୍କ ଘରୁ ଚୋରି କରିବା ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ୪୨ ମୌଜା ଥାନା ଅନ୍ତର୍ଗତ ତାଡପଡା ଭୋଇସାହିର ବାଦଲ ରାଉତ, ଜଗବନ୍ଧୁ ରାଉତ ଓ ଦଧିବାମନପୁରର ଉପେନ୍ଦ୍ର ସାହୁ। ୨୦୨୧ ନଭେମ୍ବର ୨୬ ତାରିଖରେ ସୁଶାନ୍ତଙ୍କ ଘରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ କାନଫୁଲ ସହ ୧୦,୦୦୦ ଟଙ୍କା ଚୋରି କରି ନେଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ଗତ ବୁଧବାର ପୋଲିସ ଅଭିଯୁକ୍ତମାନଙ୍କ ଘରେ ଚଢ଼ାଉ କରି ସୁନା ଅଳଙ୍କାର ସହ ଚୋରିରେ ବ୍ୟବହୃତ ଏକ ବାଇକ୍ ଜବତ କରିଥିଲା।

### ୫୨ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**କଟକ ଅଫିସ,୨୫।୮:** ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୁଳିଆ ନିକଟରେ ଗୁରୁବାର ରାଜ୍ୟ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ କରାଯାଇ କାର୍ ସହ ୫୨ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ କୋରାପୁଟ ଜିଲା ପଟାଙ୍ଗୀ କୁଣ୍ଡୁଳୀର ନିତ୍ୟା ଗୁଣ୍ଟୁଙ୍କୁ ଗିରଫ କରାଯାଇଛି। ଏହି ଗଞ୍ଜେଇ ବ୍ରହ୍ମପୁରରୁ ବାଲେଶ୍ୱର ଚାଲାଣ ହେଉଥିବାବେଳେ ଅବକାରୀ ଟିମ୍ ଜବତ କରିଥିଲା। ଏନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା(ନଂ.୨୨୯/୨୨-୨୩) ରୁଜୁ ହୋଇଛି।

### ନିଖୋଜ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

**ନିଆଳି, ୨୫।୮(ଡି.ଏନ୍.ଏ.):** ନିଆଳି ଥାନା ଅନ୍ତର୍ଗତ ଟୋଲାଗୋପୀନାଥପୁର ନିକଟ ପ୍ରାଚୀନଦୀରୁ ଜଣେ ବୃଦ୍ଧାଙ୍କ ମୃତଦେହ ଗୁରୁବାର ଉଦ୍ଧାର କରାଯାଇଛି। ସେ ହେଲେ ଏହି ଥାନା ଅଧୀନ ଜଲ୍ଲାରପୁର ପଞ୍ଚାୟତ ସାରୁଆସାହିର ବଗୁଲି ସାହୁ। ବୁଧବାର ସନ୍ଧ୍ୟାରେ ସେ ଶୌଚ ହେବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରେ ତାଙ୍କ ପରିବାର ଲୋକେ ଖୋଜାଖୋଜି କରି ନିରାଶ ହୋଇଥିଲେ। ଗୁରୁବାର ପ୍ରାଚୀ ନଦୀରେ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ନିଆଳି ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ।

### ଦାଦାବଟି ମାଗିବା ଅଭିଯୋଗରେ ଯୁବକ ଗିରଫ

**କଟକ ସଦର,୨୫।୮(ଡି.ଏନ୍.ଏ.):** ଦାଦାବଟି ମାଗିବା ଅଭିଯୋଗରେ ୪୨ ମୌଜା ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ବ୍ରହ୍ମପୁର କୁମ୍ଭାରସାହିର ବିରଞ୍ଚି ନାରାୟଣ ମୁଦୁଲି(୨୭)। ପୋଲିସ ସୂତ୍ରରୁ ପ୍ରକାଶ, ଗୁରୁବାର ସକାଳେ ଦଧିବାମନପୁର ଗ୍ରାମର ନବୀନ ଭୋଇଙ୍କ ଫାଷ୍ଟଫୁଡ୍ ଦୋକାନରୁ ବିରଞ୍ଚି ଚିକେନ ପକୋଡ଼ା ଓ ଚାଓମିନ ନେଇଥିଲେ। ପରେ ବନ୍ଧୁକ ଦେଖାଇ ତାଙ୍କୁ ୧୦୦୦ ଟଙ୍କା ଦାଦାବଟି ମାଗିଥିଲେ। ଭୟରେ ନବୀନ ୧୦୦୦ ଟଙ୍କା ଦେବା ପରେ ବିରଞ୍ଚି ସେଠାରୁ ଚାଲି ଯାଇଥିଲେ। ଏ ସମ୍ପର୍କରେ ପାଟ୍ରୋଲିଂ ଡ୍ୟୁଟିରେ ଥିବା ଏସ୍‌ଆଇ ସୁନୀଲ କୁମାର ଦଳାଇଙ୍କୁ ନବୀନ ଜଣାଇଥିଲେ। ପରେ ପୋଲିସ ଶ୍ରୀରାମ ମାର୍କେଟ ପାଖ ତାରିଣୀ ମନ୍ଦିର ନିକଟରୁ ଅଭିଯୁକ୍ତଙ୍କୁ କାବୁ କରିବା ସହ ୧୦୦୦ ଟଙ୍କା ଓ ବନ୍ଧୁକ ଜବତ କରିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୧୭୬/୨୨) ରୁଜୁ ହୋଇଛି।

### ମହାନଦୀରୁ ଯୁବକଙ୍କ ମୃତଦେହ ଜବତ

**ମଙ୍ଗୁଳି, ୨୫।୮(ଡି.ଏନ୍.ଏ.):** ଗତିରାଉତପାଟଣାସ୍ଥିତ ଶିଶୁମନ୍ଦିର ସ୍କୁଲ ନିକଟ ମହାନଦୀରୁ ଗୁରୁବାର ଜଣେ ଯୁବକଙ୍କ ମୃତଦେହ ଜଗତ୍‌ପୁର ପୋଲିସ ଜବତ କରିଛି। ସେ ହେଲେ ଖୋର୍ଦ୍ଧା ଟାଉନ ଥାନା ଅଧୀନ ପୁଗୁସାହିର ବାସୁଦେବ ପ୍ରଧାନ। ମିଳିଥିବା ସୂଚନା ମୁତାବକ, ବାସୁଦେବ ପୁଗୁସାହି ବଜାରର ଏକ କବାଡିଆ ଦୋକାନରେ କାମ କରୁଥିଲେ। ସେ ସୋମବାର କାମକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଏନେଇ ବାସୁଦେବଙ୍କ ପରିବାର ପକ୍ଷରୁ ଟାଉନ୍ ଥାନାରେ ଅଭିଯୋଗ ହୋଇଥିଲା। ହେଲେ ଗୁରୁବାର ସକାଳେ ବାସୁଦେବଙ୍କ ମୃତଦେହ ମହାନଦୀରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୫୩/୨୨)ରୁଜୁ ହୋଇଛି।


ଗଙ୍ଗାମାଟିରେ ନିର୍ମିତ କୋଲକାତାରୁ ଆସିଥିବା ଗଣେଶଙ୍କ ମୃଣ୍ମୟ ପ୍ରତିମା କଟକ ଥୋରିଆସାହି ଅଞ୍ଚଳର ଏକ ଦୋକାନରେ ବିକ୍ରି ପାଇଁ ରଖାଯାଇଛି।

# ଦାବି ପୂରଣ ନ ହେଲେ ୧ରୁ ଆନ୍ଦୋଳନ

**କଟକ ଅଫିସ,୨୫।୮**

### ଫାର୍ମାସିଷ୍ଟଙ୍କୁ ଅଣଦେଖା ଅଭିଯୋଗ

ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଆରମ୍ଭ କରି ମେଡିକାଲ କଲେଜ ଓ ଚିକିତ୍ସାଳୟ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଫାର୍ମାସିଷ୍ଟମାନେ ନିଜ ବୃତ୍ତିଗତ କ୍ଷେତ୍ର ସହିତ ଅନେକ ଆନୁଷଙ୍ଗିକ ଦାୟିତ୍ୱ ତୁଲାଇ ଆସୁଛନ୍ତି। ଚିକିତ୍ସକମାନଙ୍କ ଅନୁପସ୍ଥିତିରେ ମଧ୍ୟ ଲୋକମାନଙ୍କୁ ସେବା ଯୋଗାଉଛନ୍ତି। ଏହାସତ୍ତ୍ୱେ ଫାର୍ମାସିଷ୍ଟମାନଙ୍କ ପ୍ରତି ସରକାର ଅଣଦେଖା କରୁଛନ୍ତି ବୋଲି ଓଡ଼ିଶା ଫାର୍ମାସିଷ୍ଟ ସେବା ସଂଘ ପକ୍ଷରୁ ଏସ୍‌ସିବି ମେଡିକାଲ ପରିସରରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ସଂଘ ପକ୍ଷରୁ ବିଭିନ୍ନ ଦାବି ପୂରଣ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ନିକଟରେ ଉପସ୍ଥାପନ କରାଯାଇଛି। ମୂଳ ଦରମାକୁ ବୃଦ୍ଧି କରି ଗ୍ରେଡ୍ ପେ ୨୪୦୦ ସ୍ଥାନରେ ୨୮୦୦ କରାଯିବା, ଚାକିରି ନିୟମିତ ହେବାର ଦୁଇ ବର୍ଷ ପରେ ସମସ୍ତଙ୍କୁ ପିବି-୨, ଜି.ପି-୪୨୦୦ ଦିଆଯିବା, ପଦୋନ୍ନତି ପରେ ସିନିୟର ଫାର୍ମାସିଷ୍ଟମାନଙ୍କୁ ନିଜ ଜିଲାରେ ନିଯୁକ୍ତି ଦିଆଯିବା, ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧିକ ପଦବୀ ସୃଷ୍ଟି କରାଯିବା, ଫାର୍ମାସିଷ୍ଟ ପଦବୀର ନାମ ପରିବର୍ତ୍ତନ କରାଯାଇ ଫାର୍ମାସୀ ଅଫିସର୍ କରାଯିବା ଓ ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ଫାର୍ମାସିଷ୍ଟ ଜବ୍ ଚାର୍ଟ ପ୍ରକାଶ କରିବା ଭଳି ଅନେକ ଦାବି କରାଯାଇଛି। ତୁରନ୍ତ ଦାବି ପୂରଣ ଦିଗରେ ସ୍ୱାସ୍ଥ୍ୟ ବିଭାଗ ପଦକ୍ଷେପ ନ ନେଲେ ଫାର୍ମାସିଷ୍ଟମାନେ ଆସନ୍ତା ୧ ତାରିଖଠାରୁ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଔଷଧ ସଂରକ୍ଷଣ ଓ ବଣ୍ଟନ ତଥା ସେହି ସମ୍ପର୍କିତ ଆନୁଷଙ୍ଗିକ କାର୍ଯ୍ୟ ବ୍ୟତୀତ ଅନ୍ୟ କାର୍ଯ୍ୟ କରିବେ ନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ସମ୍ମିଳନୀରେ ସଂଘ ସଭାପତି ଚିନ୍ମୟ କୁମାର ସିହ୍ନା, ଉପସଭାପତି ସୁଧାଂଶୁ ଶେଖର ପଣ୍ଡା, ସାଧାରଣ ସମ୍ପାଦକ ଶ୍ରୀକାନ୍ତ ଜେନା, କୋଷାଧ୍ୟକ୍ଷ ଅନିଲ କୁମାର ସାହୁ, ଯୁଗ୍ମ ସମ୍ପାଦକ ସୋମନାଥ ସାହୁ, ଶୁଭଲକ୍ଷ୍ମୀ ସ୍ୱାଇଁ, ପ୍ରଭାତ ସାହୁଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ରାସ୍ତା ଅବସ୍ଥା ବୁଲି ଦେଖିଲେ ପୌରାଧ୍ୟକ୍ଷା

**ଚୌଦ୍ୱାର, ୨୫।୮(ଡି.ଏନ୍.ଏ.)**

ଲଘୁଚାପ ବର୍ଷାରେ ଚୌଦ୍ୱାର ପୌରପାଳିକା ଅଧୀନ ବିଭିନ୍ନ ୱାର୍ଡ଼ରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। କେତେକ ସ୍ଥାନରେ ରାସ୍ତା ଧୋଇ ଯାଇଥିବାବେଳେ ଆଉ କେତେକ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଏଥିଯୋଗୁ ଯାତାୟାତରେ ଅସୁବିଧା ହେଉଥିବା ୱାର୍ଡବାସିନ୍ଦା ପୌରପାଳିକା ନିକଟରେ ଅଭିଯୋଗ କରିଥିଲେ। ଲୋକଙ୍କ ଅସୁବିଧାକୁ ହୃଦୟଙ୍ଗମ କରି ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ପୌର କର୍ମଚାରୀ ଓ ବିଭିନ୍ନ ୱାର୍ଡର କାଉନ୍‌ସିଲରଙ୍କୁ ସାଥିରେ ନେଇ ରାସ୍ତା ଅବସ୍ଥା ବୁଲି ଦେଖିଥିଲେ। ତୁରନ୍ତ ଏହାର ମରାମତି କରିବା ପାଇଁ ସାମଲ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଆଧାର ସହ ଭୋଟର ପରିଚୟ ପତ୍ର ସଂଯୋଗ ସଚେତନତା ଶିବିର

**କଣ୍ଟାପଡା, ୨୫।୮(ଡି.ଏନ୍.ଏ.)**

ଗୋବିନ୍ଦପୁର ଜୁନିୟର କଲେଜ ଏବଂ ଡିଗ୍ରୀ କଲେଜର ମିଳିତ ସହଯୋଗରେ କଣ୍ଟାପଡା ବ୍ଲକ ଅନ୍ତର୍ଗତ ଉକ୍ତ ମହାବିଦ୍ୟାଳୟ ପରିସରରେ ଆଧାର ଓ ଭୋଟ ପରିଚୟ ପତ୍ର ସଂଯୋଗ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗୋବିନ୍ଦପୁର ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଗଗନବିହାରୀ ବେଉରାଙ୍କ ଅଧ୍ୟକ୍ଷତାରେ କଲେଜ ଅଡିଟୋରିୟମଠାରେ ଆୟୋଜିତ କାର୍ଯ୍ୟକ୍ରମରେ କଣ୍ଟାପଡା ବିଡିଓ ସନ୍ତୋଷ କୁମାର ପତି, ତହସିଲଦାର ମିତାଞ୍ଜଳି ଦାସ, ବ୍ଲକ କର୍ମଚାରୀ ଦେବଶ୍ରିତା ପରିଡା ଓ ସଂଗ୍ରାମ ଜେନା ପ୍ରମୁଖ ଯୋଗଦେଇ ଭୋଟ ପରିଚୟ ପତ୍ର ସହ ଆଧାର ସଂଯୋଗ କରିବାର ଉପାୟ ବିଷୟରେ ବୁଝାଇଥିଲେ। ଅଧ୍ୟାପକ କୈଳାସ ଚନ୍ଦ୍ର ଦାସ, ଡ. ଅରୁଣ କୁମାର ତ୍ରିପାଠୀ, ଶଙ୍କର୍ଷଣ ବେହେରା, ଭୋଳାନାଥ ସାହୁ, ପ୍ରତାପ ରଞ୍ଜନ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜୁନିୟର କଲେଜ ଅଧ୍ୟକ୍ଷ ଡ. ଅଭିଳାଷ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।



ସଚେତନତା ଶିବିରରେ ଉପସ୍ଥିତ ଅତିଥି।

# କଟକରେ ଖୋଲିବ ୧୨ ନୂଆ ସ୍ୱାସ୍ଥ୍ୟକେନ୍ଦ୍ର

**କଟକ ଅଫିସ, ୨୫।୮**

ସହରବାସୀଙ୍କୁ ଉତ୍ତମ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳରେ ୧୨ଟି ନୂଆ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯିବ। ସିଏମ୍‌ସି ୩ ନଂ. ୱାର୍ଡର ଜଜପଠା, ୬ ନଂ. ୱାର୍ଡର ହଇରାଣପୁର, ୧୧ ନଂ. ୱାର୍ଡର ଚାନ୍ଦିନୀଚୌକ, ୧୬ ନଂ. ୱାର୍ଡର ପଟାପୋଲ, ୨୧ ନଂ. ୱାର୍ଡର ମଠସାହି, ୨୬ ନଂ. ୱାର୍ଡର ଖୋଲାସାହି, ୩୬ ନଂ. ୱାର୍ଡର ମହତାବ ରୋଡ୍, ୪୦ ନଂ. ୱାର୍ଡର ନଦୀକୂଳ ସାହି, ୪୯ ନଂ. ୱାର୍ଡର ଇମାମନଗର, ୫୧ ନଂ. ୱାର୍ଡର ବାଲିସାହି, ୫୪ ନଂ. ୱାର୍ଡର କହ୍ନେଇପୁର ବିଦ୍ୟାଧରପୁରରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବ। ସହରାଞ୍ଚଳ ଓ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ପ୍ରାୟ ୯ କୋଟି ଟଙ୍କା ବ୍ୟୟରେ ସିଏମ୍‌ସି ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିର୍ମାଣ କରିବ। ପ୍ରାଥମିକ ପର୍ଯ୍ୟାୟରେ ଘର ଭଡ଼ା ନିଆଯାଇ ଭିତ୍ତିଭୂମି ପ୍ରସ୍ତୁତ କରାଯିବ। ତିନିମାସ ମଧ୍ୟରେ ଏହି କେନ୍ଦ୍ର ପ୍ରତିଷ୍ଠା ହେବ। ଭଡ଼ାଘରେ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା ନିମନ୍ତେ ସିଏମ୍‌ସି ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଛି। ସେପ୍ଟେମ୍ବର ୬ରେ ଟେଣ୍ଡର ଖୋଲାଯିବା ପରେ ଭିତ୍ତିଭୂମି ପ୍ରସ୍ତୁତି କାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଛି। ଏହି କେନ୍ଦ୍ରରେ ଓପିଡି, ମେଡିସିନ ଡିସପେନ୍‌ସିଂ, ଡ୍ରେସିଂ, ଇଞ୍ଜେକ୍‌ଶନ ରୁମ୍, ଲାବୋରେଟୋରି, ଫିଜିଓଥେରାପି, ୱେଲନେସ୍ ସେଣ୍ଟର, ମେଡିସିନ ଷ୍ଟୋର ରୁମ୍, ରୋଗୀ ପ୍ରତୀକ୍ଷାଳୟ ବ୍ୟବସ୍ଥା କରାଯିବ ବୋଲି ସିଏମ୍‌ସି ପକ୍ଷରୁ କୁହାଯାଇଛି।

# ଚତୁର୍ଥ ରବିବାରରେ ଭସାଣି ଅନୁମତି ପାଇଁ ଆବେଦନ

**କଟକ ଅଫିସ,୨୫।୮**

ପ୍ରଚଳିତ ପରମ୍ପରା ଅନୁସାରେ କଟକ ସହରରେ ଦ୍ୱିତୀୟା ଘାଣ୍ଟ ପରେ ବୁଢ଼ା ଗଣେଶ ବା ଘାଣ୍ଟଖିଆ ଗଣେଶଙ୍କ ବିସର୍ଜନ ହୋଇଥାଏ। ଉକ୍ତ ପରମ୍ପରାକୁ ବଜାୟ ରଖିବା ପାଇଁ ଚଳିତ ବର୍ଷ ସେପ୍ଟେମ୍ବର ୨୫ ତାରିଖରେ ଘାଣ୍ଟଖିଆ ଗଣେଶଙ୍କ ବିସର୍ଜନ ନିମନ୍ତେ ହାଇକୋର୍ଟ ଅନୁମତି ଦେବାକୁ ଏକ ମାମଲା ଦାଏର ହୋଇଛି। କଟକ ନଗର ବୁଢ଼ା ଗଣେଶ ପୂଜା କମିଟି ସଭାପତି ଶିବେନ୍ଦ୍ର ହାତୀଙ୍କ ପକ୍ଷରୁ ଆଗତ ଏହି ମାମଲାକୁ ଆଇନଜୀବୀ ବିଭୂତିଭୂଷଣ ଚୌଧୁରୀ ପରିଚାଳନା କରୁଛନ୍ତି। ଆଇନଜୀବୀ ଧର୍ମେଶ ନାୟକ ଓ ବିଜୟ ବେହେରା ସହଯୋଗ କରୁଛନ୍ତି।

### ହାଇକୋର୍ଟରେ ବୁଢ଼ା ଗଣେଶ ବିସର୍ଜନ ପ୍ରସଙ୍ଗ



ମାମଲାର ବିବରଣୀ ଅନୁସାରେ ବକ୍ସିବଜାର ବଣିଆସାହି ଶ୍ରୀବୁଢ଼ା ଗଣେଶ ବା ଘାଣ୍ଟଖିଆ ଗଣେଶଙ୍କ ପୂଜା ୬ଶହ ବର୍ଷ ହେବ ଚାଲିଆସିଛି। ଗଣେଶ ପୂଜା ପରେ ପରବର୍ତ୍ତୀ ତିନୋଟି ରବିବାରରେ ଲଗାତର ଭସାଣି ପର୍ବ ଶେଷ କରିବା ପାଇଁ ୨୦୧୫ରେ ହାଇକୋର୍ଟଙ୍କ ରାୟ ଥିଲା। ଏଥର ଗଣେଶ ପୂଜା ଅଗଷ୍ଟ ୩୧ରେ ହେବ। ତେଣୁ ଏହାର ପରବର୍ତ୍ତୀ ପ୍ରଥମ ରବିବାର ସେପ୍ଟେମ୍ବର ୪ରେ ପ୍ରଶାସନ ବିଭିନ୍ନ ମଣ୍ଡପକୁ ବିସର୍ଜନ ନିମନ୍ତେ ଅନୁମତି ଦେଇଛି। ଯେଉଁ ମଣ୍ଡପରେ ଅନନ୍ତ ଚତୁର୍ଦ୍ଦଶୀ ବ୍ରତ ପାଳନ ବିଧି ଅଛି ସେଠାରେ ଦ୍ୱିତୀୟ ରବିବାର ସେପ୍ଟେମ୍ବର ୧୧କୁ ବିସର୍ଜନ ପାଇଁ ଅନୁମତି ଦିଆଯାଇଛି। ମାତ୍ର ତୃତୀୟ ରବିବାର ଅର୍ଥାତ ସେପ୍ଟେମ୍ବର ୧୮ ତାରିଖରେ ଦ୍ୱିତୀୟା ଘାଣ୍ଟଓଷା ପାଳିତ ହେବ। ଏଣୁ ପ୍ରାୟ ୧୫ରୁ ୨୦ଟି ଘାଣ୍ଟଗଣେଶ ମେଢ଼ରେ ବିଭିନ୍ନ ମାନସିକ ପୂଜାବିଧି ଅନୁଷ୍ଠିତ ହେବ। ଭକ୍ତମାନଙ୍କୁ ଘାଣ୍ଟ ଓ ଅନ୍ନପ୍ରସାଦ ବିତରଣ ହେବ। ଏହି କାରଣରୁ ପରବର୍ତ୍ତୀ ରବିବାର ୨୫ ତାରିଖରେ ଘାଣ୍ଟ ଗଣେଶଙ୍କ ବିସର୍ଜନ ପାଇଁ ଅନୁମତି ଦେବାକୁ ଆବେଦନରେ ପ୍ରାର୍ଥନା କରାଯାଇଛି।

## ସଂକ୍ଷେପରେ

### ୫୨ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

କଟକ ଅଫିସ,୨୫।୮: ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୁଳିଆ ନିକଟରେ ଗୁରୁବାର ରାଜ୍ୟ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ କରାଯାଇ କାର୍ ସହ ୫୨ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ କୋରାପୁଟ ଜିଲା ପଟାଙ୍ଗୀ କୁଣ୍ଡୁଲୀର ନିତ୍ୟା ଗୁଣ୍ଟୁଙ୍କୁ ଗିରଫ କରାଯାଇଛି। ଏହି ଗଞ୍ଜେଇ ବ୍ରହ୍ମପୁରରୁ ବାଲେଶ୍ୱର ଚାଲାଣ ହେଉଥିବାବେଳେ ଅବକାରୀ ଟିମ୍ ଜବତ କରିଥିଲା। ଏନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା(ନଂ.୨୨୯/୨୨-୨୩) ରୁଜୁ ହୋଇଛି।

### ନିଖୋଜ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

ନିଆଳି, ୨୫।୮(ଡି.ଏନ୍.ଏ.): ନିଆଳି ଥାନା ଅନ୍ତର୍ଗତ ଟୋଲାଗୋପୀନାଥପୁର ନିକଟ ପ୍ରାଚୀନଦୀରୁ ଜଣେ ବୃଦ୍ଧାଙ୍କ ମୃତଦେହ ଗୁରୁବାର ଉଦ୍ଧାର କରାଯାଇଛି। ସେ ହେଲେ ଏହି ଥାନା ଅଧୀନ ଜଲ୍ଲାରପୁର ପଞ୍ଚାୟତ ସାରୁଆସାହିର ବଗୁଲି ସାହୁ। ବୁଧବାର ସନ୍ଧ୍ୟାରେ ସେ ଶୌଚ ହେବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରେ ତାଙ୍କ ପରିବାର ଲୋକେ ଖୋଜାଖୋଜି କରି ନିରାଶ ହୋଇଥିଲେ। ଗୁରୁବାର ପ୍ରାଚୀ ନଦୀରେ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ନିଆଳି ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ।

### ଦାଦାବଟି ମାଗିବା ଅଭିଯୋଗରେ ଯୁବକ ଗିରଫ

କଟକ ସଦର,୨୫।୮(ଡି.ଏନ୍.ଏ.): ଦାଦାବଟି ମାଗିବା ଅଭିଯୋଗରେ ୪୨ ମୌଜା ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ବ୍ରହ୍ମପୁର କୁମ୍ଭାରସାହିର ବିରଞ୍ଚି ନାରାୟଣ ମୁଦୁଲି(୨୭)। ପୋଲିସ ସୂତ୍ରରୁ ପ୍ରକାଶ, ଗୁରୁବାର ସକାଳେ ଦଧିବାମନପୁର ଗ୍ରାମର ନବୀନ ଭୋଇଙ୍କ ଫାଷ୍ଟଫୁଡ୍ ଦୋକାନରୁ ବିରଞ୍ଚି ଚିକେନ ପକୋଡ଼ା ଓ ଚାଓମିନ ନେଇଥିଲେ। ପରେ ବନ୍ଧୁକ ଦେଖାଇ ତାଙ୍କୁ ୧୦୦୦ ଟଙ୍କା ଦାଦାବଟି ମାଗିଥିଲେ। ଭୟରେ ନବୀନ ୧୦୦୦ ଟଙ୍କା ଦେବା ପରେ ବିରଞ୍ଚି ସେଠାରୁ ଚାଲି ଯାଇଥିଲେ। ଏ ସମ୍ପର୍କରେ ପାଟ୍ରୋଲିଂ ଡ୍ୟୁଟିରେ ଥିବା ଏସ୍ଆଇ ସୁନୀଲ କୁମାର ଦଳାଇଙ୍କୁ ନବୀନ ଜଣାଇଥିଲେ। ପରେ ପୋଲିସ ଶ୍ରୀରାମ ମାର୍କେଟ ପାଖ ତାରିଣୀ ମନ୍ଦିର ନିକଟରୁ ଅଭିଯୁକ୍ତଙ୍କୁ କାବୁ କରିବା ସହ ୧୦୦୦ ଟଙ୍କା ଓ ବନ୍ଧୁକ ଜବତ କରିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୧୭୬/୨୨) ରୁଜୁ ହୋଇଛି।

### ମହାନଦୀରୁ ଯୁବକଙ୍କ ମୃତଦେହ ଜବତ

ମଙ୍ଗୁଳି, ୨୫।୮(ଡି.ଏନ୍.ଏ.): ଗଡ଼ିରାଉତପାଟଣାସ୍ଥିତ ଶିଶୁମନ୍ଦିର ସ୍କୁଲ ନିକଟ ମହାନଦୀରୁ ଗୁରୁବାର ଜଣେ ଯୁବକଙ୍କ ମୃତଦେହ ଜଗତ୍ପୁର ପୋଲିସ ଜବତ କରିଛି। ସେ ହେଲେ ଖୋର୍ଦ୍ଧା ଟାଉନ ଥାନା ଅଧୀନ ପୁଗୁସାହିର ବାସୁଦେବ ପ୍ରଧାନ। ମିଳିଥିବା ସୂଚନା ମୁତାବକ, ବାସୁଦେବ ପୁଗୁସାହି ବଜାରର ଏକ କବାଡ଼ିଆ ଦୋକାନରେ କାମ କରୁଥିଲେ। ସେ ସୋମବାର କାମକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଏନେଇ ବାସୁଦେବଙ୍କ ପରିବାର ପକ୍ଷରୁ ଟାଉନ୍ ଥାନାରେ ଅଭିଯୋଗ ହୋଇଥିଲା।

# ରାଜୁଆ ଉଜାଡ଼ିଲା ଫସଲ

ଖୋର୍ଦ୍ଧା ଅଫିସ,୨୫।୮



- ଚାଷଜମିରେ ବନ୍ୟାଜଳ, ଚିନ୍ତାରେ ଚାଷୀ
- ବନ୍ୟା ମୁକାବିଲା ଲାଗି ସ୍ଥାୟୀ ପ୍ରତିକାର ନାହିଁ

ରାଜୁଆ ନଦୀର ପଚ୍ଛୁଆ ପାଣି ପଶିବା ଯୋଗୁ ଖୋର୍ଦ୍ଧା ବ୍ଲକ ଅଧୀନ ୩ ପଞ୍ଚାୟତର ୧୭ଟି ଗ୍ରାମ ବନ୍ୟାଘେରରେ ରହିଥିଲା। ଦୁଇ ସପ୍ତାହ ପରେ ସ୍ଥିତିରେ ସୁଧାର ଆସିବାରେ ଲାଗିଛି। ଗାଁରୁ ଜଳସ୍ତର ଖସୁଥିବାରୁ ଲୋକେ ବାତ୍ୟାଶ୍ରୟସ୍ଥଳୀ ଛାଡ଼ି ଗାଁମୁହାଁ ହେଉଛନ୍ତି। ତେବେ ଖୋର୍ଦ୍ଧା ବ୍ଲକ ୨ଟି ପଞ୍ଚାୟତର ୪ଟି ଗ୍ରାମ ଜଳଘେରରେ ଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସେପଟେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବନ୍ୟା ସ୍ଥିତିର ସମୀକ୍ଷା କରିଛନ୍ତି। ପାଣି ଛାଡ଼ିଲେ କ୍ଷୟକ୍ଷତିର ଆକଳନ କରାଯିବ। ସପ୍ତାହକ ମଧ୍ୟରେ କ୍ଷୟକ୍ଷତି ଆକଳନ ଲାଗି ଜିଲାପାଳ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟାଘେରରେ ଥିବା ଗ୍ରାମବାସୀଙ୍କୁ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଣ ଜାରି ରଖିବା ଲାଗି ଜିଲାପାଳ କହିଛନ୍ତି। ବନ୍ୟାଜଳ ଛାଡ଼ିବା ପରେ ସ୍ୱାସ୍ଥ୍ୟ, ସଡ଼କ, ପାନୀୟଜଳ ସୁବିଧା ସହ ବିଦ୍ୟୁତ ସଂଯୋଗ ପୁନଃ କାର୍ଯ୍ୟକ୍ଷମ କରିବାକୁ ଅଧିକାରୀମାନଙ୍କୁ ଜିଲାପାଳ ଚକ୍ରବର୍ତ୍ତୀ ନିର୍ଦ୍ଦେଶ ଦେଇଛନ୍ତି।

ବିଳମ୍ବ ମୌସୁମୀ, ସ୍ୱଳ୍ପ ବୃଷ୍ଟି, ଲଘୁଚାପ ବର୍ଷା ପରେ ବନ୍ୟା ଚାଷୀଙ୍କ ଦୁର୍ଦ୍ଦଶା ବଢ଼ାଇଛି। ଧାରକରଜ ଓ କଠିନ ପରିଶ୍ରମ କରି ଧାନ ଅମଳ ଲାଗି ଚାଷୀ ସ୍ୱପ୍ନ ଦେଖିଥିଲେ। ତାହା ମାଟିରେ ମିଶିଯାଇଛି। ହଜାର ହଜାର ଏକର ଚାଷଜମିରେ ବନ୍ୟାଜଳ ମାଡ଼ି ଧାନ ଫସଲ ଉଜୁଡ଼ିଯାଇଛି। ଜିଲା କୃଷି ବିଭାଗ ଆକଳନ ଅନୁସାରେ ଜିଲାର ୧୦ଟି ବ୍ଲକ ଅଧୀନ ୮୨ ପଞ୍ଚାୟତର ୨୪୩ ଗ୍ରାମର ପ୍ରାୟ ୧୦ହଜାର ୯୬୩ ହେକ୍ଟର ଫସଲ ନଷ୍ଟ ହୋଇଛି। ସେଥିମଧ୍ୟରେ ୧୦ ହଜାର ୬୫୦ ହେକ୍ଟର ଧାନ ଏବଂ ୩୧୨ ହେକ୍ଟର ଅଣଧାନ (ପନିପରିବା) ରହିଛି। ତେବେ ଚାଷଜମିରେ ପାଣି ଜମିରହିଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଛି। ଖୋର୍ଦ୍ଧା ବ୍ଲକର ହିରୁମୂଳ, ଡିହଖଳା, ଦୁର୍ଗାପୁର, ଓରବରସିଂ, ମଶାଣିଆ, କୃଷ୍ଣପୁର, ରାୟପୁର, ମାନପୁର, ବଳପୁର, ଧବଳପୁର, ଓରମୀ, ଶରଧାପୁର ପ୍ରଭୃତି ଗାଁରେ ବନ୍ୟାଜଳ ଗ୍ରାମବାସୀଙ୍କ ପାଇଁ ଦୁଃଖ ଆଣିଛି। ଏକର ଏକର ଚାଷଜମିରେ ବନ୍ୟାଜଳ ଜମି ରହିଛି। କ'ଣ ଖାଇବେ, କିପରି ପରିବାର ଚଳାଇବେ ଓ ଧାରକରଜ ଶୁଝିବେ ସେହି ଚିନ୍ତା ଏବେ ଚାଷୀଙ୍କୁ ଘାରିଛି। ଆଉ କେତେଦିନ ଏମିତି ବନ୍ୟା ଦୁର୍ଦ୍ଦଶା ଭୋଗିଲେ ସରକାର ଆମ ଦୁଃଖ ବୁଝିବେ ବୋଲି କେତେଜଣ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ହିରିମୂଳ ଗ୍ରାମର ଜଣେ ବୃଦ୍ଧା କୁହନ୍ତି, ବୋହୂ ହୋଇ ଆସିବା ଦିନଠାରୁ ଏହି ସମସ୍ୟା ଲାଗିରହିଛି। ଭୋଟ ସମୟରେ ଅନେକ ନେତା ଏହି ସମସ୍ୟା ଦୂର ଲାଗି ପ୍ରତିଶ୍ରୁତି ଦିଅନ୍ତି, କିନ୍ତୁ ପରେ ଭୁଲିଯାଆନ୍ତି। ସେହିପରି କେତେଜଣ ଗ୍ରାମବାସୀ କହିଛନ୍ତି, ଘେରିବନ୍ଧ ନିର୍ମାଣ କରାଯାଇଥିଲେ ଆମେ ଖରାଟିଆ ଫସଲ ଚାଷ କରିଥାନ୍ତୁ। ଉକ୍ତ ସମସ୍ୟା ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ କରି ଥକିଲୁଣି। ଗୁହାରି ଶୁଣିବାକୁ କେହି ନାହାଁନ୍ତି।

ଏ ନେଇ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ କହିଛନ୍ତି, ବନ୍ୟା ସ୍ଥିତିରେ ସୁଧାର ଆସିଛି। ଲୋକେ ଏବେ ବାତ୍ୟାଶ୍ରୟସ୍ଥଳୀ ଛାଡ଼ି ଘରକୁ ଫେରିବାରେ ଲାଗିଛନ୍ତି। ଗୁରୁବାର ସୁଦ୍ଧା କେବଳ ଖୋର୍ଦ୍ଧା ବ୍ଲକର ୪ଟି ଗ୍ରାମ ଜଳଘେରରେ ରହିଛି। ୪ଟି ବାତ୍ୟାଶ୍ରୟସ୍ଥଳୀରେ ୧୨୬ ଜଣ ରହିଛନ୍ତି। ବିପନ୍ନଙ୍କୁ ରନ୍ଧାଖାଦ୍ୟ ବଣ୍ଟାଯାଉଛି। ମେଡିକାଲ ଟିମ୍ ଓ ପ୍ରାଣୀଧନ ଚିକିତ୍ସା ଟିମ୍ ମୁତୟନ ରହିଛନ୍ତି। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି, ଖୋର୍ଦ୍ଧା ବ୍ଲକର ୩ ପଞ୍ଚାୟତରେ ବନ୍ୟା ସମସ୍ୟା ନେଇ ଅବଗତ ଅଛି। ଗ୍ରାମବାସୀଙ୍କ ସମସ୍ୟା ସମାଧାନ ଲାଗି ବିଭାଗୀୟ ମନ୍ତ୍ରୀ ଓ ଜଳସମ୍ପଦ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯିବ।

### ସପ୍ତପୁରୀ ଅମାବାସ୍ୟା: କୁମ୍ଭାର ସାହିରୁ ଆସିଲା ତାଡ଼

ପୁରୁଣା ଭୁବନେଶ୍ୱର,୨୫।୮(ଡି.ଏନ୍.ଏ.)

ଆସନ୍ତା ଶନିବାର ସପ୍ତପୁରୀ ଅମାବାସ୍ୟା। ଏହି ଦିନ ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ମନ୍ଦିରରେ ସପ୍ତପୁରୀ ପିଠା ଲାଗିହେବ। ଏହା ପ୍ରତ୍ୟେକ ଧୂପ ଏବଂ ବେଢ଼ା ଭିତରେ ଥିବା ସମସ୍ତ ଠାକୁରଙ୍କ ପାଖରେ ଭୋଗ କରାଯିବ। ଏଣୁ ଗୁରୁବାର ସନ୍ଧ୍ୟାରୁ ପରମ୍ପରା ଅନୁଯାୟୀ କପିଳେଶ୍ୱର ଗ୍ରାମ କୁମ୍ଭାର ସାହିରୁ ମେଘ ଡମ୍ବରୁ ଏବଂ ଘଣ୍ଟ ଶୋଭାଯାତ୍ରାରେ ମନ୍ଦିରକୁ ତାଡ଼ ଆସିଥିଲା। କୁମ୍ଭାର ସେବାୟତମାନେ ନୂତନ ବସ୍ତ୍ର ପରିଧାନ କରି ଏହି ତାଡ଼କୁ ମନ୍ଦିରକୁ ଆଣିଥିଲେ। ସୂଚନାଥାଉକି, ଗୁରୁବାର ଚତୁର୍ଦ୍ଦଶୀ ଅବସରରେ ମା' ପାର୍ବତୀ ଠାକୁରାଣୀ ଉପବାସ କରିଥିଲେ। ସନ୍ଧ୍ୟା ଧୂପ ସରିବାପରେ ବିଶୋୟୀ ସେବକ ସାତପୁରୀ ପିଠାରେ ବ୍ୟବହୃତ ମୁଗ, ରାଶି, ବୁଟ ଇତ୍ୟାଦିକୁ ନୃସିଂହଙ୍କ ସମ୍ମୁଖରେ ଅସ୍ଥାୟୀ ଚୁଲିକରି ଭାଜିଥିଲେ। ଉକ୍ତ ଭଜା ସାମଗ୍ରୀକୁ ନେଇ ମହାସୁଆର ସେବକ ସାତଗୋଟି ସାତପୁରୀ ତିଆରି କରିଥିଲେ। ଶ୍ରୀ ଜୀଉଙ୍କ ସନ୍ଧ୍ୟା ଧୂପ ପରେ ଉକ୍ତ ସାତପୁରୀ ଏବଂ ଚଉଅନ୍ନକୁ ରୁପାଥାଳିରେ ମା' ପାର୍ବତୀଙ୍କ ସମ୍ମୁଖରେ ରଖାଯାଇଥିଲା। ପରେ ଏହାକୁ ପୂଜାପଣ୍ଡା ସେବାୟତ ଭୋଗ ନୈବେଦ୍ୟ କରି ଆଳତି କରିଥିଲେ। ଏହାପରେ ମନ୍ଦିର ତରଫରୁ ସେବକମାନଙ୍କୁ ନଡ଼ିଆ ବଣ୍ଟନ କରାଯାଇଥିଲା।



ଭୁବନେଶ୍ୱରର ବିଜେବି ନଗରସ୍ଥିତ ମହିଷାଖାଲ ଓ ଭଗବାନପୁର ମୌଜାରେ ବେଆଇନ ନିର୍ମାଣକୁ ଗୁରୁବାର ଉଚ୍ଛେଦ କରାଯାଉଛି।

### ବିଜେବି ନଗର, ଭଗବାନପୁର ମୌଜାରୁ ୧୩ ଘର ଭଙ୍ଗାଗଲା

ଭୁବନେଶ୍ୱର, ୨୫।୮(ବ୍ୟୁରୋ)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ବିଜେବି ନଗରସ୍ଥିତ ମହିଷାଖାଲ ଓ ଭଗବାନପୁର ମୌଜାରେ ବେଆଇନ ନିର୍ମାଣକୁ ଗୁରୁବାର ଉଚ୍ଛେଦ କରାଯାଇଛି। ବିଜେବି ନଗରସ୍ଥିତ ପ୍ଲଟ ନଂ.୫୧୮ ଏବଂ ୫୨୮ରେ ଥିବା ମୋଟ ୧୧ଟି ଘର ଭଙ୍ଗା ଯାଇଛି। ସେହିପରି ଭଗବାନପୁର ମୌଜାର ପ୍ଲଟ୍ ନଂ. ୨୧ରେ ହୋଇଥିବା ୩ଟି ଘରକୁ ବିଡିଏ ପକ୍ଷରୁ ଭଙ୍ଗାଯାଇଛି। ଆଇନ୍ଶୃଙ୍ଖଳା ପରିସ୍ଥିତି ପାଇଁ ୧ ପ୍ଲାଟୁନ୍ ରିଜର୍ଭ ପୋଲିସ ଫୋର୍ସ ଓ ଗୋଟିଏ ସେକ୍ସନ୍ ମହିଳା ପୋଲିସ ମୁତୟନ କରାଯାଇଥିଲା। ଉଚ୍ଛେଦ ସମୟରେ ବିଡିଏ ଏନଫୋର୍ସମେଣ୍ଟ ଅଫିସର ପ୍ରମୋଦ ପାତ୍ର, ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଓ ବଡ଼ଗଡ ଥାନା ଆଇଆଇସି ତୃପ୍ତିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ରୋଷଘରେ ପଶି ଭୋଗ ଖାଇଲେ ମାନସିକ ବିକୃତ

ପୁରୁଣା ଭୁବନେଶ୍ୱର,୨୫।୮(ଡି.ଏନ୍.ଏ.)

ଶ୍ରୀଲିଙ୍ଗରାଜ ମନ୍ଦିର

ଶ୍ରୀଲିଙ୍ଗରାଜ ମନ୍ଦିରରେ ଠାକୁରଙ୍କ ନୀତିକାନ୍ତି ବେଳେ ଗୁରୁବାର ଏକ ଅଘଟଣ ଘଟିଛି। ରାତି ପ୍ରାୟ ୮ଟା ସମୟରେ ଠାକୁରଙ୍କ ବଡ଼ସିଂହାର ବେଶ ଚାଲିଥିବା ବେଳେ ହଠାତ୍ ଜଣେ ମାନସିକ ବିକୃତ ଲୋକ ମନ୍ଦିର ଭିତରକୁ ପଶିଯାଇଥିଲେ। ଆଶ୍ଚର୍ଯ୍ୟର କଥା ସେବାୟତ ଏବଂ ସୁରକ୍ଷା କର୍ମୀ ମନ୍ଦିର ଫାଟକ ନିକଟରେ ଥିବାବେଳେ ଏହି ଲୋକଟି ଅକ୍ଳେଶରେ ମନ୍ଦିରର କୋଠ ରୋଷ ଘରେ ପଶିଯାଇଥିଲେ। ସେଠାରେ ଥିବା ଠାକୁରଙ୍କ ଅମୁଁଣିଆ ପିଠା ଭୋଗ ଧରି ଖାଇ ଖାଇ ଫେରୁଥିଲେ। ଏହା ବାହାରେ ଥିବା ସେବାୟତମାନେ ଦେଖି ତାଙ୍କୁ ଅଟକାଇ ଥିଲେ। ହେଲେ ସେ ଠିକ୍ ଭାବେ କଥା ନ କହିବାରୁ ଛାଡ଼ି ଦେଇଥିଲେ। ଫଳରେ ଠାକୁରଙ୍କ ନୀତିରେ ସଂସ୍କାର କରାଯାଇ ପୁନଃ ଠାକୁରଙ୍କ ପାଇଁ ଦହି ପଖାଳ ଲାଗି କରାଯାଇଥିଲା।

### ରାସ୍ତା ନିର୍ମାଣ ପାଇଁ ମନ୍ତ୍ରୀଙ୍କ ଶିଳାନ୍ୟାସ



ପୁରୁଣା ଭୁବନେଶ୍ୱର,୨୫।୮(ଡି.ଏନ୍.ଏ.)

ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀ ୱାର୍ଡ ନଂ. ୫୪ ଅନ୍ତର୍ଗତ ବ୍ୟାଙ୍କ କଲୋନୀରୁ ରଥ ରୋଡ୍କୁ ସଂଯୋଗ କରିବା ପାଇଁ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୪୦ ଲକ୍ଷ ଟଙ୍କା ବିନିମୟରେ ଏକ ନୂତନ ରାସ୍ତା ନିର୍ମାଣ ହେବ। ଏଥିପାଇଁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଗୁରୁବାର ଉକ୍ତ ଅଞ୍ଚଳକୁ ଯାଇ ରାସ୍ତାର ଶିଳାନ୍ୟାସ କରିଥିଲେ। ଏହି ରାସ୍ତା ନିର୍ମାଣ ହେଲେ କଲୋନୀର ପ୍ରାୟ ୧ ହଜାର ପରିବାର ଉପକୃତ ହେବେ। ପରେ ରଥ ରୋଡ୍ ୭ ନଂ. ଡ୍ରେନର ଗାର୍ଡ ୱାଲକୁ ମଧ୍ୟ ମନ୍ତ୍ରୀ ପଣ୍ଡା ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ଶିବପ୍ରସାଦ ବେହେରା, ଦାଶରଥି ଗରାବଡ୍ଡୁ, ବ୍ୟାଙ୍କ କଲୋନୀ ସଭାପତି ଡ.ସ୍ୱରୂପ କୁମାର ଭଞ୍ଜ, ସମ୍ପାଦକ ଗଣେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଚତୁର୍ଥ ରବିବାରରେ ଭସାଣି ଅନୁମତି ପାଇଁ ଆବେଦନ

କଟକ ଅଫିସ,୨୫।୮

**ହାଇକୋର୍ଟରେ ବୁଢ଼ା ଗଣେଶ ବିସର୍ଜନ ପ୍ରସଙ୍ଗ**

ପ୍ରଚଳିତ ପରମ୍ପରା ଅନୁସାରେ କଟକ ସହରରେ ଦ୍ୱିତୀୟା ଘାଣ୍ଟ ପରେ ବୁଢ଼ା ଗଣେଶ ବା ଘାଣ୍ଟଖିଆ ଗଣେଶଙ୍କ ବିସର୍ଜନ ହୋଇଥାଏ । ଉକ୍ତ ପରମ୍ପରାକୁ ବଜାୟ ରଖିବା ପାଇଁ ଚଳିତ ବର୍ଷ ସେପ୍ଟେମ୍ବର ୨୫ ତାରିଖରେ ଘାଣ୍ଟଖିଆ ଗଣେଶଙ୍କ ବିସର୍ଜନ ନିମନ୍ତେ ହାଇକୋର୍ଟ ଅନୁମତି ଦେବାକୁ ଏକ ମାମଲା ଦାଏର ହୋଇଛି। କଟକ ନଗର ବୁଢ଼ା ଗଣେଶ ପୂଜା କମିଟି ସଭାପତି ଶିବେନ୍ଦ୍ର ହାତୀଙ୍କ ପକ୍ଷରୁ ଆଗତ ଏହି ମାମଲାକୁ ଆଇନଜୀବୀ ବିଭୂତିଭୂଷଣ ଚୌଧୁରୀ ପରିଚାଳନା କରୁଛନ୍ତି। ଆଇନଜୀବୀ ଧର୍ମେଶ ନାୟକ ଓ ବିଜୟ ବେହେରା ସହଯୋଗ କରୁଛନ୍ତି।

ମାମଲାର ବିବରଣୀ ଅନୁସାରେ ବକ୍ସିବଜାର ବଣିଆସାହି ଶ୍ରୀବୁଢ଼ା ଗଣେଶ ବା ଘାଣ୍ଟଖିଆ ଗଣେଶଙ୍କ ପୂଜା ୬ଶହ ବର୍ଷ ହେବ ଚାଲିଆସିଛି। ଗଣେଶ ପୂଜା ପରେ ପରବର୍ତ୍ତୀ ତିନୋଟି ରବିବାରରେ ଲଗାତର ଭସାଣି ପର୍ବ ଶେଷ କରିବା ପାଇଁ ୨୦୧୫ରେ ହାଇକୋର୍ଟଙ୍କ ରାୟ ଥିଲା। ଏଥର ଗଣେଶ ପୂଜା ଅଗଷ୍ଟ ୩୧ରେ ହେବ। ତେଣୁ ଏହାର ପରବର୍ତ୍ତୀ ପ୍ରଥମ ରବିବାର ସେପ୍ଟେମ୍ବର ୪ରେ ପ୍ରଶାସନ ବିଭିନ୍ନ ମଣ୍ଡପକୁ ବିସର୍ଜନ ନିମନ୍ତେ ଅନୁମତି ଦେଇଛି। ଯେଉଁ ମଣ୍ଡପରେ ଅନନ୍ତ ଚତୁର୍ଦ୍ଦଶୀ ବ୍ରତ ପାଳନ ବିଧି ଅଛି ସେଠାରେ ଦ୍ୱିତୀୟ ରବିବାର ସେପ୍ଟେମ୍ବର ୧୧କୁ ବିସର୍ଜନ ପାଇଁ ଅନୁମତି ଦିଆଯାଇଛି। ମାତ୍ର ତୃତୀୟ ରବିବାର ଅର୍ଥାତ ସେପ୍ଟେମ୍ବର ୧୮ ତାରିଖରେ ଦ୍ୱିତୀୟା ଘାଣ୍ଟଓଷା ପାଳିତ ହେବ। ଏଣୁ ପ୍ରାୟ ୧୫ରୁ ୨୦ଟି ଘାଣ୍ଟଗଣେଶ ମେଢ଼ରେ ବିଭିନ୍ନ ମାନସିକ ପୂଜାବିଧି ଅନୁଷ୍ଠିତ ହେବ। ଭକ୍ତମାନଙ୍କୁ ଘାଣ୍ଟ ଓ ଅନ୍ନପ୍ରସାଦ ବିତରଣ ହେବ। ଏହି କାରଣରୁ ପରବର୍ତ୍ତୀ ରବିବାର ୨୫ ତାରିଖରେ ଘାଣ୍ଟ ଗଣେଶଙ୍କ ବିସର୍ଜନ ପାଇଁ ଅନୁମତି ଦେବାକୁ ଆବେଦନରେ ପ୍ରାର୍ଥନା କରାଯାଇଛି।

### ଅଭିଯୋଗ ପରେ ଉଠିଲା ଅଳିଆ

ପୁରୁଣା ଭୁବନେଶ୍ୱର,୨୫।୮(ଡି.ଏନ୍.ଏ.)

ବିଏମ୍ସିର ୬୧ନଂ. ୱାର୍ଡ ଭୀମଟାଙ୍ଗି ଲେନ ନଂ-୫ ଭୀମେଶ୍ୱର ମାର୍ଗଛକ ତଥା ଭୀମେଶ୍ୱର ଶିଶୁମନ୍ଦିର ଛକଠାରୁ ଅନତି ଦୂରରେ ଦୀର୍ଘ ୧୦ଦିନ ହେବ କୁଢ କୁଢ ଅଳିଆ ଟ୍ରକ ଯୋଗେ ପକାଯାଉଥିଲା। ଏ ନେଇ ସୁଶାନ୍ତ ସାହୁ ବିଏମ୍ସି କମିଶନରଙ୍କୁ ଫୋନ କରି ଜଣାଇଥିଲେ। ଏହାପରେ କମିଶନର ବିଜୟ ଅମୃତ କୁଲାଙ୍ଗେ ୫ଟି ଟ୍ରକ ଯୋଗେ ଉକ୍ତ ଅଳିଆକୁ ସେଠାରୁ ହଟାଇଥିଲେ।

## ଜନଜାତି କଲ୍ୟାଣ, ମହିଳା ସଶକ୍ତୀକରଣ ପାଇଁ କିସ୍ ଓ ନୱା ମଧ୍ୟରେ ବୁଝାମଣା

ଭୁବନେଶ୍ୱର, ୨୫।୮ (ବ୍ୟୁରୋ)




କଳିଙ୍ଗ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (କିସ୍) ଏବଂ ନାଭି ୱେଲ୍ଫେୟାର ଓ ୱେଲ୍ନେସ୍ ଆସୋସିଏଶନ (ନୱା) ମଧ୍ୟରେ ଗୁରୁବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କିସ୍ ପକ୍ଷରୁ କିସ୍ ଓ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ନୱା ପକ୍ଷରୁ ଏହାର ସଭାପତି କାଲା ହରିକୁମାର ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ବୁଝାମଣା ଅନୁଯାୟୀ, କିସ୍ ଓ ନୱା ମିଳିତ ଭାବେ ଜନଜାତି ଶିଶୁଙ୍କ କଲ୍ୟାଣ, ଆତ୍ମନିର୍ଭରତା, ମହିଳା ସଶକ୍ତୀକରଣ, ଶୈକ୍ଷିକ ବିନିମୟ କାର୍ଯ୍ୟକ୍ରମ ଆଦିର ପ୍ରୋତ୍ସାହନ ଦିଗରେ କାର୍ଯ୍ୟ କରିବେ। କିସ୍ର ଜନଜାତି ଛାତ୍ରୀଛାତ୍ରଙ୍କ କଲ୍ୟାଣ ଓ ଆକାଂକ୍ଷାର ପ୍ରୋତ୍ସାହନ ନିମନ୍ତେ ନୱା ଆବଶ୍ୟକ ସହାୟତା ଯୋଗାଇ ଦେବ। ସେହିପରି କିଟ୍ ମାଧ୍ୟମରେ କିସ୍ ନୌସେନା ପରିବାରର ପିଲାଙ୍କୁ ଉଚ୍ଚତର ବୈଷୟିକ ଶିକ୍ଷା ଯୋଗାଇଦେବ। ଉପସ୍ଥିତ କିଟ୍ ଓ କିସ୍ର ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇ ହରିକୁମାର କହିଲେ, ସମଗ୍ର ବିଶ୍ୱକୁ ପରିବର୍ତ୍ତନ କରିବାର କ୍ଷମତା ଶିକ୍ଷାର ରହିଛି। ପ୍ରତ୍ୟେକ ପରିବାର ଓ ସମାଜର ମୂଳଦୁଆ ହେଉଛି ଶିକ୍ଷା। ସକରାତ୍ମକ ପରିବର୍ତ୍ତନ ଆଣିବାରେ ଛାତ୍ରୀଛାତ୍ରଙ୍କ କ୍ଷମତା ରହିଛି। ତେଣୁ ସବୁବେଳେ ଧୈର୍ଯ୍ୟର ସହ ସକାରାତ୍ମକ ମନୋଭାବ ରଖିଲେ ପ୍ରତ୍ୟେକ ଆଶା ଠିକ୍ ସମୟରେ ପୂରଣ ହୋଇ ପାରିବ ବୋଲି ସେ କହିଥିଲେ। ସେହିପରି ଶିକ୍ଷା ଶିଶୁର ତୃତୀୟ ନୟନ ବୋଲି ଡ. ସାମନ୍ତ କହିଥିଲେ। ଶିକ୍ଷା ପରିବାର, ସମାଜ, ରାଜ୍ୟ ଓ ଦେଶ ବିକାଶର ମୂଳ ଆଧାର। ଜନଜାତି ପିଲାଙ୍କ କଲ୍ୟାଣ ନିମନ୍ତେ କିସ୍ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଥିବାରୁ ସେ ହରିକୁମାରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କିଟ୍ କୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ ଉପସ୍ଥିତ ଥିଲେ।

## ବିପଦରେ ଉଷ୍ମ ପ୍ରସ୍ରବଣ କୁଆକୁଣ୍ଡ

ଖୋର୍ଦ୍ଧା ଅଫିସ,୨୫।୮




- ମାନ୍ୟତା ସତ୍ତ୍ୱେ ଗୁରୁତ୍ୱ ହରାଉଛି
- ଅସ୍ତିତ୍ୱକୁ ବୁଡ଼ାଇବ ପ୍ରଶାସନିକ ଉଦାସୀନତା

ଖୋର୍ଦ୍ଧା ଜିଲାର ବାଘମାରୀ ନିକଟ ଅତ୍ରିରେ ରହିଛି ଓଡ଼ିଶାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଉଷ୍ମ ପ୍ରସ୍ରବଣ। ଏହା ନିକଟରେ ଏକାଦଶ ରୁଦ୍ର ବାବା ହଟକେଶ୍ୱରଙ୍କ ପୀଠ ଅବସ୍ଥିତ। ବର୍ଷସାରା ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମେ। ରାଜ୍ୟ ପର୍ଯ୍ୟଟନ ବିଭାଗର ମାନ୍ୟତା ସତ୍ତ୍ୱେ ଏଠାକାର ଭିତ୍ତିଭୂମି ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ରାଜନୈତିକ ଇଚ୍ଛାଶକ୍ତି ଓ ଜିଲା ପ୍ରଶାସନର ଆନ୍ତରିକତା ଅଭାବରୁ ଉଷ୍ମ ପ୍ରସ୍ରବଣ ଅବହେଳିତ ହୋଇପଡ଼ିଛି।

କିଛିଦିନ ତଳେ ଲଗାଣ ବର୍ଷା ଯୋଗୁ ଉଷ୍ମ ପ୍ରସ୍ରବଣରେ ୪ରୁ ୬ଫୁଟ ଉଚ୍ଚର ବନ୍ୟାପାଣି ଜମି ରହିଥିଲା। ଫଳରେ ଚାରିଆଡ଼େ ମାଟି ମାଡ଼ିଯାଇଥିଲା। ଏହାକୁ ସଫା କରାଯାଇଥିବା ତତ୍ତ୍ୱାବଧାରକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଉଷ୍ମ ପ୍ରସ୍ରବଣର ମୁଖ୍ୟ ଆକର୍ଷଣ କୁଆକୁଣ୍ଡ (ଉବୁକା କୁଣ୍ଡ) ମରାମତି ଅଭାବରୁ ଦୟନୀୟ ହୋଇପଡ଼ିଛି। ଏହାର ଭିତରପଟୁ ପଥର କ୍ଷୟ ହେବାରେ ଲାଗିଛି। ତେଣୁ କେତେବେଳେ ଯେ ଭୁଶୁଡ଼ିପଡିବ କହିହେବନି। ଲଗାଣ ବର୍ଷାରେ ପାଣି ଜମି ତଳପଟୁ ପଥର ଧସିଥିବା କୁହାଯାଉଛି।

ପ୍ରକାଶ ଯେ, କୁଆକୁଣ୍ଡରେ ଉବୁକା ଦର୍ଶନ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଶ୍ରଦ୍ଧାଳୁମାନେ କୁଣ୍ଡରେ ମୁଦ୍ରା, ଚାଉଳ, ପୁଷ୍ପ, ଦୂବ, ତୁଳସୀ ଓ ବରକୋଳି ପତ୍ର ପ୍ରଭୃତି ନିକ୍ଷେପ କରିଥାନ୍ତି। ଏହାର ଜଳ ପ୍ରଭୁ ହଟକେଶ୍ୱରଙ୍କୁ ସମର୍ପିତ କରାଯାଏ। ଏଠାକାର ଉଷ୍ମଜଳରେ ସ୍ନାନ କଲେ ଚର୍ମରୋଗ ଆରୋଗ୍ୟ ହେବାର ବିଶ୍ୱାସ ରହିଛି। ଉଷ୍ମ ପ୍ରସ୍ରବଣରେ ସ୍ନାନ ସାରି ଏକାଦଶ ରୁଦ୍ର ହଟକେଶ୍ୱରଙ୍କୁ ଦର୍ଶନ କଲେ ପୁଣ୍ୟ ମିଳେ ବୋଲି କୁହାଯାଏ। ମକର ସଂକ୍ରାନ୍ତିରେ ବନ୍ଧ୍ୟାନାରୀ ବୁଡ଼ ପକାଇ ପାଦୁକ ଗ୍ରହଣ ପରେ ଗୁଆ ଖୋଜି ଭକ୍ଷଣ କଲେ ସନ୍ତାନ ପ୍ରାପ୍ତି ହେବାର ବିଶ୍ୱାସ ରହିଛି। ଏଠାରେ ମକର ମେଳା ଓ ମକର ମହୋତ୍ସବ ଆୟୋଜନ ହୋଇଥାଏ। ଏହି ସମୟରେ ପ୍ରବଳ ଭିଡ଼ ଜମେ। ତେବେ ଏଠାକାର ଭିତ୍ତିଭୂମି ବିକାଶ ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉନାହିଁ। ମହିଳାଙ୍କ ଲାଗି ଶୌଚାଳୟ ନାହିଁ। ବାହାରୁ ଆସୁଥିବା ପର୍ଯ୍ୟଟକ ନାନା ପ୍ରକାର ହଇରାଣ ହେଉଛନ୍ତି। ଏହି ପର୍ଯ୍ୟଟନସ୍ଥଳ ଅସ୍ତିତ୍ୱ ହରାଇବାକୁ ବସିଛି। ଅନ୍ୟପକ୍ଷରେ ଏନେଇ ବେଗୁନିଆ ବିଧାୟକ ତଥା ଜିଲା ଯୋଜନା କମିଟି ସଭାପତି ରାଜେନ୍ଦ୍ର ସାହୁ କହିଛନ୍ତି, ଉଷ୍ମ ପ୍ରସ୍ରବଣରେ ପାଣି ଜମି ରହିଥିଲା। ସ୍ଥାନୀୟ ଲୋକଙ୍କ ସହ ପାଣିରେ ପହଁରି ଏହାର ସ୍ଥିତି ପରଖିଥିଲି। କୁଆକୁଣ୍ଡ ବହୁ ପ୍ରାଚୀନ। ଏହାର ଭିତରପଟୁ ପଥର ଖସୁଥିବା ସମ୍ପର୍କରେ ଅବଗତ ଅଛି। କୁଆକୁଣ୍ଡର ପୁନରୁଦ୍ଧାର ଏବଂ ଉଷ୍ମ ପ୍ରସ୍ରବଣର ସୌନ୍ଦର୍ଯ୍ୟକରଣ ଲାଗି ପର୍ଯ୍ୟଟନ ବିଭାଗ ସହ ଆଲୋଚନା କରିଛି। ଖୁବଶୀଘ୍ର ଭିତ୍ତିଭୂମି ବିକାଶ ଦିଗରେ ପଦକ୍ଷେପ ନିଆଯିବ।

## ସଂକ୍ଷେପରେ

### ଆଲୋଚନାଚକ୍ର, ସମ୍ବର୍ଦ୍ଧନା ଉତ୍ସବ

ପୁରୀ ଅଫିସ ୨୫।୮ - ଶ୍ରୀକ୍ଷେତ୍ର ପୁସ୍ତକମେଳା କମିଟି ପକ୍ଷରୁ ଗୁରୁବାର ଭକ୍ତ ସାଲବେଗ ପୀଠରେ ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଯାଇଛି। ଏଥିରେ ହିନ୍ଦୀ କବୟିତ୍ରୀ ଉର୍ବଶୀ ଅଗ୍ରୱାଲ ଏବଂ ନୂଆଦିଲ୍ଲୀସ୍ଥିତ ପ୍ରଭାତ ପ୍ରକାଶନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପୱନ ଅଗ୍ରୱାଲଙ୍କୁ ଭାଷା ଓ ସାହିତ୍ୟ ପ୍ରତି ଥିବା ଅବଦାନ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନ ପକ୍ଷରୁ ହେବାକୁ ଥିବା ଆଗାମୀ ପୁସ୍ତକମେଳାରେ ପ୍ରଭାତ ପ୍ରକାଶନ ଯୋଗ ଦେବ ବୋଲି ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ସଭାପତି ତଥା ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ଟିକାଏତରାୟ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ନ୍ୟାଶନାଲ ବୁକ ଟ୍ରଷ୍ଟର ପୂର୍ବତନ ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ଅତିଥି ପରିଚୟ ଏବଂ ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ସମ୍ପାଦକ ଚକ୍ରଧର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଉପସଭାପତି ଅନାମ ଚନ୍ଦ୍ର ସାହୁ, ଲକ୍ଷ୍ମୀଧର ଦାସ, ବିପିନ ବିହାରୀ ଦଳେଇ, ଜାତୀୟ ମାନବାଧିକାର ସଙ୍ଗଠନର ସଭାପତି ଅଭିନ୍ନ ହୋତା, ଆଲୋକ ପ୍ରଧାନ, ସୁନୀଲ ମିଶ୍ର, ଯୋଗେଶ୍ୱର ପ୍ରହରାଜ, ସୁବାସିନୀ ଶତପଥୀ, ପୀତବାସ ମିଶ୍ର, ବିଶ୍ୱପ୍ରୀତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅଭିନନ୍ଦନିକାର ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ଧନ୍ୟବାଦ ଦେଇଥିଲେ।

### ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କ ବୈଠକ

କଣାସ,୨୫।୮(ସ୍ୱ.ପ୍ର.): କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ପୁନର୍ବାସ, ଥଇଥାନ ଓ ଚିକିତ୍ସା ସେବାକେନ୍ଦ୍ର ପରିସରରେ ଥିବା ଦିବ୍ୟାଙ୍ଗ ପିଲାଙ୍କର ଅଭିଭାବକମାନଙ୍କୁ ନେଇ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପରିଚାଳନା କମିଟିର କର୍ମକର୍ତ୍ତା ଅକ୍ଷୟ କୁମାର ବଳିୟାରସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରକଳ୍ପ ସଂଯୋଜକ କିଶୋରଚନ୍ଦ୍ର ହାତୀ, ଫିଜିଓଥେରାପିଷ୍ଟ ସୁଚରିତା ରାଉତ, ମାମାଲି ପରିଡା ଓ ସମସ୍ତ କର୍ମଚାରୀ ଯୋଗଦେଇଥିଲେ। ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ସମସ୍ତ ସୁବିଧା ସୁଯୋଗ ବିଷୟରେ ସଂଯୋଜକ ହାତୀ ଛାତ୍ରୀଛାତ୍ରୀ ଓ ଅଭିଭାବକଙ୍କୁ ବୁଝାଇଥିଲେ। ସଭାପତି ଛାତ୍ରଛାତ୍ରୀଙ୍କର ସୁବିଧାଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ମାମାଲି ପରିଡା ଧନ୍ୟବାଦ ଦେଇଥିଲେ।

### ସ୍କାଉଟ୍ ଗାଇଡ୍ ସଂସ୍ଥା ପକ୍ଷରୁ ରିଲିଫ୍ ବଣ୍ଟନ

କଣାସ,୨୫।୮(ସ୍ୱ.ପ୍ର): ଓଡ଼ିଶା ରାଜ୍ୟ ସ୍କାଉଟ୍ ଗାଇଡ୍ ଚିଫ୍ କମିଶନର କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶରେ ରାଜ୍ୟ ମୁଖ୍ୟାଳୟ ତରଫରୁ ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ଓ ଯୁଗ୍ମ ସମ୍ପାଦକ ରଞ୍ଜନ ପଟ୍ଟନାୟକ ପୁରୀ ଜିଲା ସ୍କାଉଟ୍ ଭବନ ପକ୍ଷରୁ କଣାସ ବନ୍ୟା ଅଞ୍ଚଳରେ ୨୧ ଓ ୨୪ ତାରିଖରେ ଆସି ବିପନ୍ନଙ୍କୁ ରିଲିଫ ବଣ୍ଟନ କରିଛନ୍ତି। ବନ୍ୟାପ୍ଲାବିତ ଅଞ୍ଚଳ କଖାରୁବସ୍ତ, ବୈଦ୍ୟନାଥପାଟଣା, ବଡାସ, ତରପଡା, ବାଲିପାଟଣା, ଗଡବଲଭଦ୍ରପୁର ହରିଜନ ସାହି, ବେହେରାସାହି, କେଶରପୁର, ଧୂଆଁଳି, ମଣିଜିପୁର, ନୂଆଗାଁଭୋଇସାହି, ତୁପୁରୀ, ସୁଦାଗର ପ୍ରଭୃତି ଗ୍ରାମରେ ପହଞ୍ଚି ଚୁଡା, ଗୁଡ, ବିସ୍କୁଟ, ପାଣିବୋତଲ, ଗୋଖାଦ୍ୟ ବଣ୍ଟନ କରିଥିଲେ। ଏଥିରେ କଣାସ ଏବଂ ପୁରୀ ରୋଭରମାନେ ଉପସ୍ଥିତ ଥିଲେ। ସମ୍ପାଦକ ସୁକାନ୍ତ କିଶୋର ସାମନ୍ତରାୟ ଡଙ୍ଗା ଯୋଗାଇଦେବା ସହିତ ବିପନ୍ନଙ୍କୁ ରିଲିଫ ଦେଇଥିଲେ। ଡା. ବିଶ୍ୱରଞ୍ଜନ ଜେନା ବନ୍ୟାଞ୍ଚଳର ଲୋକଙ୍କୁ ବିଭିନ୍ନ ରୋଗର ଔଷଧ ବଣ୍ଟନ କରିଥିଲେ।

### ସେବକ ସଂଗଠନ ପକ୍ଷରୁ ବିପନ୍ନଙ୍କୁ ସହାୟତା

ଗୋପ,୨୫।୮(ଡି.ଏନ୍.ଏ.)- ଗୋପ ବ୍ଲକର ବିଭିନ୍ନ ଜଳାର୍ଣ୍ଣବ ଅଞ୍ଚଳରେ ଥିବା ବିପନ୍ନମାନଙ୍କୁ ଗୋପ ବୀରତୁଙ୍ଗର ଗ୍ରାମର ସେବକ ସଂଗଠନ ପହଞ୍ଚି ଶୁଖିଲା ଖାଦ୍ୟ, ପଲିଥିନ ବଣ୍ଟନ କରିଛନ୍ତି। ପ୍ରକାଶ ଯେ, ବେଦପୁର ପଞ୍ଚାୟତର ଖଣ୍ଡିଆକୁଦ ନିକଟ କୁଶଭଦ୍ରା ନଦୀରେ ଗୋଟିଏ ୩୦ ଫୁଟ ଲମ୍ବର ଘାଇ ସୃଷ୍ଟି ହୋଇଥିଲା। ଫଳରେ ବ୍ଲକର ୯ପଞ୍ଚାୟତର ୪୧ଟି ଗାଁର ୨୮,୧୧୫ ଜଣ ବିପନ୍ନ ବନ୍ୟା ଜଳ ଘେରରେ ରହିଥିଲେ। ଏହି ବିପନ୍ନଙ୍କ ମଧ୍ୟରୁ ୪,୩୭୦ଜଣ ବିଭିନ୍ନ ସ୍କୁଲ, ବାତ୍ୟା ଆଶ୍ରୟସ୍ଥଳୀରେ ରହିଛନ୍ତି। ବିପନ୍ନଙ୍କୁ ବ୍ଲକ ପ୍ରଶାସନ ସହାୟତା ଦେଉଥିବା ବେଳେ ଗୁରୁବାର ସେବକ ସଂଗଠନର ପରାମର୍ଶ ଦାତା ଧର୍ମେନ୍ଦ୍ର ସାହୁ, କସ୍ତୁରୀବାଳା ସ୍ୱାଇଁ ଓ ଆଲୋକ ଜେନାଙ୍କ ନେତୃତ୍ୱରେ ୫ରୁ ଊର୍ଦ୍ଧ୍ୱ ଟିମ୍ ଗୋପର ବିଭିନ୍ନ ପଞ୍ଚାୟତର ଗ୍ରାମକୁ ଯାଇ ବିଭିନ୍ନ ପ୍ରକାର ସହାୟତା କରିଛନ୍ତି। ବିପନ୍ନଙ୍କୁ ଖାଦ୍ୟ ସହିତ ମଶାବତି, ଦିଆସିଲି ବଣ୍ଟନ କରିଛନ୍ତି।

# ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କଲେ ମୁଖ୍ୟ ପ୍ରଶାସକ

ପୁରୀ ସହର,୨୫।୮:

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ଗୁରୁବାର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ଏଥିସହ ଏହି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ମୁଖ୍ୟ ପ୍ରଶାସକଙ୍କ ଗସ୍ତ ସମୟରେ ପୁରୀ ଜିଲାପାଳ ସମର୍ଥ ବର୍ମା, ଟାଟା ପ୍ରୋଜେକ୍ଟ ଅଧିକାରୀ ଏବଂ ଓବିସିସି ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟର ଅଗ୍ରଗତି ଓ ମାନ ସମ୍ପର୍କରେ ସେ ଜିଲାପାଳ ଏବଂ ଅନ୍ୟ ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ। ତୁରନ୍ତ କାମ ସାରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, ଗତ ୧୮ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ସଚିବ ଭି. କେ. ପାଣ୍ଡିଆନ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ। ଉନ୍ନତମାନର କାର୍ଯ୍ୟ ହେଉଛି କି ନାହିଁ ତାହା ମଧ୍ୟ ତଦାରଖ କରିଥିଲେ। ଶୀଘ୍ର କାର୍ଯ୍ୟ ସାରିବା ପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି କ୍ରମରେ ଗୁରୁବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଜିଲାପାଳ କାର୍ଯ୍ୟ ଅଗ୍ରଗତି ନେଇ ସମୀକ୍ଷା କରିଥିବା କୁହାଯାଉଛି।



ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ଓ ଜିଲାପାଳ ସମର୍ଥ ବର୍ମା ପରିକ୍ରମା ପ୍ରକଳ୍ପସ୍ଥଳରେ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି ।

# ତହସିଲଦାରଙ୍କୁ ଖଣି ମାଫିଆଙ୍କ ଆକ୍ରମଣ

ଡେଲାଙ୍ଗ,୨୫।୮(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକର ରେଙ୍ଗଳ ପଞ୍ଚାୟତର ଜମୁନା ଝାରପଡା ଅଞ୍ଚଳରେ ବେଆଇନ ମାଙ୍କଡା ପଥର ଖନନ ହେଉଥିଲା। ବିଶେଷ ସୂତ୍ରରୁ ଏହି ଖବର ପାଇ ଡେଲାଙ୍ଗ ତହସିଲଦାର ଦିଲୀପ କୁମାର ଷଡଙ୍ଗୀ ସେଠାରେ ଚଢାଉ କରିଥିଲେ। ହେଲେ ଚଢାଉ ସମୟରେ ଖଣି ମାଫିଆମାନେ ଅଶ୍ଳୀଳ ଭାଷାରେ ଗାଳିମନ୍ଦ କରିବା ସହିତ ତହସିଲଦାରଙ୍କୁ ଆକ୍ରମଣ କରିଛନ୍ତି। ତାଙ୍କ ବାମ ହାତରେ ଆଘାତ ଲାଗିଛି। ଏ ନେଇ ଡେଲାଙ୍ଗ ଥାନାରେ ତହସିଲଦାର ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ.୨୨୩/୨୨) ରୁଜୁ କରି ତଦନ୍ତ ଚଳାଇଛି। ଘଟଣା ଅନୁଯାୟୀ, ଜମୁନା ଝାରପଡାରେ ସରକାରୀ ଜାଗାରୁ ବେଆଇନ ପଥର ଖନନ ହେଉଥିଲା। ଡେଲାଙ୍ଗ ତହସିଲଦାର ଓ ରାଜସ୍ୱ ବିଭାଗ କର୍ମଚାରୀମାନେ ଏହାଜାଣି ଘଟଣାସ୍ଥଳରେ ପହଞ୍ଚିଥିଲେ। ୩ ଜଣ ଖଣି ମାଫିଆ ତହସିଲଦାରଙ୍କ ଗାଡିକୁ ଦେଖି ଗାଳି କରିବା ସହିତ ହତ୍ୟା ଧମକ ଦେଇଥିଲେ। ଏହାସହିତ ତହସିଲଦାରଙ୍କୁ ଆକ୍ରମଣ ମଧ୍ୟ କରିଥିଲେ।

# ଆଜି ଶ୍ରୀମନ୍ଦିରକୁ ସାତପୁରୀ ତାଡ଼ ଆସିବ

ପୁରୀ ଅଫିସ, ୨୫।୮:

ଭାଦ୍ରବ ମାସର ଅମାବାସ୍ୟାକୁ ସପ୍ତପୁରୀ ଅମାବାସ୍ୟା କୁହାଯାଏ। ସପ୍ତପୁରୀ ଅମାବାସ୍ୟାରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ତାଡ଼ରେ ସାତପୁର ଦିଆ ପିଠା ଭୋଗ କରାଯାଇଥାଏ। ତେଣୁ ତାଡ଼ଗୁଡ଼ିକୁ ସାତପୁରୀ ତାଡ଼ ବୋଲି କୁହାଯାଏ। ଶନିବାର ସପ୍ତପୁରୀ ଅମାବାସ୍ୟା ପଡୁଛି। ଏହା ପୂର୍ବଦିନ ଅର୍ଥାତ୍ ଶୁକ୍ରବାର ପରମ୍ପରା ଅନୁଯାୟୀ ଅଠରନଳାସ୍ଥିତ ଆଲାମଚଣ୍ଡୀ ମନ୍ଦିରରୁ ଶ୍ରୀମନ୍ଦିରକୁ ସପ୍ତପୁରୀ ତାଡ଼ ବିଜେ ହେବ। ଶ୍ରୀମନ୍ଦିରରେ ଦ୍ୱିପ୍ରହର ଧୂପ ବଢ଼ିଲା ପରେ ଘଣ୍ଟ, ଛତା, କାହାଳୀ ଆଲାମଚଣ୍ଡୀ ମନ୍ଦିରକୁ ଯିବ। ସେଠାରେ ବିଶେଷ ନୀତି ସମ୍ପନ୍ନ ପରେ କୁମ୍ଭାରବିଶୋଇ ସେବକମାନେ ବାଘମୁହାଁ ବାନ୍ଧି ଆଲାମଚଣ୍ଡୀ ଠାକୁରାଣୀଙ୍କ ପୀଠରୁ ୪ଟି ସାତପୁରୀ ତାଡ଼ ଶ୍ରୀମନ୍ଦିରକୁ ବିଜେ କରିବେ। ଏହି ତାଡ଼ ପହଞ୍ଚିବା ପରେ ଶ୍ରୀମନ୍ଦିର ଭିତରବେଢ଼ାରେ ଗୋଟିଏ ଥର ବୁଲାଇ ଏହାକୁ ରୋଷ ବେହେରଣଠାରେ ରଖାଯିବ। ସନ୍ଧ୍ୟାଧୂପ ବଢ଼ିବା ପରେ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଦକ୍ଷିଣକାଳୀଙ୍କ ପୀଠକୁ ଯାଇ ଠାକୁରାଣୀଙ୍କୁ ଅର୍ପଣ କରିବେ। ଏହାପରେ ଦକ୍ଷିଣକାଳୀଙ୍କ ସେବକମାନେ ଆଜ୍ଞାମାଳ ଆଣି ଶ୍ରୀମନ୍ଦିରକୁ ଆସି ରୋଷଦ୍ୱାର ପାଖରେ ରୋଷପାଇକଙ୍କୁ ଅର୍ପଣ କରିବେ। ଉକ୍ତ ଆଜ୍ଞାମାଳ ରୋଷଘରେ ବିଜେ କରାଯିବ। ଶନିବାର ସାତପୁରୀ ରୋଷରେ ସାତପୁରୀ ପିଠା ପ୍ରସ୍ତୁତ ହେବ। ଅମାବାସ୍ୟାରେ ସକାଳ ଧୂପରେ ମହାପ୍ରଭୁଙ୍କୁ ସାତପୁରୀ ପିଠା ଲାଗି କରାଯିବ।

# ବନ୍ୟାରେ ୭୦ଲକ୍ଷ ଟଙ୍କାର କ୍ଷୟକ୍ଷତି ଆକଳନ

ନିମାପଡ଼ା,୨୫।୮(ଡି.ଏନ୍.ଏ.)

**୫୦୦ ନଳକୂପ, ୮ ପମ୍ପହାଉସ୍, ୮୦୦ ହାଉସ୍ କନେକ୍ସନ ପ୍ରଭାବିତ**

ଚଳିତ ବନ୍ୟାରେ ନିମାପଡ଼ା ବ୍ଲକର ୧୬ଟି ବନ୍ୟା ପ୍ରଭାବିତ ପଞ୍ଚାୟତ ଓ ୯୪ ଗ୍ରାମରେ ବିଶେଷ କ୍ଷୟକ୍ଷତି ଘଟିଛି। ପ୍ରାୟ ସବୁ ପଞ୍ଚାୟତରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର ବିଭିନ୍ନ ଯନ୍ତ୍ରାଂଶ କ୍ଷୟକ୍ଷତି ହୋଇଛି। ବନ୍ୟାପାଣିରେ ବିଭିନ୍ନ ଗାଁରେ ପ୍ରାୟ ୫ଶହ ସରକାରୀ ନଳକୂପ ପାଣିରେ ବୁଡ଼ିଯାଇ ଅଚଳ ହୋଇପଡ଼ି ଥିବାବେଳେ ଆଉ ୫ଶହରୁ ଊର୍ଦ୍ଧ୍ୱ ନଳକୂପ ପାଣିରେ ବୁଡ଼ି କ୍ଷତିଗ୍ରସ୍ତ ହୋଇଛି। ସେହିପରି ବନ୍ୟା ପ୍ରଭାବିତ ବଡ଼ମାଛପୁର, ବାମନାଳ, ଧନୁଆଁ, କୋଟକୋସାଙ୍ଗ, ରେଞ୍ଚ, ଶାଇଁସଶାସନ, ସଲଙ୍ଗ ଆଦି ପଞ୍ଚାୟତରେ ୮ଟି ପାଇପ୍ ୱାଟର ସପ୍ଲାଇ(ପିଡବ୍ଲୁଏସ୍), ୮ଟି ପମ୍ପହାଉସ୍‌ର ବନ୍ୟାପାଣି ପଶି କ୍ଷତି ହୋଇଯାଇଛି। ୧୬ଟି ବନ୍ୟା ପ୍ରଭାବିତ ପଞ୍ଚାୟତରେ ୮ଶହ ପରିବାରର ହାଉସ କନେକ୍ସନ କ୍ଷତିଗ୍ରସ୍ତ ହୋଇ ପାନୀୟ ଜଳଯୋଗାଣ ବାଧାପ୍ରାପ୍ତ ହୋଇଛି। ସଲଙ୍ଗ, ବାମନାଳ ପଞ୍ଚାୟତର ୨ଟି ପମ୍ପ ହାଉସ ଏବେ ବି ପାଣି ଘେରରେ ରହିଥିବାରୁ ଏହା ଉପରେ ନିର୍ଭରଶୀଳ ୧ହଜାରରୁ ଊର୍ଦ୍ଧ୍ୱ ପରିବାର ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ବଞ୍ଚିତ ୧ହଜାର ପରିବାରଙ୍କୁ ଏବେ ବି ପର୍ଯ୍ୟାପ୍ତ ପରିମାଣର ପାଣି ବୋତଲ ଯୋଗାଇ ଦିଆଯାଇଥିବା ବେଳେ ଲୋକମାନଙ୍କୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଥିବା ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ମୋଟରେ ଏହି ବନ୍ୟାରେ ସ୍ଥାନୀୟ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗର ପ୍ରାୟ ୭୦ଲକ୍ଷ ଟଙ୍କାର କ୍ଷୟକ୍ଷତି ଘଟିଥିବା ପ୍ରାରମ୍ଭିକ ସର୍ଭେରୁ ଅନୁମାନ କରାଯାଉଛି। ବନ୍ୟା କମିବା ପରେ ଯୁଦ୍ଧକାଳୀନ ଭିତ୍ତିରେ ଅଚଳ ନଳକୂପଗୁଡ଼ିକୁ ସଚଳ କରିବା, ପାଇପ ୱାଟର ସପ୍ଲାଏ ପମ୍ପ ହାଉସଗୁଡ଼ିକର ପୁନରୁଦ୍ଧାର କରିବା, ନଳକୂପଗୁଡ଼ିକର ବିଶୋଧନ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ମୋଟରେ ଏହି ବିଭାଗର ୧୯୯୫ ନଳକୂପ ବିଶୋଧନ କରାଯିବା ସହ କ୍ଷତିଗ୍ରସ୍ତ ୮ଶହ ହାଉସ କନେକ୍ସନଗୁଡ଼ିକୁ କାର୍ଯ୍ୟକ୍ଷମ କରାଯାଉଥିବା ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ ଇଞ୍ଜିନିୟର ପ୍ରବୀର କୁମାର ବଳ, ପିଙ୍କି ମହାନ୍ତି ପ୍ରମୁଖ କହିଛନ୍ତି।

# ହତ୍ୟାକରି ମହାନଦୀକୁ ଫିଙ୍ଗିଦେଇଥିଲେ କବାଡ଼ିଆ ମାଲିକଙ୍କ ସମେତ ୩ ଅଟକ

ଖୋର୍ଦ୍ଧା ଅଫିସ, ୨୫।୮:

ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ପୁରୁସାହିର ଯୁବକ ବାସୁଦେବ ପ୍ରଧାନଙ୍କ ନିଖୋଜ ଘଟଣା ନୂଆମୋଡ଼ ନେଇଛି। ବାସୁଦେବଙ୍କୁ ଅଭିଯୁକ୍ତ କବାଡ଼ିଆ ମାଲିକ ରବୀନ୍ଦ୍ର ମୁଦୁଲି ହତ୍ୟା କରି ବୋଲେରୋରେ ମୃତଦେହ ନେଇ ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା କଣ୍ଟିଲୋ ଫାଣ୍ଡି ଅଧୀନ ସିଦ୍ଧମୂଳ ବ୍ରିଜ ଉପରୁ ମହାନଦୀରେ ଫିଙ୍ଗିଦେଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଅଭିଯୁକ୍ତ କବାଡ଼ିଆ ମାଲିକ ରବୀନ୍ଦ୍ର ମଧ୍ୟ ଏହି କଥା ସ୍ୱୀକାର କରିଥିବା ଟାଉନ ଥାନା ଅଧିକାରୀ ସଞ୍ଜୟ ପଟ୍ଟନାୟକ କହିଛନ୍ତି। ଗୁରୁବାର ପୂର୍ବାହ୍ନରେ ପୋଲିସ ଡଗ୍ ସ୍କାଡ୍ ସହ ରବୀନ୍ଦ୍ରଙ୍କ ଗୋଦାମରେ ପହଞ୍ଚି ଯାଞ୍ଚ କରିଥିଲା। ସେଠାରୁ ବ୍ୟବହୃତ ବୋଲେରୋ, ମୃତକ ବ୍ୟବହାର କରୁଥିବା ଗାମୁଛା, ପ୍ୟାଣ୍ଟଶାର୍ଟ ଜବତ କରାଯାଇଛି। ସମ୍ପୃକ୍ତ ବୋଲେରୋରେ ରକ୍ତଛିଟା ଲାଗିଥିବା ପୋଲିସ ଦେଖିବାକୁ ପାଇଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୪୦୦/୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ପରେ ଓଡ୍ରାଫ ଟିମ୍ ଓ ପୁରୁସାହି ଗ୍ରାମର କେତେଜଣ ବ୍ୟକ୍ତିଙ୍କୁ ନେଇ ମୃତଦେହ ଫିଙ୍ଗାଯାଇଥିବା ସ୍ଥାନରେ ପୋଲିସ ପହଞ୍ଚି ଅନୁସନ୍ଧାନ କରିଥିଲା। ଓଡ୍ରାଫ ଟିମ୍ ସେଠାରେ ଦୀର୍ଘ ସମୟ ଧରି ନଦୀରେ ଖୋଜାଖୋଜି ସତ୍ତ୍ୱେ କୌଣସି ସନ୍ଧାନ ନ ପାଇ ଫେରିଥିଲେ। ଏନେଇ ପୋଲିସ ସମସ୍ତ ଥାନାକୁ ଖବର ଦେଇଥିଲା।

# ଓଡ଼ିଶା ମାନବାଧିକାର ସୁରକ୍ଷା ପରିଷଦର ସମ୍ବର୍ଦ୍ଧନା ଉତ୍ସବ




ମାନବାଧିକାର ସୁରକ୍ଷା ପରିଷଦ ପକ୍ଷରୁ ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ପିପିଲି,୨୫।୮(ଡି.ଏନ୍.ଏ.)

ଅନ୍ତର୍ରାଷ୍ଟ୍ରୀୟ ମାନବାଧିକାର ସୁରକ୍ଷା ପରିଷଦ ଓଡ଼ିଶା ଶାଖା ପକ୍ଷରୁ ପିପିଲିସ୍ଥିତ ଗୁଡିଆପୋଖରୀ ନିକଟରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ରାଜ୍ୟ ସଭାପତି ଆରତି ମହଲଙ୍କ ସଭାପତିତ୍ୱରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ତାରେଣୀ ସେନ ସାହୁ, ଯାଜପୁର ଜିଲା ସଭାପତି ମଦନ ମୋହନ ଜେନା, ଯାଜପୁର ବ୍ଲକ ସଭାପତି ସଞ୍ଜୟ ସିଂହ ପ୍ରମୁଖ ଯୋଗଦେଇ ବନ୍ୟାଞ୍ଚଳରେ ଖବରଦାତାଙ୍କ ଭୂମିକା ଅତୁଳନୀୟ ବୋଲି ପ୍ରଶଂସା କରିଥିଲେ। ଏହି ଆନୁକୂଲ୍ୟରେ ପିପିଲି, ଡେଲାଙ୍ଗ, କଣାସ ବ୍ଲକର ଖବରଦାତା ଓ ଆଶା ଅଙ୍ଗନୱାଡି କର୍ମୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଛି। ଖବରଦାତା ପୂର୍ଣ୍ଣଚନ୍ଦ୍ର ନାୟକ, ରାଜକିଶୋର ସ୍ୱାଇଁ, ପ୍ରଦ୍ୟୁମ୍ନ ସୁବୁଧି, ଦ୍ୱିତୀକୃଷ୍ଣ ପଟ୍ଟନାୟକ, ଅରୁଣ ରାଉତ, ବିଜୟ ମହାପାତ୍ର, ବିଭୂତି ଭୂଷଣ ମହାପାତ୍ର, ପ୍ରତାପ ବାରିକ, ଦୁର୍ଗାମାଧବ ପରିଡା, ପ୍ରଦୀପ ବଢେଇ, ଜୀବନଞ୍ଜୟ ରାଉତରାୟ, ମହେଶ୍ୱର ବେହେରା, ରାଜପ୍ରସାଦ ଦାସ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।

# ନୃତ୍ୟଗୁରୁଙ୍କ ନାଁରେ ନାବାଳିକା ଅପହରଣ ଅଭିଯୋଗ

ବଳଙ୍ଗା,୨୫।୮(ଡି.ଏନ୍.ଏ.)

ବଳଙ୍ଗା ଥାନା ନିକଟସ୍ଥ ଏକ ଗ୍ରାମର ଜଣେ ନାବାଳିକାଙ୍କୁ ତାଙ୍କ ନୃତ୍ୟଗୁରୁ ଅପହରଣ କରି ନେଇଥିବା ଗୁରୁବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ. ୧୪୨/୨୨) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଉକ୍ତ ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ଝିଅ ପିପିଲି ଥାନା ଅନ୍ତର୍ଗତ ମଙ୍ଗଳପୁର ନିକଟସ୍ଥ ସାହିର ପ୍ରତାପ ମଲ୍ଲିକଙ୍କ ନିକଟରେ ନୃତ୍ୟ ଶିଖିବା ସହ ବିଭିନ୍ନ ସ୍ଥାନରେ ପ୍ରୋଗ୍ରାମ କରିବାକୁ ସାଙ୍ଗରେ ଯାଆନ୍ତି। ତେବେ ଗତ ମାସ ୩୦ ତାରିଖ ଦିନ ପ୍ରତାପ ନାବାଳିକାଙ୍କ ଘରକୁ ଆସି ଏକ ଭଲ ପ୍ରୋଗ୍ରାମ ଅଛି କହି ତାକୁ ସାଙ୍ଗରେ ନେଇ ଯାଇଥିଲେ। ପରଦିନ ଘରକୁ ଝିଅ ନ ଫେରିବାରୁ ପରିବାର ଲୋକ ପ୍ରତାପଙ୍କ ଘରକୁ ଯାଇ ଖୋଜଖବର ନେବାରେ ଉଭୟଙ୍କୁ ପାଇ ନ ଥିଲେ। ସେହିଦିନଠାରୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ଉଭୟଙ୍କର କୌଣସି ପତ୍ତା ନ ମିଳିବାରୁ ଗୁରୁବାର ନାବାଳିକାଙ୍କ ପରିବାର ପକ୍ଷରୁ ବଳଙ୍ଗା ଥାନାର ଦ୍ୱାରସ୍ଥ ହୋଇଥିଲେ।

# ବିଦ୍ୟୁତ୍ ଶ୍ରମିକଙ୍କ ସମସ୍ୟା ନେଇ ଆଲୋଚନା

ପୁରୀ ଅଫିସ, ୨୫।୮:

ଓଡ଼ିଶା ରାଜ୍ୟ ବିଦ୍ୟୁତ ଶ୍ରମିକ କର୍ମଚାରୀ ସଂଘ ପୁରୀ ଶାଖାର ଏକ ସାଧାରଣ ସଭା ଗୁରୁବାର କଚେରୀରୋଡସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସ୍ଥାୟୀ ସଭାପତି ପ୍ରଶାନ୍ତ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ବିଦ୍ୟୁତ୍ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଅବସରପ୍ରାପ୍ତ ଶ୍ରମିକଙ୍କ ପାଇଁ ସ୍ୱାସ୍ଥ୍ୟବୀମା କରିବାକୁ ଦାବି ଉପସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘର ଉପଦେଷ୍ଟା କୃଷ୍ଣଚନ୍ଦ୍ର ସୁବୁଦ୍ଧି, ଡିଭିଜନ ସମ୍ପାଦକ କେ. କୁମାର ରେଡ୍ଡୀ, ସହସମ୍ପାଦକ ପ୍ରକାଶ ଚନ୍ଦ୍ର ସ୍ୱାଇଁ, ସୂର୍ଯ୍ୟନାରାୟଣ ଦାସ ଏବଂ ଦେବରାଜ ପ୍ରଧାନ ଉପସ୍ଥିତ ଥିଲେ।

# ୧୫ କେନ୍ଦ୍ରରେ ପରୀକ୍ଷା ଦେବେ ୫୯୧୪ ପରୀକ୍ଷାର୍ଥୀ

ପୁରୀ, ୨୫।୮:

**ଏଏସ୍‌ଓ ପରୀକ୍ଷା ପ୍ରସ୍ତୁତି**

ପୁରୀ ଜିଲାରେ ଆସନ୍ତା ୨୭ତାରିଖରେ ଏଏସ୍‌ଓ ପରୀକ୍ଷା ଅନୁଷ୍ଠିତ ହେବ। ଏହାକୁ ଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ଗୁରୁବାର ସଦଭାବନା ସଭାଗୃହରେ ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଏହି ପରୀକ୍ଷାକୁ ସ୍ୱଚ୍ଛ ଓ ନିରପେକ୍ଷତାର ସହ ପରିଚାଳନା କରିବାକୁ ପରାମର୍ଶ ଦେଇଥିଲେ। ଏହି ପରୀକ୍ଷା ଜିଲାର ୧୫ଟି କେନ୍ଦ୍ରରେ ଅନୁଷ୍ଠିତ ହେବ ଓ ୫୯୧୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ସେ କହିଥିଲେ। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ, ଆସିଷ୍ଟାଣ୍ଟ କୋଅର୍ଡିନେଟର ପ୍ରମୁଖ ପରୀକ୍ଷା ପରିଚାଳନା କରିବେ। ପ୍ରତି ୪ଟି କେନ୍ଦ୍ର ପାଇଁ ଜଣେ ଲେଖାଏ ବରିଷ୍ଠ ଅଧିକାରୀ ଦାୟିତ୍ୱରେ ରହିବେ। ପରୀକ୍ଷା କେନ୍ଦ୍ରଗୁଡିକୁ ଠିକ ଭାବେ ପ୍ରସ୍ତୁତ କରିବା, ଉପଯୁକ୍ତ ଯାଞ୍ଚ କରି ପରୀକ୍ଷାର୍ଥୀଙ୍କୁ କେନ୍ଦ୍ରକୁ ଛାଡ଼ିବା, ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା, ପରୀକ୍ଷା ନିୟନ୍ତ୍ରକଙ୍କ ନିୟମାବଳୀ ଆଧାରରେ ଅନୁମୋଦିତ ସାମଗ୍ରୀ ବ୍ୟତୀତ ଅନ୍ୟ କୌଣସି ସାମଗ୍ରୀକୁ ପରୀକ୍ଷାକେନ୍ଦ୍ରକୁ ନ ଛାଡ଼ିବାକୁ ସେ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଦିଲ୍ଲୀପ କୁମାର ମହାପାତ୍ର, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଡିଏସ୍‌ପି ହେମନ୍ତ କୁମାର ପଣ୍ଡା, ପିକେଡିଏ ସମ୍ପାଦକ ଲଳାଟେନ୍ଦୁ ସାହୁ, ଡେପୁଟି କଲେକ୍ଟର ଜିତେନ୍ଦ୍ର କୁମାର ପାତ୍ର, ସମସ୍ତ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଏବଂ ଅନ୍ୟାନ୍ୟ ଦାୟିତ୍ୱରେ ଥିବା ଅଧିକାରୀମାନେ ଯୋଗଦେଇଥିଲେ।

# ବନ୍ୟାର ସ୍ଥାୟୀ ପ୍ରତିକାର ଦାବିରେ ସିପିଆଇଏମ୍‌ର ବିକ୍ଷୋଭ

କଣାସ,୨୫।୮(ସ୍ୱ.ପ୍ର.)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାକ୍ସବାଦୀ) କଣାସ ଆଞ୍ଚଳିକ କମିଟି ପକ୍ଷରୁ ବନ୍ୟାର ସ୍ଥାୟୀ ପ୍ରତିକାର, କ୍ଷତିପୂରଣ, ଥଇଥାନ, ଆସନ୍ତା ଚାଷ ପାଇଁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦେବା ଦାବିରେ ଏକ ଗଣବିକ୍ଷୋଭ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଦଳ ପକ୍ଷରୁ କଣାସ ଗୋଲାବଜାରଠାରୁ ଶତାଧିକ କର୍ମୀ ଲାଲପତାକା ଧରି ଚାଷୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ସ୍ଲୋଗାନ ଦେବା ଓ ବନ୍ୟାର ସ୍ଥାୟୀ ପ୍ରତିକାର କରିବା ସ୍ଲୋଗାନ ଦେଇ କଣାସ ବସଷ୍ଟାଣ୍ଡ, ବାଲିଘାଇଛକ, ବ୍ଲକ ବଜାର ଦେଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ। ସେଠାରେ ରାମଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ହେବାସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ଲୋଚନ ଦାସ, ତହସିଲଦାର ସ୍ମୃତିରଞ୍ଜନ ଶତପଥୀଙ୍କୁ ପ୍ରଦାନ କରିଥିଲେ। କଣାସ ପଞ୍ଚାୟତ ସମିତିକୁ ସମ୍ପୂର୍ଣ୍ଣ ବନ୍ୟା କ୍ଷତିଗ୍ରସ୍ତ ଘୋଷଣା କରିବା, ମାଧିପୁର ଓ କଣ୍ଟି କାଜର ଉଦ୍‌ବୃତ୍ତ ଜଳକୁ ସରୁକ୍ଷା ଡ୍ରେନେଜ୍ କରି ଲୁଣାନଦୀରେ ଛାଡିବା, କ୍ଷତିଗ୍ରସ୍ତ ଚାଷୀଙ୍କୁ ଘରଭଙ୍ଗା ସହାୟତା, ଫସଲ କ୍ଷତିପୂରଣ, ୧ମାସ ରିଲିଫ ଓ ଗୋଖାଦ୍ୟ ଯୋଗାଣ, ସମସ୍ତ ଗ୍ରାମକୁ ବିଶୁଦ୍ଧ ପାନୀୟଜଳ ଯୋଗାଣ, ମକରା ଓ ରାଜୁଆ ନଦୀରେ ହୋଇଥିବା ଘାଇକୁ ତୁରନ୍ତ ବନ୍ଦ କରିବା, କୃଷି ଋଣ ଛାଡ କରିବା ଆଦି ବିଭିନ୍ନ ଦାବି ସମ୍ପର୍କରେ ଜଣାଇଥିଲେ। ଜମ୍ଭେଶ୍ୱର ସାମନ୍ତରାୟ, ଜସ୍ମିନୀ ମହାନ୍ତି, ଭୀମସେନ ସ୍ୱାଇଁ, ଭାଗୀରଥି ବେହେରା, ଗଣେଶ୍ୱର ଜେନା, ବିଦ୍ୟାଧର ଦଳାଇ, କାଶୀନାଥ ବେହେରା, ସରୋଜ ବେହେରା, ନବକିଶୋର ସାହୁ, ଅନମ ବେହେରା ପ୍ରମୁଖ ପରିଚାଳନା କରିଥିଲେ।




ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାକ୍ସବାଦୀ) କଣାସ ଆଞ୍ଚଳିକ କମିଟି ପକ୍ଷରୁ ବିଭିନ୍ନ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

## ସଂକ୍ଷେପରେ

### ଦାଦୀ ସ୍ନେହ ଓ ମମତାର ମୂର୍ତ୍ତି ସଦୃଶ'



**ବଡମ୍ବା,୨୫।୮(ଡ଼ି. ଏନ. ଏ ):** ପ୍ରଜାପିତା ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟର ମୁଖ୍ୟ ପ୍ରଶାସନିକ ରାଜଯୋଗିନୀ ଦାଦୀ ପ୍ରକାଶମଣିଙ୍କ ୧୫ତମ ସ୍ମୃତି ଦିବସ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବଡ଼ମ୍ବା ସେବାକେନ୍ଦ୍ର ତରଫରୁ ଗୁରୁବାର ମହାସମାରୋହରେ ପାଳିତ ହୋଇଯାଇଛି ଓ ଏହି ଦିବସକୁ ସଂସ୍ଥା ତରଫରୁ ବିଶ୍ୱ ଭ୍ରାତୃତ୍ୱ ଦିବସ ରୂପେ ପାଳନ କରାଯାଏ। ଏହି କାର୍ଯ୍ୟକ୍ରମରେ ବଡମ୍ବା ଅଞ୍ଚଳ ର ବିଭିନ୍ନ ଶାଖାରୁ ଶତାଧିକ ବ୍ରହ୍ମାକୁମାରୀ ଭଉଣୀ, ଭାଇ ଯୋଗ ଦେଇଥିଲେ। ତାଙ୍କର ପଥ ଅନୁସରଣ କରିବା ପାଇଁ ସମସ୍ତେ ପ୍ରତିଜ୍ଞା କରିଥିଲେ। ଦାଦୀ ସ୍ନେହ ଓ ମମତାର ମୂର୍ତ୍ତି ସଦୃଶ ବୋଲି ଏହି ଅବସରରେ ମତପ୍ରକାଶ ପାଇଥଲା। ଶେଷରେ ବିଦ୍ୟାଧର ଭାଇ ଧନ୍ୟବାଦ ଦେଇଥିଲେ।

### ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ, ସ୍ୱାମୀ ଗିରଫ

**ଭୁବନେଶ୍ୱର,୨୫।୮(ବ୍ୟୁରୋ):** ୫୦୦ ଟଙ୍କା ପାଇଁ ସ୍ତ୍ରୀଙ୍କୁ ଲୁହା ରଡ଼ରେ ମରଣାନ୍ତକ ଆକ୍ରମଣ। ଅଭିଯୋଗ ପରେ ମଞ୍ଚେଶ୍ୱର ଥାନା ପୋଲିସ ସଂପୃକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଅଞ୍ଚଳର ଅରୁଣ ଦାସ। ଏଥିସହ ଆକ୍ରମଣରେ ବ୍ୟବହୃତ ଲୁହା ରଡକୁ ପୋଲିସ ଜବତ କରିଛି। ଏନେଇ ପୋଲିସ ମାମଲା (ନଂ.୩୦୬/୨୨) ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ରେଡକ୍ରସ ତରଫରୁ ରିଲିଫ ବଣ୍ଟନ

**ବାଙ୍କୀ,୨୫।୮(ସ୍ୱ.ପ୍ର/ବି.ପ୍ର):** ରେଡ୍‌କ୍ରସର କଟକ ଶାଖା ଓ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁବ ରେଡକ୍ରସ ସଂସ୍ଥା ଆନୁକୂଲ୍ୟରେ ଡମପଡ଼ା ବ୍ଲକସ୍ଥିତ କରବର ଓ ଶୁଖୁଆଖଲା ଗ୍ରାମରେ ଶୁଖିଲା ଖାଦ୍ୟ ଓ ଆବଶ୍ୟକ ରିଲିଫ ସାମଗ୍ରୀ ବନ୍ୟା ବିପନ୍ନଙ୍କୁ ବଣ୍ଟନ କରାଯାଇଛି । କଟକ ଜିଲା ରେଡ୍‌କ୍ରସ ସଂସ୍ଥା ମୁଖ୍ୟ ସସ୍ମିତା ପଟ୍ଟନାୟକ ଏହାର ନେତୃତ୍ୱ ନେଇଥିଲେ। ଏଥିରେ ରେଡ୍‌କ୍ରସ ସଂସ୍ଥାର ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ । ବିଶେଷ କରି ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରେଡ୍‌କ୍ରସ୍ କାଉନସିଲର ଅଧାପକ ନିରଞ୍ଜନ ଉପାଧ୍ୟାୟ ଓ ଅଧାପିକା ସରସ୍ୱତୀ ଦେଉରୀ ଏଥିରେ ସହଯୋଗ କରିଥିଲେ। ସେହିପରି ଭାରତୀୟ କିଷାନ ସଂଘର ବାଙ୍କୀ ଶାଖା ଆନୁକୁଲ୍ୟରେ ବ୍ଲକ ଅନ୍ତର୍ଗତ ଗୋଳାଗଣ୍ଡ ପଞ୍ଚାୟତସ୍ଥିତ ସାଁପୁର ଗ୍ରାମରେ ବନ୍ୟା ବିପନ୍ନମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି । କଟକ ଜିଲା ଭାରତୀୟ କିଷାନ ସଂଘର ଜିଲା ସଭାପତି ରବନ୍ଦ୍ର ସାହୁ ଏହାର ନେତୃତ୍ୱ ନେଇଥିଲେ। ଏଥିରେ ଦେବୀ ପ୍ରସାଦ ପତି, ପ୍ରମୋଦ ମହାରଣା, ସିଦ୍ଧେଶ୍ୱର ପାଇକରାୟ, ନିରଞ୍ଜନ ରାଉଳ, ସନ୍ତୋଷ ଭୋଇ ଓ ରଞ୍ଜନ ସେନାପତି ପ୍ରମୁଖ ସହଯୋଗ କରିଥିଲେ।

# ମହିଳା ଡାକ୍ତରଙ୍କୁ ଅଢ଼େଇ ବର୍ଷ ଜେଲଦଣ୍ଡ

**କନ୍ୟା ଭ୍ରୁଣ ହତ୍ୟା ମାମଲା**

■ସର୍ତ୍ତମୂଳକ ଜାମିନରେ ଆସିଲେ, ଉପରିସ୍ଥ କୋର୍ଟରେ କରିବେ ଅପିଲ୍

■ଲାଇସେନ୍ସ ନ ଥାଇ ଚଲାଇଥିଲେ କ୍ଲିନିକ



**ଭୁବନେଶ୍ୱର,(ବ୍ୟୁରୋ)୨୫।୮**

ଭୁବନେଶ୍ୱର ଜୟଦେବ ବିହାରସ୍ଥିତ ଏକ କ୍ଲିନିକ ବିରୋଧରେ ୨୦୧୯ରେ ହୋଇଥିବା ବେଆଇନ କନ୍ୟା ଭ୍ରୂଣ ହତ୍ୟା ମାମଲାରେ ଗୁରୁବାର ରାୟ ପ୍ରକାଶ ପାଇଛି। ଫେମିଲାଇଫ୍ ଫର୍ଟିଲିଟି ଫାଉଣ୍ଡେଶନ ପ୍ରାଇଭେଟ ଲିଃର ମାଲିକାଣୀ ତଥା ଡାକ୍ତର ନବନୀତା ପାଢୀଙ୍କୁ ଭୁବନେଶ୍ୱର ଜେଏମ୍‌ଏଫ୍‌ସି ଭାନୁ ପ୍ରତାପ ମିଶ୍ର ପିସି ଏଣ୍ଡ୍ ପିଏନ୍‌ଡିଟି ଆକ୍ଟର ଦଫା ୨୩ ଓ ୨୫ରେ ଅଭିଯୁକ୍ତ ଦର୍ଶାଇ ଅଢ଼େଇ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ଏଥିସହ ତାଙ୍କୁ ୯ହଜାର ଟଙ୍କା ଅର୍ଥଦଣ୍ଡରେ ମଧ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ କ୍ଷେତ୍ରରେ ଅଧିକ ୫ମାସ ଜେଲଦଣ୍ଡ ଭୋଗିବାକୁ କୋର୍ଟ ତାଙ୍କ ରାୟରେ ଶୁଣାଇଛନ୍ତି।

ସୂଚନାନୁଯାୟୀ, ୨୦୧୯ ଅଗଷ୍ଟ ୩୦ରେ ଭୁବନେଶ୍ୱରର ବିଭିନ୍ନ କ୍ଲିନିକ କର୍ତ୍ତୃପକ୍ଷ ପିସି ଏଣ୍ଡ୍ ପିଏନ୍‌ଡିଟି ଆକ୍ଟକୁ ଠିକ ଭାବେ ମାନୁଛନ୍ତି କି ନାହିଁ ଯାଞ୍ଚ କରିବାକୁ ଆସିଷ୍ଟାଣ୍ଟ କଲେକ୍ଟର ଅଂଶୁମାନ ରଥଙ୍କୁ ଖୋର୍ଦ୍ଧା ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶକ୍ରମେ ରଥଙ୍କ ସମେତ ପରିବାର କଲ୍ୟାଣ ବିଭାଗର ୫ ଜଣ ସଦସ୍ୟ ଏବଂ ଶହୀଦନଗର ଥାନାରେ କାର୍ଯ୍ୟରତ ଏଏସ୍‌ଆଇ ଦେବରାଜ କିଶାନ ବିଭିନ୍ନ କ୍ଲିନିକରେ ଯାଞ୍ଚ ଆରମ୍ଭ କରିଥିଲେ। ସେହି ସମୟରେ ଜୟଦେବ ବିହାରସ୍ଥିତ ଫେମିଲାଇଫ୍ ଫର୍ଟିଲିଟି ଫାଉଣ୍ଡେଶନ୍ ପ୍ରାଇଭେଟ ଲିଃ କ୍ଲିନିକ୍‌ର ଗୁମର କଥା ପଦାକୁ ଆସିଥିଲା। ୨୦୧୮ ସେପ୍ଟେମ୍ବର ୧୫ରୁ ପିସି ଏଣ୍ଡ୍ ପିଏନ୍‌ଡିଟି ଆକ୍ଟ ଲାଇସେନ୍ସ ରଦ୍ଦ ହୋଇଥିଲେ ମଧ ଉକ୍ତ କ୍ଲିନିକ୍‌କୁ ବେଆଇନ୍ ଭାବେ ଚଲାଯାଉଥିଲା। ଏପରିକି ଯାଞ୍ଚ ବେଳେ ସେଠାରେ କାର୍ଯ୍ୟରତ ଥିବା ଡାକ୍ତର ଓ ନର୍ସମାନେ ସାଧାରଣ ପୋଷାକରେ ଥିବା ଦେଖିବାକୁ ମିଳିଥିଲା। ଏଥିସହ ପ୍ରତିଦିନ କ୍ଲିନିକକୁ ଆସୁଥିବା ଆଗନ୍ତୁକଙ୍କ ସମ୍ବନ୍ଧରେ ପ୍ରତିମାସରେ ଜିଲାପାଳ ଓ ପରିବାର କଲ୍ୟାଣ ବିଭାଗକୁ ପଠାଯାଉଥିବା ତାଲିକାରେ ତାଳମେଳ ରହୁ ନ ଥିଲା। ତେଣୁ ସେଠାରେ ବହୁଦିନ ଧରି ବେଆଇନ୍ ଭାବେ କନ୍ୟା ଭ୍ରୁଣ ହତ୍ୟା କରାଯାଉଥିବା ଯାଞ୍ଚ ଟିମ୍ ଜାଣିବାକୁ ପାଇଥିଲା। କ୍ଲିନିକ୍‌ରେ ଥିବା ୨ଟି ଅଲ୍‌ଟ୍ରାସାଉଣ୍ଡ ମେଶିନକୁ ଟିମ୍ ଜବତ କରିଥିଲା। ଏନେଇ ଖୋର୍ଦ୍ଧା ସିଡିଏମ୍‌ଓ ବିଶ୍ୱରଞ୍ଜନ ପତି ୨୦୨୧ ଅଗଷ୍ଟ ୩ରେ କ୍ଲିନିକ ମାଲିକାଣୀ ଥିବା ଡାକ୍ତର ନବନୀତାଙ୍କ ବିରୋଧରେ କୋର୍ଟରେ ମାମଲା (୩୨୬/୨୧) ଦାଏର କରିଥିଲେ। ତେବେ ଏହି ମାମଲାରେ ବିଚାରପତି ୭ଜଣ ସାକ୍ଷୀ ଏବଂ ୧୪ଟି ଦସ୍ତାବିଜ୍ ଆଧାରକୁ ଭିତ୍ତି କରି ନବନୀତାଙ୍କୁ ଦଣ୍ଡାଦେଶ ଦେଇଛନ୍ତି। ସହକାରୀ ସରକାରୀ ଓକିଲ ନିରଞ୍ଜନ ବେହେରା ଏହି ମାମଲା ପରିଚାଳନା କରୁଥିଲେ। ତେବେ ଏହି ଦଣ୍ଡାଦେଶ ବିରୋଧରେ ନବନୀତା ଉପର କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ସର୍ତ୍ତ ରଖି ଜାମିନରେ ଆସିଛନ୍ତି।

# ବନ୍ୟାବିପନ୍ନଙ୍କୁ କ୍ଷତିପୂରଣ ଦାବି



ଭାଜପା ପ୍ରତିନିଧି ମଣ୍ଡଳୀ ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି।

**ଉପଜିଲାପାଳଙ୍କୁ ଭାଜପାର ସ୍ମାରକପତ୍ର**

**ଆଠଗଡ,୨୫।୮(ସ୍ୱ.ପ୍ର.)**

ଆଠଗଡ ଓ ତିଗିରିଆରେ ବନ୍ୟା ଯୋଗୁ ବହୁ ଚାଷ ଜମି କ୍ଷୟକ୍ଷତି ହୋଇଛି। ଚାଷୀମାନଙ୍କ ଧାନଚାଷ ଓ ପନିପରିବା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ରାଜ୍ୟ ସରକାର ୫ ଦିନ ମଧ୍ୟରେ କ୍ଷୟକ୍ଷତିର ଆକଳନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ ଏପର୍ଯ୍ୟନ୍ତ ସେମାନଙ୍କ ପାଖରେ ପ୍ରଶାସନିକ ଅଧିକାରୀମାନେ ପହଞ୍ଚିପାରିନାହାନ୍ତି। ସବୁସ୍ଥାନରେ ବନ୍ୟାବିପନ୍ନମାନଙ୍କୁ ରନ୍ଧାଖାଦ୍ୟ ଏବଂ ଶୁଖିଲା ଖାଦ୍ୟ ଦିଆଯାଇନାହିଁ। ଗୋରୁଗାଈଙ୍କ ପାଖରେ ବି ଗୋଖାଦ୍ୟ ପହଞ୍ଚିପାରୁନାହିଁ। ଏଭଳି ବିଭିନ୍ନ ଅଭିଯୋଗ କରାଯାଇ ଭାଜପା ପକ୍ଷରୁ ଗୁରୁବାର ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁଙ୍କୁ ସ୍ମାରକ ପତ୍ର ଦିଆଯାଇଛି। ଏନେଇ ତୁରନ୍ତ ପଦକ୍ଷେପ ନେବାକୁ ସେଥିରେ ଦାବି କରାଯାଇଛି। ପ୍ରଥମେ ଭାଜପାର ଏକ ପ୍ରତିନିଧି ଦଳ ଆଠଗଡ ବ୍ଲକର ଘଣ୍ଟିଖାଲ, ଧୁରୁଷିଆ, ମହାକାଳବସ୍ତ ଏବଂ ତିଗିରିଆ ବ୍ଲକ ର ପୁରୁଣା ତିଗିରିଆ,ଗଦାଧରପୁର ପଞ୍ଚାୟତର କୋଇଲିକନ୍ୟା ଓ ବିଷ୍ଣୁପୁର ଆଦି ପରିଦର୍ଶନ କରି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଏଥିରେ ନମାମି ଗଙ୍ଗେର ରାଜ୍ୟ ସଭାପତି ମହେଶ୍ୱର ସାହୁ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ହୃଷୀକେଶ ଜେନା, ଭାଜପା ନେତା ବ୍ରଜେନ୍ଦ୍ର ରାୟ ପ୍ରମୁଖ ସାମିଲ ହୋଇଥିଲେ। ପରେ ଉପଜିଲାପାଳଙ୍କୁ ପତ୍ର ଦିଆଯାଇ ଚାଷୀମାନଙ୍କୁ ଧାନ ଓ ପନିପରିବା ବିହନ ଏବଂ କୀଟନାଶକ ସହ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବିଚିତ୍ରାନନ୍ଦ ଜେନା, ସତ୍ୟଜିତ ମଲିକ, ଦୀପକ ଦାସ, ଜଗଦାନନ୍ଦ ତ୍ରିପାଠୀ, ମିଥୁନ ମଲିକ, ତପନ ଲେଙ୍କା ଓ ବାଦଲ ଜେନା ପ୍ରମୁଖ ସାମିଲ ହୋଇଥିଲେ।

# ଶିକ୍ଷା ବିଭାଗରେ ସ୍ୱଚ୍ଛତା ଜରୁରୀ




ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ନିଶ୍ଚିନ୍ତକୋଇଲି, ୨୫।୮(ସ୍ୱ.ପ୍ର.)**

**୫-ଟି ସମୀକ୍ଷା ବୈଠକ**

ଶିକ୍ଷା ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ। ଏହି ବିଭାଗରେ ସ୍ୱଚ୍ଛତା ଓ ସାଧୁତା ସହ କାର୍ଯ୍ୟ କରିବା ଜରୁରୀ। ସରକାର ବିଭିନ୍ନ ବିଦ୍ୟାଳୟକୁ ୫-ଟି ମାଧ୍ୟମରେ ଆଧୁନକୀକରଣ କରି ବିଦ୍ୟାଳୟର ଭିତ୍ତିଭୂମିକୁ ସୁଦୃଢ଼ କରୁଛନ୍ତି। ସେହିଭଳି ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷାର ମାନ ଉଚ୍ଚକୋଟିର ହେବା ଆବଶ୍ୟକ। ସେଥିପାଇଁ ଶିକ୍ଷକ, ଲୋକପ୍ରତିନିଧି, ପରିଚାଳନା କମିଟି ଓ ପ୍ରଶାସନିକ ଅଧିକାରୀଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ଏକ ସମୀକ୍ଷା ବୈଠକରେ କଟକ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କର ଗୁରୁବାର ମତବ୍ୟକ୍ତ କରିଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ସମ୍ମିଳନୀ କକ୍ଷରେ ୫-ଟି ରୂପାନ୍ତରୀକରଣ ତୃତୀୟ ପର୍ଯ୍ୟାୟରେ ୧୭ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ କେଉଁ ଢଙ୍ଗରେ କରାଯିବ ସେନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ପୂର୍ବ ଛାତ୍ରୀଛାତ୍ର,ପରିଚାଳନା କମିଟିର କର୍ମକର୍ତ୍ତା ଓ ଲୋକ ପ୍ରତିନିଧିମାନେ ଯୋଗଦେଇ ଶିକ୍ଷା ବ୍ୟବସ୍ଥା ଓ ବିଦ୍ୟାଳୟର ଭିତ୍ତିଭୂମି ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ରୋଜି ସେଠୀ, ଉପାଧକ୍ଷା ଅଶୋକ ଓଝା, ବିଇଓ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟରଞ୍ଜନ ପଣ୍ଡା, ଗିରିଶ ମହାପାତ୍ର, ବୁହାଲୋ ସରପଞ୍ଚ ରମାକାନ୍ତ ମହାନ୍ତି ପ୍ରମୁ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ୨ବିଦ୍ୟାଳୟ , ଦ୍ୱିତୀୟ ପର୍ଯ୍ୟାୟରେ ୧୭ ଓ ୩ ୟ ପର୍ଯ୍ୟାୟରେ ୧୭ଟି ବିଦ୍ୟାଳୟକୁ ଏହି ଯୋଜନାରେ ସାମିଲ କରାଯାଇଛି।

# ୨ ଭାଇଙ୍କୁ ସଂଘବଦ୍ଧ ଆକ୍ରମଣ, ଜଣେ ଗିରଫ, ୩ ଫେରାର

**ଭୁବନେଶ୍ୱର,୨୫।୮(ବ୍ୟୁରୋ)**

ଦୁଇ ଭାଇଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଜଣକୁ ଗିରଫ କରିଛି। ସେ ହେଲେ ତପୋବନ ବସ୍ତିରେ ରହୁଥିବା ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦ ଥାନା ତେନ୍ତୁଳିଆ ଗ୍ରାମର ଶିବରାମ ପରିଚ୍ଛାୟ। ସେହିପରି ଘଟଣାରେ ସଂପୃକ୍ତ ଥିବା ଅନ୍ୟ ୩ ଅଭିଯୁକ୍ତ ଫେରାର ଥିବା ଜଣାପଡିଛି। ସେମାନଙ୍କୁ ଧରିବା ଲାଗି ପୋଲିସ ଉଦ୍ୟମ ଚଳାଇଛି। ଏଥିସହ ଅଭିଯୁକ୍ତ ଜଗନ୍ନାଥଙ୍କୁ ମାମଲା (ନଂ ୩୩୯/୨୨) ରେ ରୁଜୁ କରି ଗୁରୁବାର କୋର୍ଟ ଚାଲାଣ କରିଥିଲା ପୋଲିସ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ ଗତ ୨୪ ତାରିଖ ସାଢ଼େ ଦଶଟା ସମୟରେ ଘାଟିକିଆ ଚାଳସାହିର ବାପିନା ଜେନାଙ୍କ ବଡ ଭାଇ ତପୋବନ ବସ୍ତି ନିକଟରେ ଏକ ଫାଷ୍ଟ ଫୁଡ୍ ଦୋକାନରେ ଖାଉଥିଲେ। ଏହି ସମୟରେ ଶିବରାମ ୩ ଜଣ ସହଯୋଗୀଙ୍କ ସହ ଆସି କୌଣସି କାରଣକୁ ନେଇକି ବାପିନାଙ୍କ ବଡ ଭାଇକୁ ଗାଳିଗୁଲଜ କରିଥିଲେ। କିଛି ଲୋକଙ୍କ ହସ୍ତକ୍ଷେପ କରିବାରୁ ସମାଧାନ ହୋଇଗଲା। ହେଲେ ଶିବାରାମ ଓ ତାଙ୍କ ସହଯୋଗୀ ପୁଣି ଆସି ବାପିନାର ବଡ ଭାଇର ମୁହଁକୁ ପାଇପ୍ ରେ ବାଡ଼େଇ ଆକ୍ରମଣ କରିଥିଲେ। ବଡ ଭାଇକୁ ବଞ୍ଚାଇବା ପାଇଁ ବାପିନା ଘଟଣା ସ୍ଥଳକୁ ଦୌଡ଼ି ଆସିବାରୁ ଶିବରାମ ଓ ତାର ସହଯୋଗୀ ମାନେ ବାପିନାକୁ ମଧ ଛାଡି ନଥିଲେ। ଦୁଇ ଭାଇଙ୍କୁ ନିସ୍ଥୁକ ପିଟିଥିଲେ। ବାପିନା ଓ ତାଙ୍କ ଭାଇର ମୁହଁ ଫାଟି ଯିବା ସହ ପ୍ରାଣ ବିକଳରେ ସେଠାରୁ ପଳାଇ ଆସିଥିଲେ। ହେଲେ ଶିବରାମ ଓ ତାର ସହଯୋଗୀ ପୁଣି ଏକ ଖଣ୍ଡା ଧରି ଦୁଇ ଭାଇଙ୍କୁ ହାଣିବାକୁ ପିଛା କରିଥିଲେ। କିଛି ସ୍ଥାନୀୟ ଲୋକ ପାଟି ଶୁଣି ଦୌଡି ଆସିବାରୁ ଅଭିଯୁକ୍ତମାନେ ମୋଟରସାଇକେଲଟିକୁ ଫୋପାଡ଼ି ଦେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। କିନ୍ତୁ ଉତ୍ୟକ୍ତ ଲୋକ ଅଭିଯୁକ୍ତ ମାନଙ୍କ ମୋଟରସାଇକେଲକୁ ବାଡେଇ ଭାଙ୍ଗି ଦେଇଥିଲେ। ଖବର ପାଇ ଭରତପୁର ଥାନା ପୋଲିସ ଘଟଣା ସ୍ଥଳରେ ପହଁଚି ଦରଭଙ୍ଗା ମୋଟରସାଇକେଲକୁ ଜବତ କରିବା ସହ ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରି ବୁଧବାର ରାତିରେ ମୁଖ୍ୟ ଅଭିଯୁକ୍ତ ଶିବରାମକୁ ଗିରଫ କରି ଥାନାକୁ ଆଣି ପଚରା ଉଚରା ପରେ ଗିରଫ କରିଥିଲା।

# ଚାରା ରୋପଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଚାରାରୋପଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ବାଙ୍କୀ,୨୫।୮(ସ୍ୱ.ପ୍ର./ବି.ପ୍ର.)**

ଡମପଡ଼ା ବ୍ଲକ ଜୀବିକା ମିଶନ, ମିଶନ ଶକ୍ତି ଏବଂ ଉଦ୍ୟାନ ବିଭାଗର ମିଳିତ ଉଦ୍ୟମରେ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ଚାରାରୋପଣ ପାଇଁ ପ୍ରଶିକ୍ଷଣ ଶିବିର ଘାସିପୁଟ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବ୍ଲକ ଜୀବିକା ମିଶନ ପ୍ରକଳ୍ପ ଅଧିକାରୀ ଅକ୍ଷୟ ଭଞ୍ଜ ପରିଚାଳନା କରିଥିଲେ। ଏଥିରେ ଏମ୍‌ଜିଏନ୍‌ଆରଇଜିଏସ୍ ଅଧିକାରୀ ଅଭିଲାଷା ସିଂହ ଦେଓ, କନିଷ୍ଠ ଯନ୍ତ୍ରୀ ତ୍ରିଲୋଚନ ସାହୁ, ସରପଞ୍ଚ ନରେଶ ବେଉରା, ସହକାରୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ମୃତିମୟୀ ସାହୁ ପ୍ରମୁଖ ଯୋଗଦେଇଥିଲେଏହି ଅବସରରେ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରରେ କିପରି ସବୁଜିମା ସୃଷ୍ଟି ହେବ ସେନେଇ ପ୍ରଶିକ୍ଷଣ ଦିଆଯାଇଥିଲା ।

# ପିଜି ପାଠ୍ୟକ୍ରମ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ଅନୁମତି

**ଭୁବନେଶ୍ୱର,୨୫।୮(ବ୍ୟୁରୋ)**

କ୍ୟାପିଟାଲ ହସ୍ପିଟାଲରେ ୨୦୨୨-୨୩ ଶିକ୍ଷାବର୍ଷରୁ ପିଜି ପାଠ୍ୟକ୍ରମ ଆରମ୍ଭ ନିମନ୍ତେ ଅନୁମତି ମିଳିଛି। ପ୍ରଥମ ପର୍ଯ୍ୟାୟରେ ଜେନେରାଲ ସର୍ଜରି ବିଭାଗରେ ୫ଟି ପିଜି ସିଟ୍‌ରେ ନାମ ଲେଖାଇବାକୁ ଜାତୀୟ ମେଡିକାଲ କମିଶନଙ୍କ ମେଡିକାଲ ଆସେସ୍‌ମେଣ୍ଟ ଆଣ୍ଡ ରେଟିଂ ବୋର୍ଡ (ଏମ୍‌ଏଆର୍‌ବି) ସର୍ତ୍ତମୂଳକ ଅନୁମତି ଦେଇଛନ୍ତି। ରାଜ୍ୟ ସରକାର କ୍ୟାପିଟାଲ ହସ୍ପିଟାଲକୁ 'ପୋଷ୍ଟ ଗ୍ରାଜୁଏଟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚ' (ପିଜିଆଇଏମ୍‌ଇଆର୍) ଭାବେ ବିକଶିତ କରି ୨୦୨୨-୨୩ ଶିକ୍ଷାବର୍ଷରୁ ୧୫ଟି ବିଭାଗର ପିଜି ପାଠ୍ୟକ୍ରମ ଆରମ୍ଭ ନିମନ୍ତେ ନିଷ୍ପତ୍ତି ନେଇଥିଲେ। ଜାତୀୟ ମେଡିକାଲ କମିଶନଙ୍କ ଏମ୍‌ଏଆର୍‌ବି(ପିଜି ବିଭାଗ) ଦ୍ୱାରା ଗୁରୁବାର କ୍ୟାପିଟାଲ ହସ୍ପିଟାଲସ୍ଥିତ ପିଜିଏମ୍‌ଇଆର୍ ପ୍ରିନ୍ସିପାଲଙ୍କୁ ଚିଠି ଲେଖାଯାଇ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଭୁବନେଶ୍ୱରସ୍ଥିତ ଏହି ପିଜିଏମ୍‌ଇଆର୍‌ରେ ୨୦୨୨-୨୩ ଶିକ୍ଷାବର୍ଷରୁ ଜେନେରାଲ ସର୍ଜରି ବିଭାଗରେ ୫ଟି ସିଟ୍‌ରେ ପାଠପଢ଼ା ଆରମ୍ଭ ନିମନ୍ତେ ଅନୁମତି ଦିଆଯାଇଛି। ଏଥିପାଇଁ ଏମ୍‌ଏଆର୍‌ବି ଦ୍ୱାରା ଜୁଲାଇ ୧୩ ତାରିଖରେ କ୍ୟାପିଟାଲ ହସ୍ପିଟାଲର ଏହି ପିଜିଏମ୍‌ଇଆର୍‌ରେ ପାଇବାକୁ ଥିବା ଅଧ୍ୟାପକ,ସେମାନଙ୍କର ଅଭିଜ୍ଞତା ଓ ଅନ୍ୟାନ୍ୟ ଶିକ୍ଷଣୀୟ ସୁବିଧା ସୁଯୋଗ ଏବଂ ଭିତ୍ତିଭୂମିର ଅନୁଧ୍ୟାନ କରାଯାଇଥିଲା। ଜାତୀୟ ମେଡିକାଲ କମିଶନଙ୍କ ପ୍ରାବଧାନ ମୁତାବକ ପିଜିଆଇଏମ୍‌ଇଆର୍ କର୍ତ୍ତୃପକ୍ଷଙ୍କୁ ଆବଶ୍ୟକ ଭିତ୍ତିଭୂମି ସହ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ, କୋଠା, ଉପକରଣ ଓ ହସ୍ପିଟାଲ ସୁବିଧା ଏହି ସିଟ୍‌ରେ ପଢ଼ିବାକୁ ଥିବା ପିଲାମାନଙ୍କ ନିମନ୍ତେ ଉପଲବ୍ଧ କରିବାକୁ କୁହାଯାଇଛି। ସୂଚନାଯୋଗ୍ୟ, ରାଜ୍ୟ ସରକାର କ୍ୟାପିଟାଲ ହସ୍ପିଟାଲସ୍ଥିତ ପିଜିଆଇଏମ୍‌ଇଆର୍‌ରେ ୧୫ଟି ବିଭାଗରେ ପାଠ୍ୟକ୍ରମ ଆରମ୍ଭ ନିମନ୍ତେ ନିଷ୍ପତ୍ତି ନେଇଛନ୍ତି। ସେଥିରୁ ମେଡିସିନ, ଜେନେରାଲ ସର୍ଜରି, ପ୍ରସୂତି ଓ ଶିଶୁରୋଗ ବିଭାଗରେ ୫ଟି ଲେଖାଏଁ ପିଜି ସିଟ୍ ଏବଂ ଅନ୍ୟ ୧୧ଟି ବିଭାଗରେ ୩ଟି ଲେଖା ପିଜି ସିଟ୍ ଖୋଲିବାକୁ ରାଜ୍ୟ ସରକାର ଯୋଜନା ରଖିଛନ୍ତି। ଏଥିପାଇଁ ୧୨୦ଜଣ ଶିକ୍ଷକ(ଟିଚିଂ ଷ୍ଟାଫ୍) ଓ ୫୦ଜଣ ଅଣଶିକ୍ଷକ କର୍ମଚାରୀଙ୍କ ନିଯୁକ୍ତି ନିମନ୍ତେ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇସାରିଛି। କ୍ୟାପିଟାଲ ହସ୍ପିଟାଲକୁ ପିଜି ପାଠ୍ୟକ୍ରମ ସୁବିଧା ଥିବା ଶିକ୍ଷାନୁଷ୍ଠାନରେ ବିକଶିତ କରିବା ନିମନ୍ତେ ରାଜ୍ୟ ସରକାର ୨୦୧୩ରେ ନୀତିଗତ ନିଷ୍ପତ୍ତି ନେଇଥିଲେ।

# ଅଗ୍ନିଶମ ଅଧିକାରୀ, ଆଗ୍ନିକଙ୍କୁ ସମ୍ବର୍ଦ୍ଧନା




**ଆଠଗଡ,୨୫।୮(ସ୍ୱ.ପ୍ର.)**

ଆଠଗଡ ସହର ସଂଲଗ୍ନ ରାଧାଗୋବିନ୍ଦପୁର ପଞ୍ଚାୟତ ତରଫରୁ ଅଗ୍ନିଶ୍ରମ ବିଭାଗ ଅଧିକାରୀ ଓ ଆଗ୍ନିକଙ୍କ ସମେତ ରାଧାଗୋବିନ୍ଦପୁର ଗ୍ରାମର ସ୍ୱେଚ୍ଛାସେବୀ ବିଶ୍ୱଜିତ ମାଝିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ପ୍ରଭାକର ରାଉତ, ସମିତି ସଭ୍ୟ ରଞ୍ଜିତ ସ୍ୱାଇଁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୀଲିପ କୁମାର ଦାଶ, ପୂର୍ବତନ ସରପଞ୍ଚ ବୀରବର ଜେନା,ଅଜୟ କୁମାର ମହାପାତ୍ର, ଶିକ୍ଷାବିତ ଶ୍ରୁତିଧର ପ୍ରଧାନ ଓ ଶୈଳେନ୍ଦ୍ର ନାରାୟଣ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।

# ଚାଷ ଜମିରେ ପଟୁ ମାଟି, ପଚିଲାଣି ଧାନ

**ବାଙ୍କୀ,୨୫।୮(ସ୍ୱ.ପ୍ର./ବି.ପ୍ର.)**

ବନ୍ୟାରେ ବାଙ୍କୀ ଓ ଡମପଡ଼ା ବ୍ଲକର ଶହ ଶହ ଏକର ଚାଷଜମିରେ ପଟୁମାଟି ମାଡ଼ିଯିବା ସହ ଧାନ ପଚି ନଷ୍ଟ ହୋଇଯାଇଛି ଏଥିସହ ବହୁ ଏକର ପନିପରିବା ଫସଲ କ୍ଷତିଗ୍ରସ୍ତ ହୋଇଛି। ଏନେଇ ଚାଷୀଙ୍କ ଆର୍ଥକ ମେରୁଦଣ୍ଡ ଭାଙ୍ଗିଯାଇଛି। ଆଗକୁ କିପରି ପରିବାର ପ୍ରତିପୋଷଣ କରିବେ ସେନେଇ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏବେ ଧାନ ଗଛଗୁଡିକ ପଚି ନଷ୍ଟ ହେବାକୁ ଆରମ୍ଭ କଲାଣି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏନେଇ ତୁରନ୍ତ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି।



ଚାଷ ଜମିରେ ପଟୁମାଟି ମାଡ଼ିଯାଇଛି।

# ମୃତଦେହ ଜବତ କଲାନି ସାଲେପୁର ପୋଲିସ

■ପାଣିରେ ଭାସିଯିବାକୁ ଅପେକ୍ଷା କଲା

■ସାଧାରଣରେ ଘଟଣାକୁ ନାପସନ୍ଦ

■ଜବତ କଲା ମାହାଙ୍ଗା ପୋଲିସ

**ମାହାଙ୍ଗା,୨୫।୮(ସ୍ୱ.ପ୍ର.)**

ଅପରିଚିତ ବ୍ୟକ୍ତିଙ୍କ ମୃତଦେହ ମିଳିଲେ ପୋଲିସ ତାହାକୁ ଚିହ୍ନଟ ବ୍ୟବସ୍ଥା କରିବା ସହ ବ୍ୟବଚ୍ଛେଦ କରାଇବାର ନିୟମ ରହିଛି। ମାତ୍ର ଅଧିକାଂଶ ସ୍ଥଳେ ପୋଲିସ ଏହାକୁ ଅଣଦେଖା କରି ମୃତଦେହ ଅନ୍ୟ ଅଞ୍ଚଳକୁ ଛାଡି ଦେବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରୁଛି। କଟକ ଜିଲାର ସାଲେପୁର ଥାନା ପୋଲିସ କ୍ଷେତ୍ରରେ ଏଭଳି ଘଟିଥିବା ଅଭିଯୋଗ ହୋଇଛି, ଯାହାକୁ ନେଇ ମାହାଙ୍ଗା ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

ସୂଚନା ମୁତାବକ, ବୁଧବାର କେନ୍ଦ୍ରାପଡ଼ା ମୁଖ୍ୟ କେନାଲର ଶାଖା ୬ନଂ. କେନାଲର ସାଲେପୁର ଥାନା ମିର୍ଜାପୁର ଗ୍ରାମ କାହ୍ନପୁର ନିକଟରେ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଏନେଇ ସାଲେପୁର ଦମକଳ କେନ୍ଦ୍ରକୁ ସୂଚନା ଦେବା ପରେ ସେଠାରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ପୋଲିସକୁ ସୂଚନା ଦେଇଥିଲେ। ଉକ୍ତ ସ୍ଥାନରେ ସାଲେପୁର ପୋଲିସର କର୍ମଚାରୀ ପହଞ୍ଚି ଥିଲେ। ହେଲେ ମୃତଦେହ ଜବତ ନ କରି ସେଠାରେ ବସି ରହିଥିଲେ। ଏହି କେନାଲ ମାହାଙ୍ଗା ଅଞ୍ଚଳକୁ ସଂଯୋଗ କରୁଥିବାରୁ ମୃତଦେହ ମାହାଙ୍ଗା ଥାନା ଅଧୀନରେ ଥିବା କେନାଲ ଆଡକୁ ଭାସି ଯିବା ପାଇଁ ସାଲେପୁର ପୋଲିସ କର୍ମଚାରୀ ବହୁ ସମୟ ଧରି ଅପେକ୍ଷା କରି ରହିଥିଲେ। କେନାଲ ସ୍ରୋତରେ ମୃତଦେହ ମାହାଙ୍ଗା ଅଞ୍ଚଳକୁ ଭାସି ଆସିବା ପରେ ସେଠାରୁ ଦମକଳ ଓ ପୋଲିସ କର୍ମଚାରୀ ଫେରି ଯାଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ଏହାପରେ ମୃତଦେହଟି ଆସି ମାହାଙ୍ଗା ଥାନା ପଲ୍ଲିସାହି ଅନ୍ନପୂର୍ଣ୍ଣା ପୋଲ ନିକଟରେ ଲାଗିଥିଲା। ଖବର ପାଇ କୁଆଁପାଳ ଦମକଳବାହିନୀ କର୍ମଚାରୀ ଓ ମାହାଙ୍ଗା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ମେଡିକାଲ ପଠାଇଥିଲେ ବୋଲି ମାହାଙ୍ଗା ଥାନା ଆଇଆଇସି ବିଜୟ କୁମାର ମଲିକ ସୂଚନା ଦେଇଛନ୍ତି। ମୃତଦେହମୁଣ୍ଡରେ ଗଭୀର କ୍ଷତ ଚିହ୍ନ ଥିବାରୁ କେହି ହତ୍ୟା କରି କେନାଲରେ ପିଙ୍ଗି ଦେଇଥିବାସନ୍ଦେହ କରାଯାଉଛି। ତେବେ ଏହି ମୃତଦେହ ସାଲେପୁର ଅଞ୍ଚଳ କେନାଲରେ ଦିନତମାମ ଭାସି ଭାସି ଆସୁଥିଲେ ମଧ ଏହାକୁ ସାଲେପୁର ପୋଲିସ ଅଣଦେଖା କରିବାକୁ ସାଧାରଣରେ ନାପସନ୍ଦ କରାଯାଇଛି। ଏନେଇ ସାଲେପୁର ପୋଲିସର ପ୍ରତିକ୍ରିୟା ମିଳି ପାରିନାହିଁ।